

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୨୦୯ କୋଟିର ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ | ୬

ଆମ୍ବେଦକର ବୃତ୍ତି ଘୋଷଣା କଲେ କେଜ୍ରିୱାଲ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୬୩ Vol. 21 No-263 22 DECEMBER 2024 SUNDAY BHUBANESWAR ରବିବାର, ୨୨ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଉଜାଡ଼ି ଦେଲା ଅଦିନିଆ ବର୍ଷା

# ଭାଙ୍ଗିଦେଲା ଚାଷୀର ଅଣ୍ଟା





- ବିଲରେ ଭିଜୁଛି କଟା ଧାନ
- ଆଗୁଆ ସୂଚନା ଦେଲାନି କୃଷି ବିଭାଗ
- ଦିନକ ପରେ ପାଗରେ ଘଟିପାରେ ପରିବର୍ତ୍ତନ

ଭୁବନେଶ୍ୱର, ୨୧।୧୨ (ଭାସ୍କର ନ୍ୟୁଜ): ଅଦିନିଆ ବର୍ଷା ଭାଙ୍ଗିଦେଲା ଚାଷୀର ଅଣ୍ଟା। ବିଲରେ ଭିଜିଲା ପାଚିଥିବା କଟା ଧାନ। କୃଷି ବିଭାଗ ଆଗୁଆ ସୂଚନା ନ ଦେବାରୁ ବହୁ ଚାଷୀ ସମ୍ଭାବ୍ୟ ବର୍ଷାକୁ ନେଇ ପ୍ରସ୍ତୁତି କରିନଥିବାରୁ ନାକେଦମ ହେଲେଣି। ଦକ୍ଷିଣ, ଉପକୂଳ ଏବଂ ଉତ୍ତର ଓଡ଼ିଶାର ଅନେକ ଅଞ୍ଚଳରେ ଅଦିନିଆ ବର୍ଷା ଉଜାଡ଼ିଦେଲା ବର୍ଷକର ଫସଲ। ଗତ ଶୁକ୍ରବାର ପାଗରେ ଘଟିଲା ପରିବର୍ତ୍ତନ। ଲୁଚିଗଲେ ସୂର୍ଯ୍ୟ। ପୁରା କୋହଲା ପାଗକୁ ଦିନତମାମ ଲାଗି ରହିଲା ଝିପିଝିପି ବର୍ଷା। ଶନିବାର ମଧ୍ୟ ଅନୁରୂପ ବର୍ଷା। ସକାଳୁ ବର୍ଷା ଲାଗିଛି ଯେ ଲାଗିଛି ସଞ୍ଜଯାଏ ଛାଡ଼ିବାର ନାଁ ନେଉନାହିଁ । ମଝିରେ ମଝିରେ ମଧ୍ୟମ ଧରଣର ବର୍ଷା ବି ଅଜାଡ଼ି ଦେଲା। ପୁରା ବାତାବରଣ ପାଲଟିଗଲା କାଲୁଆ। ଘରୁ ପଦାକୁ ବାହାରିଲେ ଥରା ଉଠିଲା। ଅଧିକାଂଶ ସ୍ଥାନରେ ତାପମାତ୍ରା ୨୧ରୁ ୨୩ ଡିଗ୍ରୀ ଭିତରେ ରହିଲା। ବିଲରେ ପଡ଼ିଥିବା କଟା ଧାନକୁ ଖଳାକୁ ଆଣିବା ପାଇଁ ଚାଷୀ ବିଲକୁ ବି ଧାଇଁଲା। ଓଦା ସରସର ପାଚିଲା ଧାନକୁ ଖଳାକୁ ଆଣିଲା। ହେଲେ ଅମଳ କରିବା ସମ୍ଭବ ହୋଇପାରୁ ନଥିବାରୁ ଗଜା ହେବାର ଆଶଙ୍କା ଦେଖାଦେଲା। ସରକାର ଆଗୁଆ ସତର୍କ ନ କରିବାରୁ ଗାଁ ଗହଳିର ଚାଷୀମାନେ ଆଗୁଆ ଧାନ ଅମଳ କରି ସୁରକ୍ଷିତ ସ୍ଥାନକୁ ଆଣିବା ସମ୍ଭବ ହୋଇପାରିଲା ନାହିଁ । ତେବେ ରବିବାରଠାରୁ ପାଗରେ ପରିବର୍ତ୍ତନ ଘଟିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଯଦି ପାଗ ଠିକ୍‌ଠାକ୍ ରହେ, ତେବେ ଧାନ ଅମଳ କିଛିଟା କରାଯାଇପାରିବ ବୋଲି ଚାଷୀ ଆଶାବାନ୍ଧି ବସିଛି। କୋରାପୁଟ, କଳାହାଣ୍ଡି, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଜଗତସିଂହପୁର, ଯାଜପୁର, ଭଦ୍ରକ, କନ୍ଧମାଳ, ସୋନପୁର, ଢେଙ୍କାନାଳ, ରାୟଗଡ଼ା ସବୁଠି ବିଲରେ ପାଣିରେ ଭାସୁଛି ଧାନ। ଚାଷୀ ତିନ୍ତି ତିନ୍ତି ଧାନ ଉଠାଉଛି। ଧାନ ପାଚି ଯାଇଥିବାରୁ ଅନେକ ସ୍ଥାନରେ ଗଛ ବିଲରେ ଶୋଇପଡ଼ିଛି। ବର୍ଷାଯୋଗୁ ବିଲ ପୁରା କାଦୁଅ ହୋଇଥିବାରୁ ଧାନ ଅନେକ ସ୍ଥାନରେ ନଷ୍ଟ ହୋଇଯାଇଛି। କେବଳ ଧାନ ନୁହେଁ, ପନିପରିବା ଫସଲ ବି କ୍ଷତିଗ୍ରସ୍ତ ହୋଇଛି। କୋବି, ବିନ୍ସ, ଟମାଟୋ ଆଦି ପନିପରିବା ନଷ୍ଟ ସହ ରୋଗ ପୋକ ଲାଗିବା ଆଶଙ୍କା ବୃଦ୍ଧି ପାଇଛି। କେବଳ ସେତିକି ନୁହେଁ, ମଣ୍ଡିରେ ରହିଥିବା ● ପୃଷ୍ଠା ୫ ଦେଖନ୍ତୁ

## ଦୁଇ ଦିନିଆ କୁଏତ ଗସ୍ତରେ ମୋଦୀ

# ପଶ୍ଚିମ ଏସିଆରେ ଶାନ୍ତି, ସ୍ଥିରତା ମୂଳ ଲକ୍ଷ୍ୟ



ନୂଆଦିଲ୍ଲୀ, ୨୧।୧୨: ଶନିବାରଠାରୁ ଦୁଇଦିନିଆ କୁଏତ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଗସ୍ତ ସମୟରେ ସେ କୁଏତର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବା ସହିତ ସେଠାରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବିଗତ ୪୩ ବର୍ଷ ପରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା କୁଏତ ଗସ୍ତ। ପ୍ରଧାନମନ୍ତ୍ରୀଙ୍କ ବିମାନ କୁଏତରେ ଅବତରଣ କରିବା ପରେ କୁଏତର ଶୀର୍ଷ ନେତୃତ୍ୱ ତାଙ୍କୁ ପାଛୋଟି ନେଇଥିଲେ। ସେହିପରି ମୋଦୀ ରହୁଥିବା ହୋଟେଲରେ ସ୍ଥାନୀୟ ଭାରତୀୟମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। କୁଏତ ରାଜା ଶେଖ ମିଶଲ ଅଲ ଅହମ୍ମଦ ଅଲ ଜାବେର ଅଲ ସବାହଙ୍କ ନିମନ୍ତ୍ରଣକ୍ରମେ ମୋଦୀ କୁଏତ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା, ବାଣିଜ୍ୟ ଏବଂ ଦ୍ୱିପାକ୍ଷିକ ସଂପର୍କ ନେଇ ଅନେକ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ଆଶା କରାଯାଉଛି। କୁଏତରେ ପହଞ୍ଚିବା ପରେ କୁଏତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷାମନ୍ତ୍ରୀ ଶେଖ ଫଦାହ ୟୁସେଫ୍ ଅଲ ସବାହ ତାଙ୍କୁ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ୨୮ରେ ଶାହଙ୍କ ସମ୍ବଲପୁର ଗସ୍ତ

ଭୁବନେଶ୍ୱର, ୨୧।୧୨ (ଭାସ୍କର ନ୍ୟୁଜ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପୁଣିଥରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ଆସନ୍ତା ୨୮ ତାରିଖରେ ସେ ସମ୍ବଲପୁର ଗସ୍ତ କରିବେ। ପ୍ରଥମେ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ପରେ ୩ରୁ ୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବେ ବୋଲି ବିଧାୟକ ଜୟନାରାୟଣ ମିଶ୍ର ପ୍ରକାଶ କରିଛନ୍ତି। ଏହାପରେ ଶ୍ରୀ ଶାହ ସମ୍ବଲପୁରରୁ ଫେରି ଭୁବନେଶ୍ୱରରେ ରାତ୍ରୀ ଯାପନ କରିବେ। ଏହି ଅବସରରେ ସେ ବିଜେପିର ପ୍ରମୁଖ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦିଆଯାଇଛି।

### ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦ କୋଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଆଇନଜୀବୀ କଲ୍ୟାଣ ଫଣ୍ଡକୁ ୧୦ କୋଟି ପ୍ରଦାନ କରିଛନ୍ତି ରାଜ୍ୟ ସରକାର । ଏନେଇ ଏଜି ପିତାମ୍ବର ଆଚାର୍ଯ୍ୟ ଖୁସି ବ୍ୟକ୍ତ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ଓଡ଼ିଶା ସରକାର ଓଡ଼ିଶା ଆଇନଜୀବୀ କଲ୍ୟାଣ ଫଣ୍ଡ ପାଇଁ ୧୦ କୋଟି ମଞ୍ଜୁର କରିଥିବାରୁ ମୁଁ ଖୁସି ବ୍ୟକ୍ତ କରୁଛି । ଏହି ରାଶି ଆଇନ ସମୁଦାୟକୁ ଲାଭ ପ୍ରଦାନ କରିବ । ଏଥିପାଇଁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛି ।

### ଟ୍ରକ୍ ଓଲଟି ୪ ମୃତ


ରାୟପୁର, ୨୧।୧୨: ଛତିଶଗଡ଼ରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍‌ରେ ସାପ୍ତାହିକ ହାଟକୁ ଯାଉଥିବାବେଳେ ବୁଲାଣିରେ ଟ୍ରକଟି ଓଲଟି ପଡ଼ିବାରୁ ୪ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ରହିଛନ୍ତି। ଅନ୍ୟ ୩୫ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସେନ୍‌ସେକ୍ସ: ୭୮,୦୪୧.୫୯

ସର୍ବାଧିକ: ୨୦.୦ ଡିଗ୍ରୀ
ସର୍ବନିମ୍ନ: ୧୭.୨ ଡିଗ୍ରୀ

### ୨୧।୧୨।୨୦୨୪ର ମତାମତ

ପରିକ୍ରମା ପ୍ରକଳ୍ପର ଡିଜାଇନ ବଦଳିଲେ ଭକ୍ତଙ୍କ ଦର୍ଶନ ସୁଗମବୋଧ୍ୟ ହେବ କି?




### ଆଜିର ପ୍ରସଙ୍ଗ

ମୋଦୀ, ଶାହଙ୍କ ଘନଘନ ଓଡ଼ିଶା ଗସ୍ତ ବିଜେପି ସଂଗଠନକୁ ମଜବୁତ କରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ■ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ■

# ଭଦ୍ରକରେ ହେବ ବୟନ ପାର୍କ



- ପାର୍କ ପାଇଁ ୪୩୮୨ କୋଟି ଦେବ ଆଇଓସିଏଲ୍
- ଏମ୍‌ସିପିଏଲ୍ ସହଯୋଗରେ ନିର୍ମାଣ ହେବ ପାର୍କ
- ପାର୍କ ପାଇଁ ଇଡ୍‌କୋର ୫୬ ଏକର ଜମି ପ୍ରଦାନ

ଭୁବନେଶ୍ୱର, ୨୧।୧୨ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭଦ୍ରକ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ଭଦ୍ରକରେ ବୟନ ପାର୍କପାଇଁ ୪୩୮୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ ଏକ୍ସ ରେ ସୂଚନା ଦେଇ ଶ୍ରୀ ମାଝୀ କହିଛନ୍ତି ଯେ ଆଇଓସିଏଲ ପକ୍ଷରୁ ଏହି ଅର୍ଥ ମଞ୍ଜୁର କରାଯାଇଛି। ଏମସିପିଏଲ ସହଯୋଗରେ ଭଦ୍ରକରେ ଏହି ବୟନ ପାର୍କ କରାଯିବ। ଏହି ମିଳିତ ଉଦ୍ୟମ ଓଡ଼ିଶାର ଅର୍ଥନୀତିକୁ ଯଥେଷ୍ଟ ବୃଦ୍ଧି କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପରେ ମୋଟ ୪୩୮୨.୨୧ କୋଟି ବିନିଯୋଗ ହେବ। ଏଥିରେ ୯୦୦ଟିପିଡି କ୍ରମାଗତ ପଲିମେରାଇଜେସନ ୟୁନିଟ୍ ସହିତ ଡିଟିୱାଇ, ଏଫଡିୱାଇ, ପଲିଷ୍ଟର ଚିପ୍ସ ଏବଂ ଆନୁସଙ୍ଗିକ ସୁବିଧା ରହିଛି। ସୂଚନାଯୋଗ୍ୟ ଯେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଧାମନଗର ଛକ ନିକଟରେ ଏହି ପାର୍କ ପ୍ରତିଷ୍ଠା କରାଯିବ। ଧାମନଗର ଛକରେ ପ୍ରସ୍ତାବିତ ଟେକ୍ସଟାଇଲ ପାର୍କ ନିର୍ମାଣ ପାଇଁ ପୂର୍ବରୁ ଜମି ଅଧିଗ୍ରହଣ ହୋଇ ସାରିଥିଲା। କିନ୍ତୁ କାମ ଆରମ୍ଭ ହୋଇପାରି ନଥିଲା। ପ୍ରଥମେ ଏହି ସ୍ଥାନରେ ଧରଣୀ ସୁଗାର କମ୍ପାନୀ ଚିନିକଳ ସ୍ଥାପନ ପାଇଁ ୧୯୯୫ ମସିହାରେ ଧାମନଗର ଛକ ଜାତୀୟ ରାଜପଥ ପାର୍ଶ୍ୱରେ ୨୩୫ ଏକରରୁ ଅଧିକ ଜମି ଅଧିଗ୍ରହଣ ହୋଇଥିଲା। ଏହି ଜମି ଏବେ ଇଡ୍‌କୋ ଅଧୀନରେ ରହିଛି। କିନ୍ତୁ ଚିନିକଳ ସ୍ଥାପନ ହୋଇପାରିଲା ନାହିଁ । ଅଧିକୃତ ଜମିରେ ରାଜ୍ୟ ସରକାର ଫୁଡ୍‌ପାର୍କ କରିବାକୁ ସ୍ଥିର କରିଥିବାବେଳେ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଟେକ୍ସଟାଇଲ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଅଧିକୃତ ଜମି ମଧ୍ୟରୁ ଏହି ପାର୍କ ପାଇଁ ଇଡ୍‌କୋ ୫୬ ଏକର ଜମି ପ୍ରଦାନ କରିସାରିଛି। ଏହି ପାର୍କ ସ୍ଥାପନ ହେଲେ ସ୍ଥାନୀୟ ଅଞ୍ଚଳ ଅଧିବାସୀ ଉପକୃତ ହେବା ସହ ଶିକ୍ଷିତ ଯୁବକ ଯୁବତୀମାନେ ନିଯୁକ୍ତି ପାଇବାର ସୁଯୋଗ ପାଇବେ।

## ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା

# ଜାନୁଆରୀରେ ସୁଭଦ୍ରା ସହାୟତା



ଭୁବନେଶ୍ୱର, ୨୧।୧୨ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ସୁଭଦ୍ରା ନେଇ ଏକ ବଡ଼ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଜାନୁଆରୀରେ ପ୍ରଦାନ କରାଯିବ। ପ୍ରାୟ ୨୦ଲକ୍ଷ ମହିଳାଙ୍କୁ ଏହି ପର୍ଯ୍ୟାୟରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଯାଞ୍ଚ ପ୍ରକ୍ରିୟା ଆଗାମୀ ୩୦ ତାରିଖ ମଧ୍ୟରେ ଶେଷ କରାଯିବ। ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ଯୋଗ୍ୟ ମହିଳାଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଚତୁର୍ଥ ପର୍ଯ୍ୟାୟ ଟଙ୍କା ପୂର୍ବରୁ ଡିସେମ୍ବର ୨୪ରେ ଦିଆଯିବା ପାଇଁ ଘୋଷଣା କରାଯାଇଥିଲା। ତେବେ ଏହାକୁ ରାଜ୍ୟ ସରକାର ସ୍ଥଗିତ ରଖିଥିଲେ। ଗତ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଏହି ଯୋଜନାରେ ବହୁ ମହିଳା ଉପକୃତ ହୋଇପାରି ନାହାନ୍ତି। ସେମାନଙ୍କ ଅଭିଯୋଗ ହେଉଛି, ସେମାନଙ୍କ ନାମରେ କୌଣସି ଜମି ରେକର୍ଡ ନଥିବାବେଳେ ସରକାର ଏହି ଯୋଜନାରେ ସାମିଲ କରୁନାହାନ୍ତି। ଅନ୍ୟପକ୍ଷରେ ସରକାର କହିଛନ୍ତି ଯେ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ପୋର୍ଟାଲକୁ ଯାଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଏହାବ୍ୟତୀତ ଏହି ଯୋଜନା ପାଇଁ ବ୍ଲକରେ ଗଠନ ହୋଇଥିବା କମିଟି ନିକଟରେ ନିଜର ଅଭିଯୋଗ ମଧ୍ୟ କରିପାରିବେ। ଏହାପରେ ରାଜସ୍ୱ ବିଭାଗ କର୍ମଚାରୀମାନେ ଗାଁକୁ ଯାଇ ତଦାରଖ କରିବା ପରେ ଯେଉଁ ରିପୋର୍ଟ ଦେବେ, ତଦନୁଯାୟୀ ଚତୁର୍ଥ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ସାମିଲ କରାଯିବ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି । ଏଥିସହିତ ଖାରଜ ତାଲିକା ଯାଞ୍ଚ ସମୟରେ ଆଧାର ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପନିପରିବାର ଦର କମୁନାହିଁ
ବଜାରକୁ ଗଲେ ଲାଗୁଛି ଡର,
କେହି ହେଲେ କିନ୍ତୁ ପାଟି ଖୋଲୁନାହିଁ
ଦରଦାମ୍ ନେଇ ଉଠୁନି ସ୍ୱର !
ଡବଲ୍ ଇଞ୍ଜିନ୍ ସିନା ସର୍କାର,
ଡବଲ ତେବଲ ଖର୍ଚ୍ଚ କରି କରି
ଖାଉଟି ବିଚରା ମୂକ, ବଧିର !!






ଏରସମା(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବାଲିତୁଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରଙ୍କ ତରଫରୁ ପ୍ରଦତ୍ତ ମାଗଣା ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବରେ ବାଲିତୁଠ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓମ୍ ପ୍ରକାଶ ଦାସ, ଉପ ସଭାପତି ସସ୍ମିତା ସେଠୀ, ସହକାରୀ ଶିକ୍ଷକ ରବିନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ୧୯୨ ଜଣ ବିଦ୍ୟାର୍ଥୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଅନିରୁଦ୍ଧ ବାରିକ, ନାରାୟଣ ଜେନା, ବିଭୂତି ଭୂଷଣ ବେହେରା, ସଭ୍ୟା ସୁନିତା ଦାସ, ଅମିତା ଦାସ, ରାନୁ ସାମନ୍ତରାୟ ଓ ସରିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ୍ତ କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସତ୍ୟପ୍ରିୟ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସର୍ବଶେଷରେ ଶିକ୍ଷକ ସାଇମନ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାର କୋହକାମେଟା ଥାନା ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବୋମା ବିସ୍ଫୋରଣରେ ୨ ଯବାନ ଗୁରୁତର ଆହତ ହୋଇଛନ୍ତି। କୋହକାମେଟା ଥାନା ଅନ୍ତର୍ଗତ କାଚପାଲ ଗ୍ରାମ ନିକଟରେ ଡିଆରଜି ଏବଂ ବିଏସ୍‌ଏଫ୍ ଯବାନମାନେ ମାଓବାଦୀ ଦମନ ନିମନ୍ତେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ମାଓବାଦୀମାନେ ଖଞ୍ଜିଥିବା ଏକ ଆଇଇଡି ବୋମା ବିସ୍ଫୋରଣ ଘଟିବାରୁ ଡିଆରଜିର ଜଣେ ଯବାନ ଏବଂ ବିଏସ୍‌ଏଫ୍‌ର ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ଆହତ ଯବାନ ହେଲେ ଜନ ପଟେଲ ଏବଂ ଘାସିରାମ ମଞ୍ଜି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ଯବାନଙ୍କୁ ନାରାୟଣପୁର ଜିଲ୍ଲା ଡାକ୍ତରଖାନାକୁ ନିଆଯାଇ ସେଠାରେ ଚିକିତ୍ସା ଜାରି ରହିଥିବା ବେଳେ ସେମାନଙ୍କ ଅବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ଅପରପକ୍ଷରେ ଘଟଣାସ୍ଥଳରେ ଯବାନଙ୍କ ଦ୍ୱାରା ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ବଛାବଛି ଯୁବ ସାଂସଦ ପ୍ରତିଯୋଗିତା




କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଡିଇଓ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବଛାବଛି ଯୁବ ସାଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ସ୍କୁଲ ର ଦୁଇ ଜଣ ବଛାବଛା ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ନିଜ ନିଜର ଭାଷଣ ଓ କିପରି ସଂସଦରେ ଇଂରେଜୀ, ହିନ୍ଦୀ ଭାଷାରେ ପରିବେଷଣ କରାଯାଉଛି ଏହାରି ଉପରେ ଏକ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ସମ୍ମାନୀୟ ଜୁରୀ ମେମ୍ବର ଭାବେ ପ୍ରମୋଦ କୁମାର ନାୟକ(ଅଧ୍ୟାପକ), ଖଜୁରିପଡା ଉଚ୍ଚ ମାଧ୍ୟମିକ ଶିକ୍ଷା, ଡମ୍ବରୁଧର ସାହୁ (ଅଧ୍ୟାପକ) ଫିରିଙ୍ଗିଆ ଉଚ୍ଚ ମାଧ୍ୟମିକର ଯୋଗଦେଇ ପ୍ରତିଯୋଗିତାକୁ ଆଗେଇ ନେଇଥିଲେ। ଏଥିରେ ପ୍ରତ୍ୟେକ ସ୍କୁଲର ଛାତ୍ରଛାତ୍ରୀ ମାନେ ନିଜର ନିଜର ହିନ୍ଦୀ,ଇଂରେଜୀ ର ପଢିବା ଶୈଳୀ ଦେଖାଇଥିଲେ।ଏହି ଶୈଳୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓଡିଶା ଆଦର୍ଶ ବିଦ୍ୟାଳୟ ,ଧୋବା ତୋଟାର ଏକାଦଶ ଛାତ୍ରୀ କ୍ଷୀରାବଧି ତନୟା ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ରେ ଭାଗ ନେବା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ଅଶୋକ କୁମାର ପାତ୍ର ଶିକ୍ଷକ ଙ୍କ ସହିତ ଦୁଇ ଜଣ ଶିକ୍ଷକ ସହଯୋଗ କରିଥିଲେ।

## ଆନନ୍ଦପୁରରେ ଧାନକିଣା କାରବାର ଶୁଭାରମ୍ଭ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନରେ ହାଟଡିହି ବ୍ଲକ ଅନ୍ତର୍ଗତ ମରେଇଗାଁ ସେବା ସମବାୟ ସମିତି ରେ ଧାନମଣ୍ଡି, ସଢା ସେବା ସମବାୟ ସମିତି ଧାନମଣ୍ଡି ଓ ଡଁଅର ସେବା ସମବାୟ ସମିତି ଧାନମଣ୍ଡି ଆଜି ଆନୁଷ୍ଠାନିକ ଭାବେ ଜିଲ୍ଲାର ଧାନକିଣା କାରବାରର ଶୁଭାରମ୍ଭ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ପୂଜା ଅର୍ଚ୍ଚନା କରି ନଡ଼ିଆ ବାଡେଇ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକଶହ ଟଙ୍କା ବୋନସ ଦେବେ ବୋଲି କହିଥିଲେ କିନ୍ତୁ ଚାଷୀଙ୍କୁ ଦେଲେ ନାହିଁ। ବର୍ତ୍ତମାନର ଯଶସ୍ୱୀ ଲୋକପ୍ରିୟ ଚାଷୀ ଦରଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଚାଷୀ ମାନଙ୍କୁ ୮ ଶହ ଟଙ୍କା ଅତିରିକ୍ତ ଆର୍ଥିକ ସହାୟତା ସହ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ପ୍ରଦାନ କରିଛନ୍ତି। ତତସହିତ ୫୮ ଟି ସବ୍ଡିଭିଜନ ରେ ଶୀତଳଭଣ୍ଡାର କରିବା ନିଷ୍ପତି, ୬ ଲକ୍ଷ ଚାଷୀଙ୍କୁ ପି.ଏମ. କିସାନ ରେ ସାମିଲ କରିବା, ୪୬ ଲକ୍ଷ ଚାଷୀଙ୍କୁ ସି. ଏମ୍. କିସାନ ଯୋଜନା ରେ ସହାୟତା ପ୍ରଦାନ କରିବା, ୩୧୪ ବ୍ଲକ୍ ରେ ଅତ୍ୟାଧୁନିକ ପନିପରିବା ମଣ୍ଡି କରିବା ନିଷ୍ପତି, ଚାଷୀ ପରିବାରର ପୁଅ ଝିଅମାନଙ୍କୁ ଉଚ୍ଚଶିକ୍ଷା ପାଇଁ ୨ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଏକ ଐତିହାସିକ ପଦକ୍ଷେପ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ। ଚାଷୀ ଭାଇମାନେ ପୋଡ଼ି ପୋକରମେଣ୍ଟ ଗାଇଡଲାଇନ ଅନୁଯାୟୀ ଭଲ ଧାନ ଦେବା ପାଇଁ ଅନୁରୋଧ କରିଥିଲେ। ଧାନମଣ୍ଡି ରେ କଟନି ଛଟନି ହେବନାହିଁ ଏବଂ ମିଲର ମାନଙ୍କର ଦାଦାଗିରି ଆଉ ଚାଲିବନାହିଁ ବୋଲି ମହେଶ୍ୱର ସାହୁ ଭାଷଣରେ କହିଥିଲେ। ଆନନ୍ଦପୁର ସବଡିଭିଜନରେ ୪୦ ଟି ଧାନମଣ୍ଡି ଦ୍ୱାରା ଚଳିତ ବର୍ଷ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ, ଆନନ୍ଦପୁର ଏ. ଆର. ସି. ଏସ, ଆନନ୍ଦପୁର ଖାଦ୍ୟ ଯୋଗାଣ ଅଧିକାରୀ, ହାଟଡିହି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ସାମନ୍ତସିଂହାର, ହାଟଡିହି ମଣ୍ଡଳ ସଭାପତି ହରମୋହନ ଶାସିନି ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

## ଡିଜିଟାଲ ଫସଲ ସର୍ଭେ ଓ କୃଷକ ଦଲିଲ ସରଂକ୍ଷଣ ତାଲିମ ଶିବିର



ଛତ୍ରପୁର (ଭାସ୍କର ନ୍ୟୁଜ୍): ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଛତ୍ରପୁର ଉପଖଣ୍ଡସ୍ତରୀୟ ଡିଜିଟାଲ ଫସଲ ସର୍ଭେ ଓ କୃଷକ ଦଲିଲ ସରଂକ୍ଷଣ ଉପରେ ଏକ ତାଲିମ ପ୍ରଶିକ୍ଷଣ ଶିବିର ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ରବି ଋତୁର ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟ ହେବା ସହିତ ଗ୍ରାମପଂଚାୟତସ୍ତରରେ ସମସ୍ତ ଯୋଗ୍ୟଚାଷୀଙ୍କ ପ୍ରକୃତ ଜମି ଏବଂ ଆଧାରରୁ ସଠିକ ତଥ୍ୟ ସଂଗୃହୀତ କରାଯିବ। ଉକ୍ତ ଶିବିରରେ ଛତ୍ରପୁର ଉପଖଣ୍ଡ ୮ ଟି ବ୍ଲକ ର ସମସ୍ତ କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ, ରାଜସ୍ୱ ନିରୀକ୍ଷକ,ରାଜସ୍ୱ ନିରୀକ୍ଷକ ସହାୟକ, ଅମିନ, ମୃତ୍ତିକା ସରଂକ୍ଷଣ କର୍ମଚାରୀ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ପଣ୍ଡା,ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ମୋନାଲିସା ହୋତା ପ୍ରମୁଖ ମଞ୍ଚାସୀନ ଥିଲେ । ଡିପିଡି (ଆତ୍ମା) ବାସୁଦେବ ଶତପଥି ଓ ସହକାରୀ କୃଷି ଅଧିକାରୀ କିଶୋର ଚନ୍ଦ୍ର ସେଠି ବିସ୍ତୃତ ଭାବରେ ତାଲିମ ପ୍ରଦାନ କରିଥିଲେ ।

## ଗରିବ ବୃଦ୍ଧାଙ୍କୁ କମ୍ବଳ ଦାନ

ଉମରକୋଟ(ଭାସ୍କର ନ୍ୟୁଜ୍): ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ଆସୁଥିବାରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଦଶରାପଦା ସାହିର ଶ୍ରୀମତୀ ଦିଦି, ନୟମି ରାଉତ, ଧନସିଂ ରାଉତ ବଡ଼ ଝିଅ ମଧୁସ୍ମିତା ରାଉତଙ୍କ ନିଜ ବାସଗୃହରେ ପ୍ରଭୁ ଯୀଶୁଙ୍କ ଆଗମନ ଉପଲକ୍ଷେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ନିଜର ପଡୋଶୀ ସାହି ବାସିନ୍ଦାଙ୍କୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇଥିଲା। ପ୍ରଥମେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ଆଗମନ ଆସୁଥିବାରୁ ବାର୍ତ୍ତା ଜଣେଇ ପ୍ରାର୍ଥନା କରି କିଛି ସମୟ ପରେ ନିରୀହ ଗରିବ ଶ୍ରେଣୀ ବୃଦ୍ଧା ବୃଦ୍ଧ ଲୋକଙ୍କୁ ଭୋଜନ ବ୍ୟବସ୍ଥା କରାଇବା ସହିତ କମ୍ବଳ ଓ ବସ୍ତ୍ର ଦାନ କରିଥିଲେ ଶ୍ରୀମତୀ ଦିଦି । ଏହି କାର୍ଯ୍ୟ କରି ନିଜ ମନକୁ ଆନନ୍ଦିତ ମନେ କରିଥିଲେ। ଏହି ଆୟୋଜନରେ ଯୋଗ ଦେଇଥିଲେ ଜିଏଲ.ସି ଚର୍ଚ୍ଚର ମୋହନ ନାୟକ, ଫିରଜ ଖରା ଏବଂ ରଞ୍ଜନ ଭାଇ ପ୍ରମୁଖ ।

## ଭୁଲ୍‌ରେ କୀଟନାଶକ ପିଇ ଶିଶୁର ମୃତ୍ୟୁ

ମାଲକାନଗିରି (ଭାସ୍କର ନ୍ୟୁଜ୍):ମାଲକାନଗିରି ଥାନା ଶିଖପଲ୍ଲୀ ପଂଚାୟତର କୁର୍ସିଓ୍ୱାଡ଼ା ଗାଁରେ ପେପ୍‌ସି ଭାବି ଘରେ ଥିବା କୀଟନାଶକ ପିଇ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲା ଉତ୍ତମ ମାଡ଼କାମୀଙ୍କ ପୁଅ ଆଖିର ମାଡ଼କାମୀ (୫) । ଉତ୍ତମ ତାଙ୍କ ପତ୍ନୀ ଲାଛି ଓ ପୁଅ ଝିଅଙ୍କୁ ଧରି ଏମ୍‌ଭି-୭୯ ଥାନା ଟିଗଲ ପଞ୍ଚାୟତ ଉସକାଗୁଡ଼ା ଗାଁରେ ଥିବା ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସକାଳେ ପୁଅ ଦାଣ୍ଡରେ ଖେଳୁ ଖେଳୁ ଏକ ପେପ୍ସି ବୋତଲ ପାଇ ପିଇବାକୁ ଜିଦ୍ କରିବାରୁ ମା' ମନା କରିବା ସହ ବୋତଲ କୁ ଝାଡୁ ମାରି ଦେଇଥିଲେ। କିଛି ସମୟ ପରେ ଶିଶୁ ପୁଅଟି ପୁଣି ବୋତଲ ଆଣି ଖେଳିବା ସହ ସେଥିରେ ଥିବା ଅଳ୍ପ କିଛି ଔଷଧ ପିଇ ଦେଇଥିଲା। ମା' ସଙ୍ଗେସଙ୍ଗେ ପୁଅ ହାତରୁ ବୋତଲକୁ ନେଇ ଦେଖିଥିଲେ। ତାହା ଏକ କୀଟନାଶକ ବୋତଲ ବୋଲି ଜାଣିବା ପରେ ପରିବାର ଲୋକଙ୍କୁ କହିଥିଲେ। ତୁରନ୍ତ ଶିଶୁକୁ କାଲିମେଳା ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ତାର ମୃତ୍ୟୁ ଘଟିଥିଲା । ପରେ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ପ୍ରକାଶ କରିଛନ୍ତି ଥାନା ଅଧିକାରୀ ।

## ଆଦର୍ଶ ଶିକ୍ଷକ ଜଗନ୍ନାଥ ସାର୍‌ଙ୍କ ପରଲୋକ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ କୃତୀ ଶିକ୍ଷକ ଜଗନ୍ନାଥ ରଣାଙ୍କର ୮୭ ବର୍ଷ ବୟସରେ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ବ୍ୟତୀତ ଜଣେ ଦକ୍ଷ ସମାଜସେବୀ ଭାବେ ସାରା ଜିଲ୍ଲାରେ ସେ ପରିଚିତ ଥିଲେ । ତାଙ୍କ ଅନୁରୋଧ ରକ୍ଷା କରି ଜନନାୟକ ବିଜୁ ପଟ୍ଟନାୟକ ଦୁଇ ଦୁଇଥର ବୋଦାପଳସା ଗ୍ରାମକୁ ଆସି ଲୋକଙ୍କ ସମସ୍ୟା ବୁଝି ଥିଲେ । ତାଙ୍କ ଆବେଦନ ଗ୍ରହଣ କରି ତତ୍କାଳୀନ ଶିକ୍ଷାମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ବୋମ୍ବମଦାପଳସାରେ ଜଳସେଚନ ପ୍ରକଳ୍ପ ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଜ ଶିକ୍ଷକ ଜୀବନରେ ଶହଶହ ଡାକ୍ତର, ଇଞ୍ଜିନିୟର, ପ୍ରଶାସକ ଗଢ଼ିଥିବା ଜଗନ୍ନାଥଙ୍କ ବିୟୋଗରେ ଗଭୀର ଦୁଃଖପ୍ରକାଶ ପାଇଛି ବୁଦ୍ଧିଜୀବୀ ମହଲରେ । ଜଗନ୍ନାଥ ସାରଙ୍କ ପରଲୋକରେ ଚାରି ପୁଅ ବିଶ୍ୱରଂଜନ, ବୀର ବିକ୍ରମ, ବିକାଶ, ବିଭୂତି ଭୂଷଣ, ଚାରି ବୋହୂ ସ୍ୱର୍ଣ୍ଣ ଲକ୍ଷ୍ମୀ, ରୀତାଞ୍ଜଳି, ଚୁମ୍‌କି, ଦେବଦର୍ଶିନୀ, ନାତି ଯୁବରାଜ, ବିସ୍ମୟ, ନାତୁଣୀ ଅଭୀପସା, ହିମାନୀ, ତେଜସ୍ୱିନୀ, ଆକାଂକ୍ଷା ଓ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି ।

# ଗୋଁଡ ପାରମ୍ପରିକ ଖଣ୍ଡାନୃତ୍ୟକୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସର୍କିଟ ହାଉସ ଠାରେ ଗତକାଲି ସନ୍ଧ୍ୟାରେ ଗୋଣ୍ଡ ସଂସ୍କୃତିକ ସମାଜ ତରଫରୁ ଗୋଁଡ ଜାତିର ପାରମ୍ପରିକ ନୃତ୍ୟ ଗୋଣ୍ଡଓ୍ୱାନ ଖଣ୍ଡା ନୃତ୍ୟ ଉପରେ ଏକ ଆଲୋଚନା ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହିତ କରାଯାଇଥିଲା। ଏଥିରେ ଗୋଣ୍ଡ ସଂସ୍କୃତିକ ସମାଜର କର୍ମକର୍ତ୍ତା, ଗୋଣ୍ଡଓ୍ୱାନ ସୋଡ଼ ଡ୍ୟାନ୍ସ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ଓ ଗୋଣ୍ଡଓ୍ୱାନ ଖଣ୍ଡା ନୃତ୍ୟର କଳାକାରମାନେ ଯୋଗଦେଇ ଗୋଣ୍ଡ ସମ୍ପ୍ରଦାୟର ଏହି ପାରମ୍ପରିକ ଯୁଦ୍ଧକଳା ନୃତ୍ୟ ପୂର୍ବପୁରୁଷ ମାନଙ୍କ ଠାରୁ ମିଳିଥିବା କଳାକୁ ପୁନଃ ଉଦ୍ଧାର କରିବା ସହିତ ଏହାର ପ୍ରଚାର ପ୍ରସାର ସଂପର୍କରେ ଆଲୋଚନା କରିଥିଲେ । ପରେ ପରେ ଖଣ୍ଡା ନୃତ୍ୟ ର ଏକ ଝଲକ ପ୍ରସ୍ତୁତ କରାଯାଇଥିଲା । ଏଥିରେ ଖୁସି ହେଇ ନାୟକ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଆଲୋଚନାରେ ଜିଲ୍ଲା ସଭାପତି ଜନାର୍ଦ୍ଦନ ନାୟକ, ଉପସଭାପତି କିରଣବାଳା ନାୟକ, ଯୁଧିଷ୍ଠିର ସିଂହ, ଅନାଦି ଚରଣ ନାୟକ, ସମ୍ପାଦକ ଚକ୍ରଧର ନାୟକ,ଗୋଣ୍ଡ ସଙ୍ଗୀତ ନିର୍ଦ୍ଦେଶକ ଅର୍ଜୁନ ନାୟକ, କର୍ମକର୍ତ୍ତା ଦିଗାମ୍ବର ଖଣ୍ଡା, ଉପଦେଷ୍ଟା ଭାଗିରଥୀ ନାୟକ, ସଦସ୍ୟା , ଗିରିଶ ଚନ୍ଦ୍ର ନାୟକ, ଅପୂର୍ବ ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ନାୟକ , କୀର୍ତ୍ତନ ଚନ୍ଦ୍ର ନାୟକ ଦୟାନିଧି ଖଣ୍ଡା, ଫକୀର ଚନ୍ଦ୍ର ଖଣ୍ଡା , କମଳାକାନ୍ତ ନାୟକ , ଜୟନ୍ତୀ ସିଂହ , ଉମାକାନ୍ତ ନାୟକ ଓ ରମେଶ ଚନ୍ଦ୍ର ଖଣ୍ଡା ସହଯୋଗ କରିଥିଲେ।

## ମିଲରଙ୍କୁ ମିଳିନି ଟାର୍ଗେଟ୍, ଭିତ୍ତିଭୂମି ନଥାଇ ମଣ୍ଡିରେ ଭିଜୁଛି ଧାନ



ଗୁଣୁପୁର(ଭାସ୍କର ନ୍ୟୁଜ୍): ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଲା ଅଦିନିଆ ବର୍ଷା। ବିକ୍ରି ଅପେକ୍ଷାରେ ଧାନ ଅମଳ କରି ଚାଷୀ ଖୋଲା ଆକାଶତଳେ ପକାଇ ରଖିଛି। କିଛି ଚାଷୀ ପାଲ ଘୋଡାଇ ଧାନ ଗଛିତ କରିଛି। ଆଉ କିଛି ଚାଷୀଙ୍କ ଅମଳ ଧାନ ବର୍ଷାରେ ଭିଜୁଛି। ଏଫ୍‌ଏକ୍ୟୁ ମାନର ଧାନ କ୍ରୟ ପାଇଁ ସରକାର କହୁଥିବା ବେଳେ ଓଦା ହୋଇଥିବା ଅମଳ ଧାନକୁ ନେଇ ଚାଷୀ ଚିନ୍ତାରେ ପଡିଛି। ଗୁଣୁପୁର ନିୟନ୍ତ୍ରିତ ବଜାର କମିଟିରେ ମଣ୍ଡି ଖୋଲିବା ନେଇ ଉଦ୍ଘାଟନ ହୋଇଛି। ୩୦ଟି ସ୍ଥାନରେ ମଣ୍ଡି ଖୋଲିବା ନେଇ ବ୍ୟବସ୍ଥା କରିଛି ପ୍ରଶାସନ। ରାମନାଗୁଡ଼ା ବ୍ଲକ୍ କୁଜେନ୍ଦ୍ରି ଠାରେ ମଣ୍ଡି ଖୋଲାଯାଇଥିଲା। ମିଲର୍ସ ମାନଙ୍କ ଟାର୍ଗେଟ୍ ନଥିବାରୁ ଗୋଟିଏ ବି ମିଲର ଧାନ କ୍ରୟ କରିବାକୁ ଆସିନାହାଁନ୍ତି। ଅନ୍ୟପଟେ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ରଖିଛି।ପୂର୍ବରୁ ଲଘୁଚାପଜନିତ ବର୍ଷାର ସୂଚନା ଥିଲେ ମଧ ମଣ୍ଡିର ଭିତ୍ତିଭୂମି ଠିକ୍ ନଥିବାରୁ ଖୋଲା ଆକାଶ ତଳେ ଧାନ ଜରି ଘୋଡାଇ ରଖିଥିଲା ଚାଷୀ। ମାତ୍ରାଧିକ ବର୍ଷା ହେତୁ ପାଣି ଜମି ଧାନ ତଳପଟରୁ ଭିଜିଯାଇଛି। କାଦୁଅ ପଚପଚ ମଧରେ ଧାନ ରହିଛି। ଗୋଟିଏ ପଟେ ମିଲର ଟାର୍ଗେଟ ନପାଇ ଧାନ ନକିଣିବା ଅନ୍ୟପଟେ ବର୍ଷା ଚାଷୀଙ୍କୁ ଦାଉ ସାଜି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗୀ ଦେଇଛି। ଏପରିକି କିଛି ଚାଷୀ ଟୋକେନ ପାଇବା ପରେ ଧାନ ବିକ୍ରି କରିପାରୁନଥିବା ବେଳେ ଆଉ କିଛି ଚାଷୀକୁ ଟୋକେନ ପହଞ୍ଚିବାରେ ବିଳମ୍ବ ହେବା ଯୋଗୁ ଚାଷୀ ଚିନ୍ତାରେ।

## ସନ୍ତୋଷିନୀ ଦାଶଙ୍କ ରଚିତ କବିତା ସଂକଳନ 'ଜୀବନ ଯମୁନା 'ଲୋକାର୍ପିତ



ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ କାଳୀ ମନ୍ଦିର ପ୍ରାଙ୍ଗଣରେ ସ୍ୱୟଂପ୍ରଭା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶୁକ୍ରବାର ସଂପାଦିକା କମଳିନୀ ଦେବୀଙ୍କ ଅଧକ୍ଷତାରେ ସଂସଦର ସହ ସଂପାଦିକା ସନ୍ତୋଷିନୀ ଦାଶଙ୍କ ରଚିତ ଷଷ୍ଠ କବିତା ସଂକଳନ 'ଜୀବନ ଯମୁନା' ଉନ୍ମୋଚିତ ହୋଇଥିଲା । ବିଷ୍ଣୁପ୍ରିୟା ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅନୁଷ୍ଠାନର ବରିଷ୍ଠା ସଦସ୍ୟା କବୟତ୍ରୀ-ବାସନ୍ତୀ ଗୁରୁ,ଜୀବନ ଯମୁନା କବିତା ସଂକଳନ ଉପରେ ନିଜର ଅଭିବ୍ୟକ୍ତି ରଖି ସମୀକ୍ଷା କରି ଥିଲେ । ଏହି ଅବସର ରେ ସଂସଦର ସଦସ୍ୟା ଗଣ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । କବିତା ହିଁ ଜୀବନକୁ ସରସ ସୁନ୍ଦର କରିପାରେ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ କମଳିନୀ ଦେବୀ, ସନ୍ତୋଷିନୀ ଦାଶ, କବିତା ଦେବତା,ମୀନା ପଣ୍ଡା, ସୁନୀତା ମିଶ୍ର, ଜ୍ୟୋତ୍ସ୍ନାମୟୀ ଦାଶ, ରାଧାରାଣୀ ପଟ୍ଟନାୟକ, ବାସନ୍ତୀ ଗୁରୁ, ବିଷ୍ଣୁପ୍ରିୟା ପଣ୍ଡା,ଜୟଶ୍ରୀ ଖାଡଙ୍ଗା, ସୁଜାତା ପଣ୍ଡା,ମିନତୀ ଦାଶ,ସାଗରୀକା ପାଣିଗ୍ରାହୀ, ସନ୍ତୋଷିନୀ ନାଗ, ସଂଗୀତା ଦୀପ, ନିରୂପମା ଶତପଥି,ନବନୀତା ମହାପାତ୍ର ପ୍ରଭୃତି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । କବିତା ଦେବତା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅଞ୍ଚଳଗୁମା ଧାନମଣ୍ଡି ଉଦ୍‌ଘାଟିତ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳ ଗୁମା ଲେମ୍ପସ ତରଫରୁ୨୦୨୪-୨୦୨୫ ଖରିଫ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି । ଏହି ମଣ୍ଡିରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନମଣ୍ଡି ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର,ବରିଷ୍ଠ ଚାଷୀ ତଥା ପୂର୍ବତନ ବ୍ଲକ ଅଧକ୍ଷ ନାରାୟଣ ପାତ୍ର, ତେନ୍ତୁଳିଖୁଣ୍ଟି ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଅଞ୍ଚଳଗୁମା ଲେମ୍ପ୍ସ ଉପସଭାପତି ପ୍ରଭାତୀ କନ୍ଧ,ସରପଞ୍ଚ କୁସୁମା ପୂଜାରୀ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଚ୍ୟୁତ ନନ୍ଦ ବିଷୋୟୀ,ଚାଷୀ ନେତା ରମାପତି ବିଷୋୟୀ, ଅଞ୍ଚଳ ଗୁମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ଜୀବନ ଟାକ୍ରି, ବିଶିଷ୍ଟ ବ୍ୟବସାୟୀ ତଥା ମିଲାର୍ସ ସୁବ୍ରତ ଚୌଧୁରୀ, ଆନନ୍ଦ ରାଓ ମଞ୍ଚାସୀନ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ରନ୍ଧରି,ରାଜସ୍ୱ ନୀରିକ୍ଷକ ମାନସୀ ବିଶ୍ୱାସରାୟ,ପଞ୍ଚାୟତ ଅଧିକାରୀ ଅମିତ ଭୂଷଣ,ଉପସ୍ଥିତ ରହିଥିଲେ । ବିଧାୟକ ଓ ଚାଷୀମାନେ ସର୍ବ ପ୍ରଥମେ ଧୂପ ଦୀପ ଜାଳି ମାତାଲକ୍ଷ୍ମୀ ଙ୍କୁ ପୂଜାର୍ଚ୍ଚନା କରି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ । ଏହି ମଣ୍ଡିରେ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠି ଅଧୀନରେ ଚାଷୀ ଧାନ ବିକ୍ରି କରିବେ । ସରକାରଙ୍କ ନିଷ୍ପତ୍ତି କ୍ରମେ କ୍ୟୁଣ୍ଟାଲ ପ୍ରତି ୨୩୦୦ ଟଙ୍କା ଓ ପ୍ରୋତ୍ସାହନ ରାଶି ୮୦୦ ଦେବାକୁ ସରକାର ଧାର୍ଯ୍ୟ କରିଛନ୍ତି । ସମୁଦାୟ ଚାଷୀଙ୍କୁ କ୍ୟୁଣ୍ଟାଲ ପ୍ରତି ୩୧୦୦ ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି । କଟନୀ ଛଟନୀ କରାଯିବ ନାହିଁ ଏବଂ ଏଫଏକ୍ୟୁ ମାନର ଧାନ ଆଣିବାକୁ ବିଧାୟକ ଗୌରୀ ଶଙ୍କର ମାଝୀ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି ଏବଂ ବରିଷ୍ଠ ଚାଷୀ ନାରାୟଣ ପାତ୍ର ଚାଷୀମାନଙ୍କୁ ହଇରାଣ ନ କରି ସୁରୁଖୁରୁରେ ଧାନ କିଣି, କଟନୀ ଛଟନୀ ନ କରିବାକୁ ଆର ଏମ ସି ଅଧିକାରୀଙ୍କୁ କହିଛନ୍ତି ଏବଂ ମିଲର୍ସ ମାନଙ୍କୁ ମଧ ଚାଷୀମାନଙ୍କ ଧାନ ସୁରୁଖୁରୁରେ କିଣିବା ପାଇଁ କହିଛନ୍ତି । ସେହିପରି ଅଞ୍ଚଳର ବହୁ ଚାଷୀ ଧାନମଣ୍ଡି ଉଦଘାଟନୀରେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ଅଞ୍ଚଳଗୁମା ଲେମ୍ପ୍ସର ପରିଚାଳକ ସୁଶୀଲ କୁମାର ମହାପାତ୍ର ଆୟୋଜନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ଥିଲେ ।

# କେବେ ମିଳିବ ବର୍ଦ୍ଧିତ ଭତ୍ତା ଟଙ୍କା !

### :-ଅପେକ୍ଷାରେ ୧୭୮୦ ହିତାଧିକାରୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ୨୫ବର୍ଷ ପରେ ଓଡ଼ିଶାରେ ପ୍ରଥମ ଥର ବିଜେପି ସଂଖ୍ୟା ଗରିଷ୍ଠତାରେ ସରକାର ଗଠନ କରିଛି। ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ଇସ୍ତାହାରରେ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ସରକାର ଗଠନ ହେବାର ଛଅ ମାସ ଅତିକ୍ରାନ୍ତ ହୋଇଗଲାଣି। ବିଜେପି ସରକାରକୁ ଆସିଲେ ହିତାଧିକାରୀମାନଙ୍କ ଭତ୍ତା ଟଙ୍କାକୁ ବୃଦ୍ଧି କରାଯିବ ବୋଲି କୁହାଯାଇଥିଲା। ଏହାକୁ ନେଇ ବିରୋଧୀ ଦଳ ବିଭିନ୍ନ ପ୍ରଶ୍ନ ଉଠାଇବା ପରେ ବର୍ଦ୍ଧିତ ଭତ୍ତା ଟଙ୍କା କେବଳ ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ନୂତନ ସରକାରଙ୍କ ନୂତନ ବର୍ଦ୍ଧିତ ଭତ୍ତା ଟଙ୍କା କେବେ ଠାରୁ କାର୍ଯ୍ୟକାରୀ ହେବ ଏବଂ ବ୍ଲକ ସ୍ତରରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ବ୍ୟକ୍ତି ମାନେ କେବେ ଏହି ଟଙ୍କା ପାଇବେ ତାହାକୁ ନେଇ ଆଶା ଆଶଙ୍କା ଦେଖା ଦେଇଛି।ସରକାର ଘୋଷଣା ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୮୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ୧୭୮୦ଜଣ ଭତ୍ତା ହିତାଧିକାରୀ ଅପେକ୍ଷାରେ ଥିବାର ସୂଚନା ମିଳିଛି। ସୂଚନା ଅନୁଯାୟୀ ଅସ୍ତରଙ୍ଗ ବ୍ଲକରେ ୧୫ଗୋଟି ପଂଚାୟତ। ଏହି ସବୁ ପଂଚାୟତ ରେ ବିଭିନ୍ନ ଭତ୍ତା ଯୋଜନା ରେ ମୋଟ ୧୩ହଜାର ୮ଶହ ୧୪ଜଣ ଭତ୍ତା ହିତାଧିକାରୀ ଅଛନ୍ତି। ଏଥିମଧ୍ୟରୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଏବଂ ସ୍ୱାମୀ ପରିତ୍ୟକ୍ତା ଭତ୍ତା ହିତାଧିକାରୀ ମାନେ ମାସକୁ ଏକ ହଜାର ଟଙ୍କା ପାଉଥିବା ବେଳେ ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ମାନଙ୍କୁ ମାସକୁ ୧୨ଶହ ଟଙ୍କା ପ୍ରଦାନ କରାଯାଉଛି। ଏମାନଙ୍କ ମଧ୍ୟରୁ ମଧୁବାବୁ ଯୋଜନାରେ ୭୯୪ଜଣ ଓ ଇନ୍ଦିରା ଗାନ୍ଧୀ ଯୋଜନାରେ ୯୮୬ଜଣ ଭତ୍ତା ପାଉଛନ୍ତି। ହେଲେ ସରକାର ଙ୍କ ନୂତନ ନିୟମ ଅନୁଯାୟୀ ୮୦ବର୍ଷରୁ ଉର୍ଦ୍ଧ୍ୱ ମୋଟ ୧୭୮୦ଜଣଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ୩୫ଶହ ଟଙ୍କା ଲେଖାଏଁ କେବେ ଠାରୁ ମିଳିବ ସେ ନେଇ ପ୍ରଶ୍ନ ଉଠିଛି। ହେଲେ ଘୋଷଣା ବର୍ଦ୍ଧିତ ଟଙ୍କା ପ୍ରଦାନ କରିବା ପାଇଁ କୌଣସି ନିର୍ଦ୍ଦେଶ ଆସିନଥିବାରୁ ବ୍ଲକରୁ ସ୍ପଷ୍ଟ କରାଯାଇଛି। ଚଳିତ ବିଧାନସଭା ଅଧିବେଶନ ସମୟରେ ନୂତନ ସରକାର ଏ ଦିଗରେ ଦୃଷ୍ଟିଦେଇ ଅର୍ଥ ଅନୁମୋଦନ ସମ୍ପର୍କରେ ପଦକ୍ଷେପ ନେଲେ ବ୍ଲକ ସମେତ ବିଭିନ୍ନ ସ୍ଥାନରୁ ହଜାର ହଜାର ଯୋଗ୍ୟ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଟଙ୍କା ପାଇଁ ସାମାଜିକ ସୁରକ୍ଷା ପାଇ ପାରନ୍ତେ।

# ବିଜେପିରେ ମିଶିଲେ ଶତାଧିକ କର୍ମୀ ଓ ନେତା




ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀରେ ପରାଜିତ ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ଶିବିରରେ ବିଜେଡି କର୍ମୀଙ୍କ ଭିଡ। ଶୁକ୍ରବାର ଦିନ ରାଜନଗର ବ୍ଲକର ଗୋପାଳପୁର ସ୍ଥିତ ବିଜେପି କାର୍ଯ୍ୟାଳୟରେ ଲଳିତ ବେହେରାଙ୍କ ନେତୃତ୍ୱରେ ରାଜନଗର ସମେତ ତିନିଟି ପଞ୍ଚାୟତର ଶତାଧୀକ ବିଜେଡି କର୍ମୀ ବିଜେପିରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଶ୍ରୀଧର ପ୍ରଧାନ,ସମ୍ମାନୀତ ଅତିଥି ୩୧ନମ୍ବର ଜୋନର ସଭାପତି ଦିଲ୍ଲୀପ କୁମାର ରାଉତ,ରାଜ୍ୟ ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦକ କାନନ ବାଳା ଦାସ, ନିମାଇଁ ଚରଣ ରାଉତଙ୍କ ଉପସ୍ଥିତିରେ ତିନୋଟି ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ମିଶି ଉପସ୍ଥିତ ଅତିଥିଙ୍କ ଦ୍ୱାରା ସ୍ୱାଗତ କରାଯାଇ ଦଳୀୟ ପଦ୍ମଫୁଲର ଉପଢୌକନ ପରିଧାନ କରିଥିଲେ। ଏହି ମିଶ୍ରଣ ପର୍ବରେ ମିଶିଥିବା ରାଜନଗର ପଞ୍ଚାୟତର ବିଜେଡି କର୍ମୀ ଫୁଲ ଦାସ,ଦଉହରି ମଲ୍ଲିକ,ବାବାଜୀ ମିଶ୍ର,ଶରତ ମଳିକ, ବୈକୁଣ୍ଠ ଚରଣ ମଳିକ, ବିଜୟ ସାହୁ, କଂଗ୍ରେସରୁ ନିଳମଣି ସାହୁ, ଅନନ୍ତ ସେଠି,ସୋମନାଥ ବାରିକ,ସୋମନାଥ ସେଠି ପ୍ରମୁଖ ବହୁ କର୍ମୀ ବିଜେଡି ଛାଡି ବିଜେପିରରେ ମିଶିଥିବା ବେଳେ ବ୍ରାହ୍ମଣ ସାହି ଓ ଚନ୍ଦନଗର ପଞ୍ଚାୟତରୁ ଶତାଧିକ ବିଜେଡି କର୍ମୀ ବିଜେପିରେ ମିଶିଛନ୍ତି।ଲଳିତ ବେହେରାଙ୍କୁ ପରାସ୍ତ କରିବାକୁ ରାଜନଗର ପଞ୍ଚାୟତରେ ବିଜେଡିର ଆଗଧାଡିର କର୍ମୀମାନେ ଆପ୍ରାଣ ଉଦ୍ୟମରେ ଦଳଗତ ନିର୍ବିଶେଷରେ ଭୋଟର ପିଛା ପାଞ୍ଚ ଶହ ଟଙ୍କା ବଣ୍ଟାଯାଇଥିଲା। ଶେଷରେ ବିଜେପି କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମରେ ବିଜେଡି ତାର ପୂର୍ବ ପରି ଶତପ୍ରତିଶତ ଭୋଟ ହାତେଇ ପାରି ନଥିଲା ବିଜେପି ଠାରୁ ସାମାନ୍ୟ ଅଧିକ ଭୋଟ ବିଜେଡିକୁ ମିଳିଥିବାରୁ ଧ୍ରୁବ ସାହୁ ବିଧାୟକ ହେବାର ସୌଭାଗ୍ୟ ଲାଭ କରିଥିଲେ।କିନ୍ତୁ ଲଳିତ ବିରୋଧୀ ଏହି କର୍ମୀମାନେ ଜାଣି ନଥିଲେ ବିଜେପିର ଡବଲ ଇଞ୍ଜିନ ସରକାର ଆସିବ ଏବଂ ଜନକଲ୍ୟାଣ ବିକାଶ ମୂଳକ କାର୍ଯ୍ୟ କରିବ। ଯାହାଫଳରେ ବାଧହୋଇ ମୋହନ ଚରଣ ମାଝିଙ୍କ ସରକାରରେ ଯୁବନେତା ଲଳିତ ବେହେରା ରାଜନଗର ନିର୍ବାଚନ ମଣ୍ଡଳୀର ଜଣେ ସଚ୍ଚୋଟ ଜନକଲ୍ୟାଣକାରୀ ଯୁବ ନେତା ଭାବେ ପରିଚିତ ହୋଇ ସାରିଲେଣି ।ସେଥିପାଇଁ ବିଧାୟକ ଧ୍ରୁବ ସାହୁଙ୍କ ଅସଲ ରୂପକୁ କର୍ମୀ ମାନେ ଏବେ ଜାଣିପାରିଛନ୍ତି ।ବିଧାୟକଙ୍କର ପାତର ଅନ୍ତର କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହ ଲଳିତ ବେହେରାଙ୍କ ବିକାଶମୂଳକ ଚିନ୍ତାଧାରା ତଥା ଡବଲ ଇଞ୍ଜିନୀ ସରକାରର ଉନ୍ନୟନ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦେଇଛନ୍ତି। ଆଗାମି ନିର୍ବାଚନରେ ଲଳିତଙ୍କୁ ବିଧାୟକ ଭାବେ ଦେଖିବାକୁ ଆମେ ଉଦ୍ୟମ କରିବୁ ବୋଲି ବିଜେପିରେ ମିଶିଥିବା ଫୁଲଦାସ ମତ ପ୍ରକାଶ କରିଛନ୍ତି।




କଟକ(ଭାସ୍କର ନ୍ୟୁଜ୍): ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ ସପ୍ତାହବ୍ୟାପୀ 'ଫିଟ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ାକ୍ତର ରବିରନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସର୍ବପ୍ରଥମେ ମୁଖ୍ୟ ଅତିଥି, ଅଧ୍ୟକ୍ଷା, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା ଛାତ୍ରୀମାନେ ଫିଟ୍ ଇଣ୍ଡିଆର ଶପଥ ପାଠ କରିଥିଲେ । ବକ୍ତୃତା, ସାଧାରଣ କ୍ୱିଜ, ପ୍ରବନ୍ଧ, ପୋଷ୍ଟର ତିଆରି, ଟଗ୍-ଅଫ୍-ୱାର, ଦୌଡ଼ ଡ଼ିଆଁ, ସାଇକେଲ ରେସ୍, ଚେସ୍, ଟେବୁଲ ଟେନିସ୍, ସାପ ଓ ସିଡ଼ି ଖେଳ, ଇନ୍ ଆଣ୍ଡ୍ ଆଉଟ୍ ଖେଳ, ଚେନ୍ ରିଲେ ଆଦି ପ୍ରତିଯୋଗିତା ତଥା ଯୋଗ ଓ ଧ୍ୟାନର ଆୟୋଜନ କରାଯାଇଛି । କ୍ରୀଡ଼ା, ଯୋଗ ଓ ଧ୍ୟାନ ଦ୍ୱାରା ସମସ୍ତେ ଯେପରି ଫିଟ୍ ରହିପାରିବେ ତାହା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । କଟକର ସାଇ ତ୍ରିନାଥ ନୀଳଚକ୍ର ଯୋଗ ଶିବିରର ପ୍ରତିଷ୍ଠାପକ ସଚିବ ତଥା ଯୋଗ ଶିକ୍ଷିକା ସାଗରିକା ଜେନା ଦୈନନ୍ଦିନ ଜୀବନରେ ଯୋଗର ଉପାଦେୟତା ଉପରେ ମତ ରଖିଥିଲେ । କଟକର ସହଜ ଯୋଗ କେନ୍ଦ୍ରର ଯୋଗ ପ୍ରଶିକ୍ଷକ ମନୋଜ କୁମାର ଉପାଧ୍ୟାୟ ଧ୍ୟାନ ଉପରେ ବିଶେଷ ଜ୍ଞାନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଡ଼କ୍ଟର ପ୍ରମୋଦିନୀ ସାହୁ ଆୟୋଜନ ତଥା ସଂଚାଳନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ଦେବୀ ପ୍ରସାଦ ପାଢ଼ୀ, ପ୍ରଭୁଦ ଦାଶ, ଶାରୀରିକ ଶିକ୍ଷା ବିଭାଗର ଅଧ୍ୟାପିକା ମୁସ୍ମିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ୨୩ ଏସ୍ଆଇ ଓ ୪ ଏଏସ୍ଆଇଙ୍କ ବଦଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଏଥିରେ ୨୩ଜଣ ଏସ୍ଆଇ ଓ ୪ ଜଣ ଏଏସ୍ଆଇଙ୍କ ବଦଳି ହୋଇଛି । ବିଜ୍ଞପ୍ତି ଅନୁଯାୟୀ କୋରାପୁଟ୍‌ର ଏସ୍ଆଇ ବିଷ୍ଣୁପ୍ରସାଦ ଦାସଙ୍କୁ ବ୍ରହ୍ମପୁର ବଦଳି କରାଯାଇଥିବା ବେଳେ ରାଉରକେଲା ଏସ୍ଆଇ ଭଗବାନ ସାହୁଙ୍କୁ ଅନୁଗୁଳ, ଯାଜପୁରର ଏସ୍ଆଇ ପ୍ରମୋଦ କୁମାର ସାହୁଙ୍କୁ ଜଗତସିଂହପୁରକୁ ବଦଳି କରାଯାଇଛି । ଏହିପରି ୨୩ଜଣଙ୍କୁ ଏସ୍ଆଇଙ୍କୁ ବଦଳି କରାଯାଇଛି । ସେହିପରି ୪ଜଣ ଏଏସ୍ଆଇ କଟକ କ୍ରାଇମବ୍ରାଞ୍ଚ ସିଆଇଡିର ନାଇମୁଲ ହକ୍ ଖାନଙ୍କୁ ସମ୍ବଲପୁର, ଭୁବନେଶ୍ୱର ଏସ୍ଆଇଡବ୍ଲୁର ମଧୁସୂଦନ ମଲ୍ଲିକଙ୍କୁ ବୌଦ୍ଧ, ଗଜପତିର ଲକ୍ଷ୍ମୀଭାର ପ୍ରସାଦ ଭାସୁପାଲ୍ଲୀଙ୍କୁ କୋରାପୁଟ ଓ ଜଗତସିଂହପୁରର ଅମରେନ୍ଦ୍ର ଲେଙ୍କାଙ୍କୁ କଟକ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି ।

## ଶନିବାର ଥିଲା ବର୍ଷର ସବୁଠାରୁ ଛୋଟ ଦିନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ଥିଲା ବର୍ଷର ସବୁଠାରୁ ଛୋଟ ଦିନ ଆଉ ରାତି ଥିଲା ବଡ। ଭୁବନେଶ୍ୱରରେ ଦିନର ଲମ୍ବ ପ୍ରାୟ ୧୦ ଘଣ୍ଟା ୫୪ ମିନିଟ୍ ୨୪ ସେକେଣ୍ଡ ରହିଥିଲା। ଆଉ ଦୀର୍ଘତମ ରାତିପ୍ରାୟ ୧୩ ଘଣ୍ଟା ୫ ମିନିଟ୍ ୩୬ ସେକେଣ୍ଡ ହୋଇଥିଲା ବୋଲି ମହାକାଶ ବିଜ୍ଞାନୀ ଡକ୍ଟର ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି । ପ୍ରାୟତଃ ଭୁବନେଶ୍ୱରରେ ଡିସେମ୍ବର ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୨ ଦିନ ଧରି ଦିନର ଲମ୍ବ ୧୦ ଘଣ୍ଟା ୫୪ ମିନିଟ୍ ଏବଂ ରାତି ପ୍ରାୟ ୧୩ ଘଣ୍ଟା ୫ ମିନିଟ୍ ହୋଇଥାଏ ବୋଲି ସେ ମଧ୍ୟ କହିଛନ୍ତି । ତେବେ ଏହି ଖବର ଆସିବା ପରେ ସୋସିଆଲ ମିଡିଆରେ ଏହା ଘୂରି ବୁଲିଥିଲା । ଭୁବନେଶ୍ୱରରେ ଅପରାହ୍ନ ୫ଟାରୁ ସନ୍ଧ୍ୟା ହୋଇଯାଇଥିଲା । ଏତେ ଶୀଘ୍ର ସନ୍ଧ୍ୟା ହେବାକୁ ନେଇ ଲୋକମାନେ ସନ୍ଦେହରେ ପଡିଥିଲେ । ତେବେ ପରେ ସେମାନଙ୍କ ସନ୍ଦେହ ମୋଚନ ହୋଇଥିଲା ।

## ଚକେଇସିଆଣିରେ ପୁଣି ମାତିଲେ ଲୁଟେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଞ୍ଚେଶ୍ୱର ଚକେଇସିଆଣି ଅଞ୍ଚଳରେ ପୁଣି ମାତିଲେ ଲୁଟେରା । ସୁନା ରିପାରିଂ ଦୋକାନରେ କଳାକନା ବୁଲାଇଲେ ଲୁଟେରା । ୫୦ଗ୍ରାମରୁ ଅଧିକ ରୁପା ଅଳଙ୍କାର ଲୁଟ ନେଇ ଅଭିଯୋଗ ହୋଇଛି । ଦୋକାନର ତାଲା କାଟି ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଦୋକାନୀଙ୍କ ଅଭିଯୋଗ ଆଧାରରେ ତଦନ୍ତ କରୁଛି ମଞ୍ଚେଶ୍ୱର ଥାନା ପୋଲିସ ।

## ଧାନ ନଷ୍ଟ ହେଲେ ମିଳିବ କ୍ଷତିପୂରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାନ ନଷ୍ଟ ହେଲେ ଦିଆଯିବ କ୍ଷତିପୂରଣ । ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି । ମଣ୍ଡିରେ ଜରି ପାଲର ବ୍ୟବସ୍ଥା କରାଯାଇଛି ।



ଷଷ୍ଠ ଡିଏଭି ୟୁନାଇଟେଡ୍ ଉତ୍ସବରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ଅନ୍ୟମାନେ

## ହିତାଧିକାରୀଙ୍କୁ ଜାନୁଆରୀରୁ ମାସିକିଆ ରାସନ ବଣ୍ଟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖାଦ୍ୟ ସୁରକ୍ଷା ଅଧିନସ୍ଥ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଜାନୁୟାରୀ ୨୦୨୫ ପାଇଁ ମାସିକିଆ ରାସନ ପ୍ରଦାନ କରାଯାଉଛି । ଏଥି ନିମନ୍ତେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ସହ ସରକାରୀ ଗୋଦାମରୁ ପିଡ଼ିଏସ୍ ସାମଗ୍ରୀ ନିର୍ଦ୍ଧାରିତ ସମୟରେ ଉଠାଣ ଓ ବଣ୍ଟନ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ମର୍ମରେ ଗତ ୬ ତାରିଖରୁ ସରକାରୀ ଗୋଦାମଗୁଡ଼ିକରୁ ଡିଲରମାନେ ଚାଉଳ ଉଠାଣ ଜାରି ରଖିଛନ୍ତି । ଗତ ୧୪ ଦିନ ମଧ୍ୟରେ ଉଭୟ ନବରଙ୍ଗପୁର ଏବଂ ଦେବଗଡ଼ ଜିଲ୍ଲାର ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲା ପାଇଁ ଧାର୍ଯ୍ୟ ଚାଉଳ ଉଠାଣ ଗତକାଲି ସୁଦ୍ଧା ଶେଷ କରି ସାରିଛନ୍ତି । ଅନ୍ୟ ଜିଲ୍ଲାଗୁଡ଼ିକ ଆଜିସୁଦ୍ଧା ହିଁ ସେମାନଙ୍କ ନିମନ୍ତେ ଧାର୍ଯ୍ୟ ପିଡ଼ିଏସ୍ ଚାଉଳ ଉଠାଣ ଶେଷ କରିବେ । ଏଥିସହ ରାଜ୍ୟର ଅନେକ ସ୍ଥାନରେ ଡିଲରମାନେ ସରକାରୀ ସୁଲଭ ମୂଲ୍ୟ ଦୋକାନ ତଥା ଡିଲର ପଏଣ୍ଟଠାରେ ହିତାଧିକାରୀଙ୍କୁ ବଂଟନ ପ୍ରକ୍ରିୟା ଜାରି ରଖିଛନ୍ତି । ବାକିଥିବା ଅନ୍ୟ ଡିଲର ପଏଣ୍ଟଠାରେ ଆସନ୍ତା ୨୫ ତାରିଖ ସୁଦ୍ଧା ଏହି ବଣ୍ଟନ ପ୍ରକ୍ରିୟା ଶେଷ ହେବା ନେଇ ସମସ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି । ଯୋଗ୍ୟ ହିତାଧିକାରୀ ଡିଲର ପଏଣ୍ଟରୁ ଚାଉଳ ନେଇପାରିବେ । ହିତାଧିକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାସିକିଆ ରାସନ୍ ପ୍ରଦାନ କରାଯାଉଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଉପସ୍ଥିତିରେ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ବୈଠକରେ ମାସିକିଆ ରାସନ ପ୍ରଦାନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବା ସହ ଏଥି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଏତଦ୍‌ବ୍ୟତୀତ ହିତାଧିକାରୀଙ୍କ ଇ-କେୱାଇସି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରି ଆସନ୍ତାମାସ ସୁଦ୍ଧା ଶେଷ କରିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି ।

## ଅବକାରୀ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅବକାରୀ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ବୈଠକ କମିଟିର ଅଧ୍ୟକ୍ଷ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । କମିଟିର ସଦସ୍ୟ ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ସାହୁ, ଅବକାରୀ ସଚିବ ଗୁହା ପୁନମ ତାପସ କୁମାର, ଅବକାରୀ କମିଶନ ନରସିଂହ ଭୋଳ ଓ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଅବକାରୀ ବିଭାଗ ସମ୍ପର୍କିତ ବିଭିନ୍ନ ଯୋଜନା ଓ ଆଗାମୀ ପଦକ୍ଷେପ ବାବଦରେ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । କମିଟି ଅଧ୍ୟକ୍ଷ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ରାଜ୍ୟରେ ଅବକାରୀ ନୀତି ବର୍ଷକୁ ବର୍ଷ ପରିବର୍ତ୍ତନ ହୁଏ । ଅବକାରୀ ବିଭାଗରେ କନେଷ୍ଟବଳ ପଦବୀ ନିୟମିତ ହେବ । ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ ଡ୍ରଗ୍ସ କାରବାରରେ ନିୟନ୍ତ୍ରଣ ଲାଗି ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ୨୦୨୨ରେ ଏସଟିଏଫ ଗଠନ ହୋଇଥିଲା । ସମସ୍ତ ଅବକାରୀ ଅଫିସକୁ ଗାଡି ପ୍ରଦାନ କରାଯିବ । ବିଷାକ୍ତ ମଦ ବ୍ୟବସାୟକୁ ବନ୍ଦ ବା ନିୟନ୍ତ୍ରଣ କରିବା ଲାଗି ଅଧିକ ମାନବସମ୍ବଳ ଆବଶ୍ୟକ ରହିଛି । ମାସକ ମଧ୍ୟରେ ମାନବସମ୍ବଳ ବ୍ୟବସ୍ଥା କରିବାକୁ କୁହାଯାଇଛି । ମାନବସମ୍ବଳ ବ୍ୟବସ୍ଥା ହୋଇଗଲେ ନିୟନ୍ତ୍ରଣ କରିବା ସହଜ ହେବ ବୋଲି ବିଜେଡି ବିଧାୟକ କହିଛନ୍ତି ।

## ଖାଲି ଆଖିରେ ଦେଖି ହେବ ୫ ଗ୍ରହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିସେମ୍ବର ୨୦୨୪ ର ଦ୍ୱିତୀୟାର୍ଦ୍ଧ ଏବଂ ଜାନୁୟାରୀ ୨୦୨୫ ର ପ୍ରଥମାର୍ଦ୍ଧ ଆକାଶରେ ଥିବା ୫ଟି ଗ୍ରହକୁ ଖାଲି ଆଖିରେ ଦେଖିବା ପାଇଁ ଉତ୍କୃଷ୍ଟ ସୁଯୋଗ ଆସିବ । ଆମେ ଏହାକୁ ଗ୍ରହ ସମାବେଶ ବା ଇଂରାଜୀରେ ଏହାକୁ ଏକ୍ 'ପ୍ଲାନେଟ୍ ପରେଡ୍' କୁହାଯାଏ । ଯଦିଓ ଏହି ଶବ୍ଦର କୌଣସି ବୈଜ୍ଞାନିକ ସଂଜ୍ଞା ନାହିଁ କିନ୍ତୁ ଜ୍ୟୋତିର୍ବିଜ୍ଞାନରେ ଏହା ବହୁଳ ଭାବରେ ବ୍ୟବହୃତ ହେଉଛି, ଯାହା ଏକ ବିରଳ ମହାକାଶୀୟ ଘଟଣାକୁ ସୂଚାଇଥାଏ । ଆମେ ଜାଣିଛେ ଯେ ସୂର୍ଯ୍ୟ ଚାରିପଟେ ୮ ଟି ଗ୍ରହ ବୁଲୁଛନ୍ତି । ଏହି ୮ଟି ଗ୍ରହ ଭିତରୁ ପୃଥିବୀକୁ ଛାଡି ଆମେ ୫ଟି ଗ୍ରହକୁ ଖାଲି ଆଖିରେ ଦେଖିପାରୁ । ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଦିଗବଳୟର କିଛି ଉପରେ ଦେଖାଯିବ ଉଜ୍ଜଳ ଶୁକ୍ର ଗ୍ରହ, ତାର କିଛ ଉପରକୁ ଥିବ ଇସତ୍ ହଳଦି ରଙ୍ଗର ଶନି ଗ୍ରହ ଓ ପୂର୍ବ ଦିଗବଳୟର କିଛି ଉପରେ ଥିବ ଉଜ୍ଜ୍ୱଳ ବୃହସ୍ପତି ଗ୍ରହ । ରାତି ବଢିବା ସଙ୍ଗେ ଏହି ଗ୍ରହଗୁଡିକ ପୂର୍ବରୁ ପଶ୍ଚିମ ଆଡକୁ ଗତି କରି କ୍ରମାନ୍ୱୟରେ ଅସ୍ତ ହେବେ । ରାତି ୯ଟା ବେଳକୁ ପ୍ରଥମେ ଶୁକ୍ର ଗ୍ରହ ଅସ୍ତ ହେବ ଓ ପ୍ରାୟ ସେତିକି ବେଳକୁ ଲାଲ ରଙ୍ଗର ମଙ୍ଗଳ ଗ୍ରହ ପୂର୍ବ ଦିଗବଳୟରେ ଉଦୟ ହେବ । ବୁଧ ଗ୍ରହ ପୂର୍ବ ଦିଗବଳୟରେ ଭୋର ସମୟରେ ଉଦୟ ହେବ । ସାଧାରଣତଃ ବୁଧ ଗ୍ରହ, ଖାଲି ଆଖିରେ ଦେଖାଯିବା ଅତ୍ୟନ୍ତ ବିରଳ । ଡିସେମ୍ବର ମାସ ୨୦ରୁ ୩୦ ତାରିଖ ଯାଏଁ ପୂର୍ବ ଆକାଶରେ ସୂର୍ଯ୍ୟ ଉଦୟର ଠିକ୍ ପୂର୍ବରୁ ଦିଗବଳୟର ପ୍ରାୟ ୩୦ ଡିଗ୍ରୀ ମଧ୍ୟରେ ଦେଖାଯିବ । ଏହା ଛଡା ୟୁରାନସ୍ ଓ ନେପଚୁନ୍ ଗ୍ରହକୁ ମଧ୍ୟ ଛୋଟ ଦୂରବୀକ୍ଷଣରେ ଦେଖି ହେବ ।

## ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ପୂଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି । ସେହିପରି ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ସାମ୍ବାଦିକ 'କଣ୍ଠଶିଳ୍ପୀ' ସୁରେନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ।

## ଧାନ ସଂଗ୍ରହ ବ୍ୟବସ୍ଥାରେ ଚାଷୀ ସଚେତନ ହେବା ଜରୁରୀ: ମନ୍ତ୍ରୀ



କଟକ(ଭାସ୍କର ନ୍ୟୁଜ୍): ସମଗ୍ର କଟକ ଜିଲ୍ଲାରେ ସୁରୁଖୁରୁରେ ତଥା ସ୍ୱଚ୍ଛତାର ସହ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଶନିବାର ସମବାୟ, ହସ୍ତତନ୍ତ,ବୟନ ଓ ହସ୍ତକଳା, ପ୍ରଦୀପ ବଳ ସାମନ୍ତ ପୂର୍ବାହ୍ନରେ ଜିଲ୍ଲାର ବାରଙ୍ଗ, କଣ୍ଟାପଡା ବ୍ଲକ ସ୍ଥିତ ପ୍ରମୁଖ ମଣ୍ଡିଗୁଡିକର ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୋଗଦେଇ ଶୃଙ୍ଖଳତାର ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ସମସ୍ତ ସୁବିଧାକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ପର୍ଯ୍ୟବେକ୍ଷକ ତଥା ନିୟୋଜିତ ହୋଇଥିବା ନୋଡାଲ ଅଧିକାରୀ ମଣ୍ଡିଗୁଡିକୁ ବାରମ୍ବାର ଗସ୍ତକରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ଧାନମଣ୍ଡିରେ ନୂତନ ବ୍ୟବସ୍ଥା ଅବଲମ୍ବନ ହେଉଥିବାରୁ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ସମାନତା ରକ୍ଷା ପୂର୍ବକ ଚାଷୀଙ୍କଠାରୁ ଧାନ ସଂଗ୍ରହ, ଆସାଧୁ ବେପାରୀଙ୍କ କବଳରୁ ମୁକ୍ତକରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କଟକ ସଦର ବିଧାୟକ ଇଂ.ଶପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଧାନ ସଂଗ୍ରହ ଓ କ୍ରୟ ପ୍ରକ୍ରିୟାରେ ସମାନତା ପୂର୍ବକ କ୍ଷୁଦ୍ରଚାଷୀମାନଙ୍କୁ ବିଶେଷ ଗୁରୁତ୍ୱ ଦେବା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ପୂର୍ବକ ବୈଠକ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ଯୋଗଦେଇ କହିଲେ ଯେ ଆସନ୍ତା ୨୪ତାରିଖ ସୁଦ୍ଧା ପ୍ରସ୍ତୁତି ସହ ଧାନକ୍ରୟ ନିମନ୍ତେ ସମସ୍ତ ସୁବ୍ୟବସ୍ଥା, କରାଯାଇ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନିତ କରାଯିବ। ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଡ଼.ଦିବ୍ୟଲୋଚନ ମହାନ୍ତ, ଆଠଗଡ ଉପ-ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କି ଉପ-ଜିଲ୍ଲାପାଳ ଦେବିପ୍ରସାଦ ମହାନ୍ତି, ସଦର ଉପ-ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ସମେତ କୃଷି ଅଧିକାରୀ ଓ କର୍ମଚାରୀଙ୍କ ସମେତ ଡିଆର୍‌ସିଏସ୍, ଏଆର୍‌ସିଏସ୍, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକମାନେ ଯୋଗଦେଇଥିଲେ।

## ପ୍ରବଳ ବର୍ଷା କାରଣରୁ ଭୁବନେଶ୍ୱର ପଥ ଉତ୍ସବ ସ୍ଥଗିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୨ ଡିସେମ୍ବରରେ ହେବାକୁ ଥିବା ପଥ ଉତ୍ସବକୁ ବର୍ଷା ଯୋଗୁ ସ୍ଥଗିତ କରାଯାଇଛି। ଭୁବନେଶ୍ୱର ମୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ପକ୍ଷରୁ ଶନିବାର ଏକ୍ସ ହ୍ୟାଣ୍ଡଲରେ ଏହି ସମ୍ପର୍କରେ ସୂଚନା ଦିଆଯାଇଛି । ବିଏମ୍‌ସିଙ୍କ ଆଧିକାରିକ ଟ୍ୱିଟରେ ଲେଖା ଯାଇଛି ଯେ, ଏହି କାର୍ଯ୍ୟକ୍ରମର ନୂତନ ତାରିଖ ଓ ସ୍ଥାନ ଶୀଘ୍ର ଘୋଷଣା କରାଯିବ। ବିଏମ୍‌ସିଙ୍କ ସୋସିଆଲ୍ ମିଡିଆ ପୋଷ୍ଟରେ କୁହାଯାଇଛି, ଭୁବନେଶ୍ୱର ପଥ ଉତ୍ସବ ୨୨ ଡିସେମ୍ବର ୨୦୨୪, ଅର୍ଥାତ୍ ଆସନ୍ତାକାଲି, ସ୍ଥଗିତ କରାଯାଇଛି। ପରବର୍ତ୍ତୀ ତାରିଖ ଓ ସ୍ଥାନ ଶୀଘ୍ର ସୂଚିତ କରାଯିବ।

एफएसएसएआई fssai
Food Safety and Standards Authority of India
स्वास्थ्य एवं परिवार कल्याण मंत्रालय
MINISTRY OF HEALTH AND FAMILY WELFARE

ଖାଦ୍ୟ ବ୍ୟବସାୟ ଆରମ୍ଭ କରିବେ କି?
ବର୍ତ୍ତମାନ ଆପଣ ପାଇପାରିବେ
ତୁରନ୍ତ ଏଫଏସଏସଏଆଇ ଲାଇସେନ୍ସ/ରେଜିଷ୍ଟ୍ରେସନ !
କେଉଁମାନେ ଯୋଗ୍ୟ
- ହୋଲସେଲର
- ବିତରକବୃନ୍ଦ
- କ୍ଷୁଦ୍ର ବ୍ୟବସାୟୀମାନେ
- ପରିବହନକାରୀ
- ବିନା ସଂରକ୍ଷଣରେ ବାୟୁମଣ୍ଡଳ ନିୟନ୍ତ୍ରଣ
- ଖାଦ୍ୟ ଭେଣ୍ଡି
- ଏଜେନ୍ସିଗୁଡ଼ିକ
- ପ୍ରତ୍ୟକ୍ଷ ବିକ୍ରେତା
- ଆମଦାନିକାରୀ
- ବ୍ୟବସାୟୀ-ରପ୍ତାନୀକାରୀ
- କ୍ଷୁଦ୍ର ଖୁଚୁରା ବ୍ୟବସାୟୀ
- ହକର୍ସ

ଜିଏସ୍‌ଟି, ଆଧାର ଏବଂ ପାନ୍ ମାଧ୍ୟମରେ ଡିଜିଟାଲ ଯାଞ୍ଚ
ଇନଷ୍ଟାଣ୍ଟ ଲାଇସେନ୍ସ/ରେଜିଷ୍ଟ୍ରେସନ ପାଇଁ କିପରି ଆବେଦନ କରିବେ
- ଏଫ୍‌ଓଏସ୍‌ସିଓଏସ୍ ପୋର୍ଟାଲ ପରିଦର୍ଶନ କରନ୍ତୁ [ https://foscos.fssai.gov.in]
- ମୂଳ ପୃଷ୍ଠାରେ ଥିବା 'ତତ୍କାଳ ଲାଇସେନ୍ସ/ପଞ୍ଜିକରଣ ପାଇଁ ଆବେଦନ' ଟ୍ୟାବ୍ ଉପରେ କ୍ଲିକ୍ କରନ୍ତୁ ଏବଂ ପଦକ୍ଷେପଗୁଡ଼ିକୁ ଅନୁସରଣ କରନ୍ତୁ ।

ଭିଡିଓ ଟ୍ୟୁଟରିଆଲ ଭ୍ୟୁ ପାଇଁ ନିମ୍ନରେ ଥିବା କ୍ୟୁଆର କୋଡ୍ ସ୍କାନ କରନ୍ତୁ




ଅଧିକ ବିବରଣୀ ପାଇଁ:
୧୧-୦୯-୨୦୨୪ ଏଫଏସ୍‌ଏସ୍‌ଆଇର ନିର୍ଦ୍ଦେଶନାମା ଅନୁସରଣ କରନ୍ତୁ
ଅଧିକ ବିବରଣୀ ପାଇଁ
୧୮୦୦୧୧୨୧୦୦, ହେଲ୍ପ ଡେସ୍କ:
ଅପେକ୍ଷା କରନ୍ତୁ ନାହିଁ-ବର୍ତ୍ତମାନ ଆପଣଙ୍କ ଖାଦ୍ୟ ବ୍ୟବସାୟ ଆରମ୍ଭ କରନ୍ତୁ!
fssaiindia fssai fssai_safefood fssaiindia fssai_india
cbc 17163/13/0012/2425

## ଦଳିତ ମହିଳାଙ୍କ ଜମି ଅଧିଗ୍ରହଣ ମାମଲା: ହାଇକାର୍ଟଙ୍କ କଡା ଆଭିମୁଖ୍ୟ

କଟକ(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଏନ୍ ଏଚ୍ ଆଇ- ୬, ଅଧିନ ସିଙ୍ଗରା-ବିଜଂବାହାଲ ଜାତୀୟ ରାଜାପଥର ୪ ଲାଇନ୍ ରାସ୍ତା ସଂପ୍ରସାରଣ ନିମର୍ତେ ଜମି ଅଧିଗ୍ରହଣ ବେଆଇନ ଭାବେ ହୋଇଥିବା ଦର୍ଶାଇ ଆଗତ ମାମଲାରେ ହାଇକୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହି ଘଟଣାରେ ସଂପତି ହରାଇଥିବା ଦଳିତ ମହିଳାଙ୍କ ଟଙ୍କା ହଡପ ଉଦ୍ୟମ ଅଭିଯୋଗ ଘଟଣାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରିଛନ୍ତି । ଏ ସମ୍ପର୍କରେ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀଙ୍କ ଇଜିଲାସ ମାମଲଶର ୩ ନମ୍ବର ପ୍ରତିପକ୍ଷଙ୍କୁ ସଶୋଧିତ ୨୧,୦୮,୭୨,୫୩୦ ଅର୍ଥ ପରବର୍ତୀ ଶୁଣାଣି ପର୍ଯ୍ୟନ୍ତ ପ୍ରଦାନ ନ କରିବାକୁ କେନ୍ଦୁଝର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ମାମଲାର ୩ ଦଳିତ ମହିଳା ତଥା ଆବେଦନକାରୀଣି ଶ୍ରୀମତୀ ସେଠୀ ଓ ତାଙ୍କ ଅନ୍ୟ ଦୁଇ ଭଉଣୀ ସେମାନଙ୍କ ପ୍ରାପ୍ୟ ପାଇବା ଆଶା ସଂଚାର ହୋଇଛି । ହାଇକୋର୍ଟରେ ମାମଲାର ଶୁଣାଣିବେଳେ ଆବେଦନକାରିଣୀଙ୍କ ଓକିଲ ଦୟାନନ୍ଦ ମହାପାତ୍ର ଦର୍ଶାଇଥିଲେ ଯେ ଆବେଦନକାରିଣୀଙ୍କ ସ୍ୱର୍ଗତଃ ପିତା ପିତା ନବେଇ ସେଠୀଙ୍କ ତିନିପଅ ଓ ତିନିଝିଅ ଏପରି ୬ ଜଣ ଅଛନ୍ତି । ଏଣୁ ଆଇନତଃ ନବେଇ ସେଠୀଙ୍କ ସମ୍ପତି ଉପରେ ତିନି ଝିଅଙ୍କ ଶତକଡା ୫୦ ଭାଗ ଅଂଶ ରହିଛି । ସ୍ୱର୍ଗତ ସେଠୀଙ୍କ ନାମରେ କେନ୍ଦୁଝର ବ୍ରାହ୍ମଣୀ ଗାଁ ମୌଜାରେ ଥିବା ୪ଏ. ୪୦ ଡେସିମିଲ ଜମିରୁ ଅଧିକାଂଶ ସମ୍ପତି ଏନ ଏଚ ଆଇ କର୍ତୃପକ୍ଷ ଅଧିଗ୍ରହଣ କରିଥିଲେ । ତେବେ ଏହି ଅଧିଗ୍ରହଣବେଳେ ଅନ୍ୟ ଜଣେ ବ୍ୟକ୍ତି ଉକ୍ତ ଜମିକୁ ତଞ୍ଚକତା କରି ହାତେଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ବ୍ୟକ୍ତି ଜଣକ ସ୍ୱର୍ଗତ ସେଠୀଙ୍କ ଝିଅମାନଙ୍କ ଅନୁମତି ନ ନେଇ ଏହି ଜମିକୁ କ୍ରୟ କରିଥିଲେ । ଫଳରେ ଜମି ଅଧିଗ୍ରହଣବେଳେ ସମ୍ପତି କ୍ରୟ କରିଥିବା ଉକ୍ତ ବ୍ୟକ୍ତିଙ୍କୁ ପ୍ରଥମ ଦଫାରେ ୬,୯୬,୦୯,୨୬୭ ଟଙ୍କା ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ଅବଗତ ହେବା ପରେ ଆବେଦନକାରିଣୀ ଓ ତାଙ୍କ ଅନ୍ୟ ଦୁଇ ଭଉଣୀ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ କର୍ତ୍ତୃପକ୍ଷ ଆବେଦନକାରୀଣିଙ୍କ ଅଭିଯୋଗକୁ ଗ୍ରହଣ ନ କରିବାରୁ ସେ ବାଧ୍ୟ ହୋଇ ହାଇକୋର୍ଟରେ ଆବେଦନ କରିଥିଲେ ।

## ବେଆଇନ ନିଶା କାରବାର ଉପରେ ଅବକାରୀ ବିଭାଗର କଡ଼ା ନଜର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂଆ ବର୍ଷ ପୂର୍ବରୁ ବେଆଇନ ନିଶା କାରବାର ଉପରେ ଅବକାରୀ ବିଭାଗର କଡ଼ା ନଜର । ଫୋକସରେ ଭାଙ୍ଗ ଓ ଗଞ୍ଜେଇ । ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ମଧ୍ୟ ପଦକ୍ଷେପ ନେବ ଅବକାରୀ ବିଭାଗ । ଏହି ସମୟରେ ଭାଙ୍ଗ ଓ ଗଞ୍ଜେଇ ଚାଷକୁ ନଷ୍ଟ କରିବା ପାଇଁ ଲକ୍ଷ୍ୟ ରଖିଛି ଅବକାରୀ ବିଭାଗ । ଜିଲ୍ଲାପାଳମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଏସଟିଏଫ ଓ ଅବକରୀ ବିଭାଗ ମିଳିତ ଭାବେ କରିବେ ଚଢ଼ାଉ । ଏଥିପାଇଁ ଜଏଣ୍ଟ୍ ଟିମ୍ ଗଠନ ହୋଇଛି । ସେହିପରି ଜିରୋ ନାଇଟ ସେଲିବ୍ରେଶନ ବେଳେ ବି ରହିବ କଡ଼ା ନଜର । ଯେଉଁଭଳି ଆଇନ ଉଲଂଘନ ନହୁଏ ଏବଂ ଅପରାଧିକ କାର୍ଯ୍ୟକଳାପ ନ ବଢେ, ସେଥିପାଇଁ ସ୍କ୍ୱାଡ଼ିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହାସହ ଯୁବ ଗୋଷ୍ଠୀଙ୍କୁ ଏ ଦିଗରେ ସଚେତନ କରାଯିବ ।

## ବୟନ ପାର୍କ ପ୍ରତିଷ୍ଠା ପାଇଁ ଅର୍ଥ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଦ୍ରକରେ ବୟନ ପାର୍କ ପ୍ରତିଷ୍ଠା ପାଇଁ ଅର୍ଥ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ସେ ଏଥି ପାଇଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ତଥା ଆନୁଷଙ୍ଗିକ ସହଯୋଗ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି । ଶ୍ରୀ ପ୍ରଧାନ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ଭଦ୍ରକରେ ବୟନ ପାର୍କ ପ୍ରତିଷ୍ଠା ପାଇଁ ଇଂଡିଆନ ଅଏଲ ୪,୩୮୨ କୋଟି ଟଙ୍କାର ଅର୍ଥ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ଏଥିପାଇଁ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନରେ ଓଡ଼ିଶା ଆଉ ଗୋଟିଏ ପାଦ ଆଗକୁ ବଢିଲା । ଇଣ୍ଡିଆନ ଅଏଲ ଓ ଏମସିପିଆଇ ପ୍ରାଇଭେଟ ଲିମିଟେଡର ମିଳିତ ସହଭାଗୀତାରେ ଏହି ବୟନ ପାର୍କ ପ୍ରତିଷ୍ଠା ହେବ । ବୟନ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଦୀର୍ଘ ଓ ସମୃଦ୍ଧ ଇତିହାସ ରହିଛି । ଏହି ପଦକ୍ଷେପ ଦ୍ୱାରା ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଭିତ୍ତିଭୂମି ସୁଦୃଢ ହେବ । ରାଜ୍ୟର ଅର୍ଥନୀତି ମଜଭୂତ୍ ହେବା ସହ ଯୁବକ ଯୁବତୀଙ୍କ ପାଇଁ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

DSPL - 266



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ଗୋପାଳକଙ୍କ ପାଇଁ
ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
ଆର୍ଥିକ ସହାୟତା
- ଗୋପାଳନ ଓ ମଇଁଷିପାଳନ ପାଇଁ ୬୦ ରୁ ୭୦ ପ୍ରତିଶତ ରିହାତି
- ଗାଈ ମଇଁଷିଙ୍କ ବୀମାକରଣ ପାଇଁ ୮୫ ପ୍ରତିଶତ ରିହାତି
- ଦୁଗ୍ଧ ଉତ୍ପାଦନ ଅଭାବୀ ସମୟରେ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପ୍ରତି ଅତିରିକ୍ତ ୫ ଟଙ୍କା ପର୍ଯ୍ୟନ୍ତ ସହାୟତା
- ଘାସଚାଷ ପାଇଁ ଏକର ପ୍ରତି ୩୫,୦୦୦ ଟଙ୍କାର ସହାୟତା ଏବଂ ୨ ଲକ୍ଷ ମିନିକିଟ୍ ବିନା ଦେୟରେ ବଣ୍ଟନ
- ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତିରେ ଦାନା ଯୋଗାଣ
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗୋପାଳନ ପାଇଁ ୧୫ ପ୍ରତିଶତ ଅତିରିକ୍ତ ରିହାତି


ଅଧିକ ସୂଚନା ପାଇଁ 8280919944 କିମ୍ବା ଦେୟମୁକ୍ତ ନମ୍ବର 155333 ରେ ଯୋଗାଯୋଗ କରନ୍ତୁ ।
ସହାୟତା ପାଇବାକୁ sugam.odisha.gov.in ରେ ଆବେଦନ କରନ୍ତୁ
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
fard.odisha.gov.in
Follow us farddepartment farddepartment farddepartment farddept
OIPR 06014/13/0022/2425

ଓଡ଼ିଶା ଭାସ୍କର
ଦୃଷ୍ଟିପାତ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ’ ସାଙ୍ଗେ କେହି ତ’ ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# ଆର୍ଥିକ ଠକେଇ : ବିଜୟ ମାଲ୍ୟାଙ୍କ ବିଜୟପଥ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

**ମୁଦ୍ରା କାହାଣୀ**

ଦୀର୍ଘ ତିନିଦଶନ୍ଧିରୁ ଅଧିକ ସମୟ ଧରି ଯେଉଁ କଥାଟି ଭାରତୀୟ ଅର୍ଥନୀତି, ରାଜନୀତି ଓ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ତାସଲ୍ୟ କରିଛି ତା’ ହେଉଛି ଦେଶର ମୁଷ୍ଟିମେୟ ବଡ଼ ବ୍ୟବସାୟୀ ବିନା ବାଧାରେ ସରକାରୀ ବ୍ୟାଙ୍କ୍‌ମାନଙ୍କରୁ ହଜାରହଜାର କୋଟି ଟଙ୍କା ଋଣ ନେଇ ତାକୁ ନସୁଝି ଆରାମରେ ବିଦେଶରେ ବିଳାସମୟ ଜୀବନ ଅତିବାହିତ କରୁଛନ୍ତି। ଏମାନଙ୍କ ମଧ୍ୟରେ ସର୍ବାଗ୍ରେ ଅଛନ୍ତି ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍ସୀ ଏବଂ ଲଳିତ ମୋଦି। ଏମିତି ଅନେକ ଆହୁରି ଅଛନ୍ତି ଯେଉଁମାନଙ୍କ ନାମ ବ୍ୟାଙ୍କ୍ ପ୍ରକାଶ କରୁନାହାନ୍ତି। ଗରିବ ଚାଷୀ ବା ସାଧାରଣ ଲୋକଟିଏ ବ୍ୟବସାୟ ଆରମ୍ଭ କରିବା ପାଇଁ ଛୋଟ ଋଣଟିଏ ପାଇଁ ବ୍ୟାଙ୍କ୍‌କୁ ଗଲେ କାଗଜପତ୍ର କାମ ପାଇଁ ଦୌଡ଼ୁଥାଏ। ଥରେ ଦୁଇଥର କିସ୍ତି ସୁଝି ନ ପାରିଲେ ବ୍ୟାଙ୍କ୍ ହଇରାଣ କରିବା ଆରମ୍ଭ କରନ୍ତି। ହେଲେ ହଜାରହଜାର କୋଟି ଟଙ୍କାର ଋଣ ଦେବା ବେଳେ ସେମାନେ ସବୁ ନିୟମକୁ ଆଖି ବୁଜିଦିଅନ୍ତି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଉପସ୍ଥାପନ କରିଥିବା ରିପୋର୍ଟ ଅନୁସାରେ ଅର୍ଥନୈତିକ ପଳାତକମାନଙ୍କ ଠାରୁ ୨୨୦୦୦ କୋଟି ଟଙ୍କା ଅସୁଲ ହୋଇଛି। ଏହା ସରକାରଙ୍କର ଏକ ବଡ଼ ଉପଲବ୍ଧି। ଏହି ୨୨୦୦୦ କୋଟି ଭିତରେ ଅଛି ବିଜୟ ମାଲ୍ୟାଙ୍କ ଠାରୁ ଅସୁଲ ହୋଇଥିବା ୧୪୧୩୧ କୋଟି ଟଙ୍କା। ଏହି ରିପୋର୍ଟ ଉପସ୍ଥାପନ ପରେ ମାଲ୍ୟା ତାଙ୍କୁ ପଳାତକ ଓ ଆର୍ଥିକ ଅପରାଧୀର ଅଭିଯୋଗରୁ ମୁକ୍ତ କରିବା ପାଇଁ ସାମାଜିକ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି। ସେ କହିବା କଥା ହେଲା ସେ ୬୨୦୦ କୋଟି ଟଙ୍କା ନେଇଥିଲେ, ବ୍ୟାଙ୍କ୍ ୧୪୧୩୧ କୋଟି ଟଙ୍କା, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ଟଙ୍କା ଆଦାୟ କଲେଣି। ଏଥିରେ ୧୨୦୦ କୋଟି ଟଙ୍କା ସୁଧ ଅନ୍ତର୍ଭୁକ୍ତ।

ଭାରତୀୟ ମଦ ବ୍ୟବସାୟୀ ଏବଂ ପୂର୍ବତନ ସାଂସଦ ବିଜୟ ମାଲ୍ୟ ନାମଟି ଶୁଣିଲେ ଜଣେ ଅତ୍ୟଧିକ ବିଳାସୀ, ମଦ୍ୟପ ଓ ଲମ୍ପଟ ବ୍ୟକ୍ତିର ଚିତ୍ର ଆଖି ସମ୍ମୁଖରେ ଉଭା ହୁଏ। ୟୁନାଇଟେଡ ବ୍ରିୱେରିଜ୍ ଏବଂ କିଙ୍ଗଫିସର୍ ବିମାନର ମାଲିକ ମାଲ୍ୟ ୨୦୦୮ ମସିହାର ହିସାବ ଅନୁସାରେ ୭୨ ବିଲିଅନ୍ ଟଙ୍କାର ସମ୍ପତ୍ତି ସହିତ ସେତେବେଳେ ବିଶ୍ୱର ୯୬୨ତମ ଏବଂ ଭାରତର ୪୨ତମ ଧନୀ ବ୍ୟକ୍ତି ଥିଲେ। ମଦ ବ୍ୟବସାୟ ବିଜୟଙ୍କର ପୈତୃକ କାରବାର। ପିତା ବିଠଳ ମାଲ୍ୟା ଓ ମାତା ଲଳିତା ରାମୟାଙ୍କ କୋଳରେ ବିଜୟ ୧୯୫୫ ମସିହାରେ ଜନ୍ମଗ୍ରହଣ କରିଥିଲେ। କର୍ଣ୍ଣାଟକର ବନ୍ତ୍ୱାଲ୍‌ର ଏକ ଧନୀ ପରିବାରରେ ଜନ୍ମ ନେଇଥିଲେ ବିଠଳ ମାଲ୍ୟା। ଶିକ୍ଷା ସମାପ୍ତି ପରେ ସେ ବ୍ୟବସାୟ କରିବା ପାଇଁ ଚାହିଁଲେ। ୧୯୧୫ ବେଳକୁ ଇଂରେଜମାନଙ୍କର ମଦର ଚାହିଦା ପୂରଣ ପାଇଁ ଅନେକ ଛୋଟଛୋଟ ମଦ କାରଖାନା ପ୍ରତିଷ୍ଠା ହୋଇଥିଲା। ୧୯୨୫ ମସିହାରେ ଥୋମାସ୍ ଲିସ୍‌ମାନ୍ ନାମକ ଜଣେ ଇଂରେଜ ସେ ସବୁକୁ ଏକାଠି କରି ୟୁନାଇଟେଡ୍ ବ୍ରିୱେରିଜ୍ ପ୍ରତିଷ୍ଠା କଲେ। ବିଠଳ ସେଥିରେ ଚାକିରୀ କଲେ ଏବଂ ତା’ର ଅଂଶଧନ କିଣିବାକୁ ଲାଗିଲେ। ବ୍ରିଟିଶ୍ ଭାରତ ଛାଡ଼ିଲା ବେଳକୁ ବିଠଳ କମ୍ପାନୀର ସବୁଠୁ ବଡ଼ ଅଂଶଧାରୀ ହୋଇଥିବାରୁ ତା’ର ନିର୍ଦ୍ଦେଶକ ହେଲେ।

ପିଲାଦିନରୁ ଅତି ଅୟସରେ ବଢ଼ିଥିବା ବିଜୟ ଆମେରିକାରେ ବ୍ୟବସାୟ ପରିଚାଳନା ଏବଂ ବ୍ୟବସାୟ ଆଇନ ପଢ଼ି ପିତାଙ୍କ ବ୍ୟବସାୟରେ ଯୋଗଦେଲେ। ବିଜୟ ମାଲ୍ୟା ୟୁବି ଗ୍ରୁପ୍‌ର ମାଲିକ ହେଲା ବେଳେ ଏହାର ମୂଲ୍ୟ ଥିଲା ୪୦ କୋଟି। ବ୍ୟବସାୟ ବଢେଇ ସେ ଏହାକୁ ୬୦୦୦ କୋଟିର କମ୍ପାନୀରେ ପରିଣତ କରିଦେଲେ। କିଙ୍ଗଫିସରର ବିଭିନ୍ନ ଜିନିଷ ଓ ପୁରସ୍କାର ଆରମ୍ଭ କରି ସେ ଏହାକୁ ଏକ ପ୍ରସିଦ୍ଧ ବ୍ରାଣ୍ଡରେ ପରିଣତ କଲେ। ତା’ ଭିତରେ ମଧ୍ୟ ସେ ଅନ୍ୟ କମ୍ପାନୀ ଅଧିଗ୍ରହଣ କରୁଥିଲେ। ସଫଳ ମଦ ବ୍ୟବସାୟ ପାଇଁ ସରକାରୀ ସାହାଯ୍ୟ ଅପରିହାର୍ଯ୍ୟ ଜାଣି ସେ ସବୁ ଦଳର ନେତାଙ୍କର ପାଖଲୋକ ହୋଇ ପାରିଥିଲେ। ସମସ୍ତ ଜାତୀୟ ଦଳର ନେତା ତାଙ୍କୁ ସାହାଯ୍ୟ କରୁଥିଲେ। ୨୦୦୨ ଏବଂ ୨୦୧୦ ମସିହାରେ ସେ ଦୁଇଥର ରାଜ୍ୟସଭା ସଦସ୍ୟ ହେଲେ। ତାଙ୍କର ବିଳାସମୟ ଜୀବନଶୈଳୀ ବିଶ୍ୱଚର୍ଚ୍ଚିତ।

ମଦ ବ୍ୟବସାୟ ପ୍ରତିଷ୍ଠିତ ହୋଇ ସାରିଥିବାରୁ ସେ ବିମାନ ସେବା ଆରମ୍ଭ କରିବାକୁ ଚାହିଁଥିଲେ। ତେଣୁ ଭାରତୀୟ କଳାକାର ଓ କ୍ରିକେଟ ଖେଳାଳୀଙ୍କୁ ନେଇ ସେ ବଡ଼ବଡ଼ ବିଜ୍ଞାପନ ଜରିଆରେ କିଙ୍ଗଫିସର୍‌ର ଜୋରଦାର ବିଜ୍ଞାପନ କରି ଏହାକୁ ବିଶ୍ୱରେ ପ୍ରସିଦ୍ଧ କରିବାରେ ସଫଳ ହେଲେ। ୟୁନାଇଟେଡ ବ୍ରିୱେରିଜ୍‌ର ଅଧ୍ୟକ୍ଷ ଥିବାବେଳେ କିଙ୍ଗଫିସର୍ ବିମାନ କମ୍ପାନୀ ପ୍ରତିଷ୍ଠା କଲେ। ତିରିଶ ଉଡ଼ାଜାହାଜ ଓ ୨୨ ଲକ୍ଷ୍ୟସ୍ଥଳ ସହିତ ଯାତ୍ରୀଙ୍କୁ ଉନ୍ନତମାନର ବିମାନସେବା ଆରମ୍ଭ ହେଲା। ଦେଶ ଭିତରେ ସଫଳତାକୁ ଦେଖି ସେ ଲଣ୍ଡନ ଓ ହଂକଂକୁ ସେବା ଆରମ୍ଭ କଲେ। ଯଦିଓ ଅନ୍ତର୍ଜାତୀୟ ବିମାନ ସେବା ପାଇଁ ଅତିକମ୍‌ରେ ପାଞ୍ଚବର୍ଷର ଘରୋଇ ଚଳାଚଳ ଆବଶ୍ୟକ ଥିଲା, ସେ ସେଥିପାଇଁ ଅପେକ୍ଷା କରିବାକୁ ପ୍ରସ୍ତୁତ ନଥିଲେ। ତେଣୁ ୨୦୦୮ ମସିହାରେ ସେ ଦକ୍ଷିଣର ବିମାନ ସଂସ୍ଥା ଏଆର୍ ଡେକାନକୁ କିଣିଲେ। ଏହି ବର୍ଷ ବିଶ୍ୱରେ ବଡ଼ ମାନ୍ଦାବସ୍ଥା ଦେଖାଦେଲା। ତା’ ସହିତ ଇନ୍ଧନ ତୈଳର ମୂଲ୍ୟ ମଧ୍ୟ ବଢିଲା। ସୌଖିନ ବିମାନସେବା ଚାଲୁ ରଖିବା ପାଇଁ ତାଙ୍କୁ ପ୍ରଚୁର ଅର୍ଥର ଆବଶ୍ୟକତା ଥିଲା। ଅର୍ଥ ବ୍ୟାଙ୍କ୍‌ରୁ ଆସୁଥିଲା।

ଗୋଟିଏ ପଟେ ବ୍ୟାଙ୍କରୁ ଋଣ ଆଣୁଥିଲେ ଏବଂ ସେପଟେ ଶହଶହ କୋଟି ଟଙ୍କା ଅୟସଆରାମ ପାଇଁ ଖର୍ଚ୍ଚ କରୁଥିଲେ। ସାଂସଦ ହେବା ପରେ ସେ ସଂସଦରେ କୌଣସି ଆଲୋଚନାରେ ଭାଗ ନେଉ ନ ଥିଲେ ସିନା ହେଲେ ତାଙ୍କୁ ଋଣ ମିଳିବା ସହଜ ହୋଇଥିଲା। ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ୍‌ରୁ ଋଣ ଆଣିବାରେ ବିଫଳ ହେବାରୁ ପରେ ସେ ରାଷ୍ଟ୍ରୀୟ ବ୍ୟାଙ୍କ୍‌ରୁ ଋଣ ଆଣିବାକୁ ଚାହିଁଲେ। ଋଣର ପରିମାଣ ଅଧିକ ଥିବାରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଅନ୍ୟ କେତେକ ବ୍ୟାଙ୍କ୍ ସହିତ ମିଶି ଗୋଟିଏ ଗୋଷ୍ଠୀ ତିଆରି କଲେ। ବିଭିନ୍ନ ସମୟରେ ଏହି ଗୋଷ୍ଠୀ ବା କନ୍‌ସୋର୍ଟିଅମ୍ ପ୍ରାୟ ୭୦୦୦ କୋଟି ଟଙ୍କାରୁ ଅଧିକ ଋଣ ତାଙ୍କୁ ଦେଇଥିଲେ। ସେ ଘରୋଇ ବ୍ୟାଙ୍କ୍‌ରୁ ମଧ୍ୟ ଋଣ ନେଇଥିଲେ। କିନ୍ତୁ ଘରୋଇ ବ୍ୟାଙ୍କ୍ ତାଙ୍କର ଅଂଶଧନ ବନ୍ଧକ ରଖି ଟଙ୍କା ଦେଇଥିଲେ। ହେଲେ ସରକାରୀ ବ୍ୟାଙ୍କ୍ ହଜାର ହଜାର କୋଟି ଟଙ୍କା ବିନା ବନ୍ଧକରେ ଦେଇଥିଲେ।

ବିମାନ ସେବା ଆରମ୍ଭ ହେବ ଦିନରୁ କମ୍ପାନୀର କେବଳ କ୍ଷତି ହେଉଥିଲା। ତଥାପି ସେ ଋଣ ଆଣିବାକୁ ସଫଳ ହେଉଥିଲେ ଏବଂ ନୂଆ ବିମାନ କିଣୁଥିଲେ। ଧୀରେଧୀରେ ବିମାନ କମ୍ପାନୀର ଆର୍ଥିକ ଅବସ୍ଥା ଖରାପ ହେଲା। ଇନ୍ଧନ ତୈଳର ମୂଲ୍ୟ ନ ଦେବାରୁ ଅନେକ ତୈଳ କମ୍ପାନୀ ତାଙ୍କୁ ତେଲ ଦେଉ ନଥିଲେ, ବିମାନବନ୍ଦରର ଦେୟ ପୈଠ ନକରିବା ଯୋଗୁ ସେମାନେ ଅଗ୍ରୀମ ଦେଲେ ସେବା ଦେବେ ବୋଲି କହିଲେ। ଋଣକିସ୍ତି ଦେବା ମଧ୍ୟ ବନ୍ଦ କରି ଦେଇଥିଲେ। ବିମାନରେ ଖାଦ୍ୟ ଯୋଗାଣ ସଂସ୍ଥାକୁ ପ୍ରାପ୍ୟ ଦେଉ ନଥିଲେ। ଅନେକ ସେବାଯୋଗାଣ ସଂସ୍ଥାକୁ ସେ ବାଉନ୍ସଡ୍ ଚେକ୍ ଦେବାରୁ ସେମାନେ ତାଙ୍କ ନାମରେ ମକଦ୍ଦମା ରୁଜୁ କଲେ। କର୍ମଚାରୀଙ୍କ ଦରମା ଅନେକ ସମୟ ଧରି ବନ୍ଦ କରୁଥିଲେ। କିନ୍ତୁ ପ୍ରତିମାସରେ ନିଜର ୩୩ କୋଟିର ଦରମା ସେ ଠିକ୍ ସମୟରେ ନେଉଥିଲେ।

ମାଲ୍ୟାଙ୍କ ମୁଣ୍ଡରେ ଠକାମୀର ସମସ୍ତ ପ୍ରକାରର ବୁଦ୍ଧି ଥିଲା। ସହଜରେ ସରକାର ଓ ବ୍ୟାଙ୍କ୍ ଆଖିରେ ଧୂଳି ଦେବା ପାଇଁ ପି.ଆର୍. ଏବଂ ଅଡିଟକୁ ଧରି କମ୍ପାନୀର ମୂଲ୍ୟ କେତେ ଗୁଣ ବଢ଼େଇ ଦେଇ ଋଣ ଆଣୁଥିଲେ। ସେପଟେ ଲୋକଙ୍କୁ ଦରମା ଦେଉ ନଥିଲେ ସିନା ହେଲେ ନିଜର ଜନ୍ମଦିନ ଦେଶବିଦେଶରୁ ସିନେ ତାରକା, କ୍ରିକେଟ୍ ଖେଳାଳୀ ଏବଂ ଗାୟକମାନଙ୍କ ଭିତରେ ବଡ଼ବଡ଼ ହୋଟେଲ୍‌ରେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଏକାଧିକ ଦିନ ପାଳୁଥିଲେ। ପ୍ରାଇଭେଟ୍ ଜେଟ୍‌ରେ ଗଲାବେଳେ ସେ କୋଟିକୋଟି ଟଙ୍କାର ଏକାଧିକ କୁକୁର ସାଙ୍ଗରେ ନେଉଥିଲେ। ତାଙ୍କର ୨୦ ମର୍ସିଡିଜ୍ କାର୍ ଥିଲା। ଏହାଛଡା ସେ ଅନେକ ନିଲାମରୁ ଦାମୀଜିନିଷ କିଣୁଥିଲେ, ଋଣ ଶୁଝୁ ନଥିଲେ କିନ୍ତୁ ଫ୍ରାନ୍ସରେ ବିଲିଅନ୍ ଟଙ୍କାର ଘର କିଣୁଥିଲେ। ଭାରତରୁ ଋଣ ନେଇ ବିଦେଶରେ ନିଜ କମ୍ପାନୀର ମିଛ ଶାଖା ଖୋଲି ସେଥିରେ ନିବେଶ କରିବା ଦେଖାଉଥିଲେ। ପ୍ରକୃତରେ ସେ ବିଦେଶରେ ଜମି ଓ ଜାଗା କିଣୁଥିଲେ। କୁହାଯାଏ ଡ. ମନମୋହନ ସିଂହ ଏବଂ ପି ଚିଦାମ୍ବରମ୍ ତାଙ୍କୁ ଋଣ ମିଳିବାରେ ସାହାଯ୍ୟ କରିଥିଲେ।

୨୦୧୨ ମସିହାରେ କିଙ୍ଗଫିସର୍ ବିମାନସେବାର ଲାଇସେନ୍ସ୍ ରଦ୍ଦ କରାଗଲା, ଏହାର ସବୁ ବ୍ୟାଙ୍କ୍ ଖାତା ବନ୍ଦ କରାଗଲା। ଏସବୁ ପରେ ବି ମାଲ୍ୟା ତାଙ୍କ ରଙ୍ଗୀନ ଜୀବନରେ ଆରାମରେ ଥିଲେ। ଏହାପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତାଙ୍କୁ ବିଦେଶ ନଯିବା ପାଇଁ ୨୦୧୫ ମସିହା ଅକ୍ଟୋବର ମାସରେ ଲୁକ୍ ଆଉଟ୍ ନୋଟିସ୍ ଜାରି କଲେ। ସେ ନୋଟିସ୍‌ର ଲେଖାରେ ପରିବର୍ତ୍ତନ କରିଦେଲେ। ୨୦୧୬ ମସିହା ମାର୍ଚ୍ଚ ମାସରରେ ବ୍ୟାଙ୍କ୍ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କଲେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ପାସ୍‌ପୋର୍ଟ ଜବତ ମାମଲାର ଶୁଣାଣି ୨୦୧୬ ମସିହା ଏପ୍ରିଲ ମାସ ତିନି ତାରିଖକୁ ସ୍ଥିର କଲେ। ଏପ୍ରିଲ ମାସ ୧ ତାରିଖରେ ମାଲ୍ୟ ସଂସଦକୁ ଯାଇଥିଲେ। ଏପ୍ରିଲ ମାସ ୨ ତାରିଖରେ ସେ ଦିଲ୍ଲୀରୁ ଲଣ୍ଡନ ପଳେଇବାକୁ ସଫଳ ହେଲେ। ସେଠାରେ ପହଞ୍ଚି ସେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସହାୟତାରେ ଲଣ୍ଡନ ଯାଇଛନ୍ତି ବୋଲି କହିଲେ।

୨୦୧୧ ମସିହାରେ ସଂସଦରେ କଥା ଉଠିଲା ଯେ କିଙ୍ଗଫିସର ବିମାନ କମ୍ପାନୀ କର ଦେଉନି। ସେତେବେଳକୁ କର ୧୫୦ କୋଟି ଟଙ୍କାରେ ପହଞ୍ଚିଥିଲା। ବ୍ୟାଙ୍କ୍ ଦେଇଥିବା ଋଣକୁ ଅନାଦେୟ ଋଣ ଭାବରେ ଘୋଷଣା କଲେ। ସାଧାରଣଲୋକଙ୍କ ଟଙ୍କା ଜଣକୁ ଦାନ କରାଗଲା। ବିଜୟ ମାଲ୍ୟାଙ୍କ ପରି ଅନ୍ୟ ବଡ଼ ବେପାରୀ ହଜାରହଜାର କୋଟି ଟଙ୍କା ଲୁଟି ଇଚ୍ଛାକୃତ ଭାବରେ ନଶୁଝିବା ଲାଞ୍ଚୁଆ ଓ ଶଠ ବ୍ୟାଙ୍କ୍ କର୍ମଚାରୀଙ୍କ ସହଯୋଗ ବିନା ସମ୍ଭବ ନୁହେଁ। ସେତିକି ନୁହେଁ। ଯେତେବେଳେ ଅଂଶଧନ ମୂଲ୍ୟ ୩୮ ଟଙ୍କା ଥିଲା ଏବଂ ତାହାକୁ କେହି କେହି କିଣୁ ନଥିଲେ, ସେତେବେଳେ ବ୍ୟାଙ୍କ୍‌ମାନେ ତାକୁ ଷାଠିଏ ଟଙ୍କାରେ କିଣିଥିଲେ। ତେଣୁ ବିଜୟ ମାଲ୍ୟା ଯେତେ ଦୋଷୀ ନୁହନ୍ତି ତା’ ଠାରୁ ଅଧିକ ଦୋଷୀ ନେତା ଏବଂ ସରକାରୀ ଓ ବ୍ୟାଙ୍କ୍ ଅଧିକାରୀ।

# ପଲ୍ଲୀକବି ନନ୍ଦ କିଶୋର



ଦାଶରଥୀ ଶତପଥୀ
ସଚିବ, ଓଡ଼ିଶା ବିଧାନସଭା
ମୋ: ୯୪୩୮୦୮୧୭୧୩

ଆଧୁନିକ ଓଡ଼ିଆ ସାହିତ୍ୟର ଅଦ୍ୟଭାଗରେ ଯେଉଁ କେତେଜଣ କବି, ସାହିତ୍ୟିକ, ପ୍ରାବନ୍ଧିକ, ସାଂପ୍ରତିକ ସ୍ଥିତି ଓ ସମାଜ ବ୍ୟବସ୍ଥାର ପଲ୍ଲୀ ପ୍ରକୃତିକୁ ଚିତ୍ରଣ କରିବାରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଥିଲେ ସେଥିରେ ସର୍ବାଗ୍ରେ ଆସିବେ ପଲ୍ଲୀ ସହିତ ତଲ୍ଲିନ ହୋଇଥିବା କବି ନନ୍ଦ କିଶୋର ବଳ। ଆଜି ତାଙ୍କ ପବିତ୍ର ୧୪୯ତମ ଜନ୍ମ ବାର୍ଷିକୀରେ, ଏହି କାଳଜୟୀ କବି ଚେତନାର ବାହକ ଓ ବାର୍ତ୍ତାକୁ ମନେରଖିବା ପାଇଁ ଆମମାନଙ୍କର ଏହି ଛୋଟିଆ ଆଲେଖ୍ୟ। ପଲ୍ଲିପ୍ରାଣର ମାଦକତାର କବି ନନ୍ଦକିଶୋର, ଗ୍ରାମ ଜୀବନର ସରଳ ଭାଷାକୁ କବିତା ମାଧ୍ୟମରେ ପ୍ରକାଶ କରି ଯାହାକୁ ଜଣେ ସାଧାରଣ ପାଠକ ମନେ ରଖିପାରିବ ସେହି ମାନ ମହକର କବି ନନ୍ଦକିଶୋର।

୧୮୭୫ ମସିହା ୨୨ ଡିସେମ୍ବରରେ ଜନ୍ମଗ୍ରହଣ କରିଥିଲେ ଓ ୦୧ ଜୁଲାଇ ୧୯୨୮ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା। ଏହି ସମୟ ମଧ୍ୟରେ ସେ ଓଡ଼ିଆ ସାହିତ୍ୟ ଜଗତକୁ କରିଛନ୍ତି ଋଦ୍ଧିମନ୍ତ ଓ ପଲ୍ଲୀ ଜୀବନର ନିପଟ କଥାକୁ ତାଙ୍କ କଲମ ମୂନରେ ଫୁଟାଇଛନ୍ତି ଅତି ସୁନ୍ଦର ଓ ଚମତ୍କାର ଭାବରେ। ଛାତ୍ରାବସ୍ଥାରୁ ସେ ଥିଲେ ଅତି ମେଧାବୀ। କଟକ ସହରର ଭିକ୍ଟୋରିଆ ଟାଉନ ସ୍କୁଲର ଛାତ୍ର ଏବଂ ସେତେବେଳର ରେଭେନ୍ସା କଲେଜ ବର୍ତ୍ତମାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର। ରେଭେନ୍ସାରେ ପଢୁଥିବା ସମୟରେ ସେ ତାଙ୍କର ପ୍ରଥମ କବିତା ‘ପୁଷ୍ପ’ଲେଖିଥିଲେ ଏବଂ ୧୯୦୦ ମସିହାରେ ରଚନା କରିଥିଲେ ପଲ୍ଲୀଚିତ୍ର। ପରେ ସେ ଶିକ୍ଷକତାକୁ ବୃତ୍ତି ରୂପେ ଗ୍ରହଣ କରିଥିଲେ ଏବଂ ତା’ପରେ ପରେ ପ୍ରଧାନଶିକ୍ଷକ ଏବଂ ପରେ ସବଇନ୍ସପେକ୍ଟର ଭାବରେ ଯୋଗ ଦେଇଥିଲେ। ଅତଏବ ଅନେକ କୃତିଛାତ୍ର ସୃଷ୍ଟି କରି ଭବିଷ୍ୟତର ଉଜ୍ଜ୍ୱଳ ତାରକା ସୃଷ୍ଟି କରିଥିଲେ। କିନ୍ତୁ ତାଙ୍କୁ ଏହି ବୃତ୍ତି ସବୁଦିନ ପାଇଁ ବାନ୍ଧି ରଖିପାରି ନଥିଲା ଏବଂ ଗାଁ ମାଟିର ଡାକ ତାଙ୍କୁ ସାହିତ୍ୟ ସାଧନାକୁ ଆଗେଇ ନେବା ପାଇଁ ତାଙ୍କ ମନକୁ ଆନ୍ଦୋଳିତ କରିଥିଲା, ସେଥିପାଇଁ ସେ ଗାଁ ମାଟିକୁ ଫେରି ଆସିଥିଲେ।



ଗ୍ରାମ୍ୟ ସଂସ୍କୃତି, ଗ୍ରାମ୍ୟ ଚଳନୀ, ଗ୍ରାମ୍ୟ ପରିବେଶ ଏବଂ ବିଶେଷ କରି ଗାଁର ଚର୍ତୁପାର୍ଶ୍ୱର ପରିବେଶକୁ ଲକ୍ଷ୍ୟ କରି ଅନେକ କବିତାର ସମ୍ଭାର ସୃଷ୍ଟି କରିଥିଲେ ଏବଂ ଯାହା ମଧ୍ୟ କାଳଜୟୀ। ସେହି ଲେଖାମଧ୍ୟରୁ ନିର୍ଝରଣୀ, “ପଲ୍ଲୀଚିତ୍ର, ବସନ୍ତ କୋଇଲି, ନିର୍ମାଲ୍ୟ, ତରଙ୍ଗିନୀ, ପ୍ରଭାତ ସଙ୍ଗୀତ, ସନ୍ଧ୍ୟା ସଙ୍ଗୀତ, କୃଷ୍ଣକୁମାରୀ, ଶର୍ମିଷ୍ଠା, କନକଲତା”(ଉପନ୍ୟାସ) ଅନ୍ୟତମ। ପଲ୍ଲୀରେ ତଲ୍ଲୀନ ହେଲେ ମଧ୍ୟ ତାଙ୍କର ଓଡ଼ିଆ ଶିଶୁ ସାହିତ୍ୟକୁ ଅତୁଳନୀୟ ଦାନ ରହିଛି। ସେହିସବୁ ମଧ୍ୟରୁ ନାନାବାୟା ଗୀତ, ଧୋରେ ବାୟା ଧୋ, ନିଦମାଉସୀ, ବେଙ୍ଗୁଲୀନାନୀ, ଗଛ ଓ କାଠୁରିଆ, ବାଇଆ ଚଢେଇ ଅନ୍ୟତମ। ସେହି ଶିଶୁ କବିତା ମଧ୍ୟରେ ଦେଇଥିଲେ ପରିବେଶର ବାର୍ତ୍ତା ଏବଂ ବୃକ୍ଷର ଉପକାରିତା। ସମସ୍ତ କବିତା ଥିଲା ମନେରଖିବା ଭଳି। ସରଳ, ସହଜ, ସାବଲୀଳ ଏବଂ ଢଗଢମାଳି, ଗାଁର ରୀତିନୀତି, ଚାଲିଚଳନୀ ଓ ଉତ୍କଳୀୟ ପଲ୍ଲି ପ୍ରକୃତିର ନିଛକ ଦୃଶ୍ୟ ସହ ପର୍ବପର୍ବାଣୀ ଅନ୍ୟତମ। ପଲ୍ଲୀ କବିତା ବ୍ୟତିରେକେ ସେ ମଧ୍ୟ ଲେଖିଛନ୍ତି କାବ୍ୟ, ଶିଶୁ କବିତା, ଜାତୀୟତାବାଦୀ କବିତା, ଦାର୍ଶନିକ ତତ୍ତ୍ୱ ସମ୍ବଳିତ ପ୍ରବନ୍ଧ ତାଙ୍କ କଲମରେ ଫୁଟି ଉଠିଛି ଉପନ୍ୟାସ କନକଲତା ଯାହାକି ଏବେ ଜୀବନ୍ତ କାଳଜୟୀ ଉପନ୍ୟାସ। ଲକ୍ଷ୍ମୀ ନାମକ ଗଳ୍ପ ସହିତ ଅନେକ ପ୍ରବନ୍ଧ ଓ ସମାଲୋଚନା ତାଙ୍କ କଲମ ମୂନରେ ସମାଜକୁ ସଚେତନତାର ବାର୍ତ୍ତା ପ୍ରେରଣ କରିଛି। କବି ନନ୍ଦ କିଶୋରଙ୍କ ଓଡ଼ିଆ ସାହିତ୍ୟକୁ ପ୍ରଥମ ଅର୍ଘ୍ୟ ଉତ୍କଳ ପଲ୍ଲୀଚିତ୍ର ଏଥିରେ ଆଠଗୋଟି କବିତା ସ୍ଥାନ ପାଇଛି। ସେହି କବିତାଗୁଡିକ ହେଲା ପଲ୍ଲିବାସୀ, ଗ୍ରାମଖଳା, ଗ୍ରାମଚାଟଶାଳୀ, ଗ୍ରାମତୋଟା, ଗ୍ରାମ ଦେବତା, ଗ୍ରାମମହାଦେବ, ଗ୍ରାମ ଶ୍ମଶାନ, ଗ୍ରାମହାଟ। ନିର୍ଝରଣୀ କବିଙ୍କ ଦ୍ୱିତୀୟ ସଂକଳନ। କବିଙ୍କର ସମସ୍ତ କବିତାଗୁଡିକ ମନମଧ୍ୟରେ ବାନ୍ଧି ରଖିବା ଭଳି। ନବବର୍ଷ ଭାବନାରେ କବି ଲେଖିଛନ୍ତି:-

“ମେଘ ବରଷିଲା ଟପର ଟପର,
କେଶର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା,
ତେଲିଙ୍ଗି ବାଇଦ ବଜା”।

ଆମ ସମୟରେ ପଢୁଥିବା କବିତା ଢ଼ାଆଁଣିଆ ଖରା କବିତାର କବି ଯେଉଁ ଭାବକୁ ଏତେ ସୁନ୍ଦର ଓ ସାବଲୀଳ ଭାବରେ ବର୍ଣ୍ଣନା କରିଛନ୍ତି ତାହା ଏବେ ବି ମନରେ ରହିଅଛି।

“ଢାଆଁଣିଆ ଖରା ପଡିଛି ବେଳ ଯାଉଛି ବୁଡ଼ି
କି ସୁନ୍ଦର ପାରା ଯୋଡିଏ ଯାଉଅଛନ୍ତି ଉଡି
ଆସ ଆସ ପାରା ଯୋଡିକ ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମକୁ ମୁହିଁ ନଡିଆ ରସ
ପିଇବାକୁ ଦେବି ତୁମକୁ ପଦ୍ମପୋଖରୀ ପାଣି
ଶୋଇବାକୁ ଦେବି ଖଟୁଲି ମାଳି ଘରୁ ମୁଁ ଆଣି”।

କଲମ ମୂନରେ ଉତ୍କଳୀୟ ପଲ୍ଲୀ ପ୍ରକୃତିକୁ ସୁଶୋଭିତ କରିଥିବା ପଲ୍ଲୀକବି ନନ୍ଦ କିଶୋର ବଳ ଯେତିକି ଚିର ସ୍ମରଣୀୟ, ତାଙ୍କର ସାହିତ୍ୟ କୃତି ପାଇଁ ସେ ଓଡ଼ିଆ ଭାଷା ସାହିତ୍ୟରେ ଏକ ଅମ୍ଳାନ ପ୍ରତିଭା ହୋଇ ରହିଛନ୍ତି ଓ ଏହି ଚିର ନମସ୍ୟ ମହାପୁରୁଷଙ୍କର ଜୟନ୍ତୀ ଉତ୍ସବ ତା. ୨୨.୧୨.୨୦୨୪ରେ ପାଳନ କରିବା ପରିପ୍ରେକ୍ଷୀରେ ତାଙ୍କର ଜୀବନ ଦର୍ଶନକୁ ଅନୁସରଣ କରିବା ଉଚିତ୍ ।

# ସାରସ୍ୱତ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ



ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, ତୁଳସୀପୁର କଟକ
ମୋ: ୯୪୩୭୬୬୬୪୫୩

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ। ସେ ଏକଧାରରେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ। ସମାଲୋଚନା, ରମ୍ୟ ରଚନା, ଶିଶୁ ସାହିତ୍ୟ, କବିତା, ଅନୁବାଦ, ଆଧ୍ୟାତ୍ମିକ ରଚନା ଓ ସଂପାଦନ କ୍ଷେତ୍ରରେ ମଧ୍ୟ ତାଙ୍କର ଶକ୍ତିଶାଳୀ ଉପସ୍ଥିତି ସ୍ପଷ୍ଟ ଅନୁଭବ କରାଯାଏ। ତାଙ୍କ ଗଳ୍ପର ଭାଷା ଚିତ୍ରମୟ, ବର୍ଣ୍ଣମୟ ଓ ମନନଧର୍ମୀ। ତାଙ୍କ ଗଳ୍ପଗୁଡ଼ିକର କଥାବସ୍ତୁର ବ୍ୟାପକତା ଦେଖିଲେ, ବିସ୍ମିତ ହେବାକୁ ହୁଏ। ସେ ବାସ୍ତବବାଦୀ ସାହିତ୍ୟିକ। ତାଙ୍କ ନିଜ ଭାଷାରେ ‘ମୋର ବିଶ୍ୱାସ, ମୁଁ ମୋର ଜୀବନରେ ଯାହା କିଛି ଲେଖେଁ କିଛି ମିଛ ଲେଖେନାହିଁ। ମୋ ମନରୁ ଗୋଟେ କିଛି ଫାନ୍ଦିକରି ଲେଖେନାହିଁ। ଜଗତ୍‌ରେ ଯାହାଘଟେ, ତାହା ମୁଁ ନିଜେ ଅନୁଭବ ନକରି ଲେଖେନାହିଁ। ଆଉ ମଧ୍ୟ ଆମର ଏ ଜଗତରେ ଯାହା କିଛି ଘଟିବା ଉଚିତ୍ ବୋଲି ମୁଁ ମନେକର, ତାହା ବି ମୁଁ ନିଜେ ମୋ ଜୀବନରେ ପ୍ରଥମେ ପ୍ରୟୋଗ ନକରି ଲେଖେନାହିଁ। ମୁଁ ମୋ ଜୀବନରେ ଅନେକ ମିଛ କଥା ପାଟିରେ କହିଛି। କିନ୍ତୁ ଗୋଟିଏ ହେଲେ ବି ମିଛ ଶବ୍ଦ ମୋ ଲେଖନୀରୁ ବାହାରିନାହିଁ।’ ମହାପାତ୍ର ନୀଳମଣି ଲେଖୁଥିଲେ ଓଡ଼ିଆ ଭାଷାଭାଷୀଙ୍କ ପାଇଁ। ନିଜ ଲେଖାଗୁଡ଼ିକର ହିନ୍ଦୀ ବା ଇଂରେଜୀ ଅନୁବାଦ ପାଇଁ ତାଙ୍କର ଆଗ୍ରହ ନଥିଲା।

କେବଳ ଓଡ଼ିଆ ପାଠକ ପାଠିକାଙ୍କର ଅଭିମତ ଶୁଣିବା ଲାଗି ସେ ସର୍ବଦା ବ୍ୟଗ୍ର ଥିଲେ। ସେ ସମାଜ ସଚେତନ ଲେଖକ। ସତ୍ୟ ପଛରେ ଧାଇଁଲା ବେଳେ ସେ ଦାର୍ଶନିକ ଓ ଯୋଗୀ। ଶିବ ବା ମଙ୍ଗଳ ପଛରେ ଧାଇଁଲା ବେଳେ ସେ କର୍ମୀ। ସୁନ୍ଦର ପଛରେ ଧାଇଁଲା ବେଳେ ପ୍ରେମୀ ଏବଂ ମହତ୍ ପଛରେ ଧାଇଁଲା ବେଳେ ଭକ୍ତ। ତାଙ୍କ ରଚନାରେ ମିଳେ ଜ୍ଞାନ, କର୍ମ, ପ୍ରେମ ଓ ଭକ୍ତିର ଉପାଦାନ ଏବଂ ସେଥି ଲାଗି ପ୍ରେରଣା। ୧୯୮୧ରେ ଆକାଶ ପାତାଳ ପାଇଁ ସେ ଲାଭ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ୧୯୮୪ରେ ଅଭିଶପ୍ତ ଗନ୍ଧର୍ବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ୧୯୬୫-୧୯୬୯ ଝଙ୍କାର ପତ୍ରିକାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପନା ଥିଲା ତାଙ୍କର ବୃତ୍ତି। ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ୧୯୮୪ରେ ବିଜେପିରୁ ଉପାଧ୍ୟକ୍ଷ ଭାବେ ଅବସର ନେଇଥିଲେ। ଧରା ଓ ଧାରା, ତାମସୀ ରାଧା, ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ, ସୁମିତ୍ରାର ହସ, ଆମେ ଓଡ଼ିଆ, ଯାଆ ନିଶା ସର୍ବଭୂତେଷୁ ଆଦି ତାଙ୍କର ଶ୍ରେଷ୍ଠ କୃତି ତାଲିକା ଅନ୍ତର୍ଭୁକ୍ତ। ୧୯୨୬ ଡିସେମ୍ବର ଆଜିର ଦିନରେ ନିଆଳିରେ ସେ ଜନ୍ମ ହୋଇଥିଲେ।


# ଈଶ୍ୱରୀୟ ଭାବନା

ଅତନୁ କୁମାର ଜେନା
ଦେହୁଁଡ଼ା, ଭୋଗରାଇ, ବାଲେଶ୍ୱର
ମୋ: ୯୪୩୮୩୬୯୫୯୯

ଜଗତର ସ୍ରଷ୍ଟା ଈଶ୍ୱର। ସେ ଉପରେ ରହନ୍ତି। ତାଙ୍କୁ ଭକ୍ତି କରିବାକୁ ହୁଏ। ଭୟ ମଧ୍ୟ କରିବାକୁ ହୁଏ, କାରଣ ସେ ସର୍ବଶକ୍ତିମାନ ଓ ସର୍ବ କ୍ଷମତା ସମ୍ପନ୍ନ। ଏହିପରି ଏକ ଧାରଣା ଆମ ସମସ୍ତଙ୍କ ଉପରେ ନିହିତ। ଈଶ୍ୱରଙ୍କ ସମ୍ବନ୍ଧରେ କୌଣସି ସୁସ୍ପଷ୍ଟ ଧାରଣା ବା ଉଦାହରଣ ଆମ୍ଭମାନଙ୍କ ସମ୍ମୁଖରେ ନାହିଁ। ପୁଣି ଭଗବାନ କୃଷ୍ଣ, ଭଗବାନ ରାମ ସର୍ବଶକ୍ତିମାନ କୁହାଯାଏ, ଈଶ୍ୱରଙ୍କ ସହିତ ଏମାନଙ୍କ କ’ଣ ସମ୍ପର୍କ ? ପୁଣି କେହି କେହି ଈଶ୍ୱର ଓ ଭଗବାନଙ୍କୁ ଏକ ବୋଲି କୁହନ୍ତି। ଯିଏ ଭଗବାନ ସେ ହିଁ ଈଶ୍ୱର। ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ ଏହି ଛଅଟି ଗୁଣର ଅଧିକାରୀ ଯିଏ ଯିଏ ନିତ୍ୟ ଭଗବାନ ଅର୍ଥାତ୍ ସେବା ପରାୟଣ ତାଙ୍କୁ ହିଁ ଭଗବାନ କୁହାଯାଏ। ତେଣୁ ଭଗବାନ ବହୁତ ହୋଇପାରନ୍ତି - ଯେପରି ଭଗବାନ ବ୍ୟାସ, ଭଗବାନ ବଶିଷ୍ଠ, ଭଗବାନ ମନୁ ଇତ୍ୟାଦି। କିନ୍ତୁ ଈଶ୍ୱର ଏକ, ଅଦ୍ୱିତୀୟ ଓ ଅନନ୍ତ। ସାଧନା ମାଧ୍ୟମରେ ଭଗବତ୍ତା ଲାଭ ହୁଏ, କିନ୍ତୁ ଈଶ୍ୱର ଇଚ୍ଛାମୟ। ଈଶ୍ୱର ସ୍ୱେଚ୍ଛାରେ ନରବପୁ ଧାରଣ କରି ପୃଥିବୀରେ ଅବତରଣ କରନ୍ତି। ଭଗବତ୍ତା ଈଶ୍ୱରଙ୍କ ଠାରେ ସହଜ ଓ ସ୍ୱାଭାବିକ। ପରମପୁରୁଷ ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଆଶ୍ରୟ କରି ଜଣାପଡ଼ିଲା ଜ୍ଞାନ, ବିଜ୍ଞାନ, ଭକ୍ତି, ବିଶ୍ୱାସ, ଚୈତନ୍ୟ, ବିବର୍ତ୍ତନ, ଶିକ୍ଷା, ଦୀକ୍ଷା, ଜୀବନ, ସମାଜ, ରାଷ୍ଟ୍ର, ମନୁଷ୍ୟତ୍ୱ, ପ୍ରେମ, ନିରାପତ୍ତାବୋଧ, ଶିଷ୍ଟତା, ଲୋକ କଲ୍ୟାଣ ପ୍ରଭୃତିର ପ୍ରକୃତ ଅର୍ଥ ଓ ପରିଚୟ। ପ୍ରତିଟି ବିଷୟ ନୀତିଗତ ଓ ବାସ୍ତବ ଭାବରେ ଛାନ୍ଦିକ ବିନ୍ୟାସ ସହକାରେ ମଙ୍ଗଳ ତାତ୍ପର୍ଯ୍ୟରେ ସାମଗ୍ରିକତା ସହକାରେ ତାଙ୍କ ଜୀବନରେ ଓ ଚରିତ୍ରରେ ମୂର୍ତ୍ତ ଥିଲା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପରି ସଦ୍‌ଗୁରୁ ଲାଭ ମହା ଭାଗ୍ୟର କଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଶିକ୍ଷା ଦେଲେ ଈଶ୍ୱର ଆକାଶରେ ବା କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନାହାନ୍ତି। ଈଶ୍ୱର ସବୁ କିଛିର ଉତ୍ସ, ସର୍ବବ୍ୟାପୀ, ସେ ବୋଧ-ସ୍ୱରୂପ, ଜ୍ଞାନ ସ୍ୱରୂପ, ଅନନ୍ତ ହୋଇ ମଧ୍ୟ ଏକ, ଖଣ୍ଡିତ ହୋଇ ମଧ୍ୟ ଅଖଣ୍ଡ, ପରିମାପିତ ହୋଇ ମଧ୍ୟ ଅପରିମେୟ, ସେ ପରମ କାରୁଣିକ, ସର୍ବେଶ୍ୱର ଅଥଚ ସମସ୍ତ କାରଣର କାରଣ ଓ ଜୀବନ ଉତ୍ସ।

ଈଶ୍ୱରଙ୍କ ଶବ୍ଦର ମୂଳରେ ଅଛି ଈଶ୍ ଧାତୁ ଯାହାର ଅର୍ଥ ହେଉଛି ପ୍ରଭୁତ୍ୱ ଓ ଆଧିପତ୍ୟ। ଈଶ୍ୱର ସମସ୍ତଙ୍କର ପ୍ରଭୁ ଓ ଅଧିପତି। ପ୍ରଭୁ ଶବ୍ଦରେ ଅଛି ପ୍ର ଓ ଭୁ ଯାହାର ଅର୍ଥ ପ୍ରକୃଷ୍ଟ ରୂପେ ହେବା। ପ୍ରଭୁ ପ୍ରକୃଷ୍ଟ ରୂପରେ ସବୁ କିଛି ହୋଇ ଉଠିଛନ୍ତି। ପୃଥିବୀର ସବୁକିଛି ଈଶ୍ୱରଙ୍କ ଠାରୁ ଜାତ। ବିବର୍ତ୍ତନର ବହୁ ପାହାଚ ଅତିକ୍ରମ କରି ବର୍ତ୍ତମାନ ଏହି ଅବସ୍ଥାରେ ପହଞ୍ଚିଛି। ଏକ ଐଶ୍ୱରୀୟ ଶକ୍ତି ନାନା ଭାବରେ ବିକଶିତ ହୋଇ ଉଠିଛି। ଏହି ହୋଇ ଉଠିବାର ସମ୍ବେଗ ତାଙ୍କ ମଧ୍ୟରେ ଅନୁସ୍ୟୁତ ଥିଲା ଓ ବିହିତ ପ୍ରକ୍ରିୟା ଓ ଆବର୍ତ୍ତନ ମଧ୍ୟ ଦେଇ ତାହା ବର୍ତ୍ତମାନ ଏହି ରୂପ ପରିଗ୍ରହ କରିଛି। ଏହି ପ୍ରତିଟି ବସ୍ତୁ ମଧ୍ୟରେ ଏକ ଛାନ୍ଦିକ ବିନ୍ୟାସ ରହିଛି। ଏହାବାଦ ଦେଇ ସବୁ ପଦାର୍ଥର ଏକ ବୈଶିଷ୍ଟ୍ୟ ବା ବିଶେଷ ଗୁଣ ରହିଛି। ଏହି ହୋଇ ଉଠିବା ସଙ୍ଗେ ସଙ୍ଗେ ବଜାୟ ରହିବାର ସମ୍ବେଗ ବା ସ୍ଥିତିତ୍ୱର ସମ୍ବେଗ ମଧ୍ୟ ଈଶ୍ୱରଙ୍କ ପାଖରେ ବିଦ୍ୟମାନ।

ଜୀବନ ଯେପରି ଅସ୍ତିତ୍ୱ ବଜାୟ ରହିବ ଓ ବୃଦ୍ଧି ବଜାୟ ରହିବ - ଏହି ଦୁଇଟି ଈଶ୍ୱରୀୟ ବିଧାନ। ତେଣୁ ଈଶ୍ୱର ଯେପରି ସଚ୍ଚିଦାନନ୍ଦମୟ, ସେହିପରି ଅସତ୍ ନିରୋଧୀ। ଅସତ୍ ଅର୍ଥାତ୍ ସତ୍ତା ବିରୋଧୀ ମୃତ୍ୟୁପନ୍ଥୀ ଯାହା, ଯାହା ଜୀବନକୁ ଅବସନ୍ନ କରି ମୃତ୍ୟୁ ଆଡ଼କୁ ନେଇଯାଏ, ଈଶ୍ୱରୀୟ ବିଧାନ ତାକୁ ଚୂର୍ଣ୍ଣ କରିଦିଏ, ଜୀର୍ଣ୍ଣ କରିଦିଏ ଓ ମୃତ୍ୟୁକୁ ଜୟ କରେ। ସେଥିପାଇଁ କେହି ଯଦି ଈଶ୍ୱରଙ୍କର ଦୋହାଇ ଦେଇ ସତ୍ତା ବିରୋଧୀ ବା ଅକଲ୍ୟାଣ ପଥରେ ଚାଲେ, ନାନା ଯୁକ୍ତିଜାଲ ବିଛାଇ ସେହି ଚାଲିବାକୁ ସମର୍ଥନ କରେ, ସେ ନିଶ୍ଚିତ ହିଁ ଈଶ୍ୱରଙ୍କର କରୁଣାରୁ ବଞ୍ଚିତ ହୁଏ। ଈଶ୍ୱର ହେଉଛନ୍ତି ସ୍ୱସ୍ତି ନିଦାନ। ଈଶ୍ୱର ହେଉଛନ୍ତି ମଙ୍ଗଳମୟ। ଈଶ୍ୱର ତାଙ୍କର ପ୍ରତିରୂପ କରି ମନୁଷ୍ୟକୁ ସୃଷ୍ଟି କରନ୍ତି। ଏହି ମନୁଷ୍ୟର ସୃଷ୍ଟି ସମୟରେ ଈଶ୍ୱର ତାଙ୍କର ଶକ୍ତି ମଧ୍ୟ ମନୁଷ୍ୟକୁ ଦାନ କରିଛନ୍ତି। ଈଶ୍ୱରଙ୍କର ଗୁଣାବଳୀ ସ୍ଫୁଲିଙ୍ଗ ଆକାରରେ ମନୁଷ୍ୟ ମଧ୍ୟରେ ଅଛି। ଈଶ୍ୱର ପୂର୍ଣ୍ଣ ଓ ତାଙ୍କ ସୃଷ୍ଟିର ସମସ୍ତ କିଛି ପୂର୍ଣ୍ଣ। ପ୍ରତିଟି ମନୁଷ୍ୟ ଜଣେ ଜଣେ କ୍ଷୁଦ୍ର ଈଶ୍ୱର। ଈଶ୍ୱରଙ୍କୁ ଏହିପରି ଭାବରେ ଉପଲବ୍ଧି ଭିତର ଦେଇ ଜୀବନଯାପନ କରି ତୋଳିବା ହିଁ ଈଶ୍ୱର ଦର୍ଶନ। ଦର୍ଶନ ମାନେ ଦେଖିବା ଓ ଜ୍ଞାନ ଲାଭ। ଜଗତରେ ଦୁଇଟି ପଥ ଗୋଟିଏ ସତ୍ତା ପଥ ଓ ଅନ୍ୟଟି ହେଉଛି ବୃତ୍ତିପଥ।



# ଜୀବେ ନିଷ୍ଠୁରତା ନିରୋଧ ଆଇନକୁ ଫୁଁ



ଯୁଧିଷ୍ଠିର ମହାରଣା
ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ,

ଓଡ଼ିଶାରେ ଗୋ ସମ୍ପଦର ବିକାଶ ପାଇଁ ନୂଆ ସରକାର ଅନେକ ଯୋଜନା ଓ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ନେଇ ବଜେଟରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ସହ ନୂଆ ଗୋଶାଳା ପ୍ରତିଷ୍ଠା ଓ ଗୋମାତା ପ୍ରତି ଲୋକମାନଙ୍କ ଭିତରେ ଭଲପାଇବା ତଥା ଆଦର ବୃଦ୍ଧି ପାଇଁ ଯୋଜନା ହାତକୁ ନିଆଯାଇଥିଲେ ମଧ୍ୟ ବାସ୍ତବରେ କିନ୍ତୁ ପୂର୍ବପରି ଦିନକୁ ଦିନ ଗୋଚାଲାଣ ବଢୁଛି କିନ୍ତୁ ଏ ଚାଲାଣ ଉପରେ ଆଖିଦୃଶିଆ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନଥିବାରୁ ଗୋଚାଲାଣ ଦିନକୁ ଦିନ ବଢ଼ିବାକୁ ଲାଗୁଥିବାବେଳେ କେତେକ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡ଼ି ଯାଉଛି। କାରଣ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ମାଫିଆମାନେ ଯୋଜନାବଦ୍ଧ ଭାବେ ଗୋଚାଲାଣ କରୁଥିବାବେଳେ କିଛି ଉଦ୍ୟମୀ, ସମାଜସେବୀ ତଥା ଗୋମାତାକୁ ଭଲ ପାଉଥିବା ଯୁବବର୍ଗ ଏହାକୁ ବିଧିବଦ୍ଧ ଭାବେ ବିରୋଧ କରିବା ସହ ଗୋ ଚାଲାଣ ର୍‍ୟାକେଟକୁ ପ୍ରତିରୋଧ କରୁଥିବାରୁ ଭୟଙ୍କର ମାଡ଼ଗୋଳ ହେବା ସହ ପରିସ୍ଥିତି ସଙ୍ଗୀନ ହୋଇଯାଉଛି। କେତେକ କ୍ଷେତ୍ରରେ ଅକାରଣରେ ଜୀବନ ମଧ୍ୟ ଚାଲି ଯାଉଛି ଏବଂ ସବୁଠାରୁ ବଡ଼କଥା ହେଉଛି ଗୋଚାଲାଣକାରୀ ଯେତେବେଳେ ଜାଣୁଛନ୍ତି ଯେ ସେମାନଙ୍କୁ ଗୋରକ୍ଷକମାନେ ଅନୁଧାବନ କରୁଛନ୍ତି ଯାହାଫଳରେ ସେମାନେ ବିପଜ୍ଜନକ ଭାବରେ ଗାଡ଼ି ଚାଳନା କରିବା ଦ୍ୱାରା ଗାଡ଼ି ଭିତରେ ଥିବା ଗୋମାତାଙ୍କ ମୃତ୍ୟୁ ହୋଇଯିବା ସହ କେତେକ ସ୍ଥାନରେ ଗାଡ଼ି ଓଲଟି ଯାଇ ଅନେକ ଗୋମାତାଙ୍କ ଜୀବନ ଚାଲିଯାଉଛି।

ଓଡ଼ିଶାର ବିଶେଷକରି ଗ୍ରାମାଞ୍ଚଳର ଚାଷୀଙ୍କ ଠାରୁ ବେପାରୀ ଶାଗମାଛ ଦରରେ ଗାଈ ସଂଗ୍ରହ କରି ତାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ଟ୍ରକ ଓ କଣ୍ଟେନର ମାଧ୍ୟମରେ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଏହି ବେଆଇନ ଗୋ ଚାଲାଣ ଚେର ଆନ୍ଧ୍ର, ତେଲେଙ୍ଗାନା ଓ ପଶ୍ଚିମବଙ୍ଗକୁ ଲମ୍ବିଛି। ବିଶେଷକରି କଟକ, ଯାଜପୁର, ଖୋର୍ଦ୍ଧାରୁ ଅଧିକ ଚାଲାଣ ହେଉଥିବା ଅଭିଯାନ ହୋଇଛି। ଏ ନେଇ ପଶୁପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜୀବେ ନିଷ୍ଠୁରତା ନିରୋଧ ଆଇନ କେବଳ କାଗଜକଲମରେ ସୀମିତ ରହିଯାଇଛି।

ରାଜ୍ୟରେ ଆବଶ୍ୟକତା ଅନୁସାରେ ଗୋଶାଳା ଏବଂ ରେସକ୍ୟୁ ସେଣ୍ଟର ଅଭାବ ରହିଛି। କିଛି ଗରିବ ଚାଷୀ ମଧ୍ୟ ବାଧ୍ୟ ହୋଇ ପଇସା ପାଇଁ ଗାଈଗୋରୁ ବିକ୍ରି କରୁଛନ୍ତି। ଦେଶର ସର୍ବାଧିକ ଗୋଚାଲାଣ ଓଡ଼ିଶାରୁ ହେଉଛି। ଓଡ଼ିଶାରୁ ଆନୁମାନିକ ଭାବେ ସପ୍ତାହକୁ ପ୍ରାୟ ୧୫୦ ଟ୍ରକ ଗୋଚାଲାଣ କରାଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏ ନେଇ ସଶକ୍ତ ଆଇନ ଥିବାବେଳେ ଆମ ରାଜ୍ୟରେ ସେଭଳି କଡ଼ା ଆଇନ ନାହିଁ। ଯେଉଁ ଆଇନ ରହିଛି ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ପ୍ରତିଦିନ ରାତିରେ ଅତି ନିଷ୍ଠୁର ଭାବେ ଗୋ ସମ୍ପଦକୁ ବାନ୍ଧି ପଡ଼ୋଶୀ ରାଜ୍ୟକୁ ଚାଲାଣ କରାଯାଉଛି। ରାଜ୍ୟରେ ଗୋହତ୍ୟା ଓ ବେଆଇନ ଗୋଚାଲାଣ ବନ୍ଦ କରିବା ଲାଗି ବିଭିନ୍ନ ସମୟରେ ପ୍ରଶାସନ ଓ ପୋଲିସକୁ ଜଣାଇଲେ ମଧ୍ୟ ବିଶେଷ କିଛି ସୁଫଳ ମିଳୁନାହିଁ। ବାର୍ଷିକ ପ୍ରାୟ ୧୫ ଲକ୍ଷ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ପ୍ରାଣୀ ପରିବହନ ଆଇନ ୧୯୭୮ ଓଡ଼ିଶା ପ୍ରେଭେଣ୍ଟିଭ ଅଫ କାଓ ସ୍ଲଟର ଆକ୍ଟ ୧୯୬୦ ଅନୁସାରେ ଗୋ ପରିବହନ ପାଇଁ ସ୍ୱୀକୃତିପ୍ରାପ୍ତ ପ୍ରାଣୀ ଚିକିତ୍ସକ, ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅନୁମତି ଦରକାର। ମାତ୍ର ଏହାକୁ ଉପେକ୍ଷା କରି ଚାଲଣ ହେଉଥିବା ଜଣାପଡ଼ିଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ବିଶ୍ୱ ହିନ୍ଦୁ ପରିଷଦ ଉଦ୍‌ବେଗ ପ୍ରକାଶ କରି ସେମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏ ନେଇ ଆଇନକୁ କଠୋର କରିବା ସହ ସହଯୋଗ ଲୋଡ଼ିଛନ୍ତି।

ଓଡ଼ିଶାରେ ଗୋହତ୍ୟା ନିରୋଧ ଆଇନ ଅଛି, କିନ୍ତୁ ବାସ୍ତବରେ ତାହାକୁ କ୍ରିୟାନ୍ୱିତ କରାଯାଇନାହିଁ। ଯଦିଓ ଏହି ଆଇନ କଠୋର ନୁହେଁ ତଥାପି ଯାହା ଅଛି ତାହାକୁ ସଠିକ ଭାବେ କାର୍ଯ୍ୟକାରୀ କରାଗଲେ କିଛି ମାତ୍ରାରେ ଏହି ବେଆଇନ କାର୍ଯ୍ୟରେ ଅଙ୍କୁଶ ଲାଗିପାରନ୍ତା। ସରକାର ତୁରନ୍ତ ଏହି ଆଇନକୁ କଠୋର କରିବା ସହ ସେଥିପ୍ରତି ଗୁରୁତ୍ୱ ଦେଇ ସଂଶୋଧନ ଆଣନ୍ତୁ ବୋଲି ଦାବୀ ଉଠୁଛି। ଲୋକମାନଙ୍କ ଭିତରେ ଗୋମାତାକୁ ଭଲପାଇବା ଓ ନିଜ ସୀମିତ ସାଧ୍ୟ ମତେ ସାମାଜିକ ଓ ସେବା ଦାୟିତ୍ୱ ନିର୍ବାହ କରିବାର ସମୟ ପହଞ୍ଚିଛି। ସରକାରୀ ଭାବେ ଆଇନ ଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହେଉନଥିବାରୁ ଜୀବେ ନିଷ୍ଠୁରତା ନିରୋଧ ସମିତି ପକ୍ଷରୁ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇବା ସହ ରାଜ୍ୟରେ ବେଆଇନ ଗୋଚାଲାଣ ଆଇନ କଠୋର ନହେବା ଯୋଗୁଁ ଏଭଳି କାର୍ଯ୍ୟ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି। ସରକାର ମଧ୍ୟ ସ୍ୱତନ୍ତ୍ର ଭାବେ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।



ବ୍ରହ୍ମପୁର (ଭାସ୍କର ନ୍ୟୁଜ): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ, ନୂଆଦିଲ୍ଲୀର ଆହ୍ୱାନ କ୍ରମେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତି ମିଳିତ ସହଯୋଗରେ ଏକ ସାଙ୍ଗଠନିକ କର୍ମଶାଳା ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ୍ ପରିସର ସ୍ଥିତ ଯାନ୍ତ୍ରିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତ କର୍ମଚାରୀ ମହାସଂଘ ସାଧାରଣ ସଂପାଦକ ଏ.ଶ୍ରୀକୁମାର ଏବଂ ଉପସଭାପତି ସୁତପା ହାଜାରେଙ୍କ ସମେତ ଓଡିଶା ରାଜ୍ୟ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ସାଙ୍ଗଠନିକ କର୍ମଶାଳାରେ ସରକାରୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ତଥା ଦାବି ଉପରେ ଆଲୋଚନା ହୋଇଥିଲା। ବ୍ରହ୍ମପୁର ମଣ୍ଡଳର ପ୍ରମୁଖ କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ସିଂ, ପଦ୍ମଚରଣ ପାଢ଼ୀ, ସୁମନ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସମସ୍ୟା ଘେରରେ ଅରିଷଣ୍ଡ ଗ୍ରାମ ପଞ୍ଚାୟତ

ନିମାପଡ଼ା (ଭାସ୍କର ନ୍ୟୁଜ୍): ବିକାଶର ବହୁ ଦୂରରେ ଅଛି ନିମାପଡ଼ାର ଅରିଷଣ୍ଡ ଗ୍ରାମ ପଞ୍ଚାୟତ। ନା ଅଛି ସୁବିଧା ନା ଗମନାଗମନ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇଥିବା ବେଳେ ଆବଶ୍ୟକ ନଥିବା ସ୍ଥାନରେ କାର୍ଯ୍ୟ କରାଯାଉଥିବା ବେଳେ ଆବଶ୍ୟକ ଥିବା ସ୍ଥାନରେ ରାସ୍ତା କାର୍ଯ୍ୟ କରାଯାଉ ନାହିଁ। ଯାହାକୁ ନେଇ ଗ୍ରାମବାସୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ବାରମ୍ବାର ପ୍ରଶାସନ ନିକଟରେ ଦାବି ଜଣାଇଲେ ମଧ୍ୟ ପ୍ରଶାସନ ପଞ୍ଚାୟତବାସୀଙ୍କ ଦାବୀ ଉପରେ ଗୁରୁତ୍ୱ ଦେଉ ନାହିଁ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ପଞ୍ଚାୟତ ସମସ୍ୟା ଘେରରେ ରହିଅଛି। ଗ୍ରାମକୁ ରାସ୍ତା ନଥିବା ବେଳେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ବ୍ୟକ୍ତିଙ୍କ ନିଜସ୍ୱ ଘରକୁ ରାସ୍ତା କରାଯାଉଥିବା ବେଳେ ଗ୍ରାମକୁ ରାସ୍ତା କରାଯାଉ ନାହିଁ। ଖରିପଡ଼ିଆ ଠାରୁ ଡ଼ଗରାସାହି



ଗ୍ରାମ ରାସ୍ତା ଖାଲଖମା ସୃଷ୍ଟି ହୋଇଥିବା ବେଳେ ଦୀର୍ଘବର୍ଷ ହେବ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବୀ କରି ଆସୁଛନ୍ତି। ମାତ୍ର ଗ୍ରାମବାସୀଙ୍କ ଦାବି ଉପରେ ଗୁରୁତ୍ୱ ଦିଆଯାଉ ନାହିଁ କିମ୍ବା ଗ୍ରାମକୁ ରାସ୍ତା ନିର୍ମାଣ କରାଯାଉ ନାହିଁ। ଯାହାଦ୍ୱାରା ପ୍ରତ୍ୟେକ ଦିନ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରିପଡ଼ିଆ ନିକଟରେ ନିର୍ମାଣ କରାଯାଉଥିବା ପଞ୍ଚାୟତର ଆମୋଦ ପ୍ରମୋଦ ଉଦ୍ୟାନ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଧପନ୍ତରିଆ ଭାବେ ପଡ଼ି ରହିଛି। ଦୁଇଫାଳ ପାଚେରୀ ନିର୍ମାଣ ସରିଥିବା ବେଳେ ଅନ୍ୟ ଦୁଇପାଳ ମେଲା ହୋଇପଡ଼ିଛି। ମିଶନ ଶକ୍ତି ଗୃହ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅଧପନ୍ତରିଆ ଭାବେ ପଡ଼ିଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଏକ ସପ୍ତାହ ହେବ କାର୍ଯ୍ୟ ଆରମ୍ଭ କରିଛି। ଅରିଷଣ୍ଡ ନୋଡ଼ାଲ ହାଇସ୍କୁଲ ସମ୍ମୁଖରେ କଟକି ଦଳ ପୂର୍ଣ୍ଣ ଏକ ପୋଖରୀ ରହିଥିବା ବେଳେ ପ୍ରତ୍ୟେକ ଦିନ ସରୀସୃପ ସ୍କୁଲ ଭିତରକୁ ପଶି ଆସୁଛନ୍ତି। ମଶାଙ୍କ ଦାଉରେ ଛାତ୍ରଛାତ୍ରୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ଧଳାଙ୍ଗ ପୋଖରୀ ମନରେଗା ଯୋଜନା ମାଧ୍ୟମରେ ଖୋଳା ଯାଇଥିବା ବେଳେ ପୋଖରୀ ହୁଡ଼ା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଜଗନ୍ନାଥ ମହାପ୍ରଭୁଙ୍କ ସଂପତ୍ତିରେ କେତେକ ବ୍ୟକ୍ତି କୋଠାଘର ନିର୍ମାଣ କରୁଥିବା ବେଳେ ଖତ ଗାଡ଼ କରି ପରିବେଶକୁ ଦୂଷିତ କରୁଛନ୍ତି। ଖୋଦ୍ ଦିବାଲୋକରେ ଠାକୁରଙ୍କ ସଂପତ୍ତି ହଡ଼ପ ହେଉଥିବା ବେଳେ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ଅନେକ ପୋଖରୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ତାହା ଉଦ୍ଧାର କରାଯାଉ ନାହିଁ। ଏପରି ଅନେକ ସମସ୍ୟା ପଞ୍ଚାୟତରେ ଲାଗି ରହିଥିଲେ ମଧ୍ୟ ସରପଞ୍ଚ ନୀରବ ରହିଛନ୍ତି। ଆବଶ୍ୟକ ନଥିବା ସ୍ଥାନରେ ରାସ୍ତା କାର୍ଯ୍ୟଠାରୁ ଆରମ୍ଭକରି ବିଭିନ୍ନ କାର୍ଯ୍ୟ ହେଉଥିବା ବେଳେ ଏହି ଜାଗାକୁ କିଏ ଚିହ୍ନଟ କରୁଛି ତାହା ଏବେ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ଘଟଣା ପ୍ରତି ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ସହ ପଞ୍ଚାୟତର ସମସ୍ୟା ଦୂର କରିବା ପାଇଁ ଦାବି ହୋଇଛି।

# ଗଞ୍ଜେଇ ଜବତ: ୩ ବେପାରୀ କୋର୍ଟଚାଲାଣ



ବାଲୁଗାଁ (ଭାସ୍କର ନ୍ୟୁଜ): ଶନିବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଓ ଟିମ ପଇଁତରା ମାରୁଥିବା ବେଳେ ସରନଇ ବସ ଷ୍ଟପ ନିକଟରୁ ସନ୍ଦିଗ୍ଧ ଅବସ୍ଥାରେ ତିନି ଜଣ ଠିଆ ହୋଇଥିବା ବେଳେ ତଲାସୀ ବେଳେ ସେମାନଙ୍କ ନିକଟରୁ ଦୁଇଟି ବସ୍ତାରୁ ୨୬ କେଜି ଗଞ୍ଜେଇ ଜବତ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଅଭିଯୁକ୍ତ ମାନେ ହେଲେ ଗଞ୍ଜାମ ଜିଲ୍ଲାର ଟୁନା ବେହେରା (୩୮) ଓ ଖତି ଦାସ (୨୬) ଏବଂ ମଧ୍ୟପ୍ରଦେଶର ସରିତା ଯାଦବ (୨୧)। ଉକ୍ତ ଗଞ୍ଜେଇ ବାହାରକୁ ଚାଲାଣ କରାଯାଉଥିବା ସନ୍ଦେହରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କେଶ ନଂ ୨୦୮/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି। ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଏଏସଆଇ ସଞ୍ଜୟ କୁମାର ମୁଦୁଲି, କନଷ୍ଟେବଳ ଅଶେଷ କୁମାର ପ୍ରଧାନ, ଚିନ୍ମୟୀ ଦାଶ, ତୁଷାରକାନ୍ତ ଚମ୍ପତି, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଦେଶୀ ମଦ ଜବତ, ଅଭିଯୁକ୍ତ ଫେରାର

ବୋଲଗଡ଼ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ଚଢାଉ କରି ୮୦୦ କେଜି ପୋଚ ଓ ୯୦ ଲିଟର ଦେଶୀ ମଦ ସହ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରିଛି। ବେଗୁନିଆ ଅବକାରୀ ବିଭାଗ ଏସଆଇ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ ବୋଲଗଡ ପଞ୍ଚାୟତ ସମିତି ସିଉଳା ଜଙ୍ଗଲରୁ ଦେଶୀ ମଦ ପ୍ରସ୍ତୁତ ହେଉଥିବାର ଖବର ପାଇ ଚଢାଉ କରିଥିଲେ। ସେଠାରୁ ୮୦୦ କେଜି ପୋଚ ଓ ୯୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ଅପର ପକ୍ଷରେ ଅଭିଯୁକ୍ତ ଜଣକ କୌଣସି ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛି।

# ଅଙ୍ଗନବାଡି ୱାର୍କରଙ୍କ ଅଣ୍ଡା ଚିନ୍ତା !



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ରେ ଥିବା ୨୩୦ ଟି କେନ୍ଦ୍ରରେ ପାଖାପାଖି ୮ ହଜାର ୫ ଶହ ରୁ ଅଧିକ ଶିଶୁ ଅଙ୍ଗନବାଡିରେ ନାମ ଲେଖାଇଛନ୍ତି। ସପ୍ତାହକୁ ଶିଶୁ ମାନଙ୍କୁ ୫ ଦିନ ଅଣ୍ଡା ଯୋଗାଇ ଦିଆଯାଉଛି। ସରକାରଙ୍କ ପକ୍ଷରୁ ସିଝା ଅଣ୍ଡା ପିଛା ୫ ଟଙ୍କା ୩୦ ପଇସା ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନେ ବଜାର ଦର ଅଣ୍ଡା ପିଛା ୭ ଟଙ୍କା ୮୦ ପଇସା ଅଛି। ଯାହାଫଳରେ ଅଙ୍ଗନବାଡି ୱାର୍କରଙ୍କ ହାତରୁ ଅଣ୍ଡା ପିଛା ୨ ଟଙ୍କା ୫୦ ପଇସା ଯାଉଛି। ଯେଉଁଥିପାଇଁ ଏବେ ଅଣ୍ଡା ବଦଳରେ ବିସ୍କୁଟ ଦେବାକୁ ପଡୁଛି। ଶିଶୁଙ୍କୁ ସପ୍ତାହକୁ ୫ ଦିନ ଅଣ୍ଡା ଦେବାର ବାଧ୍ୟତା ମୂଳକ ରହିଥିବା ବେଳେ ଏହା ଦେବା ସମ୍ଭବ ନୁହେଁ ବୋଲି କହିଲେଣି। ନିଆଳି ବ୍ଲକରେ ଅନେକ ଅଙ୍ଗନବାଡି ସେଣ୍ଟରରେ ଶିଶୁ ମାନଙ୍କ ଖାଇବା ଥାଳିରୁ ଅଣ୍ଡା ଉଭାନ ହେବାକୁ ବସିଲାଣି। ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ଶିଶୁ ମାନଙ୍କର ଅଣ୍ଡା ଦାମ ବଢ଼ାଇଥିବା ବେଳେ ଅଙ୍ଗନବାଡି ଶିଶୁମାନଙ୍କ ଅଣ୍ଡା ଦାମ କାହିଁକି ବଢାଉନାହାନ୍ତି? ଯାହାଫଳରେ ଏବେ ଅଙ୍ଗନବାଡି ୱାର୍କର ସେଣ୍ଟର ଖୋଲୁନାହାନ୍ତି। ତୁରନ୍ତ ରାଜ୍ୟ ସରକାର ଅଙ୍ଗନବାଡି ୱାର୍କରଙ୍କୁ ଟେଣ୍ଡର ମାଧ୍ୟମରେ ଅଣ୍ଡା ଯୋଗାଇବାକୁ ଦାବି କରିଛନ୍ତି।

# ବିଦ୍ୟୁତ୍ ସାମଗ୍ରୀ ଚୋରି, ଥାନାରେ ମାମଲା

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ମାତିଲେଣି ଚୋର। ଗୋଟିକ ପରେ ଗୋଟିଏ ଚୋରି ଘଟଣା ଘଟାଇ ଚାଲିଛନ୍ତି। ଜୟଶ୍ରୀ ଛକ ନିକଟରେ ଥିବା ଇମ୍ପେରିଆଲ ଇଲେକ୍ଟ୍ରିକ୍ କମ୍ପାନୀ ତାଲା କାଟି ଚୋରମାନେ ବିଦ୍ୟୁତ ସାମଗ୍ରୀ ଲୁଟି ନେଇଥିବା ବେଳେ ଏ ସମ୍ପର୍କରେ ପ୍ରୋଜେକ୍ଟ ଇଞ୍ଜିନିୟର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଚୋରଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଜୟଶ୍ରୀ ଛକରେ ଇମ୍ପେରିଆଲ୍ ଇଲେକ୍ଟ୍ରିକ୍ କମ୍ପାନୀ କାର୍ଯ୍ୟାଳୟ ରହିଛି। ଗତ ୨୦ ତାରିଖ ରାତ୍ରରେ କୌଣସି ଚୋର କାର୍ଯ୍ୟାଳୟ ଭିତରେ ପଶି କାର୍ଯ୍ୟାଳୟରେ ରଖା ଯାଇଥିବା ୧୧ କେ.ଭି.ର ୬ଟି ପି.ଟି., ୧୧ କେ.ଭି. ଆଇସୋଲେଟର ୧ ସେଟ୍ କୌଣସି ଦୁର୍ବୃତ୍ତ ଚୋରି କରି ନେଇ ଯାଇଛନ୍ତି। ପ୍ରୋଜେକ୍ଟ ଇନିୟର ରାକେଶ କୁମାର ସାହୁ ଏପରି ଘଟଣା ଜାଣିପାରି ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ତୁରନ୍ତ ଚୋରକୁ ଧରିବା ପାଇଁ ପ୍ରୋଜେକ୍ଟ ଇଞ୍ଜିନିୟର ଦାବି କରିଛନ୍ତି।

# ବିଜେଡ଼ି ପ୍ରତିଷ୍ଠା ଦିବସ ନେଇ ଆଲୋଚନା

ଅନୁଗୋଳ (ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେଅନୁଗୋଳ ସଦର ମହକୁମା ଠାରେ ୪ଗୋଟି ନିର୍ବାଚନ ମଣ୍ଡଳୀର ଯଥା ଅନୁଗୋଳ, ତାଳଚେର, ଛେଣ୍ଡିପଦା ଓ ଆଠମଲ୍ଲିକ ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ବିଜେଡି ସଦସ୍ୟତା ଅଭିଯାନ ଆବାହକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ରାଜ୍ୟ ବିଜେଡି ଆବାହକ ଦୀପକ ମହାପାତ୍ର, ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ ପ୍ରଧାନ, ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ଆସନ୍ତା ୨୬ ତାରିଖ ଦିନ ଦଳର ୨୮ତମ ପ୍ରତିଷ୍ଠା ଦିବସ ପ୍ରତି ନିର୍ବାଚନ ମଣ୍ଡଳୀରେ ପାଳନ ହେବା ନେଇ ଆଲୋଚନା ହୋଇଥିଲା।

# ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ

ରାଜନଗର (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ପକ୍ଷରୁ କଂଗ୍ରେସ ନେତା ତଥା ସାଂସଦ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହା କରାଯାଇଛି। ସୂଚନାଯୋଗ୍ୟ ଯେ, କଂଗ୍ରେସର ହାଇକମାଣ୍ଡର ତଥା ସାଂସଦ ରାହୁଲ ଗାନ୍ଧୀ ଦେଶର ରାଷ୍ଟ୍ର ବିରୋଧୀ ମନ୍ତବ୍ୟ ଓ ସାଂସଦଙ୍କୁ ଦୁର୍ବ୍ୟହାର ସାଙ୍ଗକୁ ଠେଲି ଦେଇ ରକ୍ତାକ୍ତ କରିଥିଲେ। ସେହି ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ଉପ ସଭାପତିସଦାଶିବ ଜେନା ଓ ଦିଲ୍ଲୀ ପାଳ(ମୁନା)ଙ୍କ ମିଳିତ ନେତୃତ୍ୱରେ ବିଜେପି କର୍ମୀମାନେ ତ୍ରୀନାଥ ବଜାରରୁ ଶୋଭାଯାତ୍ରାରେ ଆସି ହଂସୁଆ ସେତୁ ନିକଟରେ ଜାତୀୟ କଂଗ୍ରେସର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ନାରାବାଜି କରିବା ସହିତ କୁଶପୁତ୍ତଳିକା ଦାହା କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ନେତା ପ୍ରମୋଦ ଦାସ, ମଣ୍ଡଳ ସଭାପତି କ୍ରିଷ୍ଣା ବେହେରା, ମଙ୍ଗୁଳୀ ମହାନ୍ତି, ନରେନ୍ଦ୍ର ପାତ୍ର, ସଂଗ୍ରାମ ସ୍ୱାଇଁ, ଭିକାରୀ ସେଠି, ପ୍ରଦୀପ ଦାସ, ଶୂନ୍ୟବାସୀ ରଣା ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଜୀବନ ସହ ଖେଳ: ଫଳ ଓ କଦଳୀରେ ମରାହେଉଛି ମାରାତ୍ମକ ରାସାୟନିକ

ନିଆଳି (ଭାସ୍କର ନ୍ୟୁଜ): ଲୋକଙ୍କ ଜୀବନ ସହ ସାଂଘାତିକ ଖେଳ। କିଛି ମୁନଫା ଖୋର ବ୍ୟବସାୟୀ ଅଧିକ ଲାଭ ଆଶାରେ ମଣିଷ ଜୀବନ ସହ ଖେଳ ଖେଳିବାକୁ ପଛାଉନାହାନ୍ତି। ଉପରକୁ ଚକଚକ ଓ ତାଜା ଦେଖାଯାଉଥିବା ଖାଦ୍ୟ ପଦାର୍ଥ ପ୍ରକୃତରେ ଯେ କେତେ ମାରାତ୍ମକ ତାହା ସାଧାରଣ ଲୋକଙ୍କ କଳ୍ପନା ବାହାରେ। ପନିପରିବାଠୁ ଆରମ୍ଭ କରି ଫଳ କଦଳୀ ଆଦି ତରକାରୀ ଖାଦ୍ୟରେ କିଛି ନା କିଛି ରାସାୟନିକ ଉପାଦାନ ରହିଛି। ମାତ୍ର ଏ ଗୁଡିକ ଶରୀର ଉପରେ ପ୍ରଭାବ ପକାଉଥିବା ସତ୍ତ୍ୱେ ଆମେ ଏହାକୁ ପ୍ରଭାବକୁ ଅଣଦେଖା କରିଦେଇ ଥାଉ। କଦଳୀ ପଚାଇବା ପାଇଁ ଏନକେପ୍ସେନ ୩୯ ନାମକ ମାରାତ୍ମକ ରାସାୟନିକ ପ୍ରୟୋଗ କରାଯାଉଛି।



ଫଳରେ ଏହି ରାସାୟନିକ ଯେ ମଣିଷ ଶରୀର ପାଇଁ କେତେ କ୍ଷତିକାରକ ସେଥିପ୍ରତି କାହାର ଦୃଷ୍ଟି ନାହିଁ। ଏ ନେଇ ଡାକ୍ତର ରାଧାକାନ୍ତ ପଣ୍ଡା ଓ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଙ୍କ ମତ ଏହି ରାସାୟନିକ ମଣିଷ ଶରୀରକୁ ଯାଇ ଚର୍ମ ରୋଗ ସୃଷ୍ଟି କରିବା ସହ ଆଖି ଫୁଲିବା, ଦୃଷ୍ଟି ଶକ୍ତି ହ୍ରାସ ପାଇବ ବୋଲି କହିଛନ୍ତି। ଏହା ମଣିଷ ଶରୀର ପାଇଁ ହାନିକାରକ ହୋଇଥିବାରୁ ଭାରତୀୟ ଖାଦ୍ୟ ଅପମିଶ୍ରଣ ନିବାରଣ ଆଇନ ଧାରା ୪୪ ଅନୁଯାଇ ଏହାର ବ୍ୟବହାରକୁ ନେଷେଧ କରାଯାଇଛି। ସରକାରଙ୍କ ଉଦାସୀନତା ଯୋଗୁ ଏହି ଆଇନ ଏ ପର୍ଯ୍ୟନ୍ତ କଡାକଡି ଭାବେ ଲାଗୁ ହୋଇନାହିଁ। ଖାଲି କଦଳୀ ନୁହଁ ଆମ୍ବ, ଆତ, ସପୁରି, ଅମୃତଭଣ୍ଡା, ପଣସ ଭଳି ଅନେକ ଫଳ ମଧ୍ୟ ଏହିଭଳି ଉପାୟରେ ପଚାଯାଉଛି। ନିଆଳି ବଜାରରେ ପ୍ରାୟ ୧୦ ରୁ ଉର୍ଦ୍ଧ୍ୱ ଫଳ ଦୋକାନ ଓ ବହୁ ଠେଲାରେ କଦଳୀ ବିକ୍ରି କରୁଥିବା ବେପାରୀ ମାନେ ଏଭଳି ରାସାୟନିକ ବ୍ୟବହାର କରୁଛନ୍ତି। ଏଥିପ୍ରତି ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ଓ ଜିଲ୍ଲା ପାଳ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଓପିଜିସି ଦ୍ୱାରା ଦଳଗାଁ ପଞ୍ଚାୟତରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର



ଇବ ଥର୍ମାଲ(ଭାସ୍କର ନ୍ୟୁଜ): ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିଃ ତରଫରୁ ଶନିବାର ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ଦଳଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଦଳଗାଁ ସରପଞ୍ଚ ସନ୍ତୋଷ ରୋହିଦାସ ସ୍ୱାସ୍ଥ୍ୟ ଶିବିର ଉଦଘାଟନ କରିଥିଲେ। ଏହି ଶିବିରରେ ଇବ ଥର୍ମାଲ ଚିକିତ୍ସାଳୟର ଡାକ୍ତର ଗୋବର୍ଦ୍ଧନ ଲାଲ ଟେବ୍ରିବଲଙ୍କ ସହିତ ଝାରସୁଗୁଡାରୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଶିଶୁରୋଗ ବିଶେଷଜ୍ଞ ଡ଼ା ବୈକୁଣ୍ଠନାଥ କଶ୍ୟପ ଓ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡ଼ା ସନ୍ତୋଷ କୁମାର ପାଣିଗ୍ରାହୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିର ସକାଳ ୧୦.୩୦ରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ନେଗୀପାଲି, କଣ୍ଟା ଟିକିରା, ଦଳଗାଁ, ବାସୁପାଲି, ସେନହାମାଲ, ବଡ଼ମାଳ, କାନ୍ସବାହାଲ, ସୋଲପାଲୀ ଇତ୍ୟାଦି ଗ୍ରାମର ୩୧୫ ରୋଗୀଙ୍କୁ ରକ୍ତଚାପ, ମଧୁମେୟ, ରକ୍ତହୀନତା, ଶାରୀରିକ ଦୁର୍ବଳତା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଶ୍ୱାସନଳି ସଂକ୍ରମଣ, ଚର୍ମରୋଗ, ଚକ୍ଷୁ ସଂକ୍ରମଣ, ଗ୍ୟାଷ୍ଟ୍ରିକ, ପେଟବ୍ୟଥା, ଏବଂ ବିଭିନ୍ନ ସ୍ତ୍ରୀ ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସଆର ବିଭାଗ ଦ୍ୱାରା ପରିଚାଳିତ ଏହି ଶିବିରରେ ବିଭାଗର ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ରାମିୟାନ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଇବ ଥର୍ମାଲ ଚିକିତ୍ସାଳୟର ପ୍ରଭାତ ବାରିକ ଶିବିର ପରିଚାଳନା କରିଥିଲେ ଓ ସୁଜାତା ନାୟକ, ପୁଷ୍ପା ସୁନିତା ଏକ୍କା, ସନ୍ଧ୍ୟାରାଣୀ କିଷାନ, ଅଗ୍ନିବେଶ ସିଂ, ଅଭିମନ୍ୟୁ ଭୋଇ, କର୍ଣ୍ଣ ବାଗ, କୁଞ୍ଜ ବିହାରୀ ଇତ୍ୟାଦି ସହଯୋଗ କରିଥିଲେ।

# ଦାଉ ସାଜିଲା ଅଦିନିଆ ବର୍ଷା, ଭାସିଲା ଅମଳ ଧାନ

ବୋଲଗଡ଼ (ଭାସ୍କର ନ୍ୟୁଜ): ମରୁଡି, ଅଦିନିଆ ବର୍ଷା ଓ ଅନ୍ୟାନ୍ୟ କାରଣରୁ ଚିର ପ୍ରପୀଡ଼ିତ ବୋଲଗଡ଼ ବ୍ଲକ ଅଞ୍ଚଳର ଚାଷୀ ମାନେ ଚଳିତ ଖରିପ ଧାନ ଚାଷରେ ଭଲ ଅମଳ କରି ଖୁସି ଥିବା ବେଳେ ଏବେ ଦାଉ ସାଜିଛି ଲଘୁଚାପ ଜନିତ ଝଡି ବର୍ଷା। ଗତ କାଲିଠାରୁ ଆରମ୍ଭ ହୋଇଥିବା ଏହି ବର୍ଷା ଚାଷୀ ମାନେ ଅମଳ କରିଥିବା ଧାନ,ଏବଂ କଳେଇ ଗଦା ସବୁ ଜମି ପାଖ ହୁଡା ନିକଟରେ ଏବଂ ଖଳାରେ ଗଦା କରି ରଖିଥିବା ବେଳେ ଏହାକୁ ଜରି ପାଲ ଘୋଡାଇ ସୁରକ୍ଷିତ ରଖିବାକୁ ଯତ୍ପରୋନାସ୍ତି ଚେଷ୍ଟା କରିଛନ୍ତି। ଅନ୍ୟପକ୍ଷରେ



ଅନେକ ସ୍ଥାନରେ କଟା ହୋଇଥିବା ଧାନ ବିଲରେ ପଡ଼ିରହିଥିବା ବେଳେ ବର୍ଷରେ ଭିଜୁଥିବ ଦେଖିବାକୁ ମିଳିଛି। ଏଥିନେଇ ଧାନ ଗଜା ହୋଇ ନଷ୍ଟ ହେବା ସହ ଏହାର ମାନ କମ ହେବା ଚାଷୀ ମୁଣ୍ଡରେ ପଡ଼ିଛି। ଧାନମଣ୍ଡି ମାନଙ୍କରେ ମିଲର ମାନେ ଉତ୍କୃଷ୍ଟ ମାନର ଧାନ ପାଇଁ ମାନ ନିର୍ଦ୍ଧାରଣ ପ୍ରକ୍ରିୟା ସାହାଯ୍ୟ ରେ ଧାନ ସଂଗ୍ରହ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ଅର୍ଥରାଶି ପ୍ରଦାନ କରୁଛନ୍ତି।ତେଣୁ ଏହି ଓଦା ଧାନ ନିମ୍ନ ମାନର ହୋଇଯିବା ସମ୍ଭାବନା ସୃଷ୍ଟି ହୋଇଛି।ଯାହା ଫଳରେ ଆଶା କରିଥିବା ଉଚିତ୍ ମୂଲ୍ୟ ପାଇବାରେ ବାଧା ସୃଷ୍ଟି ହେବା ସହ କ୍ଷତି ଭରଣା ନେଇ ଚିନ୍ତାରେ ପଡ଼ିଛି। ରାଜ୍ୟ ସରକାର ଓ ବିଭାଗୀୟ ପ୍ରଶାସନ ଏହି ଦିଗରେ ଦୃଷ୍ଟି ଦେଇ କ୍ଷତି ପୂରଣ ଦେବାକୁ ବୋଲଗଡ଼ ବ୍ଲକ ଅଞ୍ଚଳର ଜନ ସାଧାରଣ ମାନଙ୍କ ପକ୍ଷରୁ ଦାବି ହେଉଛି।

# ସ୍ୱାମୀଙ୍କ ମୃତ୍ୟୁ ଖବର ଗ୍ରହଣ କରିନପାରି ସ୍ତ୍ରୀଙ୍କ ମୃତ୍ୟୁ

ତାଳଚେର(ଭାସ୍କର ନ୍ୟୁଜ): ଶନିବାର ଜୈନିକ ସ୍ୱାମୀର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିବାର କେଇ ଘଣ୍ଟା ପରେ ତାଙ୍କ ଧର୍ମପତ୍ନୀଙ୍କ ମୃତ୍ୟୁ ଘଟଣା ତାଳଚେରରେ ଆଲୋଚନାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ ଯେ ତାଳଚେର ଜମ୍ବୁବଣିଆ ସାହିର ଗୋକୁଳି ଭୁଟିଆ ଅରଫ ଛିତାଭାଇ (୭୨)ବର୍ଷ ଦିର୍ଘ ଦିନ ଧରି ରୋଗରେ ପୀଡିତ ଥିଲେ। ତେବେ ସେ ରୋଗଗ୍ରସ୍ତ ଥାଇ ମଧ୍ୟ ନିଜେ ପରିଶ୍ରମ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ତେବେ ଶନିବାର ସକାଳ ୮ବେଳେ ଟୀ ଜଳଖିଆ ଖାଇବା ପରେ ନିଜ ଶୋଇବା ଘରକୁ ଯାଇ ବିଛଣାରେ ଢଳି ପଡିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ମେଡ଼ିକାଲ ନେଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଖବର ଚାରିଆଡେ ପ୍ରଚାର ହେବା ସହ ରୋଗରେ ପୀଡିତ ଥିବା ତାଙ୍କ ଧର୍ମପତ୍ନୀ ଚତୁରୀ ଭୁଟିଆ (୬୫)ଙ୍କ ପାଖରେ ଖବର ପହଞ୍ଚି ଥିଲା। ଏହି ଖବରରେ ମ୍ରିୟମାଣ ହୋଇ ତାଙ୍କ ସ୍ତ୍ରୀ ଚତୁରୀଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ ମଧ୍ୟ ସେହି ମେଡ଼ିକାଲକୁ ନେଉଥିବା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ଗୋଟିଏ ପଟେ ସ୍ୱାମୀର ଶବ ବ୍ୟବଚ୍ଛେଦ କରାଯାଉଥିବା ବେଳେ ଅନ୍ୟପଟେ ସ୍ତ୍ରୀର ମୃତଦେହ ପଡିଥିବା ଏକ ଦୁଃଖଦ ପରିବେଶ ସୃଷ୍ଟି କରିଥିଲା। ଏହି ଖବର ପାଇ ଲୋକମାନଙ୍କ ସହ ପୂର୍ବତନ ମହେଶ ସାହୁ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ଉଜୁଡ଼ି ଗଲା ସୁନାର ଫସଲ, ଚାଷୀ ମୁଣ୍ଡରେ ଚଡ଼କ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଲଗାଣ ବର୍ଷା ଉଜାଡ଼ି ଦେଲା ଚାଷୀଙ୍କ ଧାନ ଫସଲ। କିଆରିରେ ଧାନ ଗଜା ହୋଇଯାଉଥିବା ବେଳେ ଅନେକ ଚାଷୀଙ୍କର ପାଚିଲା ଧାନ ବିଲରେ ସଢ଼ି ଯାଉଛି। ଯାହାକୁ ନେଇ ଲଗାଣ ବର୍ଷା ଚାଷୀଙ୍କ ଉପରେ ଚଡ଼କ ପକାଇବା ସଦୃଶ ହୋଇଛି। ଚାଷୀ ଧାରକରଜ କରି ଧାନ ଫସଲ ଉଠାଇ କରିଥିବା ବେଳେ ଘରକୁ ପାଚିଲା ଫସଲ ଆସିବା ସମୟରେ ଲଘୁଚାପ ବର୍ଷା ଦାଉ ସାଜିଲା। ଅନେକ ବ୍ୟକ୍ତିଙ୍କର ପରିବା ଫସଲ ମଧ୍ୟ ଉଜୁଡ଼ି ଯାଇଛି। କୋବି ଫସଲ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟ ପରିବା ଫସଲ କିଆରିରେ ପାଣି ଠିଆ ହୋଇଥିବାରୁ ଚାଷୀର ଫସଲ ନଷ୍ଟ ହୋଇଛି। ଚାଷୀ ପେଟକୁ ଦାନା ଯାଉ ନଥିବା ବେଳେ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଚାଷୀକୁ କ୍ଷତିପୂରଣ ଦେବା ସହ ଫସଲ ବୀମା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଓଡ଼ିଶା ପରିବେଶ କଂଗ୍ରେସ ଦିବସ ପାଳିତ




ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ଓଡ଼ିଶା ରାଜ୍ୟ ପରିବେଶ କଂଗ୍ରେସର ଦ୍ୱିତୀୟ ଦିବସ ପରିବେଶବିତ୍ ସୁଦର୍ଶନ ଦାସଙ୍କ ଆବାହାକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୈଜ୍ଞାନିକ ଓ ଗବେଷକ ଉପକୂଳ ଓ ପରିବେଶ ସମ୍ବନ୍ଧୀୟ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଶେଷ ଆକର୍ଷଣୀୟ ଓ ଉପାଦେୟ କାର୍ଯ୍ୟକ୍ରମ ଥିଲା ପିଲାଙ୍କ ପରିବେଶ କଂଗ୍ରେସ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଉଦଘାଟନ କରିଥିଲେ। ସୁଧୀର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଗ୍ରୀନ ନୋବେଲ୍ ବିଜେତା ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଯୋଗ ଦେଇ ପିଲାମାନଙ୍କୁ ସ୍ୱିଡେନ୍‌ର ବିଶ୍ୱବିଖ୍ୟାତ ଶିଶୁ ପରିବେଶ କର୍ମୀର ଉଦାହରଣ ଦେଇ କହିଲେ ପୃଥିବୀ ହେଉଛି ପିଲାଙ୍କର ତେଣୁ ସେମାନେ ବିପର୍ଯ୍ୟସ୍ତ ପରିବେଶ ବିଷୟରେ ଅବଗତ ହୋଇ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ହେବ। ମୁଖ୍ୟ ଅତିଥି ଭୁବନେଶ୍ୱର ସର୍ବଭାରତୀୟ ଆୟୁର୍ବିଜ୍ଞାନ ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାପାତ୍ର ବିଭିନ୍ନ ରୋଗ ସହ ଦୀର୍ଘ, ନିରାମୟ ଜୀବନ ପାଇଁ ପରିବେଶ ସୁରକ୍ଷାର ଅନିବାର୍ଯ୍ୟତା ବିଷୟରେ ଉଲ୍ଲେଖ କରିଥିଲେ। ଇ.ତେଜେଶ୍ୱର ରାଓ, ପ୍ରଫେସର ତମୋଘ୍ନା ଆଚାର୍ଯ୍ୟ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଜୟକୃଷ୍ଣ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଖାଡ଼ଙ୍ଗା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଶ୍ୟାମ ବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳିତ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆରେ ମାରୱାଡ଼ି ସମାଜର ଶ୍ରୀଶ୍ୟାମବାବାଙ୍କ ୨୨ ତମ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଆକର୍ଷଣ ଥିଲା ଶ୍ୟାମବାବା ଏକ ଘୋଡ଼ା ଗାଡ଼ିରେ ବିଜେ କରି ସହର ପରିକ୍ରମା କରିବା। କରଞ୍ଜିଆ ସହରର ୱାର୍ଡ଼ ନଂ ୧୨ରେ ଶ୍ରୀ ଶ୍ୟାମ ଉତ୍ସବ ମଣ୍ଡପରୁ ଶୋଭାଯାତ୍ରା ବାହାରି ସିନେମାହଲ ଛକ, ମିଳନ ପଡିଆଛକ, ମାଣିକ ଛକ, କଚେରୀ ଛକ ଦେଇ ଉତ୍ସବ ମଣ୍ଡପରେ ପହଞ୍ଚିଥିଲା। ସେଠାରେ ଦୁଇଦିନ ଧରି ଶ୍ୟାମ ବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ହେବ। କମିଟିର ନିରଞ୍ଜନ ଅଗ୍ରୱାଲ, ସଜ୍ଜନ ଅଗ୍ରୱାଲା, ଗୋପାଲ ଅଗ୍ରୱାଲା ଦିପେଶ ଅଗ୍ରୱାଲ, ପବନ ଅଗ୍ରୱାଲ, ପ୍ରମୁଖ ନେତୃତ୍ୱ ନେଉଥିବା ବେଳେ ସମାଜର ସୁଧିର ଭାରୁକା, ମାରୁୱାର୍ଡି ଯୁବା ମଞ୍ଚ ଓ ଶକ୍ତି ଶାଖାର କର୍ମକର୍ତ୍ତ ମାନେ ଏଥିରେ ସହଯୋଗ କରୁଛନ୍ତି।

# ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ



ନବରଙ୍ଗପୁର (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉଦ୍ଦେଶ୍ୟରେ ଜିଲ୍ଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଚାରିଟି କମିଟି ଯଥା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକରେ ଜିଲ୍ଲାପାଳ ଡଃ ମହାପାତ୍ର ଅଧ୍ୟକ୍ଷତା କରି ଜିଲ୍ଲାରେ ଥିବା ସମସ୍ତ ଅନାଥ ଶିଶୁ ଓ ଏକକ ମାତା ପିତା ଥିବା ଶିଶୁମାନଙ୍କର ଥଇଥାନ ପାଇଁ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ଜିଲ୍ଲାର ୧୦ଗୋଟି ବ୍ଲକ ରେ ଶିଶୁ ମଙ୍ଗଳ କମିଟିର କ୍ୟାମ୍ପ କୋର୍ଟ କରାଯାଇ ସମସ୍ତ ଅନାଥ ଶିଶୁ ଓ ଏକକ ମାତାପିତା ଥିବା ଶିଶୁମାନଙ୍କୁ ବିଧିବଦ୍ଧ ଭାବରେ ଉପସ୍ଥିତ କରାଇବା ଓ ଜିଲ୍ଲାରେ ସମସ୍ତ ଅଙ୍ଗନବାଡି ସ୍ତରରେ ଦାଦନ ଶ୍ରମିକ ମାନଙ୍କର ତଥ୍ୟ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଛି। ଆକ୍ସନଏଡ ସଂସ୍ଥାର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ଶିଶୁମାନଙ୍କର ସୁରକ୍ଷା ଓ ବାଲ୍ୟ ବିବାହର ସମ୍ପୂର୍ଣ୍ଣ ସମାପ୍ତ ଉଦ୍ଦେଶ୍ୟରେ ଜିଲ୍ଲାରେ ନିଆଯାଇ ଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ବୈଠକରେ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ୍ନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା ସନ୍ତୋଷ କୁମାର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧକ୍ଷା ଅଜନ୍ତା ଶୁଭଦର୍ଶନୀ, ସମସ୍ତ ବିଡିଓ ଏବଂ ସିଡିପିଓ ତଥା ବାଲ୍ୟ ବିବାହ ଅଧିକାରୀ, ଚାଇଲ୍ଡ ଲାଇନ ଜିଲ୍ଲା କର୍ମକର୍ତ୍ତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲଘୁଚାପ ବର୍ଷାରେ ବ୍ୟାପକ ଫସଲ କ୍ଷତି: ଚିନ୍ତାରେ ଚାଷୀ

କେନ୍ଦ୍ରପଡ଼ା/ଜଗତସିଂହପୁର (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ତତ୍ ପରବର୍ତ୍ତୀ ଅବପାତ ପ୍ରଭାବରେ ଶୁକ୍ରବାର ଠାରୁ ବର୍ଷା ଲାଗି ରହିଥିବାରୁ ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଗତ କିଛି ଦିନ ହେବ ଚାଷୀମାନେ ବିଲରୁ ଧାନ କାଟି ସେହି ବିଲରେ ଶୁଖିବା ପାଇଁ ପକାଇଥିବା ବେଳେ ଏବେ ବର୍ଷା ହୋଇଯିବାରୁ ସେହି କଟା ହୋଇଥିବା ଧାନ ବିଲରୁ ଖଳାକୁ ଆଣିବା ଆଉ ସମ୍ଭବ ହୋଇ ପାରୁନି। କାରଣ ସେହି ଧାନ ବର୍ଷା ପାଣିରେ ଓଦା ହୋଇଯାଇଛି। ଏବେ ବର୍ଷା ପରେ ବିଲରେ ଧାନ କଟା ହୋଇ ପଡିଥିବା ବେଳେ ତାହା ଶୁଖିବା ବଦଳରେ ଅଧିକ ଓଦା ହୋଇଯିବାରୁ ବର୍ଷା ଯୋଗୁଁ ସେହି ଧାନ ବିଲରୁ ଉଠାଇ ଖଳାକୁ ଆଣିବା ଆଉ ସମ୍ଭବ ହୋଇନାହିଁ। ଫଳରେ ବିଲରେ କଟାହୋଇ ପଡିଥିବା ଧାନ ନଷ୍ଟ ହୋଇଯିବାର ସମ୍ଭାବନା ଦେଖାଦେଇଛି। ବର୍ଷ ସାରା ବିଲରେ ଖଟି ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀଟି ବିଲକୁ ଚାଷକରି ପାଣି ମଡେଇ ତଳି ରୋଇ ସାର ପକାଇବା ସହ ବଛାବଛି କରି ଫସଲ ଫଳାଇଛି। ବହୁ ପରିଶ୍ରମ ପରେ ବିଲରେ ଫସଲ ଦେଖି ଖୁସି ହୋଇଥିବା ଚାଷୀଟି କିନ୍ତୁ ଏବେ ଅମଳ ସମୟରେ ବର୍ଷା ହେବାରୁ ମୁଣ୍ଡରେ ହାତ ଦେଇ ବସିଛି। ଯଦି ଏଭଳି ବର୍ଷା ଲାଗି ରହେ ତେବେ ବିଲରେ କଟା ହୋଇ ପଡିଥିବା ଧାନ ମାଳେଇ ଓ କଟା ନହୋଇଥିବା ଧାନ ଫସଲ ମଧ୍ୟ ବିଲରେ ହିଁ ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଜଗତସିଂହପୁର ଜିଲ୍ଲାରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ଲଘୁଚାପ ଲଗାଣ ବର୍ଷା ଯୋଗୁଁ ଧାନ ଫସଲରେ ବ୍ୟାପକ କ୍ଷତି ହେବା ସହିତ ପନିପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ୮୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଖରିଫ ଧାନ ଚାଷ କରାଯାଇଥିଲା। ତେବେ ଗତ ନଭେମ୍ବର ୨୮ରେ ବାତ୍ୟା ପେଙ୍ଗଲ ଯୋଗୁଁ ଝିପି ଝିପି ବର୍ଷା ଓ କୋହଲା ପାଗ ଯୋଗୁଁ ଧାନ କିଆରୀ ଶୁଖିପାରି ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଡିସେମ୍ବର ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଲଗାତାର କୋହଲା ପାଗ ଲାଗି ରହିଛି। ଏଭଳି ସ୍ଥିତିରେ ଧାନ କିଆରିକି ଧାନ କଟା ମେସିନ ପଶିପାରି ନଥିଲା ଓ ଧାନ ବୋହିବା ପାଇଁ ଟ୍ରାକ୍ଟର ମଧ୍ୟ ପସିପାରିନଥିଲା। ବହୁ କଷ୍ଟ କରି ଚାଷୀମାନେ ହାତରେ ଧାନ କାଟି ୧୦ ଶତାଂଶ ଧାନ ଖଳାକୁ ଆଣିଥିବା ସମୟରେ ଜିଲ୍ଲାରେ ପ୍ରାୟ ୨୦ ହଜାର ହେକ୍ଟର ଜମିରେ ଧାନ କଟା ହୋଇ ପଡିରହିଛି। ତେବେ ଆଜି ସକାଳୁ ଆରମ୍ଭ ହୋଇଥିବା ମଧ୍ୟମ ଧରଣର ଲଗାଣ ବର୍ଷା ଯୋଗୁଁ କ୍ଷେତରେ ପଡି ରହିଥିବା କଟା ଧାନ ପ୍ରତି ବିପଦ ସୃଷ୍ଟି କରିଛି। କଟା ହୋଇ ପଡିଥିବା ଧାନ ଗୁଡିକ ଗଜା ହୋଇଯିବାର ସମ୍ଭାବନା ଥିବା ସମୟରେ କଳାପଡି ଯିବାର ଆଶଙ୍କା ରହିଛି। ତେଣୁ ଅମଳ ଧାନ ଗୁଡିକ ମଣ୍ଡିରେ ବିକ୍ରି ହେବା ପାଇଁ ସମସ୍ୟା ସୃଷ୍ଟି ହେବ। ଆଜିର ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ଧାନ ଚାଷରେ ବ୍ୟାପକ କ୍ଷତି ହେବା ସହିତ ପରିବା ଯଥା କୋବି, ବିମ ଓ ମୂଳା ଚାଷର ବ୍ୟାପକ କ୍ଷତି ଘଟାଇବା ବର୍ଷା ଜନିତ କ୍ଷୟକ୍ଷତି ଯୋଗୁଁ ଚାଷୀମାନେ ଋଣ ସୁଝିବାକୁ ନେଇ ସମସ୍ୟାରେ ପଡିବାର ସମ୍ଭାବନା ସୃଷ୍ଟି ହୋଇଛି।





ଫୁଲନଖରା,(ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା ଧାକୁଲେଇଙ୍କ ପୀଠରେ ଖାନନଗର ହାଇସ୍କୁଲ ୧୯୭୬ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଏକାଠି ହୋଇ ପାଠ ପଢ଼ିଲା ବେଳର ସ୍ମୃତିକୁ ମେନ ପକାଇଥିଲେ । ସବୁ ବର୍ଷ ଏହି ପରି ବନ୍ଧୁମିଳନ ଉତ୍ସବ ପାଳନ କରିବେ ବୋଲି ନିଷ୍ପତି ନେଇଥିଲେ । ଡ଼ା.ବିମଳ ରଥ, ଅଶୋକ ଦାସ, ଦାମୋଦର ମିଶ୍ର, ଅନିରୁଦ୍ଧ ନାୟକ, ପ୍ରଶାନ୍ତ ମହାପାତ୍ର, ସଂଯୁକ୍ତା ଆଚାର୍ଯ୍ୟ, ଡ଼ିଟୁନ ମହାନ୍ତି, ସୁକାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# 'କିଶୋରୀ ଏକ୍ସପ୍ରେସ'ର ଶୁଭାରମ୍ଭ



କେନ୍ଦୁଝର,(ଭାସ୍କର ନ୍ୟୁଜ୍): କିଶୋରୀମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା, ବିଶେଷ କରି ସେମାନଙ୍କୁ ଆନେମିଆ ମୁକ୍ତ କରିବା ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ'ର ଶୁଭାରମ୍ଭ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ମଣ୍ଡଳ ଖଣି ଉପନିର୍ଦ୍ଦେଶକ ଶ୍ରୀ ଦିନେଶ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ଭଦ୍ରାସାହି ସରପଞ୍ଚ ଶ୍ରୀମତୀ ପ୍ରମିଳା ନାଏକ, ଏବଂ ଏମଡିଓ ହେଡ୍ ଶ୍ରୀ ଏଚଏନ୍ ସିଂହ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପତାକା ଦେଖାଇ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ଭ୍ୟାନର ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ଅତ୍ୟାଧୁନିକ ଭ୍ୟାନରେ ରକ୍ତ ପରୀକ୍ଷଣ ବ୍ୟବସ୍ଥା, ଔଷଧ, ସାନିଟାରି ପ୍ୟାଡ଼ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସରଞ୍ଜାମ ଉପଲବ୍ଧ ରହିଛି । ଏହି ଭ୍ୟାନ ଗାଁ ଗାଁ ବୁଲି ସଚେତନ କରିବା ସହ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇବ । ଜିନ୍ଦଲ ଫାଉଣ୍ଡେସନର ଏହି ପଦକ୍ଷେପକୁ ମୁଖ୍ୟ ଅତିଥି ଶ୍ରୀ ଅଗ୍ରୱାଲ ପ୍ରଶଂସା କରିଥିଲେ । ଆଗକୁ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ କିଶୋରୀଙ୍କ ସ୍ୱାସ୍ଥ୍ୟକୁ ଉତ୍ତମ ରଖିବାରେ ସହାୟକ ହେବା ସହ ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ନିଶ୍ଚିତ ଭାବେ ମାର୍ଗଦର୍ଶକ ହେବ ବୋଲି ସେ କହିଥିଲେ। ଯୋଡ଼ା-ବଡ଼ବିଲ ଅଞ୍ଚଳର କିଶୋରୀମାନଙ୍କୁ ଆନେମିଆମୁକ୍ତ କରିବା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅଭିଯାନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ୧୯ଟି ପଞ୍ଚାୟତ ଅଧୀନ ୧୨୦ଟି ଗ୍ରାମର ପ୍ରାୟ ୯୦୦୦ କିଶୋରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଅଙ୍ଗନବାଡ଼ି ଓ ସ୍କୁଲରେ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଂଗିନୀମାନେ ସହଯୋଗ କରିବେ। କିଶୋରୀମାନଙ୍କୁ ଲୌହସାରର ଅଭାବ ଓ ଏହାର ଅସୁବିଧା ସମ୍ପର୍କରେ ଅବଗତ କରାଯିବ। ସେମାନଙ୍କ ହିମୋଗ୍ଲୋବିନ ପରୀକ୍ଷଣ କରାଯାଇ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇ ଦିଆଯିବ । ପରିଚ୍ଛନ୍ନତା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତୁତ ସାନିଟାରୀ ନାପକିନ୍ 'ଶୁଭାଙ୍ଗୀ' ବିତରଣ କରାଯିବ । ଆନେମିଆ ଓ ଅତି ଗୁରୁତର ଆନେମିଆ ରୋଗୀଙ୍କୁ ପୋଷଣ ସହାୟତା ଏବଂ ମଲ୍ଟି ଭିଟାମିନ ପ୍ରଦାନ କରାଯିବ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ଜେଏସପିଏଲର ଅଧିକାରୀ ଓ ଜିନ୍ଦଲ ଫାଉଣ୍ଡେସନର ସଦସ୍ୟମାନେ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ, ଜିନ୍ଦଲ ଫାଉଣ୍ଡେସନର 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ଓଡ଼ିଶା, ଝାଡ଼ଖଣ୍ଡ ଓ ହରିୟାଣାରେ ସଫଳ ସାବ୍ୟସ୍ତ ହୋଇଛି । ଏହି ପଦକ୍ଷେପ ପାଇଁ ଦେଶର ୭.୫ଲକ୍ଷ କିଶୋରୀ ଆନେମିଆମୁକ୍ତ ହୋଇସାରିଛନ୍ତି । ଅନୁଗୁଳରେ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ପାଇଁ ୫୩୭ ଗ୍ରାମର କିଶୋରୀ ଆନେମିଆମୁକ୍ତ ହୋଇସାରିଛନ୍ତି ।

# ଛୁରା ମାଡ଼ରେ ଛାତ୍ର ଆହତ

ପଟ୍ଟାମୁଣ୍ଡାଇ,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡାଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତେଲେଙ୍ଗା ବସନ୍ତ ପଞ୍ଚାୟତ ନୋଡାଲ ହାଇସ୍କୁଲରେ ମଧାହ୍ନ ଭୋଜନ ବିରତି ଚାଲୁଥିବା ସମୟରେ ଅଷ୍ଟମ ଶ୍ରେଣୀର ଲକ୍ଷ୍ମୀକାନ୍ତ ମଲ୍ଲିକ ନାମକ ଛାତ୍ର ଅନ୍ୟଜଣେ ଛାତ୍ର ପ୍ରକାଶ ମଲିକଙ୍କୁ ଛୁରା ମାରିଥିବା ନେଇ ସୂଚନା ମିଳିଛି। ସୂଚନାନୁଯାୟୀ, ଆଜି ବିଦ୍ୟାଳୟର କ୍ଲାସ ଚାଲିଥିବା ବେଳେ ପ୍ରକାଶଙ୍କ ହାତକୁ ନେଇ ଅନ୍ୟଜଣେ ଛାତ୍ର ଲକ୍ଷ୍ମୀକାନ୍ତଙ୍କ ମୁଣ୍ଡରେ ବଜାଇ ଦେଇଥିଲେ। ଏହି ସମୟରେ ଲକ୍ଷ୍ମୀକାନ୍ତ ପ୍ରତିକ୍ରିୟାଶୀଳ ହୋଇ ପ୍ରକାଶଙ୍କୁ ଗାଳିଗୁଲଜ କରିଥିବା ବେଳେ ଉଭୟ ଛାତ୍ରଙ୍କ ମଧରେ ମାଡଗୋଳ ହୋଇଥିଲା। ତେବେ ଶିକ୍ଷକ ଆସି ଦୁହିଁଙ୍କୁ ଆକଟ କରିଥିଲେ, ମଧାହ୍ନ ଭୋଜନ ସମୟରେ ଲକ୍ଷ୍ମୀକାନ୍ତ ଘରକୁ ଯାଇ ଏକ ଧାରୁଆ ଅସ୍ତ୍ର(ଛୁରୀ) ଧରି ବିଦ୍ୟାଳୟକୁ ଫେରି ପ୍ରକାଶଙ୍କ ଆକ୍ରମଣ କରିଥିଲେ। ତେବେ ପ୍ରକାଶଙ୍କର ପିଠିରେ ରକ୍ତସ୍ରାବ ହେବାରୁ ଶିକ୍ଷକ ପ୍ରକାଶଙ୍କୁ ସ୍ଥାନୀୟ ପଟ୍ଟାମୁଣ୍ଡାଇ ଉପ ଚିକିତ୍ସା କେନ୍ଦ୍ରକୁ ଆଣି ଚିକିତ୍ସା କରାଇଛନ୍ତି । ଏହି ଘଟଣାକୁ ଗ୍ରାମରେ ଉତ୍ତେଜନା ଦେଖା ଯାଇଛି।

# 'ମନରେଗା' ସମୀକ୍ଷା ବୈଠକ

ବୋଲଗଡ଼,(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ରାଜୀବ ଗାନ୍ଧି ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ମନରେଗା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡ଼ିଓ ଶରତ କୁମାର ମଲ୍ଲିକ, ଏବିଡ଼ିଓ ଡ଼.ରତିକାନ୍ତ ମିଶ୍ର, ଏପିଓ ରୁବି ଡାକୁଆ, ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ସହକାରୀ ଯନ୍ତ୍ରୀ ଅମୁଲ୍ୟ କୁମାର ବାହିନୀପତି, ୧୯ଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକ ଯୋଗ ଦେଇ ପ୍ରତି ପଞ୍ଚାୟତ ମନରେଗା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ସହକାରୀ ଯନ୍ତ୍ରୀ ଅମୁଲ୍ୟ କୁମାର ବାହିନୀପତି ବ୍ଲକ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ମନରେଗା କାର୍ଯ୍ୟରେ ଶ୍ରମଦିବସ ବୃଦ୍ଧି ସହିତ ଗ୍ରାମ ସୌନ୍ଦର୍ଯ୍ୟୀକରଣ ପାଇଁ ନୂତନ ପ୍ରସ୍ତାବକୁ ଅଗ୍ରାଧିକାର ଦେବାକୁ ବିଡ଼ିଓ ଶ୍ରୀ ମଲ୍ଲିକ କହିଥିଲେ। ବୈଠକରେ ୨୦୨୫-୨୬ ବର୍ଷର ଉନ୍ନୟନ ଯୋଜନା ଗୁଡିକ କିଭଳି କରାଯିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯିବା ସହିତ ଅମୃତସରୋବର ଏବଂ ଗ୍ରାମପଞ୍ଚାୟତର ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ସର୍ବପୁରାତନ କୃଷିବିଜ୍ଞାନର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



କେନ୍ଦୁଝର,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଯୁଡିଆ ଫାର୍ମ ପରିସରରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରର ୨୫ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ସର୍ବାଣୀ ଦାସ ଯୋଗଦେଇ ବୈଠକକୁ ସଂଚାଳିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ଼ ସୁକାନ୍ତ କୁମାର ସାହୁ କେନ୍ଦ୍ର ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ଉପସ୍ଥାପନ କରିବା ସହିତ ଆଗାମୀ କାର୍ଯ୍ୟ ଯୋଜନାଗୁଡ଼ିକୁ ଉପସ୍ଥିତ ସଭ୍ୟମାନଙ୍କ ସମ୍ମୁଖରେ ରଖିଥିଲେ । ଏହି ବୈଠକରେ ଜଳ ଜମି ଜଙ୍ଗଲ ଏବଂ ଜୀବ ଜଗତର ସୁରକ୍ଷା ପାଇଁ ଜାତୀୟ ପ୍ରାକୃତିକ କୃଷି ମିଶନ ପକ୍ଷରୁ ପ୍ରାକୃତିକ କୃଷି ପ୍ରକଳ୍ପ କାର୍ଯ୍ୟକାରି ହେବାକୁ ଯାଉଛି ବୋଲି କୃଷି ଅନୁସନ୍ଧାନ ପରିଷଦ ଅଟାରୀ ଜୋନ- ୫ର ପ୍ରମୁଖ ବୈଜ୍ଞାନିକ ଡ଼ ଅଭିଜିତ ହାଲଦାର ସୂଚନା ଦେଇଥିଲେ । ଚେସ୍‌ର ନିର୍ଦ୍ଦେଶକ ଡ଼ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଆମ୍ବ, ପିଜୁଳି ଆଦି ଫଳ ବଗିଚାରେ ଅନ୍ତଃ ଫସଲ ଚାଷକୁ ଗୁରୁତ୍ୱାରୋପ କରିଥିଲେ। ଫଳ ପନିପରିବା ଏବଂ ଛତୁ ର ଅଭାବୀ ବିକ୍ରିକୁ ପ୍ରତିହତ କରିବାକୁ ଚାଷମାନଙ୍କୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ତାଲିମ୍ ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡ଼ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳ ବିଭାଜିକା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗର ସଦସ୍ୟ ମାନେ ଉପସ୍ଥିତ ରହି ପରାମର୍ଶ ପ୍ରଦାନ କରିଥିଲେ । ପରିଶେଷରେ କେନ୍ଦ୍ର ବୈଜ୍ଞାନିକ ନିଗମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ଭିସିଂ ସେଣ୍ଟରରୁ ୪ ଶିଶୁ ଶ୍ରମିକ ଉଦ୍ଧାର

ବ୍ରଜରାଜନଗର, ୨୧/୧୨(ଭାସ୍କର ନ୍ୟୁଜ) ଓରିଏଣ୍ଟ ଥାନା ଅନ୍ତର୍ଗତ ମଣ୍ଡଳିଆ ଅଞ୍ଚଳରେ ଥିବା ଏକ ସର୍ଭିସିଂ ସେଣ୍ଟର ରୁ ଗତ କାଲି ୪ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି କ୍ଷ ଜିଲ୍ଲା ଶ୍ରମ ଅଧିକାରୀ, ଚାଇଲଡ଼ ଲାଇନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟଙ୍କ ଦ୍ୱାରା ଗଠିତ ଟାସ୍କ ଫୋର୍ସ ଉକ୍ତ ୪ ଜଣ ଶିଶୁ ଶ୍ରମିକ ଟ୍ରକ ସଫା କରୁଥିବା ବେଳେ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଶିଶୁ ମାନଙ୍କୁ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଯିବା ପରେ ୩ ଜଣ ଶିଶୁଙ୍କୁ ପିତାମାତାଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଅନ୍ୟ ଜଣେ ଶିଶୁଙ୍କ ପରିବାରର ସନ୍ଧାନ ମିଳିନଥିବାରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଚାରିଜଣଙ୍କର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ପରିଚୟ ମିଳିବା ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଶିଶୁ ମାନଙ୍କୁ କାମରେ ଲଗାଇଥିବା ସର୍ଭିସିଂ ସେଣ୍ଟର ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପତ୍ର ଲେଖିଥିବା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡା କହିଛନ୍ତି।

# ଅଦିନିଆ ବର୍ଷା ହେଲା କାଳ



ପରଜଙ୍ଗ,(ଭାସ୍କର ନ୍ୟୁଜ୍): ସମଗ୍ର ଲଘୁଚାପ ପ୍ରଭାବରେ ଜାରି ରହିଛି ଅଦିନିଆ ବର୍ଷା ସାଙ୍ଗକୁ କୋହଲା ପାଗ, ଚିନ୍ତାରେ ଚାଷୀ । ଧାନ ବୁଣା ଠାରୁ ଅମଳ ପର୍ଯ୍ୟନ୍ତ ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ଅକ୍ଳାନ୍ତ ପରିଶ୍ରମ କରିଥିଲେ ମଧ ଆଜି ଅଦିନିଆ ବର୍ଷା ଦାଉ ସାଜିଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ। ଏହି ଅଞ୍ଚଳରେ ହାତୀ, ବାରାହ ଓ ମାଙ୍କଡ଼ମାନଙ୍କ ଉପଦ୍ରବ ରହିଥିବା ବେଳେ ଏମାନଙ୍କ ଦାଉରୁ ଧାନ ଅମଳ କରି ପରିବାରଙ୍କ ମୁହଁରେ ବର୍ଷକର ଆହାର ଯୋଗାଇ ଦେବାକୁ ଚାଷୀ ଆପ୍ରାଣ ଉଦ୍ୟମ କରିଥିଲେ ମଧ ଆଜି ଅଦିନିଆ ବର୍ଷାର ପ୍ରକୋପ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ଚାଷୀଙ୍କ କ୍ଷେତରେ ପାଚିଲା ଧାନ କଟା ହୋଇ ବର୍ଷାରେ ଭିଜି ଓଦା ହେବାରୁ ଧାନ ଗଜା ହୋଇଗଲାଣି । ତତ୍ ସହିତ କ୍ଷେତରୁ ଘରକୁ ଆଣିଥିବା ଅମଳ ଧାନକୁ ଖଳାରେ କିପରି ସୁରକ୍ଷିତ ରଖାଯିବ ସେ ନେଇ ଚିନ୍ତାରେ ପଡିଯାଇଛନ୍ତି ଚାଷୀ ମାନେ। କ୍ଷେତରେ ଠିଆ ହୋଇ ରହିଥିବା ଧାନ ଗଛ ଖରା ବାଜିଲେ ଆଗରୁ ଧାନ କେଣ୍ଡା ଛିଣ୍ଡି ପଡିବ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି । ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଗାଁ ଗହଳି ରାସ୍ତା ପାଣି କାଦୁଅରେ ବେହାଲ। ଧାନ ଗଣ୍ଡେ ଶୁଖାଇବା ପାଇଁ ମଧ୍ୟ ଶୁଖିଲା ଜାଗା ଖଣ୍ଡେ ମିଳିବା କଷ୍ଟ ହୋଇ ପଡିଛି। ଯଦି ଏହିଭଳି ଆଉ ଦୁଇ ଦିନ ବର୍ଷା ଲାଗିରହେ, ତେବେ ଚାଷୀଙ୍କୁ ଖାଇବାକୁ ମିଳିବା କଷ୍ଟ ହେବ । ଏଥି ପ୍ରତି ରାଜସ୍ୱ ବିଭାଗର ସହାୟତାକୁ ଆଶା କରିଛନ୍ତି ସମସ୍ତ ଚାଷୀ।

# ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ମେଗା ରକ୍ତଦାନ ଶିବିର




ବେଲପାହାଡ଼,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ବେଲପାହାଡ଼ସ୍ଥିତ ରାଣୀ ସତୀ ଦାଦୀ ମନ୍ଦିର ପ୍ରାଙ୍ଗଣରେ ଆଜି ଶୁକ୍ରବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଲାଜୀ ଇଞ୍ଜିକନ୍ ଲିମିଟେଡ କମ୍ପାନୀ ପକ୍ଷରୁ ଶିବିର ଆୟୋଜନରେ ପୂର୍ଣ୍ଣ ସହଯୋଗ ରହିଥିଲା। ଏହି ଶିବିରରେ ମୋଟ ୧୫୨ ୟୁନିଟ ରକ୍ତ ସଂଗ୍ରହ କରି ରକ୍ତଭଣ୍ଡାରକୁ ପଠା ଯାଇଥିଲା। ଏଥିରେ ଝାରସୁଗୁଡ଼ା ରକ୍ତଭଣ୍ଡାର ଅଧିକାରୀ ଡା. ଶିଲଓ୍ୱନ୍ତୀ ଜୋଜୋଙ୍କ ସମେତ ଭାବଗ୍ରାହୀ ବେହେରା, କିରଣ ସାହୁ, ଭବାନୀ ଶଙ୍କର ସୁନ୍ୟାନି, ଦିଲୀପ ବନଛୋର, ଦଳଗୋବିନ୍ଦ ଛଛାନ୍?, ଜ୍ଞାନେଶ୍ୱର ପଟେଲ, ଭବାନୀ ଶଙ୍କର ରାଉତ, ସୁଚିତା କାଲୋ, ସୋନିଆବତି ନୁନିଆ, ରାଜେଶ ସା ପ୍ରମୁଖ ସ୍ୱାସ୍ଥ୍ୟ କର୍ମକାରୀ ଯୋଗଦେଇ ରକ୍ତ ସଂଗ୍ରହ କାର୍ଯ୍ୟ ନିର୍ବାହ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କୋଭିଡ ମହାମାରୀ ସମୟରେ ମାରୱାଡ଼ି ଯୁବ ମଞ୍ଚର ଭୂମିକାକୁ ଅନେକ ପ୍ରଶଂସା କରିବା ସହ ରକ୍ତଦାନ ପାଇଁ ବିଶେଷ ଭାବେ ଯୁବ ପିଢ଼ୀ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ଏହା ସହ ରକ୍ତଦାତା ଓ ନିକଟ ଅତୀତରେ ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଲପାହାଡ଼ର ଅମିତ କୁମାର ମଲ୍ଲିକଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରାଦେଶିକ ଝାରସୁଗୁଡ଼ା ମାରୱାଡ଼ି ସମ୍ମେଳନର ଅଧ୍ୟକ୍ଷ ନୋବଲ ଅଗ୍ରୱାଲ, ବାଲାଜୀ ଇଞ୍ଜିକନ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅନୀଲ ଅଗ୍ରୱାଲ, ବେଲପାହାଡ଼ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ଅଧକ୍ଷା ରୋସ୍ନି ଶେକସେରିଆ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ବେଲପାହାଡ଼ ମାରୱାଡ଼ି ଯୁବ ମଞ୍ଚର ସଭାପତି ମୁକେଶ ଅଗ୍ରୱାଲ, ସମ୍ପାଦକ ବିବେକ ଅଗ୍ରୱାଲ, ସଂଯୋଜକ ଅଙ୍କିତ ଅଗ୍ରୱାଲ, ସହ-ସଂଯୋଜକ ଗୌରବ ଅଗ୍ରୱାଲଙ୍କ ସମେତ ବିକାଶ ଅଗ୍ରୱାଲ, ବିପ୍ଳବ ଅଗ୍ରୱାଲ, ନିରଜ୍ ପୋଦ୍ଦାର, ସୁଶିଲ ଅଗ୍ରୱାଲ, ସୁବାସ ରୁଙ୍ଗଟା, ରାଜକୁମାର ଅଗ୍ରୱାଲ, ରମେଶ ଧୱାଲିଆ, ରାମକୁମାର ଅଗ୍ରୱାଲ, ନେମିଚନ୍ଦ ଜୈନ୍ ମୁକେଶ ତାଏଲ୍, ରୋହିତ ଚୌକାନୀ, ବିନୟ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ଲଘୁଚାପ ବର୍ଷାରେ ପାଚିଲା ଧାନ କ୍ଷତିଗ୍ରସ୍ତ

## ଚିନ୍ତାରେ ଚାଷୀ

ରଘୁନାଥପୁର,(ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷାରେ ପାଚିଲା ଧାନକ୍ଷେତ ଅବସ୍ଥା ବେହାଲ। ଡିସେମ୍ବର ମାସ ଶେଷଭାଗରେ ଚାଷୀ ଧାନ ଅମଳକରି ଘରକୁ ଆଣିବାକଥା କିନ୍ତୁ ଅଦିନିଆ ଲଗାଣ ବର୍ଷା ଦାଉ ସାଜିଥିବାରୁ ଚିନ୍ତାରେ ପଡିଛି ଚାଷୀକୂଳ ।ଚାଷୀଟିଏ ଅକ୍ଲାନ୍ତ ପରିଶ୍ରମ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଧାନ ଫସଲ କରିଥିଲା। ଫସଲ ଅମଳକରିଥିଲେ ଧାରକରଜ ସୁଝିବାସହ ଅଭାବି ସଂସାରରେ ଟିକେ ହସଫୁଟାଇ ପାରିଥାନ୍ତା ।ମାତ୍ର ପାଚିଲା ଧାନ ପାଣିରେ ଭାସୁଥିବା ଦେଖି ଚାଷୀ ତାର କୋହ ସମ୍ଭାଳି ପାରୁନାହିଁ। ୩ ଦିନ ଧରି ଲଘୁଚାପ ଜନିତ ବର୍ଷା ହେବାର ପାଣିପାଗ ବିଭାଗ ପୂର୍ବଅନୁମାନ କରିଥିଲେବି ଚାଷୀ ଏତେଶିଘ୍ର କ୍ଷେତରୁ ଧାନ ଅମଳ କରିପାରିନାହିଁ। ରଘୁନାଥପୁର ଅଞ୍ଚଳରେ ଅନେକ କ୍ଷେତରେ ଧାନ କଟାଯାଇ କଚଡା ପଡିଥିବାବେଳେ ଆଉ ଅଧିକାଂଶ କ୍ଷେତରେ ଧାନ ଗଛଶୋଇ ପଡିଥିବାରୁ କ୍ଷେତରେ ଆଣ୍ଠୁଏ ଆଣ୍ଠୁଏ ବର୍ଷାପାଣି ଜମିବା ଯୋଗୁ ଧାନ ଗଜାହୋଇ ଯିବାର ଯଥେଷ୍ଟ ସମ୍ଭାବନା ରହିଛି ।ଅଞ୍ଚଳରେ ଚଳିତ ବର୍ଷ ଧାନଫସଲ ଭଲ ଅମଳଦେବ ବୋଲି ଅଞ୍ଚଳରେ ଚାଷୀ ଏକପ୍ରକାର ଖୁସୀଥିବା ବେଳେ ଅଦିନିଆ ଲଗାଣ ବର୍ଷାଯୋଗୁ ଏହି ଖୁସୀ ପାଣିଫାଟିଯାଇଛି ।ରଘୁନାଥପୁର ବ୍ଲକ ଅଞ୍ଚଳରେ ହଜାର ହଜାର ହେକ୍ଟର ଧାନକ୍ଷେତରେ ବ୍ୟାପକ କ୍ଷୟକ୍ଷତି ହୋଇଛି ।ସେହିପରି ଲଗାଣ ବର୍ଷାରେ ଶୀତଦିନିଆ ପନିପରିବା ଫସଲ ମଧ୍ୟ ଅଞ୍ଚଳରେ ଅନେକ ମାତ୍ରାରେ କ୍ଷତି ଘଟିଥିବା ଜଣାପଡିଛି। ସରକାର ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାପାଇଁ ଜିଲ୍ଲା କୃଷକ ସଂଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଓ ସମ୍ପାଦକ ଇଂ ବାବାଜୀ ଚରଣ ଜେନା ସରକାରଙ୍କ ନିକଟରେ ଦାବି ରଖିଛନ୍ତି।



# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ବ୍ରଜରାଜନଗର,(ଭାସ୍କର ନ୍ୟୁଜ୍): ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଧକ୍କା ମାରିବା ଘଟଣାକୁ ନେଇ ଗାନ୍ଧୀ ଛକଠାରେ ଓଡ଼ିଶା ସ୍ୱାଭିମାନ ସମିତି ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରଯାଇଛି। ଶିବ କୁମାର ସିଂ, ପ୍ରସନ୍ନ କୁମାର ମହାପାତ୍ର, ରୋସନ ସିଂହ, ସନ୍ତୋଷ ଚୌଧୁରି, ସହଦେବ ପ୍ରଧାନ, ମେଘନାଦ ବାରିକ, ଜିତୁ ମାଝୀ ଆଦି ଉପସ୍ଥିତ ଥିଲେ। ସେପଟେ ଓଡ଼ିଶା ସ୍ୱାଭିମାନ ସମିତି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ରାହୁଲ ଗାନ୍ଧି କ୍ଷମା ମାଗିବାକୁ ଦାବି କରିଛି।

# ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର




କେନ୍ଦୁଝର,(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନାରାୟଣ ହୃଦାଳୟ, ହାୱଡା ସହାୟତାରେ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି.)ଠାରେ ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ଉଦ୍‌ଘାଟନ କରିବା ସହ ଏଭଳି ଶିବିରର ଆବଶ୍ୟକତା ସଂପର୍କରେ ମତବ୍ୟକ୍ତ କରିଥିଲେ । ଶିଶୁମାନଙ୍କଠାରେ ହୃଦ୍‌ରୋଗଜନିତ ଜଟିଳ ସମସ୍ୟା ଦେଖାଦେଲେ, ଏହାର ଚିକିତ୍ସା ନିମନ୍ତେ ଆର୍‌ବିଏସ୍‌କେ ମଧ୍ୟରେ ଏବଂ ନାରାୟଣ ହୃଦାଳୟ ସହାୟତାରେ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇ ଦିଆଯାଉଅଛି ବୋଲି ଡା.ପୃଷ୍ଟି ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଶିବିରରେ ନାରାୟଣ ହୃଦାଳୟ, ହାୱଡା ଏବଂ ନାରାୟଣ ହୃଦାଳୟ, ଜାମେସଦପୁର ଠାରୁ ଆସିଥିବା ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡା. ଅନ୍ୱେଷା ମୁଖାର୍ଜି ଏବଂ ଡା. ରୋଶନି ମଣ୍ଡଳ ଯୋଗଦେଇ ୮୯ ଜଣ ଶିଶୁଙ୍କ ହୃଦ୍‌ରୋଗ ପରୀକ୍ଷା କରିଥିଲେ। ଏଥିମଧ୍ୟରୁ ୧୨ଜଣଙ୍କ ଅସ୍ତ୍ରୋପଚାର ପରବର୍ତ୍ତି ପରୀକ୍ଷା କରାଯାଇଥିବାବେଳେ ୭୭ଜଣଙ୍କର ନୂତନ ଭାବେ ପରୀକ୍ଷା କରାଯାଇଥିଲା। ୭୭ଜଣ ନୂତନ ଭାବେ ପରୀକ୍ଷା କରାଯାଇଥିବା ଶିଶୁଙ୍କ ମଧ୍ୟରୁ, ୫୦ଜଣଙ୍କଠାରେ ହୃଦ୍‌ରୋଗଜନିତ ସମସ୍ୟା ଚିହ୍ନଟ କରାଯାଇଅଛି । ଉକ୍ତ ୫୦ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ପର୍ଯ୍ୟାୟକ୍ରମେ ଆର୍‌ବିଏସ୍‌କେ ମାଧ୍ୟମରେ ନାରାୟଣ ହୃଦାଳୟକୁ ପଠାଯାଇ ବିନା ମୂଲ୍ୟରେ ଅସ୍ତ୍ରୋପଚାର କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୃଷ୍ଟି ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଆର୍‌ବିଏସ୍‌କେ ୟୁନିଟ୍‌ରୁ ଆସିଥିବା ପ୍ରଶାନ୍ତ କୁମାର ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ବିଜୟ କେତନ ବେହେରା, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟ ରଞ୍ଜନ ବରାଳ, ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ, ଡି.ଇ.ଆଇ.ସି.ର ସମସ୍ତ କମକର୍ତ୍ତା ଭ୍ରାମ୍ୟମାଣ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଓରିଏଣ୍ଟ କାଗଜକଳର ସ୍କ୍ରାପ୍ ଚାଲାଣକୁ ବିରୋଧ



ବ୍ରଜରାଜନଗର,(ଭାସ୍କର ନ୍ୟୁଜ): ୧୯୯୮ ମସିହାରୁ ବନ୍ଦ ପଡ଼ିଥିବା ଓରିଏଣ୍ଟ କାଗଜକଳରୁ ରାତାରାତି ସ୍କ୍ରାପ୍ ଚାଲାଣକୁ ବନ୍ଦ ଦାବିରେ କାଗଜକଳ ଗେଟ ସମ୍ମୁଖରେ ବିଜେପି ନେତ୍ରୀ ସଙ୍ଗୀତା ସୁନାଙ୍କ ନେତୃତ୍ୱରେ ରେଣୁବାଳା ସାହୁ, ଜୋସ୍ନା ବଡପଣ୍ଡା, ସଞ୍ଜୁ କିଷାନ, ଶିବାନୀ ନାଗ, ବିନୋଦିନୀ ପ୍ରଧାନ, ଶାନ୍ତି ସାହୁ, ତାରା ତନ୍ତୀ, ମାନି ସାହୁ ସେମତ ଶତାଧିକ ମହିଳା ଧାରଣାରେ ବସିଛନ୍ତି ଓ କାଗଜ କଳ ଭିତରେ ଥିବା ବିଭିନ୍ନ ସ୍କ୍ରାପ୍ ସହିତ ମୂଲ୍ୟବାନ ଜିନିଷଗୁଡ଼ିକ କାଗଜ କଳ କର୍ତ୍ତୃପକ୍ଷ ଓ ସ୍କ୍ରାପ୍ ବ୍ୟବସାୟୀ ରାତାରାତି ଚାଲାଣ କରିଚାଲିଛନ୍ତି। ଏହାକୁ ବିରୋଧ କରି କାଗଜ କଳ ପୁନଃ କାର୍ଯ୍ୟକ୍ଷମ ନକଲେ ପୁରୁଣା ସ୍କ୍ରାପ୍ ଚାଲାଣ କରିବା ପାଇଁ ଦିଆଯିବ ନାହିଁ ବୋଲି ଧାରଣାରେ ବସିଥିବା ମହିଳାମାନେ କାଗଜ କଳ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି ଓ ଏନେଇ ମହିଳାମାନେ ଜିଲ୍ଲାପାଳ ଆବୋଲି ସୁନିଲ ନରୱେଣ ଓ ଏସପି ସ୍ମିତ ପରମାରଙ୍କୁ ମଧ ଏକ ଲିଖିତ ଆବେଦନ ଦେଇଥିବା ସୂଚନା ଦେଇଛନ୍ତି। ଏବେ ଓରିଏଣ୍ଟ କାଗଜ କଳ ଦାୟିତ୍ୱରେ ଥିବା ମ୍ୟାନେଜର ଗିରିଶ ପାଢ଼ୀ ଓରିଏଣ୍ଟ କାଗଜକଳ ସମ୍ମୁଖକୁ ଆସି ଧାରଣାସ୍ଥଳରୁ ଦାବିପତ୍ର ଗ୍ରହଣ କରିବା ପାଇଁ ଧାରଣାକାରୀ ଜିଦ୍ ଧରି ବସିଥିବାବେଳେ ସେ ଘଟଣା ସ୍ଥଳରେ ପହଞ୍ଚି ନଥିଲେ। ଶେଷରେ ସ୍ଥାନୀୟ ପୋଲିସ ମହିଳାମାନଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ଜିଦ୍ ଧରିବାରୁ ମ୍ୟାନେଜର ଗିରିଶ ପାଢ଼ୀ ଘଟଣା ସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରି ଦାବିପତ୍ର ଗ୍ରହଣ କରିଥିଲେ।

# ଗ୍ୟାସ ଟାଙ୍କି ଫାଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ପଟ୍ଟାମୁଣ୍ଡାଇ,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଆଢାଖଣ୍ଡ ଗ୍ରାମର ରବିନ୍ଦ୍ର ମାଲିକଙ୍କ ବୋହୂ ଖାଦ୍ୟ ପ୍ରସ୍ତୁତ କରୁଥିବାବେଳେ ହଠାତ ଗ୍ୟାସ ସିଲିଣ୍ଡର ପାଇପ୍‌ରେ ନିଆଁ ଲାଗିଗଲା। ସେଠାରୁ ସେ ଦୌଡି ଆସୁଥିବା ବେଳେ ହଠାତ ଗ୍ୟାସ ସିଲିଣ୍ଡର ଫାଟି ଚାରି ବଖରା ଘର ପୋଡିଯିବା ସହିତ ଘରର ସମ୍ପୂର୍ଣ୍ଣ ଆସବାସ ପତ୍ର ତଥା ସଉଦାପତ୍ର ସମସ୍ତ କାଗଜ ପତ୍ର ପୋଡି ପାଉଁଶ ହୋଇଯାଇଛି, ଗାଁ ଲୋକ ଏହି ଅଗ୍ନିକାଣ୍ଡକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଦମକଳ ବାହିନୀ ପହଞ୍ଚିବା ବେଳକୁ ପିନ୍ଧା ଲୁଗାକୁ ଛାଡି ପୂର୍ବରୁ ସବୁକିଛି ପୋଡି ପାଉଁଶ ହୋଇଯାଇଥିଲା, ଗ୍ରାମବାସୀ ଓ ପରିବାର ଲୋକ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି ।

# ବିବେକାନନ୍ଦ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ବାର୍ଷିକୋତ୍ସବ



ବେଲପାହାଡ଼,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବିବେକାନନ୍ଦ ଇଣ୍ଟରନେସେନାଲ୍ ସ୍କୁଲରେ ୨୨ ତମ ବାର୍ଷିକୋତ୍ସବ ମହସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିଗଣ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଆଇଏଏସ୍, ଆଇପିଏସ୍, ଓଏଏସ୍ ଅଧିକାରୀ ହୁଅନ୍ତୁ, ହେଲେ ଜୀବନରେ ଭଲ ମଣିଷଟିଏ ହୋଇ ସର୍ବଦା ଦେଶର ହିତରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟ ପାଇଁ ଏକ ସ୍ୱତନ୍ତ୍ର ଷ୍ଟାଡିୟମ୍ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଭାପତି ଡା. ନକୁଳ ଚରଣ ସାମଲ, ସମ୍ପାଦକ ଏଏସ୍‌ଆର ମୂର୍ତ୍ତି, ଉପସଭାପତି ଶ୍ୟାମ ସୁନ୍ଦର ଶତପଥୀ, ସ୍କୁଲ ଅଧକ୍ଷ ଅମିର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍କୁଲର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଚିରଞ୍ଜି ଲାଲ ଅଗ୍ରୱାଲ ଓ ସ୍ୱର୍ଗତ ଅର୍ଜୁନ ଲାଲ ବୁନ୍ଦିଆଙ୍କ ବିଦ୍ୟାଳୟ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବକ୍ତାମାନେ ତାଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ ଓ ପରେ ନାଚ, ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ପାରାଦୀପ, (ଭାସ୍କର ନ୍ୟୁଜ୍): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ପାରାଦୀପ ମହୋତ୍ସବ ଆୟୋଜିତ ହୋଇଥାଏ। ଏହି ମହୋତ୍ସବ ସ୍ଥାନୀୟ ଜୟଦେବ ସଦନ ପଡ଼ିଆ ଠାରେ ଡିସେମ୍ବର ୨୫ ରୁ ୩୧ ତାରିଖ ଯାଏ ଦୀର୍ଘ ସାତଦିନ ଧରି ଚାଲିଥାଏ। ଚଳିତ ବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ମୀନାବଜାର, ରାମଦୋଳି, ସୁସ୍ୱାଦୁ ଖାଦ୍ୟ ଷ୍ଟଲ, ମନୋହରି ଓ ଗୃହ ଉପକରଣ ସାମଗ୍ରୀ ସମେତ ଶତାଧିକ ଷ୍ଟଲ ଖୋଲାଯିବାର ବ୍ୟବସ୍ଥା କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ବାଜପେୟୀଙ୍କ ଅବଦାନ, ଆଦର୍ଶ ଓ ଦର୍ଶନ ଉପରେ ଆଲୋଚନା ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଏହି ଅବସରରେ ଖ୍ୟାତନାମା କଣ୍ଠଶିଳ୍ପୀ ଇରା ମହାନ୍ତି, ମଣ୍ଟୁ ଛୁରିଆ, ସତ୍ୟଜିତ ପ୍ରଧାନଙ୍କ ସମେତ ଅନେକ ପ୍ରତିଷ୍ଠିତ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସହରାଞ୍ଚଳ ବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତେବେ ଏହି ମହୋତ୍ସବ ପାଇଁ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଭୂମି ପୂଜନ କାର୍ଯ୍ୟକ୍ରମରେ ବିଜେପି ପାରାଦୀପ ନଗର ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ଶିଳ୍ପ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ପ୍ରତାପ ନାୟକ, ଟ୍ରଷ୍ଟର ସଦସ୍ୟ ସର୍ବେଶ୍ୱର ଜେନା, ଦିଲ୍ଲୀପ ବେହେରା, ଜିତେନ୍ଦ୍ର ସାହୁ, ଗୌରାଙ୍ଗ ମଣ୍ଡଳ, ଯୀଶୁଖ୍ରୀଷ୍ଟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକ ଜିଲ୍ଲା ଆଶା ଗ୍ରାମକଲ୍ୟାଣ ସମିତି ସମାବେଶ

# ଆଶାମାନେ ହିଁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ପ୍ରକୃତ ମେରୁଦଣ୍ଡ




ଭଦ୍ରକ, (ଭାସ୍କର ନ୍ୟୁଜ୍) : ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ଆଧାରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଦାୟିତ୍ୱ ନିର୍ବାହ ପାଇଁ ଯୋଗ୍ୟ ଆଶାକର୍ମୀ, ଗ୍ରାମ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କୁ ପୁରସ୍କୃତ କରାଯିବା ନେଇ ଭଦ୍ରକ ଜିଲ୍ଲା ଆଶା, ଗ୍ରାମକଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ସହିଦ୍ ସ୍ମୃତି ଭବନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଧାଂଶୁ ଶେଖର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଭଦ୍ରକ ଜିଲ୍ଲାପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ମୁଖ୍ୟ ଅତିଥି ଭାବେଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆଶାମାନେ ହିଁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ପ୍ରକୃତ ମେରୁଦଣ୍ଡ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ସମସ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ସହଯୋଗିତା, ସହଭାଗିତା ଓ ସମନ୍ୱୟତାର ଆବଶ୍ୟକ ଅଛି ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହ ଚିକିତ୍ସାଧିକାରୀ ଡ଼ା. ଅମୂଲ୍ୟ କୁମାର ଦାସ, ଡ଼ା କନକଲତା ସାହୁ, ଡ଼ା. ସଂଗୀତ ବଳ ଏବଂ ଡ଼ା. ସନ୍ତୋଷ କୁମାର ପୃଷ୍ଟି, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସୁଶ୍ରୀ ସରିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ସମାବେଶର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ପି.ଏଚ୍.ଓ., ବିପିଏମ୍, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ, ମହିଳା ଆରୋଗ୍ୟ ସମିତି ଓ ଗ୍ରାମ କଲ୍ୟାଣ ସମିତିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ସହପରିଚାଳକ ଅଭିଳାଷ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶାର ସହ ପରିଚାଳିକା କଳ୍ପନା ସାମଲ ଏବଂ ତିହିଡ଼ିର ବିତ୍ତ ପରିଚାଳକ ବିପ୍ଳବ ରଞ୍ଜନ ପତି କାର୍ଯ୍ୟକ୍ରମ ସଂଯୋଜନାରେ ଆନୁଷଙ୍ଗିକ ସହଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଣ୍ଡାରିପୋଖରୀର ସ୍ୱାସ୍ଥ୍ୟ କର୍ମଚାରୀ ଓ ସି.ଏଚ୍.ଓ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏ.ଡ଼ି.ପି.ଏଚ୍.ଓ ଅନୀତା ରାଣୀ ରାଉତ, ବି.ପି.ଏମ୍. ଧାମନଗର ଜିତେନ୍ଦ୍ର ନାରାୟଣ ବିଶ୍ୱାଳ, ବରପଦା ସି.ଏଚ୍.ସିର ଅଧିକାରୀ ଡ଼ା ଉମେଶ କୁମାର ଜେନା, ପି.ଓ. ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସବିତା ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡ଼ି.ପି.ଏମ୍, ଦେବବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ସମବାୟ ମନ୍ତ୍ରୀଙ୍କ କଣ୍ଟାପଡ଼ା ଗସ୍ତ

କଣ୍ଟାପଡା, (ଭାସ୍କର ନ୍ୟୁଜ୍): ରାଜ୍ୟ ସମବାୟ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ କୁମାର ବଳ ସାମନ୍ତ ପ୍ରବଳ ବର୍ଷା ସତ୍ତ୍ୱେ କଣ୍ଟାପଡା ବ୍ଲକର ବ୍ରାହ୍ମଣ ସାଇଲୋ ଓ କଣ୍ଟାପଡା ସେବା ସମବାୟ ସମିତି ପରିଦର୍ଶନ କରିଛନ୍ତି। ଚାଷୀମାନେ ମଣ୍ଡି ଖୋଲିଲେ ଧାନ କିଭଳି ଭାବରେ ଦେବେ ସେ ନେଇ ତଦାରଖ କରିଥିଲେ। ଦଲାଲମାନେ କିଭଳି ଧାନ କଳାବଜାରୀ ନକରିବେ ସେ ନେଇ ପରାମର୍ଶ ଦେଇଥିଲେ। ଚାଷୀମାନେ ସୋସିଆଲ ମିଡିଆରେ ମିଥ୍ୟା ଖବର ପ୍ରସାରଣ ଠାରୁ ଦୂରେଇ ରହିବାକୁ କହିଥିଲେ। ଚାଷୀମାନଙ୍କର ଧାନ ରଖିବା ପାଇଁ ଗୋଦାମଗୃହ, ଓଜନ ମେସିନ, ଶୌଚାଳୟ, ବିଶ୍ରାମ ଗୃହ ତଦାରଖ କରିଥିଲେ। ବିଭାଗୀୟ ମନ୍ତ୍ରୀ କଣ୍ଟାପଡା ସେବା ସମବାୟ ସମିତିରେ ଦିନ ୧୧.୩୦ ମିନିଟ ରେ ପହଞ୍ଚି ଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ଛବି ମଲିକ ଅନୁପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡ଼ିଏମ୍ ଉମାକାନ୍ତ ରାୟ, ଚିଫ ଏ.ସି. ସି. ଓ. ବିଭୁ ପ୍ରସନ ଆଚାର୍ଯ୍ୟ, ତହସିଲଦାର ପ୍ରସନ ସାମନ୍ତରାୟ, ବିଡ଼ିଓ ସ୍ୱପ୍ନିତା ନାୟକ, କଣ୍ଟାପଡା ଯୋଗାଣ ବିଭାଗ ଅଧିକାରୀ ମୋତିରାମ ଦାସ, କଣ୍ଟାପଡା ଓ ବ୍ରାହ୍ମଣ ସାଇଲୋ ସେବା ସମବାୟ ସମିତି ଗଙ୍ଗାଧର ସାହୁ, ବିଭାଗୀୟ ମନ୍ତ୍ରୀଙ୍କ ପ୍ରାଇଭେଟ ସେକେଟ୍ରି, ଡ଼ି. ଆର.ଏ.ଆର. ଓ ବିଭାଗୀୟ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଗୋଦାମ ଗୃହ



ଗରଦପୁର, (ଭାସ୍କର ନ୍ୟୁଜ୍) : ୧୯୯୯ ମହାବାତ୍ୟା ପରେ ଗରଦପୁର ବ୍ଲକରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଗୋଦାମ ଗୃହ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠୀରେ ପରିଣତ ହୋଇଥିବାର ଦେଖାଯାଇଛି। ପ୍ରକାଶ ଥାଉ କି ସମଗ୍ର ଉପକୂଳ ଓଡ଼ିଶା, ବିଶେଷ କରି କେନ୍ଦ୍ରାପଡ଼ା ଜିଲ୍ଲା ବନ୍ୟା ଓ ବାତ୍ୟାଞ୍ଚଳ ହୋଇଥିବାରୁ ଜନସାଧାରଣଙ୍କୁ ଦୁର୍ଦ୍ଦଶା ସମୟରେ ରିଲିଫ୍ ସାମଗ୍ରୀ ଯୋଗାଇଦେବା ଲକ୍ଷ୍ୟରେ ପ୍ରତି ବ୍ଲକ୍‌ରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ରାଜ୍ୟ ସରକାର ଗୋଟିଏ ଲେଖାଏଁ ଗୋଦାମ ଗୃହ ନିର୍ମାଣ କରିଥିଲେ, କିନ୍ତୁ ଗରଦପୁର ବ୍ଲକ୍ ପ୍ରଶାସନର ଉଦାସୀନତା ଓ ଖାମଖିଆଲ ମନୋଭାବ ଯୋଗୁଁ ତାହା ଆଜି ଭୂତକୋଠୀରେ ପରିଣତ ହେବାକୁ ବସିଲାଣି। ଗୋଦାମ ଗୃହ ପରିସର ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିବା ବେଳେ ଗୋଦାମ ଗୃହ ଛାତରେ କେଉଁଠି ବରଗଛ ଉଠିଗଲାଣି ତ କେଉଁଠି ଉଇହୁଙ୍କା ଦେଖାଗଲାଣି। ଗୋଦାମ ଘରର କିଛି ଯାଗାରେ ସଟର କବାଟ ଭାଙ୍ଗିରୁଜି ଯାଇଥିବାରୁ ତା' ମଧ୍ୟରେ ବିଷଧର ସର୍ପ ବାସ କଲେଣି। ଆଗାମୀ ଦିନରେ ଯଦି ଗରଦପୁର ଅଞ୍ଚଳରେ ବଡ ବନ୍ୟା ବା ବାତ୍ୟା ଦେଖାଦିଏ ତେବେ ରିଲିଫ୍ ସାମଗ୍ରୀ ଆଗୁଆ ମହଜୁଦ କରି ରଖିବାରେ ପ୍ରଶାସନ ନିଶ୍ଚିତ ବିଫଳ ହେବ ବୋଲି ସ୍ଥାନୀୟ ସୂଚନା ଅଧିକାର କର୍ମୀ ପବିତ୍ର କୁମାର ପାଣି ଏବଂ ସାମାଜିକ କର୍ମୀ ନବାବ କିଶୋର ପଣ୍ଡା ପ୍ରକାଶ କରିବା ସହିତ ରାଜ୍ୟ ସରକାର ଓ ବ୍ଲକ୍ ପ୍ରଶାସନ ତୁରନ୍ତ ଗୋଦାମ ଗୃହର ମରାମତି ଓ ରକ୍ଷଣାବେକ୍ଷଣ କରନ୍ତୁ ବୋଲି ଦାବି କରିଛନ୍ତି।

## ଧଳା ଜହର ଜବତ, ୧ ଗିରଫ

କାକଟପୁର, (ଭାସ୍କର ନ୍ୟୁଜ୍) : ଦୀର୍ଘଦିନ ହେବ ଧଳା ଜହରର ପେଣ୍ଠସ୍ଥଳୀ ପାଲଟିଗଲାଣି କାକଟପୁର। ଗଳିକନ୍ଦି ଛକ ବଜାର ସବୁଠି ମିଳୁଛି ଧଳା ଜହର। କାକଟପୁର ଥାନାର ପୂର୍ବତନ ଅଧିକାରୀ ବିଚିତ୍ରାନନ୍ଦ ସେଠୀ ଥିବା ସମୟରେ ମାଲମାଲ ଧଳା ଜହର ବେପାରୀ, କିଲୋ କିଲୋ ଧଳା ଜହର, ଗଣ୍ଡାଗଣ୍ଡା ବନ୍ଧୁକ, ବସ୍ତା ବସ୍ତା ବମ୍ ଧରି ସାବାଡ କରିଥିଲେ, କିନ୍ତୁ ଅଧିକାରୀ ବଦଳିଲେ ବଦଳିଗଲା ପରେ ଧଳା ଜହର ବେପାରୀ ସକ୍ରିୟ ହୋଇ ଉଠିଛନ୍ତି। ତେବେ ବିଶେଷ ସୂତ୍ରରୁ ଖବର ପାଇଁ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ କାକଟପୁର ମହାନ୍ତି ସାହିରେ ଚଢ଼ାଉ କରି ମଙ୍ଗୁ ଓରଫ ମଙ୍ଗରାଜ ମହାନ୍ତିଙ୍କୁ ଧରିବାରେ ସକ୍ଷମ ହେଇଛନ୍ତି। ତା'ଠାରୁ ୧୧ଗ୍ରାମ ଧଳା ଜହର, ୨୦ହଜାର ଟଙ୍କା, ବଜାଜ ପଲସର, ମୋବାଇଲ୍ ଜବତ ସହ ୨୫୪/୨୪ ଏନ୍‌ଟିପିସି ଆକ୍ଟରେ ମୋକଦ୍ଦମା ରୁଜୁ କରିଥିବା ନେଇ କାକଟପୁର ପୋଲିସ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। କାକଟପୁର ପୋଲିସକୁ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି।

## ଏନ୍‌ଏସି କାଉନସିଲ ବୈଠକ

# ଆୟ-ବ୍ୟୟର ସମୀକ୍ଷା ନକରି ମିଥ୍ୟା ବିଲ୍ କରି ଲୁଟି ନେଇଥିବା ନେଇ ହୋହାଲ୍ଲା




ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସପ୍ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଅନସ୍ଥା ପ୍ରସ୍ତାବ ପରେ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ନୂତନ ଭାବେ ଅଧ୍ୟକ୍ଷ ହେବା ପରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ଦୀର୍ଘ ମାସ ମାସ ଧରି ଧରି ବୈଠକ ଡାକିନଥିବା ଏବଂ ପୂର୍ବ ବୈଠକ ମାନଙ୍କର ରିଜ୍ୟୁଲେସନ କପି ନଦେଇ ଚଞ୍ଚକତାପୂର୍ଣ୍ଣ ଲେଖି ମନ ମୁଖୀ କାର୍ଯ୍ୟ କରି ଚାଲିଥିବା ହେତୁ କାଉନସିଲରମାନେ ଅସନ୍ତୋଷ ହୋଇ ଅନାସ୍ଥା ଆଣି ନୂତନ ଅଧକ୍ଷ ଶ୍ରୀ ପଣ୍ଡାଙ୍କୁ ଚୟନ କରିଥିଲେ । ଶୁକ୍ରବାର ଦିନ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟବର ଆସ୍କା ସାଂସଦଙ୍କ ପ୍ରତିନିଧି ଭାବେ ଯଜ୍ଞ ନାରାୟଣ ଦାସ ଯୋଗ ଦେଇଥିଲେ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ବୈଠକକୁ ପରିଚାଳନା କରିଥିଲେ। ଆୟ ବ୍ୟୟ ସମୀକ୍ଷା ବେଳେ ଦଶ କୋଟି ଟଙ୍କା ଏନଏସି ବକେୟା ପାଉଣା ଥିବା ଜାଣିବାକୁ ମିଳିଲା। ବିଭିନ୍ନ ଅନୁଦାନରୁ ଆସିଥିବା ଟଙ୍କା ଓ ପୂର୍ବରୁ ଗଚ୍ଛିତ ଥିବା ସର୍ବ ମୋଟ ୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଟଙ୍କା ନଥାଏ ୧୦ କୋଟି ଅଧିକା ଖର୍ଚ୍ଚ କରି ଏନ୍‌ଏସି ବାକି ଥିବା ଆଲୋଚନା ହୋଇଥିଲା। ବହୁ ମିଥ୍ୟା ବିଲ କରି ହଡ଼ପ ହୋଇଥିବା, ପୁରୁଷୋତ୍ତମପୁର ସହରରେ ୩୭୫୦ ଗଛ ନଲଗାଇ ସମ୍ପୂର୍ଣ୍ଣ ଚଳୁ କରିବା ଭଳି ପରିଷଦ ଗୃହରେ ଜୋରଦାର ଆଲୋଚନା ହେଲା । ପୂର୍ବତନ ଅଧକ୍ଷା ଆୟ ବ୍ୟୟ ସମୀକ୍ଷା ନକରି, ନିୟମିତ ବୈଠକ ନଡ଼ାକି ଛଅ ଗୋଟି ବୈଠକରେ ଦୁଇ ବର୍ଷ ମଧ୍ୟର ୮୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ସନ୍ଦେହ ଘେରକୁ ନେଇ ଗୃହରେ ହୋହାଲ୍ଲା କରି ଅସନ୍ତୋଷ ବ୍ୟକ୍ତ କରିଥିଲେ । ଗତ ଅଢ଼େଇ ବର୍ଷ ମଧ୍ୟରେ ପ୍ରତି ୱାର୍ଡ ସ୍ତରରେ କେଉଁ ଅନୁଦାନରେ କେତେ ଖର୍ଚ୍ଚ ହୋଇଛି ତା'ର ସମସ୍ତ ବିବରଣୀ ଆଗାମୀ ବୈଠକ ପୂର୍ବରୁ ଦେବା ପାଇଁ କାଉନସିଲର ମାନେ ଦାବି କରିଥିଲେ। ବହୁ ବାଦ ବିବାଦ ପରେ ଅଧକ୍ଷା ଶ୍ରୀ ପଣ୍ଡା ଓ ସାଂସଦ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ଶାନ୍ତି ଫେରିଥିଲା। ସହରର ଥିବା ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଉପରେ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ, ସରକାରୀ ଜାଗା ଚିହ୍ନଟ କରି ଏନ୍‌ଏସି ଦଖଲକୁ ଦେବା ସେହି ଯାଗାରେ ନୂତନ ଅଫିସ କାର୍ଯ୍ୟାଳୟ, ଦୈନନ୍ଦିନ ଆଦାୟ ହେଉଥିବା ମଇଳା ପକାଇବା, ମାଛ ମାର୍କେଟ ପାଇଁ ଜାଗା ଚିହ୍ନଟ କରିଦେବା ପାଇଁ ତହସିଲଦାରଙ୍କୁ ନିବେଦନ କରାଯିବା ବହୁ ଆଲୋଚନା ହୋଇଥିଲା। ଏଥିରେ କାଉନସିଲର ଭାସ୍କର ବେହେରା, ଅଶୋକ ମହାକୁଡ଼, କେ ପ୍ରମୋଦ କୁମାର ଆଚରି,ଭବାନୀ ଶଙ୍କର ନାହକ, ଲିଙ୍ଗରାଜ ବେହେରା, ଅର୍ଚ୍ଚନା ପଣ୍ଡା, ସୁଜାତା ବେହେରା, ଗିରିଜା ବେହେରା, ଯମୁନା ବେହେରା, ସୁଦେଷ୍ଣା ବେହେରା ଯୋଗ ଦେଇ ଆଲୋଚନା କରିଥିଲେ। ଏଥିରେ ଏନ୍‌ଏସି ବରିଷ୍ଠ କିରାଣି ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସହକାରୀ ଯନ୍ତ୍ର ରାମଚନ୍ଦ୍ର ପିଙ୍ଗୁଆ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ଶୁଳିଆପଦା ବ୍ଲକ ଅର୍ନ୍ତଗତ ଚକଶୁଳିଆପଦାର ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତର୍କଶାସ୍ତ୍ରର ଅଧ୍ୟାପକ ଜନ୍ମେଜୟ ଦାଶଙ୍କ ସଭାପତିତ୍ୱରେ ଏକକାଳୀନ ନୂତନ ଅଧ୍ୟକ୍ଷଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ପୂର୍ବତନ ଅଧ୍ୟକ୍ଷଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଅର୍ଜୁନ କୁମାର ପ୍ରଧାନ ଅଧ୍ୟକ୍ଷ ଦାୟିତ୍ୱରୁ ଅବସର ଗ୍ରହଣ କରିଥିଲେ ଏବଂ ନୂତନ ଅଧ୍ୟକ୍ଷ ଭାବରେ ଅଧ୍ୟାପକ ଶୋଭାକାର ଆଚାର୍ଯ୍ୟ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିଥି ଭାବେ ଅଧ୍ୟାପିକା ସସ୍ମିତା ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ଅତିଥି ଅଧ୍ୟାପକ ଶାନ୍ତନୁ କୁମାର ସିଂ, ଅତିଥି ଅଧ୍ୟାପିକା ପୂର୍ଣ୍ଣିମା ସିଂ ଏବଂ ସୁପ୍ରିତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗନ୍ଥାଗାରିକ କମଳଲୋଚନ ସେନାପତି, ଡ଼ି.ଇ ଓ ସାଧୁ ଜେନା, କର୍ମଚାରୀ ଧରଣୀ ସେଠୀ, ଲକ୍ଷ୍ମଣ ହାଁସଦା ଓ ସଚିନ କୁମାର ସାଓ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ବବିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବିବି ମଡେଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀ ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ମୋଟ ୨୯ ଗୋଟି କ୍ରୀଡ଼ାର ପ୍ରତିଯୋଗିତା କରାଯାଇଥିଲା। କ୍ରୀଡ଼ା ପରିଚାଳନାରେ କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ବଳଙ୍କ ନେତୃତ୍ୱରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାର ପରିଚାଳନାରେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ, ମମତା ମହାନ୍ତି, ସନ୍ଧ୍ୟାରାଣୀ ରଥ, ସୁଚିସ୍ମିତା ତ୍ରିପାଠୀ, ପ୍ରଜ୍ଞାପରମିତା ମିଶ୍ର, ତବସୁମ ବେଗମ, ଅନିତା ପଣ୍ଡା, ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ପ୍ରକାଶ ରଞ୍ଜନ ଦାସ, ପବିତ୍ର ଚନ୍ଦ୍ର ଦାସ, ସଦାଶିବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଆଜି ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ ଯୋଜ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, ସମିତିସଭ୍ୟ ପ୍ରିୟତମା ଦାଶ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋପିନାଥ ଦାସ, ବରିଷ୍ଠ ଶିକ୍ଷକ ମନୋଜ କୁମାର ପଟ୍ଟନାୟକ ଓ ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷ ବରିଷ୍ଠ ବିଭାଗରେ ଚିନ୍ମୟ ବଳ (ଦଶମ) ଓ




ଲିଜାରାଣୀ ମଲିକ (ନବମ) ଏବଂ କନିଷ୍ଠ ବିଭାଗରେ ପ୍ରକାଶ ମଲିକ (ଅଷ୍ଟମ) ଏବଂ ଲିପା ଦାସ (ଅଷ୍ଟମ) ଚମ୍ପିଆନ ହୋଇ ଚମ୍ପିଆନ ଟ୍ରଫି ଗ୍ରହଣ କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ସଂଚାଳନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟରେ ଶିକ୍ଷକ ଆଲୋକ ଜେନା, ବ୍ରଜେନ୍ଦୁ କର, ମଳୟ କୁମାର ରଥ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସାମୁଦ୍ରିକ କଇଁଛ ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା



କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡା ବନ୍ୟପ୍ରାଣୀବାନାଞ୍ଚଳ ପକ୍ଷରୁ ବ୍ଲକ ସଭା ଗୃହ ମଧ୍ୟରେ ସାମୁଦ୍ରିକ କାଇଁଛ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକଙ୍କ ସଭାପତିତ୍ୱରେ ନୂଆପଡା ବାନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ବାଲୁଗାଁ ବନଖଣ୍ଡ ସହକାରୀ ପ୍ରମୋଦ ସେଠି ପରିବେଶବିତ୍ ଧନେଶ୍ୱର ବିଧାର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନୂଆପଡା ବାନାଞ୍ଚଳ ଅଧିକାରୀ ଶ୍ରୀ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ସାତପଡ଼ା ରେଞ୍ଜର ଶରତ ଜାନି ରମ୍ଭା ରେଞ୍ଜର ରଶ୍ମିତା ଜେନା ସମେତ ୩ଟି ରେଞ୍ଜର ସମସ୍ତ ବନପାଳ ବନରକ୍ଷୀ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ। ଡ଼ଃ ଶିବ ପ୍ରସାଦ ପରିଡା, ଡ. ସତ୍ୟ ରଞ୍ଜନ ବେହେରା ବନ୍ୟପ୍ରାଣୀ ବିଶେଷଜ୍ଞ ଅନିଲ ମହାପାତ୍ର ଯୋଗ ଦେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚିଲିକା ନୂଆପଡା ବନପାଳ ରଶ୍ମି ରଞ୍ଜନ ନାୟକ ପିଟିଶାଳ ବନପାଳ ପ୍ରଣୟ ଜୟସିଂ ପ୍ରମୁଖ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲେ।

# ଗୋଚର ଜମିରୁ ମାଟି ଖୋଳାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ





➔ ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ
➔ ଉଭୟ ପକ୍ଷରୁ ଥାନାରେ ଏତଲା
➔ ମାଟିଖୋଳା ବନ୍ଦ କଲେ ତହସିଲଦାର


ତିହିଡି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ତହସିଲ ପିରାହାଟ ଥାନା ଅଧିନ ମୁଚୁରିଗଡ ଗ୍ରାମରେ ଏକ ପୋଲ ନିର୍ମାଣ ପାଇଁ ଗୋଚର ଜମିରୁ ଚାଲିଥିଲା ମାଟିଖୋଳା। ଏହି ମାଟିଖୋଳାକୁ ସେହି ଗ୍ରାମର କିଛି ବ୍ୟକ୍ତି ବିରୋଧ କରିବାରୁ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଶେଷରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ମାଟିଖୋଳା ବନ୍ଦ କରିବାକୁ ବାଧ ହୋଇଥିଲେ। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଥାନାରେ ସରପଞ୍ଚ ଚକ୍ରଧର ଦାସଙ୍କୁ ଆକ୍ରମଣ କରାଯିବା ନେଇ ଏତଲା ଦିଆଯାଇଥିବା ବେଳେ ଗ୍ରାମର ଅନୀଲ ରାଉତଙ୍କୁ ଆକ୍ରମଣ କରାଯିବା ନେଇ ଉଭୟ ପକ୍ଷରୁ ଏତଲା ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ମୁଚୁରୀଗଡ଼ ଗ୍ରାମ ନିକଟସ୍ଥ ଗେଙ୍ଗୁଟି ନଈରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ଗୋଚର ଜମିରୁ ମାଟି ଖୋଳାଇ ଥିଲେ। ନୂଆବନ୍ଧ ମୌଜାର ଖାତା ନଂ ୩୭୯ରେ ଥିବା ଗୋଚର ଜମିରୁ ସେ ଜେସିବି ସହାୟତାରେ ମାଟି ଖୋଳିବା ପରେ ମୁଚୁରୀଗଡ଼ ଗ୍ରାମର କେତେକ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ଗୋଚର ଜମିରେ ଗାଈ ଗୋରୁ ଚରୁଥିବାରୁ ମାଟି ଖୋଳା ହେଲେ ବହୁ ସମସ୍ୟା ଉପୁଜିବ ବୋଲି ସେମାନେ ଦର୍ଶାଇଥିଲେ। ଏହି ଘଟଣା ପରେ କାଁପଡ଼ା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ମାଟିଖୋଳା ବନ୍ଦ କରିଥିଲେ। ଘଟଣାର ୮ଦିନ ପରେ ପୁନର୍ବାର ଠିକାଦାର ଜଣକ ସେହି ଗୋଚର ଜମିରୁ ଜେସିବି ସହାୟତାରେ ମାଟି ଖୋଳିଥିଲେ। ଗ୍ରାମବାସୀ ଏଥିରେ ଅସନ୍ତୋଷ ପ୍ରକାଶ କରି ମାଟି ବୋହୁଥିବା ଟ୍ରାକ୍ଟରକୁ ରାସ୍ତାରେ ଅଟକ ରଖିଥିଲେ। ଏ ସମ୍ପର୍କରେ ଗତ ୧୮ତାରିଖରେ ଗ୍ରାମର ଗୋବିନ୍ଦ ଚନ୍ଦ୍ର ରାଉତ, ବାବାଜୀ ରାଉତ, ଆଲୋକ ମହାପାତ୍ର, ଦୀପକ ମହାପାତ୍ର, ସନ୍ତୋଷ ରାଉତ, କାଳିଆ ମହାପାତ୍ର ପ୍ରମୁଖ ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସମେତ ରାଜସ୍ୱ ବିଭାଗ ସଚିବ, ଜିଲାପାଳ, ତହସିଲଦାର ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ। ତେବେ ଶୁକ୍ରବାର ଅପରାହ୍ନରେ ଗୋଚର ଜମିରୁ ମାଟିଖୋଳା ଚାଲିଥିବାବେଳେ ଗ୍ରାମର ଅନୀଲ ରାଉତ ଏବଂ କେତେକ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଅପରପକ୍ଷର ମାଟି ଖୋଳା ସପକ୍ଷବାଦୀ କିଛି ବ୍ୟକ୍ତି ସେଠାରେ ଉପସ୍ଥିତ ଥିବାରୁ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲା । ଯାହାଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ତେବେ ଅନୀଲଙ୍କୁ କେତେକ ବ୍ୟକ୍ତି ଗାଳିଗୁଲଜ କରିବା ସହ ଧକ୍କା ମାରି ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଅପରପକ୍ଷର ସରପଞ୍ଚ ଚକ୍ରଧର ଦାସ ମଧ୍ୟ ଥାନାରେ ଏତଲା ଦେଇଥିବା ଜଣାଯାଇଛି। ସେ ପୋଲ ନିର୍ମାଣ କାର୍ଯ୍ୟ ଦେଖିବାକୁ ଯାଇଥିବା ବେଳେ ଅପରପକ୍ଷର ଅନୀଲ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ସରପଞ୍ଚ ଦାସ ଅଭିଯୋଗରେ ଦର୍ଶାଇଛନ୍ତି।

## ରାଶିଫଳ

ରବିବାର, ୨୨ ଡିସେମ୍ବର ୨୦୨୪


**ମେଷ:** ଦିନଟି ଲାଭଦାୟକ ହେବ। ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଚାକିରି କ୍ଷେତ୍ରରେ ପ୍ରଶଂସନୀୟ ହେବେ। ତରବର ନହୋଇ ଭାବିଚିନ୍ତି ବ୍ୟବସାୟରେ ଅର୍ଥ ବିନିଯୋଗ କରନ୍ତୁ। ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ।


**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଶତ୍ରୁମାନଙ୍କଠାରୁ ସତର୍କତା ଅବଲମ୍ବନ କରିବେ।


**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବେ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ବ୍ୟବସାୟ ଭଲ ହେବ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।


**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ କରିବେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ।


**କନ୍ୟା :** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁ ସକ୍ରିୟ ହେବେ।


**ତୁଳା :** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।


**ବିଛା :** ଖର୍ଚ୍ଚ ବୃଦ୍ଧି ପାଇବ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ।


**ଧନୁ :** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ। ଅଳସୁଆ ହୁଅ ନାହିଁ।


**ମକର :** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।


**କୁମ୍ଭ :** ଆଜି ଏକ ବିଶେଷ ପୂଜା ଦିବସ ହେବ। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।


**ମୀନ :** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆମି ଜିତିବ। ଆଘାତ ଏବଂ ଦୁର୍ଘଟଣାରେ କ୍ଷତି ହୋଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଆଜି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ୨୦୨୪ ଅନୁଷ୍ଠିତ ହେଇ ଯାଇଛି। ଏହି ଶିବିରରେ ଆଜି ମୋଟ ୬୨୯ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୪୪୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ବଣ୍ଟନ କରାଯାଉଥିବାବେଳେ ୯ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା। ଉମରକୋଟ ତହସିଲ କର୍ମଚାରୀଙ୍କ ପକ୍ଷରୁ ୪୪ ଜଣଙ୍କୁ ଆୟ ପ୍ରମାଣ ପତ୍ର ପ୍ରଦାନ କରାଯାଇ ଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ରାଜ୍ୟ ବିଜେପି ସମ୍ପାଦକ ରମେଶ ଚନ୍ଦ୍ର ସାହୁ,ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ଝରିଗାଁ ବିଧାୟକ ପ୍ରତିନିଧି ସୋନା ମାଝି, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି, ଉମରକୋଟ ବ୍ଲକ ଭାରପ୍ରାପ୍ତ ବିଡିଓ ଲକ୍ଷ୍ମୀସାଗର ମାଝି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଚକ୍ଷୁ ରୋଗ ବିଶେଷଜ୍ଞ ଡକ୍ଟର ରାଜେଶ ଦାସ, ଇ ଏନ୍ ଟି ବିଶେଷଜ୍ଞ ଡକ୍ଟର ଅଭିଷେକ ଦାସ, ହାଡ଼ ରୋଗ ବିଶେଷଜ୍ଞ ଡକ୍ଟର ତ୍ରିପତି ଷଡ଼ଙ୍ଗୀ ପ୍ରମୁଖ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ■ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ମାଲକାନଗିରି ଗସ୍ତ କରିବେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଟିମ୍




ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲାର ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ଏକ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଟିମ୍ ମାଲକାନଗିରି ଗସ୍ତ କରିବେ ବୋଲି ଦୁଇଦିନିଆ ଜିଲ୍ଲା ଗସ୍ତ ଅବସରରେ ଆୟୋଜିତ ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଏହି ଅବସରରେ ସତୀଗୁଡ଼ା ଇକୋ ପାର୍କ ନିମନ୍ତେ ଇକୋ ରିଟ୍ରିଟ ପ୍ରକଳ୍ପ ପ୍ରସ୍ତାବ ପ୍ରେରଣ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରମ୍ପରା ଓ ଲୋକବିଶ୍ୱାସ ହିଁ ପର୍ଯ୍ୟଟନର ମୂଳ ଆଧାର। ତେଣୁ ଲୋକଙ୍କ ଆସ୍ଥା ସହ ଜଡିତ ପର୍ଯ୍ୟଟନ ସ୍ଥଳୀକୁ ଆକର୍ଷଣୀୟ କରିବାକୁ ହେଲେ ଲୋକବିଶ୍ୱାସ ତଥା ଲୋକକଥା ଉପରେ ପର୍ଯ୍ୟବେସିତ କରି ଡିପିଆର ପ୍ରସ୍ତୁତ କରିବାକୁ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ମଲ୍ଲିକେଶ୍ୱର, ଗୁରୁପ୍ରିୟା ସେତୁ, ଗୁମାଝରନ, ଅଣ୍ଡରାହାଲ, ସପ୍ତଧାରା ନଦୀ ଶଯ୍ୟା, ଚିତ୍ରକୋଣ୍ଡା ଇକୋ ପାର୍କ, ଗାଙ୍ଗରାଜଗୁମ୍ଫା ଓ ହନ୍ତାଳଗୁଡା ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମି କାର୍ଯ୍ୟ ଚାଲୁ ରହିଛି ବୋଲି ଅଧିକାରୀ ମାନେ ବୈଠକରେ ଜଣାଇଛନ୍ତି। ସେହିପରି ସୁଭଦ୍ରା ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେବା ନିମନ୍ତେ ବିଡିଓଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ସମିତି ଗଠନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଏଥିରେ ଦୁଇ ଜଣ ମହିଳାଙ୍କୁ ଅର୍ନ୍ତଭୁକ୍ତ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଫଳରେ ସମସ୍ତଙ୍କ ସହଭାଗିତା ରହି ପାରିବ ବୋଲି ସେ କହିଛନ୍ତି। ବଣ୍ଡାଘାଟି ଗସ୍ତ ଅବସରରେ ସେ କହିଛନ୍ତି ଯେ ଇ କେୱାଇସି ସମ୍ପୂର୍ଣ୍ଣ ହୋଇଗଲେ ବହୁତ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ସୁଭଦ୍ରା ଯୋଜନା ମାଧ୍ୟମରେ ଅନେକ ବଣ୍ଡା ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ ଜାଣିବାକୁ ପାଇଥିଲେ ଏବଂ ଏଥିରେ ସେ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଅପପୁଷ୍ଟି ଦୂର ହେଲେ ପୋଷଣ ଅଭିଯାନ ସଫଳ ହେବ ବୋଲି ସମନ୍ୱିତ ଶିଶୁ ବିକାଶ ସଂସ୍ଥା କର୍ମଚାରୀଙ୍କୁ ଉପ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ତା' ସହିତ ଛତୁଆର ମାନ, ମମତା ଯୋଜନା ଓ ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିଭୂମି ବିଷୟରେ ପଚାରି ବୁଝିଥିଲେ। ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା ସୃଷ୍ଟି ସହ ତୃଣମୂଳ ସ୍ତରରେ ଅଙ୍ଗନୱାଡ଼ି କେନ୍ଦ୍ର ଓ ଅନ୍ୟାନ୍ୟ ବିଭାଗ ସହ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ଜନଭାଗିଦାରିତାକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଲକ୍ଷପତି ଦିଦି ନିମନ୍ତେ ଯେଉଁ ଟାର୍ଗେଟ ରଖାଯାଇଛି ତାକୁ ହାସଲ କରିବା ପାଇଁ କୁହାଯାଇଛି । ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସମାଜରେ ବୈପ୍ଲବିକ ପରିବର୍ତ୍ତନ ସମ୍ଭବ ବୋଲି ଉପ ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ମଞ୍ଚାସୀନ ଥିଲେ। ଜିଲ୍ଲା ପରିଷଦ, ଜିଲ୍ଲା ସମାଜ ମଙ୍ଗଳ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ, ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

# ଦିନିକିଆ ମାଗଣା ଚିକିତ୍ସା ଶିବିର

ଖଡ଼ିଆଳ ((ଭାସ୍କର ନ୍ୟୁଜ୍): ଉତ୍କଳ ସ୍କିଲ ଡେଭଲପମେଣ୍ଟ ଆସୋସିଏସନ ଖଡ଼ିଆଳ ପକ୍ଷରୁ ନିଶୁଳ୍କ ଚିକିତ୍ସା ଶିବିର ଖଡ଼ିଆଳ ଉଦ୍‌ଯୋଗ ଭବନ ଠାରେ ଅନୁଷ୍ଠିତ ହୋଇଥିଲା।ସକାଳ ୯ ଘଣ୍ଟାରୁ ସନ୍ଧ୍ୟା ୭ ଘଣ୍ଟା ପର୍ଯ୍ୟନ୍ତ ଚିକିତ୍ସା ଶିବିର ଚାଲିଥିଲା । ଏଥିରେ ନାଡ଼ୀ ବିଶେଷଜ୍ଞ ଡାକ୍ତର ରତ୍ନରାଜ କଟ ଯୋଗ ଦେଇ ପଞ୍ଜିକରଣ କରିଥିବା ୧୨୦ ଜଣ ରୋଗୀଙ୍କୁ ଚିକିତ୍ସା କରି ଔଷଧ ପ୍ରଦାନ କରିଥିଲେ । ଆୟୁର୍ବେଦିକ ମାଧ୍ୟମରେ କ୍ରନିକ ଓ ଜଟିଳ ରୋଗର ପଞ୍ଚକର୍ମ ମାଧ୍ୟମରେ କରିଥିଲେ । ଏହି ନିଃଶୁଳ୍କ ଚିକିତ୍ସା ଶିବିର ସକାଳ ୯ ଘଣ୍ଟାରୁ ସନ୍ଧ୍ୟା ୭ ଘଣ୍ଟା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ଚାଲିଥିଲା । ଉତ୍କଳ ସ୍କିଲ ଡେଭଲପମେଣ୍ଟ ଆସୋସିଏସନ ନିର୍ଦ୍ଦେଶକ ମମତା ବାଇ ଅଗ୍ରୱାଲ ଓ ପ୍ରୟାସ ଗୋୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଉମା ଔଷଧ ଦୋକାନ ସହଯୋଗ କରିଥିଲେ ।




# ନବରଙ୍ଗପୁର ପାଇଁ ଗୌରବ ଆଣିଲେ ବସନ୍ତ ଚଣ୍ଡାଳ



ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ବାଲବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ବରଗଡ ଜିଲ୍ଲା ବରଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ରାଜ୍ୟର ୩୦ ଟି ଜିଲ୍ଲାର ପ୍ରାୟ ୨୧୦ଟି ପ୍ରକଳ୍ପ ଅଂଶଗ୍ରହଣ କରିଥିଲା । ଏହି ପ୍ରଦର୍ଶନୀରେ ସୁଦୂର ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମହିଦାଣ୍ଡୀର ଛାତ୍ର ବସନ୍ତ ଚଣ୍ଡାଳ କୃଷକର ଅର୍ଥ, ଆଶୁ ଦରକାକୁ କମ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକୁ ସହଜ କରିବାପାଇଁ ଏକ ଯନ୍ତ୍ର ତିଆରି କରିଥିଲେ। ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ବସନ୍ତ ଚଣ୍ଡାଳ ପ୍ରଥମ ସ୍ଥାନ ଅଧିକାର କରି ନବରଙ୍ଗପୁର ତଥା କୋଷାଗୁମୁଡ଼ା ଏବଂ ମହିଦାଣ୍ଡୀର ପାଇଁ ଗୌରବ ଆଣିଛନ୍ତି। ପ୍ରାଥମିକ ସ୍ତରରେ କୃଷକର ଅସୁବିଧାକୁ ଅନୁସନ୍ଧାନ କରି କିପରି ତାହାର ସମାଧାନ କରାଯାଇପାରିବ, ତାହା ପାରଦର୍ଶନ କରି ସମସ୍ତଙ୍କୁ ଆକୃଷ୍ଟ କରିଥିଲେ। ଏହି ପ୍ରକଳ୍ପ ତିଆରି କରିବାପାଇଁ ତାଙ୍କର ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ପଥପ୍ରଦର୍ଶନ କରି ଛାତ୍ରକୁ କିପରି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବ ସାହାଯ୍ୟ କରିଥିଲେ। ବିଜ୍ଞାନ ଶିକ୍ଷକ ବିଶ୍ୱାଳ ସାର ଙ୍କର ଅକ୍ଳାନ୍ତ ପରିଶ୍ରମ ଓ ନୂତନ ଆବିଷ୍କାର କରିବା ପାଇଁ ଆଗ୍ରହ ରଖୁଥିବା ଛାତ୍ରଛାତ୍ରୀମାନଙ୍କୁ ସଠିକ ମାର୍ଗ ଦର୍ଶନ କରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସଫଳତା ପାଉଛନ୍ତି। ବସନ୍ତ ଚଣ୍ଡାଳର ପ୍ରଥମ ସ୍ଥାନ ଖବର ଶୁଣିବାପରେ ନବରଙ୍ଗପୁର ଜିଲ୍ଲା ଜିଲ୍ଲା ଶିକ୍ଷାଧିକାରୀ ଛାତ୍ରପତି ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରେଶମିଲାଲ ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟରେ ମଧ୍ୟ ଖୁସିର ଲହରୀ ଛାଇଯାଇଛି। ଏହି ଗ୍ରାମର ସରପଞ୍ଚ ଦୟାରାମ ପୂଜାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁପ୍ରିୟା ମାଡ଼ାମ୍, ସି ଆର ସି ସି ପାର୍ଥ ସାରଥି ସାହୁ, ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ତହସିଲଦାର ଖାଉଟି ଅଦାଲତରେ ଦଣ୍ଡିତ

କୋରାପୁଟ(ଭାସ୍କର ନ୍ୟୁଜ୍): ଜୟପୁରସ୍ଥିତ ଜିଲ୍ଲା ଖାଉଟି ଅଦାଲତ ତତ୍କାଳୀନ କୋରାପୁଟ ତହସିଲଦାରଙ୍କୁ ଦଣ୍ଡିତ କରିଛନ୍ତି । ସାର୍ଟିଫାଇଡ୍ କପି ପ୍ରଦାନ କରି ନଥିବାରୁ ୨୫ ହଜାର ଟଙ୍କା ଜରିମାନା ଏବଂ ମାମଲା ଖର୍ଚ୍ଚ ବାବଦ ୫ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ୩୦ଦିନ ମଧ୍ୟରେ କୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ ନକରନ୍ତି ଏବଂ ଆବେଦନକାରୀଙ୍କୁ ଟଙ୍କା ପ୍ରଦାନ ନକରନ୍ତି ତେବେ ୧୨ ପ୍ରତିଶତ ସୁଧ ଦେବାକୁ ରାୟରେ କୋର୍ଟ ଉଲ୍ଲେଖ କରିଛନ୍ତି । ସୂଚନା ଅନୁଯାୟୀ, ୨୦୨୨ ମସିହା ଜୁନ୍ ୧୫ତାରିଖରେ କୋରାପୁଟ ତହସିଲ କାର୍ଯ୍ୟାଳୟରେ ଆଇନଜୀବୀ କାମାକ୍ଷୀ ପ୍ରସାଦ ମାଝି ଜମି ପଞ୍ଜୀକରଣ ମାମଲାର ସାର୍ଟିଫାଇଡ୍ କପି ଆବେଦନ କରିଥିଲେ । କିନ୍ତୁ ତହସିଲ ପକ୍ଷରୁ କପି ପ୍ରଦାନ କରାଯାଇ ନଥିଲା । ତେଣୁ ବାଧ୍ୟ ହୋଇ ସଂପର୍କିତ ତଥ୍ୟ ସୂଚନା ଅଧିକାର ଆଇନରେ ମାଗିଥିଲେ ଆଇନଜୀବୀ ଶ୍ରୀ ମାଝୀ । ଏହି ତଥ୍ୟ ଆଧାରରେ ଜୟପୁରସ୍ଥିତ ଜିଲ୍ଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ଶୁଣାଣି ସମୟରେ ତତ୍କାଳୀନ ତହସିଲଦାର ମିଥ୍ୟା ପ୍ରମାଣ ଦାଖଲ ସହ ତଥ୍ୟ ଲୁଚାଇଥିବା ଜଣାପଡିଥିଲା । ତେଣୁ ଖାଉଟି ଅଦାଲତ ସଭାପତି ଦଣ୍ଡିତ କରିଥିବା ସୂଚନା ମିଳିଛି । ଆବେଦନକାରୀଙ୍କ ପାଇଁ ଆଇନଜୀବୀ ଆର. ବିଶ୍ୱରଞ୍ଜନ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଦାବ୍ରି ଗ୍ରାମରେ ଯୁବକଙ୍କ ଆତ୍ମହତ୍ୟା। ପୋଲିସ ସୂତ୍ରରୁ ପ୍ରକାଶ ଯେ ଦାବ୍ରି ଗ୍ରାମର ଚିନ୍ତାମଣି ହଂସ (୧୯) କୌଣସି କଥାକୁ ନେଇ ଚିନ୍ତାଗ୍ରସ୍ତ ହୋଇ ନିକଟସ୍ଥ ମନା ଡଙ୍ଗାର ଗୋଟିଏ ଗଛରେ ନିଜ ଜିନ୍ସ ପ୍ୟାଣ୍ଟରେ ଝୁଲି ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ଏନେଇ ମୃତକଙ୍କ ବାପା ଜଗମୋହନ ହଂସ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ସୂତ୍ରରୁ ପ୍ରକାଶ ଯେ ପ୍ରେମ ସମ୍ପର୍କକୁ ନେଇ ଯୁବକ ଲୋକ ଲଜ୍ଜ୍ୟାକୁ ନେଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି । ଏନେଇ ଘଟଣାର ଅଧିକ ତଦନ୍ତ ଚାଲୁଥିବା ତଦନ୍ତ ଅଧିକାରୀ ଏସଆଇ ଅଶୋକ ବିହାରୀ ପ୍ରକାଶ କରିଛନ୍ତି।

# କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ



ରାୟଗଡ଼ା (ଭାସ୍କର ନ୍ୟୁଜ୍): ଚଇତି ୨୦୨୪ ଅବସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆନ୍ତ-ମହାବିଦ୍ୟାଳୟ ସ୍ତରୀୟ ଚଇତି ପାଳନ ଅବସରରେ ଏହାକୁ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ପାରୁଲ ପଟାୱରୀ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ରାୟଗଡା ପୌରପାଳିକା ଅଧ୍ୟକ୍ଷ ମହେଶ ପଟ୍ଟନାୟକ, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ରାୟଗଡା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ: ବବିଲତା ସର୍ପ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ: ଅର୍ଚ୍ଚନା ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲ୍ଲି ନୂର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାସ୍ତରୀୟ ବିଭିନ୍ନ କ୍ରୀଡ଼ାରେ ପ୍ରଥମ ପାଞ୍ଚଜଣ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ୨୦୨୪ ଚଇତି କ୍ରୀଡା ସମ୍ମାନ, ଭାରତ୍ତୋଳନ କ୍ଷେତ୍ରରେ ତଥା ଶକ୍ତ ପୁରୁଷ ଓ ଶକ୍ତ ମହିଳା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବିଶ୍ୱବିଦ୍ୟାଳୟ ସ୍ତରରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ରଚନା, ତର୍କ, ସଙ୍ଗୀତ, ନୃତ୍ୟ, ଦଳଗତ ନୃତ୍ୟ,ସୃଜନାତ୍ମକ ଲିଖନ, ରଙ୍ଗୋଲି, ପୋଷ୍ଟର ଅଙ୍କନ,ଅଭିନୟ ଓ ଫେନସି ପୋଷାକ ଆଦି ପ୍ରତିଯୋଗୀତାମାନ ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପକ ଏନ୍ ଶ୍ରୀନିବାସ ଆଚାରୀ ଓ ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆୟୋଜନରେ ରାୟଗଡ଼ା ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମକର୍ତ୍ତା, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ କୈଳାସ ଚନ୍ଦ୍ର ସ୍ୱାଇଁ ଓ କର୍ମକର୍ତ୍ତା ବୃନ୍ଦ ଆୟୋଜନରେ ସହଯୋଗ କରିଥିଲେ । ।

# ଶିକ୍ଷା ନିକେତନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଶିକ୍ଷା ନିକେତନ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବ୍ରଜରାଜନଗର ଥାନାଧିକାରୀ ଧବଳେଶ୍ୱର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମାପନ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ ଦିକ୍ଷୀତ, ଉପ ସଭାପତି ସୁଧାଂଶୁ ଦାସ, ସଂପାଦକ ଅଶୋକ ସା, କୋଷାଧ୍ୟକ୍ଷ ପିତାମ୍ବର ଗଡ଼ତିଆ, ବିଦ୍ୟାଳୟ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ମିଶ୍ର, ଉପାଧ୍ୟକ୍ଷ ମହେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ ପରିଚାଳନା ପିଉ ବାନାର୍ଜୀ, ସ୍ୱର୍ଣ୍ଣା ଦେ, ପୂଜା ସିହ୍ନା କରିଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ଶ୍ରେଷ୍ଠ ଆଥଲେଟ ଭାବେ ଆନନ୍ଦ ରାଜ, ବାଳିକା ବିଭାଗରେ ଶ୍ରେଷ୍ଠ ଆଥଲେଟ ଭାବେ କଶିଷ କୁମାର ରାମ, ଚଳିତ ବର୍ଷର ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ପୀୟୁଷ ଯାଦବ ବିବେଚିତ ହୋଇଥିଲେ। ଶେଷରେ ମହେଶ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ। କରାଯାଇଥିଲା। ମଞ୍ଜୁଲତା ବିଶ୍ୱାଳ, ଜ୍ୟୋତ୍ସ୍ନା ବରିହା, ନୈନି ଦୀପ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଦିନିଆ ବର୍ଷା ଦେଖି ଚାଷୀକୁଳ ହତାଶ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): (ଭାସ୍କର ନ୍ୟୁଜ୍): ପଶ୍ଚିମାଞ୍ଚଳ ଝଡ଼ ପ୍ରଭାବରେ ଶୀତୁଆ ପବନ ସହ ଝିପି ଝିପି ବର୍ଷା ଗତ ଦୁଇ ଦିନ ହେଲା କାଶୀନଗର ଅଞ୍ଚଳ ବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ଲୋକେ ଘରୁ ବାହାରି ବାକୁ ପଛଉଥିବାବେଳେ ଅଞ୍ଚଳର କ୍ଷେତ ବାଡ଼ି ସବୁ ଝିପି ଝିପି ବର୍ଷା ଦ୍ୱାରା ଜଳମଗ୍ନ ହୋଇ ଯାଇଥିବା ଦେଖାଯାଉଛି। ଏହି ଅଦିନିଆ ଲଗାଣ ବର୍ଷା ସାଜିଲା ଦାଉ, ଚାଷୀ ମାନେ ଟାରପାଲିନ ଘୋଡେଇ ଧାନକୁ ସୁରକ୍ଷିତ ରଖିଥିଲେ ମଧ୍ୟ ବର୍ଷା ପାଣି ଭିତରେ ପଶି ଧାନ ସବୁ ଓଦାଳିଆ ହୋଇଯାଉଛି । ଚାଷୀମାନଙ୍କ ଦୁଃଖ ଧାନ ଲଗେଇବା ଦିନ ଠାରୁ ଅମଳ ହେବା ଯାଏଁ ସମସ୍ୟା ପରେ ସମସ୍ୟା କେତେବେଳେ ହାତୀ, ଆଉ କେତେବେଳେ ବାନ୍ୟଜନ୍ତୁ ଆଉ ଏବେ ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷା ଯାହା ଦ୍ୱାରା ସେମାନେ ଚିନ୍ତାରେ ରହୁଛନ୍ତି। ବର୍ତ୍ତମାନ କିଛି ଚାଷୀଙ୍କ ଧାନ ଖଳାରେ ଭିଜୁ ଥିବା ସୂଚନା ମିଳୁଛି ଏବଂ ଏହି ଅମଳ ହୋଇଥିବା ଧାନ ବର୍ଷା ଅଧିକ ହେଲେ ଧାନର ମାନ ହ୍ରାସ ହେବ ଓ ଧାନ ଗଜା ହୋଇଯିବା କଥାକୁ ଆମେ ଏଡେଇ ପରିବା ନାହିଁ। ସ୍ଥାନୀୟ ପ୍ରଶାସନ ଯଦି ଆଗରୁ ଚାଷୀମାନଙ୍କୁ ଆଗୁଆ ସଚେତନ କରିଥାନ୍ତେ ଚାଷୀ ମାନେ କିଛି ମାତ୍ରାରେ ଉପକୃତ ହୋଇଥାନ୍ତେ। ଏହି ଲଘୁଚାପଜନିତ ବର୍ଷା ଚାଷୀଙ୍କ ହୋସ ଉଡେଇ ସେମାନଙ୍କ ବର୍ଷ ସାରା କରିଥିବା କଷ୍ଟକୁ ଧୋଇ ଦେବ ନାହିଁ ତ। କାଶୀନଗର ଅଞ୍ଚଳରେ ଏବେ ଯାଏଁ ଧାନ ମଣ୍ଡି ଖୋଲା ଯାଇନି ଏବଂ ଏ ମଣ୍ଡି ଖୋଲା ନେଇ ସମବାୟ ସଭାପତି ଆର.ଚଲାପତିଙ୍କୁ ଯୋଗାଯୋଗ କରିବାରୁ ମଣ୍ଡି ଏହି ମାସ ଶେଷ ସୁଦ୍ଧା ଖୋଲା ହେବ ବୋଲି ସୂଚନା ଦେଇଥିଲେ। ଯଦି ମଣ୍ଡି ଶୀଘ୍ର ଖୋଲା ହୋଇଥାନ୍ତା ତେବେ ଆଜି ଚାଷୀମାନଙ୍କ ଏ ଅବସ୍ଥା ହୋଇ ନ ଥାନ୍ତେ ଏବଂ ଧାନ ବାହାରେ ଏମିତି ରଖି ନ ଥାନ୍ତେ ବୋଲି କିଛି ଚାଷୀ କହିଛନ୍ତି। ବର୍ଷା ଯଦି ଏମିତି ଲାଗି ରହିବ ତା ହେଲେ ଧାନ ଭିଜିଯାଇ ମଣ୍ଡିକୁ ଗଲାବେଳେ ତାର ମାନ କଣ ରହିବ ତାହା ଚିନ୍ତା କରୁଛନ୍ତି ଚାଷୀ।

## ସର୍ପାଘାତରେ ଶିଶୁ ମୃତ

ବାଲିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ଆଜି ଦୁଃଖଦ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ସହର ର ୯ ନଂ ୱାର୍ଡର ରାଣୀ ସାହିର ବିଶ୍ୱନାଥ ମହାନ୍ତିଙ୍କ ପୁଅ ଲିପୁନ ମହାନ୍ତି(୭) ଆଜି ଭୋର ୩ଟା ସମୟରେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛି। ମିଳିଥିବା ସୂଚନାନୁଯାୟୀ ଲିପୁନ ନିଜ ବାପା ମା'ଙ୍କ ସହ ଶୋଇଥିବା ସମୟରେ ଆଜି ଭୋର ସମୟରେ ଏକ ଚିତି ସାପ ଟି ଲିପୁନର ଜ୍ୟାକେଟ ମଧ୍ୟକୁ ପଶି କାମୁଡିଥିଲା। ପରେ ଶିଶୁଟି ଚିତ୍କାର କରିବାରୁ ମାତା ସାପଟିକୁ କାଢି ବାହାରେ ଫିଙ୍ଗି ଦେଇଥିଲେ। ତେବେ ଅଳ୍ପ କିଛି ସମୟ ପରେ ଶିଶୁଟିରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାକୁ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ବର୍ଗ ନେଇଥିଲେ। ସେଠାରେ ଶିଶୁଟିର ଅବସ୍ଥା ଗୁରୁତର ଦେଖି ଡାକ୍ତର ଶିଶୁଟିକୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରୀତ କରିଥିଲେ। ତେବେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ଶିଶୁଟିର ମୃତ୍ୟୁବରଣ ହୋଇଥିବା ଜଣାପଡିଛି।

# ସୁଶାସନ ସପ୍ତାହ ଜରିଆରେ ଲୋକଙ୍କ ପାଖରେ ପହଁଚୁଛି ପ୍ରଶାସନ




ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): କାଶୀନଗର ବ୍ଲକ ରେ ରାଜ୍ୟ ସରକାରଙ୍କ ଏହି ମାସ ସୁଶାସନ ସପ୍ତାହ ୨୦୨୪ ଆନୁକୂଲ୍ୟରେ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ସୁଶାସନ ଅଭିମୁଖୀ ପଦକ୍ଷେପ,ସର୍ବୋତ୍ତମ କାର୍ଯ୍ୟବିଧିର ଚିହ୍ନଟ, ଗ୍ରାମଅଭିମୁଖୀ ପ୍ରଶାସନ ଅଭିଯାନ ରେ ନାଗରିକ ଅଭିଯୋଗର ସମାଧାନକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇ ତୃଣମୂଳ ସ୍ତରରେ ଶାସନକୁ ସୁଦୃଢ଼ କରିବା ଉଦେଶ୍ୟରେ ବ୍ଲକର ବିଭିନ୍ନ ଗ୍ରାମରେ ଜନ ଶୁଣାଣି ଶିବିର ଅନୁଷ୍ଠିତ କରିବା ପାଇଁ ଆଦେଶ ପତ୍ର ଆସିଥିବାରୁ ପ୍ରଥମେ ଏହି ବ୍ଲକ ଅନ୍ତର୍ଗତ ଖାଣ୍ଡବା ପଂଚାୟତର ଆଦର୍ଶ ନଗର ଗ୍ରାମ ଠାରେ ଥିବା କମ୍ୟୁନିଟି ହଲ ସମ୍ମୁଖରେ, ପର୍ଲ୍ଡା ପଂଚାୟତ ଓ କୀଡୀଗାଁ ପଂଚାୟତ ରେ ମଧ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବି. ଡି.ଓ ଡ଼ମ୍ବୁରୁଧର ମଲ୍ଲିକ ଅଭିଯୋଗ ଶୁଣାଣି କରି ଥିଲେ।ଏହି ଦୁଇଟି ଶିବିର ରେ ମୋଟ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ମାନ ଦାଖଲ ହୋଇଥିବା ସୂଚନା ହସ୍ତଗତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ସି ଡି ପି ଓ କନକଲତା ପୂଜାରୀ,ସରପଞ୍ଚ ଓ ନାୟବ ସରପଞ୍ଚ,ସ୍ଥାନୀୟ ପିଇଓ ପ୍ରମୁଖ ଯୋଗ ଦେଇଥିଲେ।

# ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ



ବରଗଡ(ଭାସ୍କର ନ୍ୟୁଜ୍): କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ରେ ଆଜି ପାଞ୍ଚଦିନିଆ ଇତିହାସ ଶିକ୍ଷକ ତାଲିମ ଶିବିର ମହାସମାରୋହରେ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୂଳତଃ ଦୁଇଟି ଅଧିବେଶନରେ ଆୟୋଜନ କରାଯାଇଥିଲା। ଦୀର୍ଘ ପାଞ୍ଚଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବିଷୟ ବିଶେଷଜ୍ଞମାନେ ଯୋଗଦେଇ ଇତିହାସର ବିଭିନ୍ନ ବିଷୟ ଉପରେ ଆଲୋକପାତ କରିବା ସହ ଏହାର ବିଭିନ୍ନ ଦିଗ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମର ଶେଷ ଦିବସର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବିଷୟ ବିଶେଷଜ୍ଞଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସୁଚାରୁ ରୂପେ ଆଗେଇ ଚାଲିଥିଲା। ଡକ୍ଟର ଏମ. ଡ଼ି ୟମିନ, ବିଭାଗ ମୁଖ୍ୟ, ଇତିହାସ ବିଭାଗ, ଖରିଆର ଅଟୋନୋମସ ମହାବିଦ୍ୟାଳୟ, ଇଣ୍ଡଷ୍ଟ୍ରିଆଲ ଏଣ୍ଡ ଫ୍ରେଞ୍ଚ୍ ରେଭୋଲ୍ୟୁସନ୍, ଡକ୍ଟର ଅତୁଲ୍ କୁମାର ପ୍ରଧାନ, ବିଭାଗ ମୁଖ୍ୟ,ଇତିହାସ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ , ହରପ୍ପା ସଭ୍ୟତା ଉପରେ ଆଲୋକପାତ କରିଥିବାବେଳେ ଡକ୍ଟର ସକିର ହୁସେନ, ଆସିଷ୍ଟାଣ୍ଟ ପ୍ରଫେସର,ଇତିହାସ ବିଭାଗ, ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼, ପର୍ସେପସନ୍ ଅଫ ସୋସାଇଟି ଥ୍ରୋ ଦ ଆଇସ୍ ଅଫ ଦ ଟ୍ରାଭେଲର୍ସ ବିଷୟରେ ଆଲୋଚନା କରିଥିଲେ। କ୍ରୀଷ୍ଣା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ସମରେନ୍ଦ୍ରନାଥ ପଣ୍ଡାଙ୍କ ପୃଷ୍ଠପୋଷକତାରେ ଦ୍ୱିତୀୟ ଅଧିବେଶନରେ ଉଦଯାପନୀ ସଭାର ଆୟୋଜନ ହୋଇଥିଲା ଯେଉଁଥିରେ କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ମୁଖଅତିଥି ଏବଂ ରେସୋର୍ସ ପର୍ସନ ଭାବରେ ନକୁଳ ସେଠ , ଅଧ୍ୟକ୍ଷ, ପଞ୍ଚାୟତ ମହାବିଦ୍ୟାଳୟ ଏବଂ ସମ୍ମାନିତ ଅତିଥି ଭାବରେ ଅଶ୍ୱିନୀ କୁମାର ନାୟକ, ଏଚ. ଆର୍ ହେଡ, କ୍ରୀଷ୍ଣା ବିକାଶ ଅନୁଷ୍ଠାନ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମରେ ସମୁଦାୟ ୪୦ଟି ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସଭାରେ କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ଏସ୍. କାନ୍ତା ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତି ସଭାକୁ ସଫଳ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ଶ୍ରୀ ଦେବାଶିଷ ଦାସ ଏବଂ ଶ୍ରୀଯୁକ୍ତ ପ୍ରଶାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ ।

# ପ୍ରସ୍ତାବିତ ପର୍ଯ୍ୟଟନସ୍ଥଳ ବୁଲି ଦେଖିଲେ ଉପମୁଖ୍ୟମନ୍ତ୍ରୀ



କୋରାପୁଟ,(ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ପ୍ରାକୃତିକ ବିଭବ, ଆଦିବାସୀ ପରମ୍ପରା, ଲୋକକଳା, ନୃତ୍ୟ ନିଆରା । କୋରାପୁଟ କଫି, କଳାଜିରା ଚାଉଳ, ମାଣ୍ଡିଆ, ସୁଆଁ, କାଙ୍ଗୁ ଆଦି ଖାଦ୍ୟପେୟ କୋରାପୁଟକୁ ବିଶ୍ୱ ଦରବାରରେ ପହଞ୍ଚାଇଛି ବୋଲି ପରବ ମହୋତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଥିଲେ । ଏହାପରେ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲାର ସର୍ବାଙ୍ଗୀନ ବିକାଶ କିଭଳି ହେବ ନିରୀକ୍ଷଣ କରିଛନ୍ତି । ସୀମାନ୍ତ ଆନ୍ଧ୍ରପ୍ରଦେଶର ଆରକୁ ଭେଲି ବୁଲିବାକୁ ଯାଇ ପଡୋଶୀ ରାଜ୍ୟ କିଭଳି ପର୍ଯ୍ୟଟନସ୍ଥଳରେ ବିକାଶ କରିଛି ଦେଖିଥିଲେ । କୋରାପୁଟ ଜିଲ୍ଲାରେ ବି ଅନୁରୂପ କ୍ରିୟାନ୍ୱୟନ ନିମନ୍ତେ ଆଲୋଚନା କରିଛନ୍ତି । ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, କଫି ବଗିଚା ଆଦି ବୁଲି ଦେଖିଛନ୍ତି । ସକାଳୁ ସର୍କିଟ୍ ହାଉସରୁ କୋରାପୁଟ କଫି ବୋର୍ଡ ଯାଇ କଫି ବଗିଚା, ପାଇନ ରିସୋର୍ଟ ଦେଖିଥିଲେ । ଏହାପରେ କୋରାପୁଟ ବ୍ଲକର ଲଙ୍କାପୁଟ ପଞ୍ଚାୟତର ପଣ୍ଡିଘାଟକୁ ଯାଇଥିଲେ । ପଣ୍ଡିଘାଟରୁ କୋଲବା ଜଳଭଣ୍ଡାର ମଧ୍ୟରେ ଥିବା ୪ଟି ଟାପୁ ବୁଲିଥିଲେ । ସେଠାରୁ ଫେରିବା ପରେ ସେମିଳିଗୁଡା ବ୍ଲକର ଜାନୀଗୁଡା, ନୂଆପୁଟରେ ଥିବା କଫି ବଗିଚା ବୁଲିଥିଲେ। ପୁଟସିଲ ଇକୋ ରିଟ୍ରିଟ୍, ଦେଓମାଳି ଆଦି ବୁଲିଥିବା ସୂଚନା ମିଳିଛି । ତାଙ୍କ ସହ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂ, ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଏସ୍‌ପି ରୋହିତ ବର୍ମା, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପଧର ଭତ୍ରା ପ୍ରମୁଖ ସାମିଲ ଥିଲେ । ପଣ୍ଡିଘାଟରେ ୩୦କୋଟି ବ୍ୟୟରେ ୪ଟି ଟାପୁର ଭିତ୍ତିଭୂମିର ବିକାଶ ସହ ଜଳକ୍ରୀଡା, ବୋଟିଂ ଆଦିର ପ୍ରସ୍ତାବିତ ଡିପିଆର କୋରାପୁଟ ବ୍ଲକ କରିଥିବା ବିଡିଓ ଦେବାଶିଷ ଗୌଡ କହିଛନ୍ତି । ପଣ୍ଡିଘାଟର ବିକାଶ ସହ ଦେଓମାଳି, ରାଣୀ ଡୁଡୁମା ସହ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଡିପିଆର ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଦିଆଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଳିନା ପ୍ରଧାନ କହିଛନ୍ତି ।

# ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଧୋବାତୋଟା ଓଡିଶା ଆଦର୍ଶ ବିଦ୍ୟାଳୟର ସପ୍ତମତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ମୁଖ୍ୟବକ୍ତା ଶ୍ରୀ ପଣ୍ଡିତ ବିପ୍ରଚରଣ ବେହେରା ଫୁଲବାଣୀ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସପାଲ ସଂକୀର୍ତ୍ତନ ବେହେରା ମଞ୍ଚସୀନ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପ୍ରଥମେ ମୁଖ୍ୟଅତିଥି, ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଙ୍କ ମିଳିତରେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରି ଶିକ୍ଷା ଉପରେ ଗୁରୁତ୍ୱ,ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ବୁଝାମଣା, ଶିକ୍ଷା ବିଭାଗକୁ ସମ୍ମାନ, ଉତ୍ତମ ଜ୍ଞାନ ଉପରେ ଗୁରୁତ୍ୱ ଦେବା,ପରିବେଶକୁ ସଫାସୁତରା ରଖିବା ଉପରେ ପ୍ରାଧାନ୍ୟ ଦେବା ପାଇ ପ୍ରକାଶ କରିଥିଲେ। ଏହା ସହିତ ବିଭିନ୍ନ ଖେଳକୁଦ, ବିଭିନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ପ୍ରଥମ,ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର ଓ ବିଭିନ୍ନ ହାଉସର କ୍ୟାବିନେଟ ମନ୍ତ୍ରୀ, ପ୍ରେସିଡେନ୍ସ ମାନଙ୍କୁ ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ତାପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ବାର୍ଷିକ ଉତ୍ସବରେ ସମ୍ପୂର୍ଣ୍ଣ ଭାବେ ଗୁରୁ ଦାଇତ୍ୱ ନେଇ ଫିରୋଜ ବଳିଆରସିଂ, ଆଲୋକ କୁମାର ପଣ୍ଡା(ଭାଇସ ପ୍ରିନ୍ସପାଲ) ,ଆଲୋକ କୁମାର ପ୍ରାଣିଗ୍ରାହୀ, ବିପିନ କୁମାର ସାହୁ,ବିଜୟଲକ୍ଷ୍ମୀ ବେହେରା, ଗୀତାଞ୍ଜଳି ନାୟକ,ଅକ୍ଷୟ କୁମାର ବେହେରା, ସରୋଜ କୁମାର ବେହେରା, ଅମ୍ବିକା ସାମଲ,ଦୀପ୍ତିମୟୀ ମହାନ୍ତି, ସୀମା କୁଜର, ରୂପରେଖା ସେନାପତି, ଝରଣା ବେହେରା, ଅର୍ଚ୍ଚନା ଜେନା, କେତକୀ ପ୍ରଧାନ, ସରୋଜ କୁମାର ଗାଉଡା, ଧୀରେନ ହରିଜନ, ସୁମିତ କୁମାର ଶୁକ୍ଲା, ଉଷା ରାଣୀ ପ୍ରଧାନ, ରଜତ ରାଣ, ପଦ୍ମ ନାଭ ରଣା,କୁମୁଦିନି ବେହେରା, ପିଟର ନାୟକ ଏବଂ ମାଧୁରୀ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିଲେ ।ଶେଷରେ ଫିରୋଜ ବଳିଆରସିଂ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ୧୮ ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫ ପାଇଁ ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେଉଛନ୍ତି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆୟୋଜିତ ଏହି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ ଯୋଡି ହୋଇଛନ୍ତି ଭୁବନେଶ୍ୱର ବିଦ୍ୟାଳୟ ସମୂହ । ଗତ କାଲି ସୁଦ୍ଧା କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟଗୁଡିକରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନୃତ୍ୟ, ସଂଗୀତ, ବକ୍ତୃତା ଓ ଚିତ୍ରାଙ୍କନ ଏହି ୪ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ଶହ ଶହ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନି ଦିନ ଧରି ଚାଲିବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବା ପାଇଁ ବିଦେଶରେ ବିଭିନ୍ନ କାମ କରୁଥିବା ୫ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଓଡିଶା ଆସିବେ । ଏଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତବ ପଦକ୍ଷେପ ମାନ ନିଆଯାଉଛି । ଗତକାଲି ବିଏମ୍‌ସିର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ପୋରେଟରଙ୍କ ତତ୍ତ୍ୱାବଧାନରେ ୱାର୍ଡସ୍ତରୀୟ ପ୍ରତିଯୋଗିତାମାନ ସଂଗଠିତ କରିବା ପାଇଁ ମେୟର ସୁଲୋଚନା ଦାସ ଓ କମିଶନର ରାଜେଶ ପ୍ରଭାକର ପାଟିଲ ଅନୁରୋଧ କରିଥିଲେ । ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପ୍ରବାସୀ ଭାରତୀୟଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ମହାମହିମ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ଆସିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଅପରପକ୍ଷେ ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମକୁ ବିଏମ୍‌ସି ପକ୍ଷରୁ ଜୋରଦାର କରାଯାଇଛି ।

# ଚୌଧୁରୀ ଚରଣ ସିଂହ ପୁରସ୍କାର ସମାରୋହରେ କେନ୍ଦ୍ରମନ୍ତ୍ରୀ




ନୂଆଦିଲ୍ଲୀ/ଭୁବେନଶ୍ବର(ବ୍ୟୁରୋ): ଜଣେ ସଶକ୍ତ କୃଷକ ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚୌଧୁରୀ ଚରଣ ସିଂହଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରି ମୋଦୀଙ୍କ ସରକାର କୃଷକଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର ଏହି ମହାନ ଚାଷୀ ନେତା ଚୌଧୁରୀ ଚରଣ ସିଂହଙ୍କ ୧୨୨ତମ ଜୟନ୍ତୀର ଅବ୍ୟବହିତ ପୂର୍ବରୁ କିଷାନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ପୁରସ୍କାର ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ସମାଜରେ ସନ୍ତୁଳନ, ସମାନତା ଓ ନ୍ୟାୟ ସୁନିଶ୍ଚିତ କରିବା ଉପରେ ଆଧାରିତ 'ଭାରତ ରତ୍ନ ଚୌଧୁରୀ ଚରଣ ସିଂହ ଜୀ'ଙ୍କ ମହାନ ମୂଲ୍ୟବୋଧ, ଭାବନା ଓ ଚିନ୍ତାଧାରାର ପ୍ରତୀକ ହେଉଛି ଏହି ପୁରସ୍କାର । କୃଷି ଆମ ଅର୍ଥନୀତିର ସବୁଠାରୁ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚୌଧୁରୀ ଚରଣ ସିଂହ ଚାଷୀଙ୍କ ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମନିର୍ଭର ସଂସ୍କାରର ମୂଳଦୁଆ ସ୍ଥାପନ କରିବାର ବଟବୃକ୍ଷ ଥିଲେ । ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ସେ ଭୂମି ସଂସ୍କାରରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ହିନ୍ଦୀ ଭାଷାକୁ ପ୍ରାଥମିକତା ଦେଇଥିଲେ, ଯାହା ତାଙ୍କର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପ୍ରତିଫଳନ । ଆମର ସରକାର ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ଭାରତୀୟ ଭାଷାରେ ଶିକ୍ଷା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କୃଷି, ସାମାଜିକ କଲ୍ୟାଣ ଏବଂ ପତ୍ରକାରିତା କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ଦେଇଥିବା ଗଣମାନ୍ୟ ବ୍ୟକ୍ତିବିଶେଷଙ୍କୁ ଚୌଧୁରୀ ଚରଣ ସିଂହ ପୁରସ୍କାରରେ ସମ୍ମାନିତ କରିଥିଲେ । ଚୌଧୁରୀ ଚରଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ କିଷାନ ଟ୍ରଷ୍ଟ ସମେତ ସମସ୍ତ ପୁରସ୍କାର ବିଜେତାଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି ।

# ଝୁମ୍ ଇଣ୍ଟରନ୍ୟାସନାଲ୍ ପୁରସ୍କାର ଉତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶାନ୍ତି ଧାମ ଫାଉଣ୍ଡେସନ୍ ତରଫରୁ ଜୟଦେବ ଭବନରେ ଝୁମ୍ ଇଣ୍ଟରନ୍ୟାସନାଲ୍-୨୦୨୪ ଅଷ୍ଟମ ସଂସ୍କରଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ପୁରସ୍କାର ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଆନ୍ତର୍ଜାତୀୟ ପୁରସ୍କାର ଉତ୍ସବରେ ସାରା ଭାରତ ବର୍ଷରୁ ୧୫.୬୮ ପ୍ରତିଯୋଗିଙ୍କର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଥିଲା । ଏହି ଜାତୀୟ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ମାନଙ୍କ ପାଇଁ ନୃତ୍ୟ, ଗୀତ, ସ୍ପିଡ଼ପେଣ୍ଟି, ଅଭିନୟ, ମିମିକ୍ରି, ଆଙ୍କରିଙ୍ଗ ଏବଂ ଅନ୍ୟାନ୍ୟ ବହୁତ ପ୍ରକାର ରୁଚିଥିବା ପ୍ରତିଭା ପ୍ରଦର୍ଶନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସୁରମା ପାଢ଼ୀ, ବାଚସ୍ପତି ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ରାମଚନ୍ଦ୍ର ତେଜାଉଥ, ଆଇଏସ୍, (ଅବସରପ୍ରାପ୍ତ), ଡ଼. ବ୍ରଦିନାଥ ପଟ୍ଟନାୟକ ଚେୟାମ୍ୟାନ ସେଣ୍ଟଜାଭିୟର ଇଣ୍ଟରନେସେନାଲ ସ୍କୁଲ ଏବଂ ପ୍ରତିଷ୍ଠାତା କଳିଙ୍ଗ ୟୁନିଭର୍ସିଟି ଓ ଶାନ୍ତି ଧାମ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଡ଼ ସୌଭାଗ୍ୟ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ସ୍ତରର ଭିନ୍ନକ୍ଷମମାନଙ୍କ ପାଇଁ ଝୁମ୍ ଇଣ୍ଟରନେସନାଲର ପୁରସ୍କାର ଉତ୍ସବରେ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଅନୁଷ୍ଠାନର ସଭାପତି ଡ. ଅମ୍ବିକା ଦାସ, ପ୍ରତିଷ୍ଠାତା ଡ. ସୌଭାଗ୍ୟ ରାଉତରାୟ, ପୂର୍ବ ସଭାପତି ଶାନ୍ତି ଲତା ରାଉତରାୟ, ମିହିର ସାହୁ, ରବିନ୍ଦ୍ର ସାହୁ, ରାଜେଶ ଡ଼ୋରା, ଜ୍ଞାନ ଭୂଷଣ ଗୁପ୍ତା, ସୁର୍ଯ୍ୟ ରଂଜନ ମହାନ୍ତି, ଦିଲିପ୍ ଖଣ୍ଡେଲୱାଲ, ରମାକାନ୍ତ ନାୟକ, ଗୁରୁପ୍ରସାଦ ଦାସ, ଲିଲୁ ରାଉତରାୟ, ମଧୁସ୍ମିତା ସ୍ୱାଇଁ, ନବନୀତା ଦାସ, ସିମରନ ମହାପାତ୍ର, ସ୍ୱସ୍ତିକ ରାଉତରାୟ, ବିଚିତ୍ରାନନ୍ଦ ଖୁଣ୍ଟିଆ, ଦିପକ୍ ଦାସ, ସରୋଜ ହୋତା, ଅଶୋକ ଜେନା, ଅନନ୍ୟା ହୋତା, ପ୍ରକାଶ ମହାପାତ୍ର, ଜିତେନ୍ଦ୍ର ରାଉତରାୟ, ପ୍ରଜ୍ଞା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସୁହାନି ପଣ୍ଡା ଓ ଗିରିଶ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ ।

# ବର୍ଷାରେ ଉଠାଦୋକାନ ଉଚ୍ଛେଦ ସମୟରେ ଉତ୍ତେଜନା
# ବିଏମ୍‌ସି ଅଧିକାରୀଙ୍କୁ ଘେରିଲେ ଉଠାଦୋକାନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ବର୍ଷା ସମୟରେ ବିଏମ୍‌ସି, ବିଡ଼ିଏର ଉଚ୍ଛେଦକାରୀ ଦଳ ୱାର୍ଡ଼ ନଂ-୪୦, ୫୬, ୫୭, ୫୮, ୧୨ ଓ ୧୭ରେ ପହଞ୍ଚି ଉଠାଦୋକାନୀମାନଙ୍କୁ ଡ୍ରୋଜର ସାହାଯ୍ୟରେ ଉଚ୍ଛେଦ କରିବା ପାଇଁ ଜୋର ଜବରଦସ୍ତ ପ୍ରୟାସ କରୁଥିଲେ । ଏହି ସମୟରେ ଉତ୍ତର ନିର୍ବାଚନ ମଣ୍ଡଳୀର ଆପୋଲୋ ହସ୍ପିଟାଲଠାରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନର ଉପସଭାପତି ବିପିନ ଦାସ ସେଠାରେ ପହଞ୍ଚି ବିଏମ୍‌ସି କମିଶନର ଦେଇଥିବା ପ୍ରତିଶ୍ରୁତି ଉଚ୍ଛେଦ ହେବ ନାହିଁ ବୋଲି ବିଏମ୍‌ସି ଓ ବିଡ଼ିଏର ଅଧିକାରୀମାନଙ୍କୁ ପ୍ରଶ୍ନ ପଚାରିବାରୁ ଉଚ୍ଛେଦକାରୀ ଦଳ ସନ୍ତୋଷ ଜନକ ଉତ୍ତର ନଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାପରେ ଟଙ୍କପାଣି ରୋଡ଼ଠାରେ ହଠାତ୍ ଉଚ୍ଛେଦକାରୀ ଦଳ ଉଠାଦୋକାନ ଭାଙ୍ଗିବା ସମୟରେ ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ସେଠାରେ ପହଞ୍ଚି ପ୍ରତିରୋଧ କରିଥିଲେ । ସେଠାରେ ଥିବା ଉଠାଦୋକାନୀମାନେ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ ବୋଲି ସ୍ଲୋଗାନ ଦେଇଥିଲେ । ପରିଶେଷରେ ସମସ୍ତ ଜାଗାରୁ ଉଚ୍ଛେଦକାରୀ ଦଳ ଦୋକାନ ନ ଭାଙ୍ଗି ଫେରି ଯାଇଥିଲେ । ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ଦୁଇଦିନ ହେବ ବର୍ଷା ଲାଗି ରହିଥିବା ସମୟରେ ବହୁ ଦୋକାନରେ ପାଣି ପଶି ସେମାନଙ୍କ ଆସବାବ ପତ୍ର ନଷ୍ଟ ହୋଇଗଲାଣି । ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନାରେ ହଜାର ହଜାର ଉଠାଦୋକାନୀ ଋଣ ଆଣି ବ୍ୟବସାୟ କରୁଛନ୍ତି । କିନ୍ତୁ ବିଏମ୍‌ସି ସେମାନଙ୍କ ଦୋକାନ ଉଚ୍ଛେଦ କରିବା ଫଳରେ, ସେମାନେ ବ୍ୟାଙ୍କଋଣ ଶୁଝିନପାରି ଦେବାଳିଆ ହୋଇ କୌଣସି ଅସାମାଜିକ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେବେନାହିଁ । ଯାହାଫଳରେ ସେମାନଙ୍କ ପରିବାର ଏକ ପ୍ରକାର ବରବାଦ ହୋଇଯାଏ । ବିଏମ୍‌ସି ଅଧିକାରୀମାନେ ଏଥିପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଶ୍ରୀଯୁକ୍ତ ସାହୁ ଅଭିଯୋଗ କରିଛନ୍ତି । ମହାସଂଘ ଆସନ୍ତା ୨୭ ତାରିଖ ଦିନ ୩୦ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭାଙ୍ଗିଦେଲା...

ଧାନ ମଧ୍ୟ ତିନ୍ତିବାର ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ରବିବାରଠାରୁ ବର୍ଷାର ପ୍ରକୋପ ହ୍ରାସ ପାଇବ । ଘନ କୁହୁଡ଼ି ୪୮ ଘଣ୍ଟା ଲାଗି ରହିବ । ଏଥିପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲ୍ଲାପାଇଁ ସତର୍କ ସୂଚନା ଦିଆଯାଇଛି । ସବୁ ବନ୍ଦରରେ ୧ ନମ୍ବର ବିପଦ ସଂକେତ ଲଗାଯାଇଛି । ବିଶେଷକରି ଦକ୍ଷିଣ ଓଡ଼ିଶାର ଉପକୂଳକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ମନା କରାଯାଇଛି ।

### ପଶ୍ଚିମ ଏସିଆରେ...

ରେଡ୍ କାର୍ପେଟରେ ସ୍ୱାଗତ କରିଥିଲେ । ଶନିବାର ସନ୍ଧ୍ୟାରେ କୁଏତରେ ହାଲା ମୋଦୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ଭାରତୀୟ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ସେମାନଙ୍କୁ ମଧ୍ୟ ସମ୍ବୋଧିତ କରିଥିଲେ । ପରେ ଆରବିଆନ୍ ଗଲ୍ଫ କପ୍ ନାମରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ମୋଦୀ ଉଦ୍‌ଘାଟନ କରିଥିଲେ । ଭାରତ ସହ କୁଏତର ଦୀର୍ଘ ଦଶନ୍ଧିର ଐତିହାସିକ ସଂପର୍କ ରହିଛି । ଉଭୟ ଦେଶ କେବଳ ଯେ ବାଣିଜ୍ୟ କି ଶକ୍ତି କ୍ଷେତ୍ରରେ ସାଙ୍ଗ ହୋଇ କାମ କରୁଛନ୍ତି ତା ନୁହେଁ, ଉଭୟ ପଶ୍ଚିମ ଏସିଆରେ ଶାନ୍ତି, ସୁରକ୍ଷା, ସ୍ଥିରତା ଓ ସମୃଦ୍ଧତା ଚାହାନ୍ତି ବୋଲି ମୋଦୀ ତାଙ୍କ ଭାଷଣରେ କହିଥିଲେ । ତେବେ ୧୯୮୧ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଇନ୍ଦିରା ଗାନ୍ଧୀ କୁଏତ ଗସ୍ତରେ ଯାଇଥିଲେ ।

### ଜାନୁଆରୀରେ ...

ଭେରିଫିକେସନ କରାଇ ନେବାକୁ ଶ୍ରୀମତୀ ପରିଡ଼ା ଅନୁରୋଧ କରିଛନ୍ତି । ଯଦି ବାୟୋମେଟ୍ରିକରେ ଇ-କେୱାଇସି ଶେଷ ହୋଇଛି ବୋଲି ଦେଖାଯାଉଛି ତେବେ ହିତାଧିକାରୀ ବିନା ଚିନ୍ତାରେ ରୁହନ୍ତୁ । ସୂଚନାଯୋଗ୍ୟ ଯେ ଇ-କେୱାଇସି ଅପଡେଟ୍ ହୋଇନଥିବାରୁ ୫ଲକ୍ଷ ୧୧ହଜାର ଆବେଦନପତ୍ର ପଡ଼ିରହିଛି ।


**कार्यालय, बड़की सरैया नगर पंचायत,(गिरिडीह)**
Email – eo.badakasarai@gmail.com

पत्रांक–1080 / दिनांक–20 / 12 / 2024
**शुद्धि पत्र**

PR No- PR342274URBAN DEVEPLOMENT AND HOUSING (24-25)_D के द्वारा निकाले गये FSTP ई–निविदा Tender Notice सूचना संख्या–11 / 2024–25 निविदा में निम्नांकित संशोधन किया जाता है:–

| क्र0सं0 | Particulars | पूर्व में कये गये प्रकाशित तिथि | संशोधित किये गये तिथि |
|---|---|---|---|
| 1 | Bid submission end date | 02.01.2025 upto 05:00 pm | 16.01.2025 upto 05:00 pm |
| 2 | Bid opening date (online) | 03.01.2025 at 04:30 pm | 17.01.2025 at 04:30 pm |

उक्त निविदा आमंत्रण सूचना के शेष भाग यथावत् रहेंगे।
ह0/–
कार्यपालक पदाधिकारी,
बड़की सरैया नगर पंचायत।
PR 342639 (Urban Development and Housing) 24-25 (D)

**OFFICE OF THE EXECUTIVE ENGINEER RCD, ROAD DIVISION, JAMSHEDPUR, JHARKHAND**

**Very Short e-Procurement Notice For National Competitive Bidding (2nd Call)**

Very Short e-Tender Reference No. RCD/JAMSHEDPUR/2351 Date- 21.12.2024

| | | |
|---|---|---|
| 1. | Name of the work | IRQP of Galudih-Narsinghpur road (Length-14.475 K.M.) for the year - 2024-25 |
| 2. | Estimated Cost of Work (in INR) | Rs 11,69,69,962.15 (Rupees Eleven Crore Sixty nine Lakh Sixty Nine Thousand Nine Hundred sixty two and paisa Fifteen Only) |
| 3. | Initial Bid Security ( Rs in Lacs ) | Rs 11.70 Lakh (Rupees Eleven Lakh Seventy Thousand only). |
| 4. | Initial Bid Security in the shape of | Initial Bid Security - As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 5. | Cost of Bidding documents | Rs 10,000.00 (Rs Ten Thousand) only. |
| 6. | Time of Completion | 06 (Six Months) |
| 7. | Date of Publication of Tender on website | 23.12.2024 at 12.30 P.M. |
| 8. | Start date of bidding | 23.12.2024 from 12.30 P.M. |
| 9. | Last date & Time for online bidding | 30.12.2024 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in Online form | 30.12.2024 Through e-tendering portal www.jharkhandtenders.gov.in As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 12. | Date & time for opening of Technical Bid | 31.12.2024 at 12.30 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 13. | Name & address of office inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 14. | Contact no. of Procurement officer | 0657-2227724 |
| 15. | Helpline number of e-Procurement cell | 0651-2401010 |

*Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website* http://jharkhandtenders.gov.in
Executive Engineer
RCD, Road Division,
Jamshedpur
PR 342576 (Road) 24-25 (D)

**Govt. of Jharkhand, Energy Department**
Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002.
Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com

**e-Procurement Notice**
**EOI reference no.: 16/JREDA/EOI/SPD/24-25 Dated: 20.12.2024**
Online EOIs are invited for selection of Solar Power Developers (SPD) for setting up of Grid Connected Ground Mounted Solar Photovoltaic Power Plants in Build Own Operate (BOO) Mode in the State of Jharkhand. The details are as follows:

| | | |
|---|---|---|
| 1 | Name of the work | Expression of Interest (EOI) for selection of Solar Power Developers (SPD) for setting up of Grid Connected Ground Mounted Solar Photovoltaic Power Plants in Build Own Operate (BOO) Mode in the State of Jharkhand. |
| 2 | Date of publication of EOI on website: http:// jharkhandtenders.gov.in | 26.12.2024 (Thursday) |
| 3 | Date & time of Pre-bid meeting | 06.01.2025 (Monday) at 1.00 P.M. |
| 4 | Last date & time for receipt of online EOIs | 15.01.2025 (Wednesday) upto 05:00 PM |
| 5 | EOIs Opening Date | 17.01.2025 (Friday) at 3.00 P.M. |
| 6 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 7 | Contact no. of procurement officer | 0651-3502645, 7004806449 |
| 8 | Helpline no. of e-procurement | 0651-3502645 |

**Any corrigendum/addendum can be seen on website: http://jharkhandtenders.gov.in & www.jreda.com. Further details can be seen on website:** http://jharkhandtenders.gov.in & www.jreda.com
Sd/-
Director,
JREDA, Ranchi
PR 342553 Energy (24-25)_D

**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : **www.ireps.gov.in** ରେ ଅପଲୋଡ କରାଯାଇଛି ।
ଟେଣ୍ଡର ବିଜ୍ଞପ୍ତି ସଂ.**Sr.DMM/KUR/EP/2024-25/13**, ତା.**19.12.2024**ରିଖ
**କ୍ରମ ସଂ.01:** ଟେଣ୍ଡର ସଂ. **81246432**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **60** କି.ଗ୍ରା. ରେଲ୍ ନିମନ୍ତେ ଏକ ମିଟର ଲମ୍ବ ଫିସ୍ ପ୍ଲେଟ୍ (**Fish plate**), ପରିମାଣ: **3006** ଗୋଟି ।
**କ୍ରମ ସଂ.02:** ଟେଣ୍ଡର ସଂ. **81246424**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **DOM** ର ଏୟାର ସିଲିଣ୍ଡର, ପରିମାଣ: **600** ଗୋଟି ।
**କ୍ରମ ସଂ.03:** ଟେଣ୍ଡର ସଂ. **81246429**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **BOBRN** ୱାଗନ ନିମନ୍ତେ ଡୋର ଆସେମ୍ବ୍ଲି, ପରିମାଣ: **600** ଗୋଟି ।
**କ୍ରମ ସଂ.04:** ଟେଣ୍ଡର ସଂ. **81246430**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: କାର୍ଟିଜ୍ (**Cartridge**) ଟେପର ରୋଲର ବିୟରିଙ୍ଗ, କ୍ଲାସ-E (**6** ଇଞ୍ଚ**x 11** ଇଞ୍ଚ), ପରିମାଣ: **900** ଗୋଟି ।
ବନ୍ଦ ହେବା ତାରିଖ ଓ ସମୟ: ତା.**13.01.2025**ରିଖ **1500** ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ୍
PR-823/P/24-25

**कार्यपालक अभियंता का कार्यालय**
**लघु सिंचाई प्रमण्डल, गुमला**
(eemidgum@gamil.com)
पत्रांक :– 1544 गुमला, दिनांक :– 21 / 12 / 2024
**शुद्धि–पत्र**
प्रखण्ड–रायडीह अन्तर्गत कटकैया उदवह सिंचाई योजना का निर्माण कार्य का समाचर पत्रों में प्रकाशित निविदा जिसका PR. No. 341306 Minor Irrigation(24-25):D है। उसमें ई0 निविदा आमंत्रण सं0 WRD/MID/GUMLA/01DB/SLI/2024-25 के जगह पर ई0 निविदा आमंत्रण सं0 WRD/MID/GUMLA/01BD/SLI/2024-25 पढ़ा जाए एवं कार्य के नाम Construction of Katkaian Lift Irrigation Scheme (Solar Pannel System) at Viilage- Katkaian, Block- Raidih, Dist- Gumla के जगह पर Construction of Katkaian Solar Lift Irrigation Scheme at Viilage- Katkaian, Block- Raidih, Dist- Gumla पढ़ा जाए
विश्वासभाजन
कार्यपालक अभियन्ता,
लघु सिंचाई प्रमंडल, गुमला।
PR 342642 (Minor Irrigation)24-25*D

**कार्यालय जिला परिषद्, कोडरमा।**
**निविदा से संबंधित शुद्धि–पत्र**
इस कार्यालय के पत्रांक 289 / जि0प0 दिनांक 07.12.2024 एवं PR No. 341471 तिथि 07.12.2024 के द्वारा प्रकाशित निविदा से संबंधित शुद्धिपत्र अल्पकालीन ई–निविदा आमंत्रण सूचना संख्या–08 / 2024–25 में अपरिहार्य कारणवश निम्नवत् संशोधन किया जाता है।

| क्र0 | विवरणी | पूर्व में प्रकाशित तिथि | वर्तमान में संशोधित तिथि |
|---|---|---|---|
| 1 | वेबसाईट में निविदा प्रकाशन की तिथि | 16.12.2024 | 23.12.2024 |
| 2 | ई–निविदा प्राप्ति की तिथि एवं समय | 17.12.2024 से 24.12.2024 अपराह्न 05:00 बजे तक | 24.12.2024 से 31.12.2024 अपराह्न 05:00 बजे तक |
| 3 | निविदा खोलने की तिथि एवं समय | 26.12.2024 पूर्वाह्न 11:00 बजे | 02.01.2025 पूर्वाह्न 11:00 बजे |

निविदा की शेष शर्ते यथावत रहेंगी।
जिला अभियंता,
जिला परिषद्, कोडरमा।
PR 342584 (Panchayati Raj) 24-25 (D)

OHPC ISO 9001-14001 18001 Certified
CAD-1951
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**
**NOTICE INVITING TENDER NO.UIHEP/39/2024-25 DATED.18.12.2024**
The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Repair of roads at Sector-I of Power House Colony of UIHEP, Mukhiguda. | 70,91,590.58 (Excluding GST) | 70,950/- | 'B' Class Contractor registered with State Govt./Central Govt. / MES / Railways. | 10,000/-+ GST @18% = 11,800/- | Three (03) calendar months |

Availability of tender document in the portal: From 24.12.2024 (10:00 Hrs) to 07.01.2025 (up to 13:00 Hrs.)
Last date & time of submission of tenders in the portal: 07.01.2025 up to 13:00 Hrs.
The date & time of opening of the bid: 07.01.2025 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal "https://tendersodisha.gov.in".
Sd/-Unit Head
UIHEP, Mukhiguda
OIPR 32136/11/0023/2425

O-978
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH-II**

**Corrigendum to Bid Identification No. Online – EERKL-22/ 2024-25.**
Due to some unavoidable circumstances in respect of the tender for Building Work invited in Tender Call Notice Bid Identification No. **Online -EERKL-22/2024-25** by the Additional Chief Engineer Rural Works Division, Sundargarh-II the date of Online for bidding and opening of the date which was scheduled to be uploaded from 21.12.2024 to 31.12.2024 is here by extended as follows.

| Availability of Tender on - line for bidding | | Last date & time of seeking tender clarification | Date & time of opening of tender |
|---|---|---|---|
| From | To | | Online -EERKL-22/2024-25 |
| 24.12.2024 at 11.00 A.M | 02.01.2025 up to 5.00 P.M | 01.01.2025 up to 5.00 P.M | 03.02.2025 at 11.00 A.M. |

Sd/-Additional Chief Engineer
R.W.Division, Sundargarh-II
OIPR 25193/11/0041/2425

A-746
**EXECUTIVE ENGINEER,**
**MECHANICAL DIVISION, BHAWANIPATANA**
Email Id- eemechbhawanipatna@gmail.com
Letter No.: 1174 Date : 18.12.2024
**e-PROCUREMENT NOTICE NO. - EE/MDB-01/2024-25**
The Executive Engineer , Mechanical Division Bhawanipatna on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | | |
|---|---|---|---|
| 1. | Total No. of Works | : | 3 (Three) Nos of Mechanical gate works |
| 2. | Estimate cost put tender | : | Varies from 8.84 to 9.41 lacs. (Excluding GST) |
| 3 | Tender paper cost | : | Rs 4000/- (Non refundable) |
| 4 | Class of Contractor | : | SSI Units registered under DIC / NSIC/ MSME for Irrigation shutter / Hydro Mechanical gates. |
| 5. | Period of Completion | : | 30 (Thirty) days |
| 6 | Available of Bid Documents and receipt of bid through online | : | From dt. 21.12.2024(11.00 A.M) to 03.01.2025(5.00 P.M) |
| 7 | Date time and place for opening of online tender | : | 04.01.2025 at 11.00 A.M in the office of the Executive Engineer, Mechanical Division ,Bhawanipatna. |
| 8 | Lottery | : | If required the date of lottery to be intimated to the Qualified Bidders after evaluation of Bid. |
| 9 | Digital Signature certificate | : | The bidders must possess compatible Digital Signature certificate (DSC) |
| 10 | Name and Address of Officer Inviting Tender. | : | Executive Engineer, Mechanical Division, Bhawanipatna. |

Further details can be seen from the Government of Odisha Web-site -www.tendersorissa.gov.in
Sd/- Executive Engineer,
Mechanical Division, Bhawanipatna
OIPR 32540/11/0001/2425

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE SUPERINTENDING ENGINEER**
**MAHANADI CIRCLE, RAIPUR (CHHATTISGARH)**
e-PROCUREMENT TENDER NOTICE
ePrcurement Portal: https://eproc.cgstate.gov.in
(Third Call)
System Tender No. 162973/ NIT No.: 02/SAC/24-25 Dated: 19.12.2024
Online Tenders are invited for the following works up to 06.01.2025 at 17.30 Hours.
Name of work - Protection work of Weir (Epoxy Treatment) in Head Work of Rajiv Samoda Nisda Diversion Scheme (Phase I), Block-Arang, District-Raipur.
Probable Amount of Contract: - Rs. 180.83 Lakhs
(As per S.O.R dated 01.08.2010 and amended upto dated 22.08.2022).
The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 26.12.2024, at 17.31 Hours.(IST) onwards.
NOTE :- All eligible/intrested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
Sd/- Executive Engineer
M.R.P. Phase II Work Division, Raipur
For Superintending Engineer
Mahanadi Circle, Raipur (C.G.)
G-242504739/7

B-788
ID: ee.randbjyp@gmail.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
**e-Procurement Notice**
**Bid Identification No. S.E (R&B)-05/2024-25/JYP(K)**
No. 13575 Date. 16.12.2024
Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Works as mentioned in DTCN.
2. No. of Works : 2 Nos.
3. Estimated Cost : Rs. **62.76 lakhs to Rs.70.03** lakhs
4. Period of completion : 6 (Six) Months
5. Date & Time of Bidding : From 11.00 hours of **26.12.2024** Up-to 17.00 hours of **09.01.2025**
6. Last date & time for receipt of bids in portal : 17.00 hours of **09.01.2025.**
7. Bids received online shall be opened on : 11.00 hours of 10**.01.2025.**
8. Name and address of the officer inviting Bid : Superintending Engineer , Jeypore (R&B) Division, Jeypore

Further details can be seen from the www.tendersodisha.gov.in
Sd/- Superintending Engineer
Jeypore (R&B) Division
OIPR 34027/11/0007/2425

E-616
ZILLA SWASTHYA SAMITI, ANGUL
O/o- The Chief District Medical & Public Health Officer, Angul
**TENDER CALL NOTICE FOR HIRING OF VEHICLES**
No: 2601 Date: 19.12.2024
Sealed tenders are invited from Travel Agencies/ Tour Operators/ Individual for hiring of commercial light diesel/petrol vehicles towards engagement as follows: 1. **CDM&PHO/ADPHO(FW), Angul**, & **2. DHH Angul**, on monthly/daily basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. **www.angul.odisha.gov.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.
Sd/-
CDM & PHO, Angul
OIPR 10142/11/0006/2425



ମୁମ୍ବାଇ: ମହାରାଷ୍ଟ୍ରର ମୁମ୍ବାଇରେ ବୃହନ ମୁମ୍ବାଇ ମ୍ୟୁନିସିପାଲିଟି କର୍ପୋରେସନ (ବିଏମସି) ନିର୍ବାଚନ ସମ୍ପର୍କରେ ଶିବସେନା ୟୁବିଟି ସାଂସଦଙ୍କ ବୟାନକୁ ନେଇ ଚର୍ଚ୍ଚା ଜୋର ଧରିଛି । ଆଜି ସଞ୍ଜୟ ରାଉତ ସୂଚାଇ ଦେଇଛନ୍ତି ଯେ ଶିବସେନା (ୟୁବିଟି) ଏକୁଟିଆ ବିଏମସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରେ। ସଞ୍ଜୟ ରାଉତ ଗଣମାଧ୍ୟମକୁ କହିଛନ୍ତି ଯେ ସ୍ଥାନୀୟ କର୍ମୀ ନିର୍ବାଚନରେ ଏକୁଟିଆ ଲଢ଼ିବା ପାଇଁ ଜିଦ୍ ଧରିଛନ୍ତି କାରଣ ଲୋକସଭା କିମ୍ବା ରାଜ୍ୟସଭା ନିର୍ବାଚନ ତୁଳନାରେ ଏଥର ଅଧିକ ଦାବିଦାର ଅଛନ୍ତି। ସେ କହିଛନ୍ତି, 'ଉଦ୍ଧବ ଠାକରେ ଏବଂ ଅନ୍ୟ ଦଳର ନେତାଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଛି (କେବଳ ବିଏମସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା)। କର୍ମୀମାନେ ଚାହୁଁଛନ୍ତି ଯେ ଦଳ ଏକୁଟିଆ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁ। ସେ କହିଛନ୍ତି ଯେ ୧୯୯୭ ରୁ ୨୦୨୨ ପର୍ଯ୍ୟନ୍ତ କ୍ରମାଗତ ୨୫ ବର୍ଷ ପାଇଁ ଅବିଭକ୍ତ ଶିବସେନା ବିଏମ୍ସି ଉପରେ ନିୟନ୍ତ୍ରଣ ରଖିଥିଲା। ବିଏମସିର ପୂର୍ବ ନିର୍ବାଚିତ ପ୍ରତିନିଧୀଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୨୦୨୨ ଆରମ୍ଭରେ ଶେଷ ହୋଇଥିଲା। ରାଉତ କହିଛନ୍ତି ଯେ ମୁମ୍ବାଇରେ ଦଳର ଶକ୍ତି ବହୁତ ଅଧିକ ।

# 'ଆମ୍ବେଦକର ବୃତ୍ତି' ଘୋଷଣା କଲେ କେଜରିୱାଲ



ନୂଆଦିଲ୍ଲୀ : ସମ୍ବିଧାନ ପ୍ରଣେତା ଡ ବିଆର ଆମ୍ବେଦକରଙ୍କ ନାଁରେ ଦଳିତ ଶିକ୍ଷାର୍ଥୀଙ୍କ ପାଇଁ ସ୍କଲାରଶିପ୍ ବା ବୃତ୍ତି ଘୋଷଣା କରିଛନ୍ତି ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ। ବର୍ତ୍ତମାନ ଦେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ ଆମ୍ବେଦକରଙ୍କ ପ୍ରସଙ୍ଗରେ ଦେଇଥିବା ବୟାନକୁ ନେଇ ବିବାଦ ଲାଗି ରହିଛି। ଆଗକୁ ମଧ୍ୟ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ବିବାଦ ଓ ନିର୍ବାଚନକୁ ଦୃଷ୍ଟିରେ ରଖି କେଜ୍ରିୱାଲ ଶନିବାର ଆମ୍ବେଦକର ଛାତ୍ର ବୃତ୍ତି ଲାଗୁ କରିବେ ବୋଲି କହିଛନ୍ତି। ସମ୍ବିଧାନର ପ୍ରତିଷ୍ଠାତା ଆମ୍ବେଦକରଙ୍କ ପ୍ରତି ଅମିତ ଶାହ ଅସମ୍ମାନ କରିବା ଭଳି ଶବ୍ଦ ପ୍ରୟୋଗ କରିଥିବାରୁ ଏହାର ଜବାବରେ କେଜ୍ରିୱାଲ ଏପରି ଏକ ବୃତ୍ତି ଯୋଜନା ଲାଗୁ କରିଥିବା କହିଛନ୍ତି। ଗୋଟିଏ ନିର୍ବାଚନୀ ସଭାକୁ ସମ୍ବୋଧନ କରି କେଜ୍ରିୱାଲ କହିଛନ୍ତି, ଯଦି ଆପ୍ ଆସନ୍ତା ବିଧାନସଭା ନିର୍ବାଚନରେ ଦିଲ୍ଲୀରେ ବିଜୟୀ ହୁଏ, ତା'ହେଲେ ସରକାର ବିଦେଶରେ ନାମ ଲେଖାଇଥିବା ଦଳିତ ଶିକ୍ଷାର୍ଥୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବେ। ଅର୍ଥ ଅଭାବରୁ ଦିଲ୍ଲୀର କୌଣସି ଦଳିତ ଶିକ୍ଷାର୍ଥୀ ଯେମିତି ବିଦେଶରେ ପାଠ ପଢ଼ିବା ଅଧାରୁ ନ ଛାଡ଼ିବେ, ତା'ର ବ୍ୟବସ୍ଥା ଆପ୍ କରିବ। ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ଓ ପଲିଟିକାଲ ସାଇନ୍ସ (ଏଲଏସଇ)ରେ ପଢୁଥିବା ଆମ୍ବେଦକରଙ୍କୁ ଅର୍ଥ ଅଭାବରୁ ଅଧାରେ ପାଠ ବନ୍ଦ କରିବାକୁ ପଡ଼ିଥିଲା। ସେ ଘରକୁ ଆସିଥିଲେ ଓ ଟଙ୍କା ଯୋଗାଡ଼ କରିଥିଲେ। ଏହାପରେ ସେ ଏଲଏସଇ ଯାଇଥିଲେ ଓ ପୁଣି ନିଜର ଶିକ୍ଷା ଶେଷ କରିଥିଲେ ବୋଲି କେଜ୍ରିୱାଲ କହିଛନ୍ତି। ଆମ୍ବେଦକରଙ୍କୁ ଅମିତ ଶାହ କଟାକ୍ଷ କରିଥିବା ଅଭିଯୋଗ କରି କେଜ୍ରିୱାଲ କହିଛନ୍ତି ଯେ ସେ ଓ ଆମ୍ବେଦକରଙ୍କ କୋଟିକୋଟି ଅନୁଗାମୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବୟାନରେ ଆଘାତ ପାଇଛନ୍ତି। ସେ କହିଛନ୍ତି, 'ସ୍ୱାଧୀନ ଭାରତରେ କେହି ବି କେବେ ସ୍ୱପ୍ନରେ ଭାବି ନଥିବେ ଯେ ସଂସଦରେ କେହି ଜଣେ ବାବା ସାହେବ ଆମ୍ବେଦକରଙ୍କୁ କଟାକ୍ଷ କରିବେ। ଅମିତ ଶାହଙ୍କ ଅସମ୍ମାନ କରିବା ଭଳି ବୟାନକୁ ଦୃଷ୍ଟିରେ ରଖି ମୁଁ ଡ ଆମ୍ବେଦକର ସମ୍ମାନ ସ୍କଲାରଶିପ ଯୋଜନା ସମ୍ପର୍କରେ ଘୋଷଣା କରୁଛି। ସରକାରୀ କର୍ମଚାରୀଙ୍କ ପିଲାମାନେ ମଧ୍ୟ ଏହି ଯୋଜନାରେ ସାମିଲ ହୋଇପାରିବେ।'

# ସଂସଦ ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଗଠନ କଲା ଯାଞ୍ଚ ଦଳ

ନୂଆଦିଲ୍ଲୀ : ସଂସଦ ପରିସରରେ ହୋଇଥିବା ଧସ୍ତାଧସ୍ତିର ତଦନ୍ତ ତ୍ୱରାନ୍ୱିତ ହୋଇଛି। ତଦନ୍ତ ଲାଗି ଦିଲ୍ଲୀ ପୋଲିସର କ୍ରାଇମବ୍ରାଞ୍ଚ ଏକ ୭ ସଦସ୍ୟ ବିଶେଷ ଯାଞ୍ଚ ଦଳ (ଏସଆଇଟି) ଗଠନ କରିଛି। ପାର୍ଲ୍ୟାମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେସନ ମାମଲାକୁ ଦିଲ୍ଲୀ ପୋଲିସର କ୍ରାଇମବ୍ରାଞ୍ଚକୁ ଟ୍ରାନ୍ସଫର କରିଦେଇଛି। ଏହି ମାମଲାର ଯାଞ୍ଚ ଏବେ କ୍ରାଇମବ୍ରାଞ୍ଚର ଚାଣକ୍ୟପୁରୀ ସ୍ଥିତ ଆଇଏସସି ୟୁନିଟ୍ କରିବ। ମାମଲା ପାର୍ଲ୍ୟାମେଣ୍ଟ ବିଲ୍ଡିଂରେ ସାଂସଦଙ୍କ ମଧ୍ୟରେ ଧସ୍ତାଧସ୍ତିର। ଏଥିରେ ବିଜେପି ସାଂସଦ ପ୍ରତାପ ଷଡଙ୍ଗୀ ଓ ମୁକେଶ ରାଜପୁର ଆହତ ହୋଇଥିଲେ। ମାମଲାରେ ଉଭୟ ସାଂସଦ ପାର୍ଲ୍ୟାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଏତଲା ଦେଇଥିଲେ। ଏଥିପାଇଁ ବିଜେପିର ୩ ଜଣ ସାଂସଦ ଥାନାକୁ ଆସିଥିଲେ ଓ ଲିଖିତ ଅଭିଯୋଗ କରିଥିଲେ। ଏହା ଉପରେ ଗୁରୁବାର ରାତିରେ ଏଫଆଇଆର ରୁଜୁ ହୋଇଥିଲା। କଂଗ୍ରେସ ପାର୍ଟିର ପ୍ରତିନିଧି ଦଳ ମଧ୍ୟ ଥାନାକୁ ଆସିଥିଲେ। ସେମାନେ ମଧ୍ୟ ମାମଲାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉପରେ ଏବେ ପୋଲିସ କହିଛି ଯେ ଏହାର ଆଇନଗତ ପରୀକ୍ଷଣ ଜାରି ରହିଛି। ପୋଲିସ ଅପରାଧ ଶାଖା ମାମଲାର ଗୁରୁତ୍ୱ ଓ ଜଟିଳତାକୁ ନଜରରେ ରଖି ଶୁକ୍ରବା ରାତିରେ ଏକ ଏସଆଇଟି ଟିମ୍ ଗଠନ କରିଛି। କ୍ରାଇମବ୍ରାଞ୍ଚର ଏହି ଟିମରେ ୨ ଜଣ ଏସିପି, ୨ ଜଣ ଇନିସପେକ୍ଟର ଓ ୩ ଜଣ ସବଇନିସପେକ୍ଟର ସାମିଲ ଅଛନ୍ତି। ଏମାନେ ସିଧା ଡିସିପିଙ୍କୁ ରିପୋର୍ଟ କରିବେ। ନୂଆଦିଲ୍ଲୀ ଜିଲ୍ଲା ପାର୍ଲ୍ୟାମେଣ୍ଟ ଥାନାରୁ କ୍ରାଇମବ୍ରାଞ୍ଚକୁ ରାହୁଲ ଗାନ୍ଧି ସମ୍ପର୍କିତ ମାମଲାର ଏଫଆଇଆର, ଇନଭେଷ୍ଟିଗେସନର କପି ଏପର୍ଯ୍ୟନ୍ତ ହ୍ୟାଣ୍ଡେଭର ହୋଇ ନାହିଁ। ଏହି ପ୍ରକ୍ରିୟା ଖୁବ୍ ଶୀଘ୍ର ପୁରା କରାଯିବ। ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ପାର୍ଲ୍ୟାମେଣ୍ଟ ପ୍ରଶାସନକୁ ଘଟଣାର ସିସିଟିଭି ଫୁଟେଜ ନିମନ୍ତେ ପତ୍ର ଲେଖାଯାଇଛି।

# ଉତ୍ତରାଖଣ୍ଡରେ ଭୂସ୍ଖଳନ, ରାଜପଥରେ ଅଟକିଛି ଶହ ଶହ ଗାଡି



ଡେରାଡୁନ: ଉତ୍ତରାଖଣ୍ଡର ପିଥୋରାଗଡ଼ରେ ଏକ ଭୟଙ୍କର ଭୂସ୍ଖଳନ ଘଟିଛି। ଧାରଚୁଲା-ତାୱାଘାଟ ଏନଏଚ୍‌ରେ ଏହି ଭୂସ୍ଖଳନ ଘଟିଛି। ଫଳରେ ଅନେକ ଯାନ ଏଠାରେ ଅଟକି ରହିଛି । ଭୂସ୍ଖଳନ ଏତେ ଭୟଙ୍କର ଥିଲା ଯେ ଚାରିଆଡେ ଧୂଳିର ମେଘ ବ୍ୟାପିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ଶହ ଶହ ଲୋକ ଏଠାରୁ ଦୌଡ଼ିବା ଆରମ୍ଭ କରିଥିଲେ। ସୌଭାଗ୍ୟବଶତଃ ଯେତେବେଳେ ଭୂସ୍ଖଳନ ଘଟିଲା ସେତେବେଳେ କୌଣସି ଯାନ ଏହି ବାଟଦେଇ ଯାଉନଥିଲା, ନଚେତ୍ ଏକ ବଡ଼ ଦୁର୍ଘଟଣା ଘଟିଥାଆନ୍ତା। କୁହାଯାଇଥିଲା ଯେ ରାଜପଥ କାମ କରୁଥିବା ହିଲୱେ କମ୍ପାନୀ ପଥର ଭାଙ୍ଗିବା ପାଇଁ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିଲା। ଯେଉଁଥିପାଇଁ ଏକ ବଡ଼ ପଥର ଖଣ୍ଡ ଫାଟି ଯାଇ ଏହି ଭୂସ୍ଖଳନ ଘଟିଥିଲା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଧ୍ୟ ଏହି ଭୂସ୍ଖଳନ ବିଷୟରେ ଜାଣିଥିଲେ ଏବଂ ଅଧିକାରୀମାନଙ୍କୁ ଯଥାଶୀଘ୍ର ରାସ୍ତା ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଛନ୍ତି ଯେ ପିଥୋରାଗଡ ଜିଲାର ତାୱାଘାଟ-ଧାରଚୁଲା ଜାତୀୟ ରାଜପଥରେ ଲ୍ୟାଣ୍ଡ ସ୍ଲାଇଡ ଯୋଗୁଁ ଟ୍ରାଫିକ ପ୍ରଭାବିତ ହୋଇଛି। ଭଲ ଖବର ହେଉଛି ଯେ ଏଥିରେ କୌଣସି ଜୀବନ ହାନି ହୋଇନାହିଁ। ଆବର୍ଜନା ହଟାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ସହିତ ଜିଲା ପ୍ରଶାସନ ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ଯଥାଶୀଘ୍ର ରାସ୍ତା ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଥୋରାଗଡ ଡିଏମ ବିନୋଦ ଗୋସ୍ୱାମୀଙ୍କ ଅନୁଯାୟୀ, ପିଥୋରାଗଡ ଜିଲାର ତାୱାଘାଟ-ଧାରଚୁଲା ଜାତୀୟ ରାଜପଥରେ ଲ୍ୟାଣ୍ଡ ସ୍ଲାଇଡ ଯୋଗୁଁ ଟ୍ରାଫିକ ପ୍ରଭାବିତ ହୋଇଛି। ଅଳିଆ ଆବର୍ଜନା ହଟାଇବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି। ଏହା ଏକ ଆରାମଦାୟକ ବିଷୟ ଯେ କୌଣସି ଆହତଙ୍କ ରିପୋର୍ଟ ନାହିଁ। ଯଥାଶୀଘ୍ର ରାସ୍ତା ଖୋଲିବାକୁ ଜିଲା ପ୍ରଶାସନ ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଫିକ ପୁନରୁଦ୍ଧାର ପାଇଁ ପର୍ଯ୍ୟାପ୍ତ ପରିଶ୍ରମ କରାଯାଉଛି।

# କୋଠା ଭୁଶୁଡ଼ି ୪ ମୃତ

ଚଣ୍ଡୀଗଡ: ପଞ୍ଜାବର ମୋହାଲିରେ ଏକ ୬ ମହଲା କୋଠା ଭୁଶୁଡି ପଡିଛି। ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଏହାତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। କୋଠାର ତଳ ମହଲାରେ ଏକ ଜିମ୍ ସେଣ୍ଟର ଥିଲା। ଏହାତଳୁ ୪ ଜଣଙ୍କ ମୃତଦେହ କରାଯାଇଛି। ଆହତଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଖନନ ଚାଲିଥିବା ନିକଟସ୍ଥ କୋଠାରେ କାମ ଚାଲିଥିଲା। ସୂଚନାନୁଯାୟୀ, ନିକଟରେ ଏକ ବେସ୍‌ମେଣ୍ଟ ଖୋଳା ଯାଉଥିବା ବେଳେ କୋଠାଟି ଭୁଶୁଡି ପଡିଥିଲା। ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଛି। ସୋହନା ଗାଁର ପୂର୍ବତନ ସରପଞ୍ଚ ପରବିନ୍ଦ ସିଂ ସୋହନା କହିଛନ୍ତି, ଘଟଣା ସମୟରେ ଜିମ୍ ନଷ୍ଟ ହୋଇଯାଇଥିଲା ଏବଂ କିଛି ଯୁବକ ଜିମ୍‌ରେ ଥିଲେ। ସେ ଆହୁରି କହିଛନ୍ତି, କ'ଣ ଘଟିଛି ଆମେ ଏପର୍ଯ୍ୟନ୍ତ ଜାଣିନାହୁଁ। ଆମେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିବେଦନ କରିଛୁ।

# ୨୦୯ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ ଓ ଭୂମିପୂଜନ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ବେମେତରା ଜିଲ୍ଲାର ପ୍ରଶାସନିକ ମୁଖ୍ୟାଳୟ ନବାଗଡ଼ଠାରେ ଆୟୋଜିତ ତିନିଦିନିଆ ରାଜ୍ୟସ୍ତରୀୟ ଓପନ୍ ପନ୍ଥୀ ନୃତ୍ୟ ପ୍ରତିଯୋଗିତା ଏବଂ ଗୁରୁ ଘାସିଦାସ ଲୋକକଳା ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ସାମିଲ୍ ହୋଇଥିଲେ । ସେ ବାବା ଘାସିଦାସଙ୍କ ଜୟନ୍ତୀରେ ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ସୁଖସମୃଦ୍ଧି କାମନାକରିଥିଲେ । ଏହି ଅବସରରେ ଶ୍ରୀ ସାଏ ୨୦୯କୋଟି ୧୨ଲକ୍ଷ ୫୭ହଜାର ଟଙ୍କାର ୭୪ଟି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଭୂମିପୂଜନ ଓ ଲୋକାର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ ସାଏ କହିଥିଲେ ଛତିଶଗଡ଼ର ସାମାଜିକ ପ୍ରଥା ସମତାମୂଳକ ସମାଜ ଅଟେ । ଏହି ସମାଜର ନିର୍ମାଣ ବାବା ଗୁରୁ ଘାସିଦାସ କରିଥିଲେ । ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟ ଆଜି ରାଜ୍ୟବାସୀଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ ହୋଇଛି । ତାଙ୍କ ସନ୍ଦେଶ କେବଳ ସମାଜ ପାଇଁ ନୁହେଁ ସାରା ଦେଶଦୁନିଆକୁ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ ଉଦ୍ଦିଷ୍ଟ । ସେ କହିଥିଲେ ଛତିଶଗଡ଼କୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ମୋ ସରକାର ରାଜ୍ୟର ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି । ଏପର୍ଯ୍ୟନ୍ତ ଆମେ ଲକ୍ଷ୍ୟଧାର୍ଯ୍ୟ କରିଥିବା ୧୬୦ଲକ୍ଷ ମେଟ୍ରିକ୍ ଟନ୍ ଧାନ ମଧ୍ୟରୁ ୧୪୫ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିପାରିଛୁ । ଏହି ଏମ୍ଏସପି ବୃଦ୍ଧି ଚାଷୀଭାଇଙ୍କ ବିକାଶରେ ସହାୟକ ହେବ । ସେହିପରି ମହତାରୀ ବନ୍ଦନ ଯୋଜନାରେ ପ୍ରତି ମାସରେ ୭୦ଲକ୍ଷ ମା' ଓ ଭଉଣୀଙ୍କୁ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି । ସେ ଆହୁରି କହିଥିଲେ ଯେ, ଯୁବବର୍ଗଙ୍କ ରୋଜଗାର ପାଇଁ ମୋ ସରକାର ପଦକ୍ଷେପ ନେଉଛି । ପରୀକ୍ଷାଗୁଡ଼ିକରେ ପାରଦର୍ଶିତା ରଖିବା ପାଇଁ କାର୍ଯ୍ୟ କରିଚାଲିଛୁ । ଏହି ସମାରୋହରେ ବିଧାୟକ କିରଣ ସିଂ ଦେବ, କୁନୁଲାଲ ମୋହଲେ, ଦୀପକ ସାହୁ, ଈଶ୍ୱର ସାହୁ, ଅବଧେଶ ଚନ୍ଦେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ହିନ୍ଦୁଙ୍କ ଉପରେ ଆକ୍ରମଣ ତଥ୍ୟ ବିଭ୍ରାନ୍ତିକର: ବାଂଲାଦେଶ



ଢାକା: ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ଆକଳନ ଉପରେ ପ୍ରଶ୍ନ ଉଠାଇଛନ୍ତି ଯାହା ହିନ୍ଦୁମାନଙ୍କ ପ୍ରତି ହେଉଥିବା ହିଂସା ବିଷୟରେ କହିଛି। ବାଂଲାଦେଶ କହିଛନ୍ତି, 'ବୈଦେଶିକ ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ୨୦୨୨ ମସିହାରେ ବାଂଲାଦେଶରେ ହିନ୍ଦୁଙ୍କ ବିରୁଦ୍ଧରେ ୪୭ଟି ହିଂସା, ୨୦୨୩ରେ ୩୦୨ ଏବଂ ୨୦୨୪ରେ ୨୨୦୦ ଘଟଣା ଘଟିଛି । ଏହି ସଂଖ୍ୟା ବିଭ୍ରାନ୍ତିକର ଏବଂ ମିଛ କଥା। ୟୁନୁସ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଜାନୁଆରୀରୁ ନଭେମ୍ବର ୨୦୨୪ ମଧ୍ୟରେ ବାଂଲାଦେଶରେ ଧାର୍ମିକ ସଂଖ୍ୟାଲଘୁଙ୍କ ବିରୋଧରେ ହିଂସା ଘଟଣାର ସଂଖ୍ୟା ହେଉଛି ୧୩୮, ଯେଉଁଥିରେ ୩୬୮ଟି ଘର ଉପରେ ଆକ୍ରମଣ ହୋଇଛି ଓ ୮୨ ଜଣ ଆହତ ହୋଇଥିଲେ।' ବାଂଲାଦେଶର ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆକ୍ରମଣକାରୀମାନେ ବାଂଲାଦେଶର ମାଇମେନସିଂହ ଏବଂ ଦିନାଜପୁରର ତିନୋଟି ମନ୍ଦିରରେ ମୂର୍ତ୍ତି ଭାଙ୍ଗିଛନ୍ତି। ଦିନାଜପୁରର ମାଇମେନସିଂହରେ ୮ଟି ମୂର୍ତ୍ତି ଭଙ୍ଗାଯାଇଥିଲା। ଗତକାଲି ଏବଂ ଆଜି ସକାଳେ ମାଇମେନସିଂହର ହାଲୁଆଘାଟ ଉପଜିଲ୍ଲାରେ ଦୁଇଟି ମନ୍ଦିରର ତିନୋଟି ପ୍ରତିମୂର୍ତ୍ତି ଭଙ୍ଗାଯାଇଥିଲା। ବାଂଲାଦେଶ ସରକାର କହିଛନ୍ତି ଯେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ରିପୋର୍ଟ ହୋଇଥିବା ପ୍ରତ୍ୟେକ ଘଟଣାର ଅନୁସନ୍ଧାନ କରୁଛନ୍ତି ଏବଂ ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଉଲ୍ଲେଖ ଥାଉ କି ବିଦେଶ ରାଷ୍ଟ୍ରମନ୍ତ୍ରୀ ସଂସଦରେ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ୨୦୨୨ମସିହାରେ ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ବିରୋଧରେ ୪୭ଟି ଆକ୍ରମଣ ହୋଇଥିବା ବେଳେ ପାକିସ୍ତାନରେ ଏହି ସଂଖ୍ୟା ୨୪୧ ଥିଲା। ଏହା ପରେ ୨୦୨୧ରେ ବାଂଲାଦେଶରେ ୩୦୨ ଓ ପାକିସ୍ତାନରେ ୧୦୩ ମାମଲା ସାମ୍ନାକୁ ଆସିଥିଲା। ସେହିପରି ଚଳିତ ବର୍ଷ ବାଂଲାଦେଶରେ ହିନ୍ଦୁଙ୍କ ବିରୋଧରେ ହିଂସା ବଢ଼ିବାରେ ଲାଗିଛି। ୨୦୨୪ ଡିସେମ୍ବର ୮ ସୁଦ୍ଧା ବାଂଲାଦେଶରେ ସଂଖ୍ୟାଲଘୁଙ୍କ ବିରୋଧରେ ୨୨୦୦ ହିଂସାକାଣ୍ଡ ଘଟିଥିବା ବେଳେ ପାକିସ୍ତାନରେ ଏହି ସଂଖ୍ୟା ୧୧୨ ରହିଛି। ଏହି ହିଂସାକାଣ୍ଡ ଘଟଣାକୁ ସରକାର ଗମ୍ଭୀରତାର ସହ ନେଇଛନ୍ତି ଏବଂ ବାଂଲାଦେଶ ସରକାରଙ୍କ ନିକଟରେ ଚିନ୍ତା ପ୍ରକଟ କରିଛନ୍ତି ବୋଲି ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଥିଲେ ।

# ବାଣିଜ୍ୟ



ମୁମ୍ବାଇ: ଚଳିତ ସପ୍ତାହରେ ଲଗାତାର ଭାବେ ସେନ୍‌ସେକ୍ସ ତଳକୁ ଖସିବାରୁ ନିବେଶକମାନେ ୧୮.୪୩ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବିଦେଶୀ ନିବେଶକମାନେ ନିୟମିତ ଭାବେ ପାଣ୍ଠି ପ୍ରତ୍ୟାହାର କରିବା ଓ ବିଶ୍ୱ ସ୍ତରରେ ଘଟିଥିବା କିଛି ଘଟଣାର ନକାରାତ୍ମକ ପ୍ରଭାବରେ ସେନ୍‌ସେକ୍ସ ସପ୍ତାହ ସାରା ତଳକୁ ଖସିଥିଲା। ଗୋଟିଏ ସପ୍ତାହରେ ଏହା ୪୦୯୧ ପଏଣ୍ଟ ହରାଇଛି। ଶୁକ୍ରବାର ସେନ୍‌ସେକ୍ସ ୧୧୭୬ ପଏଣ୍ଟ ହ୍ରାସ ପାଇ ୭୮,୦୪୧ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୩୬୪ ପଏଣ୍ଟ ହ୍ରାସ ପାଇ ୨୩୫୮୭ ପଏଣ୍ଟରେ ବନ୍ଦ ହୋଇଛି। ଗତ ସୋମବାର (ଡିସେମ୍ବର ୧୬)ରେ ସେନ୍‌ସେକ୍ସ ୮୧,୭୪୮ ପଏଣ୍ଟରେ ଥିଲା। ଶୁକ୍ରବାର ସୁଦ୍ଧା ତାହା ୭୮,୦୪୧ ପଏଣ୍ଟକୁ ଖସିଆସିଛି। ବ୍ଲୁ ଚିପ୍ କମ୍ପାନିଗୁଡ଼ିକ ମଧ୍ୟରୁ ଟେକ୍ ମହିନ୍ଦ୍ରା, ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଟାଟା ମୋଟର୍ସ, ଲାର୍ସନ୍ ଆଣ୍ଡ ଟୁବ୍ରୋ, ଷ୍ଟେଟ୍ ବ୍ୟାଙ୍କ, ଟାଟା କନ୍‌ସଲଟାନ୍ସି ସର୍ଭିସେସ୍, ଅଲଟ୍ରା ଟେକ୍ ସିମେଣ୍ଟ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସେୟାର ମୂଲ୍ୟ ହ୍ରାସ ପାଇଛି। ତେବେ ଏଭଳି ଏକ ଦିନରେ ଜେଏସ୍‌ଡବ୍ଲୁ ଷ୍ଟିଲ, ନେସ୍‌ଲେ ଓ ଟାଇଟାନ୍‌ର ସେୟାର ମୂଲ୍ୟ ବଢ଼ିଛି। ସମଗ୍ର ଏସିଆରେ ଦକ୍ଷିଣ କୋରିଆ, ଜାପାନ, ଚୀନ୍‌ରେ ମଧ୍ୟ ଷ୍ଟକ୍ ବଜାରରେ କାରବାର ମାନ୍ଦା ରହିଥିଲା। ୟୁରୋପରେ ମଧ୍ୟ ଷ୍ଟକ୍ ସୂଚୀ ତଳକୁ ଖସିଥିବା ବେଳେ ଆମେରିକାରେ ହୋଇଥିବା କାରବାରରେ ମିଶ୍ରିତ ଫଳ ଦେଖିବାକୁ ମିଳିଥିଲା।

# ଟାଟା ଷ୍ଟିଲ୍‌ର ଏଫ୍‌ଏଏମ୍‌ଡିକୁ ପ୍ଲାଟିନମ୍ ଓ ଗୋଲ୍ଡ ବର୍ଗରେ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାଇରନମେଂଟ ମ୍ୟାନେଜମେଂଟ ସର୍ଭିସେସ୍ (ଆଇକ୍ୟୁଇଏମଏସ) ପକ୍ଷରୁ ଆୟୋଜିତ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୪ରେ ଟାଟା ଷ୍ଟିଲର ଫେରୋ ଆଲଏଜ୍ ପ୍ଲାଣ୍ଟ (ଏଫ୍‌ଏପି), ଲୁହାପଥର, ମାଙ୍ଗାନିଜ୍ ଓ କ୍ରୋମାଇଟ୍ ଖଣିକୁ ପ୍ଲାଟିନମ୍ ଓ ଗୋଲ୍ଡ ବର୍ଗରେ ସମ୍ମାନଜନକ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନିର ଏହି କାରଖାନା ଏବଂ ଖଣିଗୁଡ଼ିକ ୨୦୨୩ ମସିହା ପ୍ରଦର୍ଶନ ବର୍ଷ ପାଇଁ ପୁରସ୍କାର ପାଇଛନ୍ତି। ଟାଟା ଷ୍ଟିଲର ଫେରୋ ଆଲଏଜ୍ ଆଣ୍ଡ ମିନେରାଲସ ଡିଭିଜନ (ଏଫ୍‌ଏଏମଡି) ଅଧୀନରେ କାର୍ଯ୍ୟ କରୁଥିବା ଏଫ୍‌ଏପି ଆଠଗଡ଼ ଓ ଏଫ୍‌ଏପି ଯାଜପୁର ପ୍ଲାଟିନମ୍ ବର୍ଗରେ ପୁରସ୍କୃତ ହୋଇଥିବା ବେଳେ ଏଫ୍‌ଏପି ବ୍ରାହ୍ମଣୀପାଲ ଓ ଏଫ୍‌ଏପି ଯାଜପୁର ଗୋଲ୍ଡ ବର୍ଗରେ ପୁରସ୍କୃତ ହୋଇଛନ୍ତି। ସେହିପରି ପ୍ଲାଟିନମ୍ ବର୍ଗରେ ଯୋଡ଼ାୱେଷ୍ଟ ଆଇରନ୍ ଓ ମାଙ୍ଗାନିଜ୍ ଖଣି ଏବଂ ଗୋଲ୍ଡ ବର୍ଗରେ ସାରୁଆବିଲ କ୍ରୋମାଇଟ୍ ଖଣି ପୁରସ୍କାର ପାଇଛି। କାରଖାନା ଓ ଖଣିଗୁଡ଼ିକ ସୁରକ୍ଷା ଓ ପରିଚାଳନାରେ ଉଚ୍ଚତର ମାନ ବଜାୟ ରଖିଥିବାରୁ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଲେସୋଥୋର ହାଇ କମିଶନର ଲେବୋହାଙ୍ଗ ଭାଲେଣ୍ଟାଇନ୍ ମୋକାବାଙ୍କ ଉପସ୍ଥିତିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ପୁରସ୍କାର ପ୍ରଦାନ କରିଥିଲେ। ସୁରକ୍ଷା ମୁଖ୍ୟ (ଖଣି) ଠାକୁର ଅଜୟ କୁମାର ବିଶ୍ୱମ୍ଭରନାଥ, ସୁରକ୍ଷା ମୁଖ୍ୟ (ଏଫ୍‌ଏପି ଓ ଷ୍ଟେନଲେସ୍‌ଷ୍ଟିଲ୍ ପ୍ଲାଣ୍ଟ୍) କିଶୋର ବରଣ ମାଇତି, ଏଫ୍‌ଏପି ଆଠଗଡ଼ ମୁଖ୍ୟ ସର୍ବେଶ୍ୱର ନାୟକ, ଏରିଆ ମ୍ୟାନେଜର ସୁରକ୍ଷା (ଯାଜପୁର ଓ ବିଷ୍ଣୁପୁର) ଜଗଦୀଶ ପାତ୍ରୀ, ଯୋଡ଼ାୱେଷ୍ଟ ଆଇରନ ଆଣ୍ଡ ମାଙ୍ଗାନିଜ ମାଇନର ଏରିଆ ମ୍ୟାନେଜର (ଖଣି) ସପ୍ତର୍ଷି ଦତ୍ତ, ଖଣ୍ଡବନ୍ଧର ସୁରକ୍ଷା ବିଭାଗ ସିନିୟର ମ୍ୟାନେଜର ଅଙ୍କିତ ଶର୍ମା, ଏଫ୍‌ଏଏମଡିର ସାରୁଆବିଲ କ୍ରୋମାଇଟ୍ ଖଣିର ସିନିୟର ଏରିଆ ମ୍ୟାନେଜର (ଖନନ) ନିରନ କୁମାର ପ୍ରମୁଖ କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ ଥିଲେ। ଏହି ଅବସରରେ ଟାଟା ଷ୍ଟିଲର କାର୍ଯ୍ୟନିର୍ବାହୀ ଭାରପ୍ରାପ୍ତ ଅଧିକାରୀ (ଏଫ୍‌ଏଏମଡି) ପଙ୍କଜ ସତିଜା କହିଛନ୍ତି ଯେ, ଠିକା କର୍ମଚାରୀଙ୍କ ସମେତ ଆମ କାର୍ଯ୍ୟସ୍ଥଳୀ ପରିସରରେ ସମସ୍ତଙ୍କ ପାଇଁ ସୁରକ୍ଷା ବଜାୟ ରଖିବାରେ ଆମେ ସର୍ବଦା ବିଶ୍ୱାସ କରୁଛୁ। ଏହି ପୁରସ୍କାର ଆମ ସମସ୍ତଙ୍କୁ ଅଧିକ ଦାୟିତ୍ୱ ପ୍ରଦାନ କରିଛି, ଯାହାଫଳରେ ଆମେ ଲୋକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଦିଗରେ ଅଧିକ ଯୋଗଦାନ କରିପାରିବୁ। ଟାଟା ଷ୍ଟିଲ ପାଇଁ ସବୁବେଳେ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ କମ୍ପାନି ଏହାର କାର୍ଯ୍ୟର ପ୍ରତ୍ୟେକ ଦିଗରେ ବ୍ୟାପକ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ।

# ଆର୍‌ଏସ୍‌ପି ଦ୍ୱାରା ଏମ୍‌ଏସ୍‌ଇ ପାଇଁ ଭେଣ୍ଡର ବିକାଶ କାର୍ଯ୍ୟକ୍ରମ




ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅନୁସୂଚିତ ଜାତି/ଜନଜାତି ଏବଂ ମହିଳା ଉଦ୍‌ଯୋଗୀଙ୍କ ଉପରେ ବିଶେଷ ଧ୍ୟାନ ସହ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ (ଏମ୍‌ଏସ୍‌ଇ) ପାଇଁ ରାଉରକେଲା କ୍ଲବରେ ଏକ ଦିନିକିଆ ଭେଣ୍ଡର ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସରକାରୀ ନ୍ୟାସନାଲ ଏସସି / ଏସଟି ହବ କାର୍ଯ୍ୟାଳୟ (ଏନଏସଏସଏଚଓ), ଭୁବନେଶ୍ୱର ଓ ଏମଏସଏମଇ-ଡ଼ିଏଫଓ କଟକର ସହଭାଗିତାରେ ସମ୍ପନ୍ନ ହୋଇଥିଲା। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଏବଂ ଏନଏସଏସଏଚଓ, ଭୁବନେଶ୍ୱରର ପ୍ରଭାରୀ ଡି ଚକ୍ରବର୍ତ୍ତୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି/ଜନଜାତି ଏବଂ ମହିଳା ଉଦ୍‌ଯୋଗୀଙ୍କ ସମେତ ୧୦୦ ରୁ ଅଧିକ ଭେଣ୍ଡର ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ଏଭଳି କର୍ମଶାଳା ଆୟୋଜନ ପାଇଁ ସାମଗ୍ରୀ ପରିଚାଳନା ବିଭାଗର ଉଦ୍ୟମର ପ୍ରଶଂସା କରିଥିଲେ। ସେ ବିକ୍ରେତାମାନଙ୍କୁ ବିଶେଷ କରି ଏସସି-ଏସଟି ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ଆରଏସପିର ବିଭିନ୍ନ ଯୋଜନାରୁ ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ତରୁଣ ମିଶ୍ର ସାତଜଣ ବିଶିଷ୍ଟ ଅନୁସୂଚିତ ଜାତି/ଜନଜାତି ଏବଂ ମହିଳା ଉଦ୍‌ଯୋଗୀ ଯଥା ପ୍ରଭା ଆଣ୍ଡ ସନ୍ସ, ଅମ୍ୱେଶ ଇଣ୍ଡଷ୍ଟ୍ରି, ମିଞ୍ଜି କେମିକାଲ୍, କୋଶଳା ଇଞ୍ଜିନିୟରିଂ, ହେଲଥ ଆଣ୍ଡ କେୟାର, ଗୁରୁଦ୍ୱାର ଇଞ୍ଜିନିୟରିଂ ଏବଂ ହିତକର୍ନି ଇଞ୍ଜିନିୟରିଂକୁ ସମ୍ବର୍ଦ୍ଧିତ କରିଥିଲେ।


# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଉର୍ଜାମେଳା ଆୟୋଜିତ

ବୁର୍ଲା(ଭାସ୍କର ନ୍ୟୁଜ): ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲୁଓଡିଏଲ୍)ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ ଏହାର ପ୍ରମୁଖ ସିଏସ୍‌ଆର ଅଭିଯାନ କ୍ଲବ୍ ଏନର୍ଜି ଅଧିନରେ ଉର୍ଜାମେଳା ଆୟୋଜିତ ହୋଇଯାଇଛି। ସମ୍ବଲପୁର ସହରସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସହର ୨୫ ଗୋଟି ବିଦ୍ୟାଳୟରୁ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ବାର୍ଷିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରି ଏବଂ ଶକ୍ତି ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରି ସ୍ଥାୟୀତ୍ୱ ଏବଂ ସବୁଜ ନବସୃଜନକୁ ପ୍ରୋତ୍ସାହିତ କରିବାର ମୂଳଲକ୍ଷ୍ୟ ରହିଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମକୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏସ୍. ଏନ୍. ନନ୍ଦ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ, ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ ପରିବର୍ତ୍ତନ ଭଳି ବିବିଧ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ



ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରଦର୍ଶନୀ, କୁଇଜ୍, ଡ୍ରଇଂ, ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାୟୀତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିଥିଲା। ଏକ ହୃଦୟସ୍ପର୍ଶୀ ଆକର୍ଷଣ ଭାବେ, ବୁର୍ଲା ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶକ୍ତି ସଂରକ୍ଷଣ ଉପରେ ଏକ ଆକର୍ଷଣୀୟ କଳା ପ୍ରଦର୍ଶନ କରିଥିଲେ। ପରେ ଏହି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସମର୍ଥନ ପାଇଁ କମ୍ପାନୀ ପକ୍ଷରୁ ବ୍ରେଲପ୍ଲେଟ୍, ଅଡିଓ ଡିଭାଇସ୍, ଲୁଡୋ ଟେବୁଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। କ୍ଲବ୍ ଏନର୍ଜି ହେଉଛି ଟାଟା ପାୱାରର ଏକ ପ୍ରମୁଖ ସିଏସ୍‌ଆର ଅଭିଯାନ, ଯାହା ସ୍ଥାୟୀ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ବଳ ସଂରକ୍ଷଣ କ୍ଲବ ଏବଂ ଜଳବାୟୁ-ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି କରୁଛି। ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ଛାତ୍ରମାନଙ୍କୁ ଜ୍ଞାନ ପ୍ରଦାନ କରିବା ପାଇଁ ଉର୍ଜାମେଳା ଏକ ପ୍ରଶଂସନୀୟ ପରିକଳ୍ପନା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କ୍ଲବ୍ ଏନର୍ଜି ଅଧୀନରେ ଟିପିଡବ୍ଲୁଓଡିଏଲ ପଶ୍ଚିମ ଓଡ଼ିଶାର ୯ ଟି ଜିଲ୍ଲାରେ ଥିବା ୨୨୫ ଗୋଟି ବିଦ୍ୟାଳୟର ପ୍ରାୟ ୨୫,୦୦୦ ଛାତ୍ରଙ୍କ ନିକଟରେ ପହଞ୍ଚିଛି।

# ଏଣିକି ପୁରୁଣା ଗାଡ଼ି ବିକ୍ରି ଉପରେ ୧୮% ଜିଏସ୍‌ଟି



ନୂଆଦିଲ୍ଲୀ: ଏବେ ଦେଶରେ ପୁରୁଣା ଗାଡ଼ି ମାର୍କେଟ୍ ବଢିବାରେ ଲାଗିଛି । କମ୍ପାନିଗୁଡ଼ିକ ପୁରୁଣା ଗାଡ଼ିକୁ କମ ଦାମରେ ବିକ୍ରି କରୁଛନ୍ତି । କିନ୍ତୁ ଏହି ପୁରୁଣା ଗାଡ଼ିର ବିକ୍ରି ଉପରେ ଲାଗୁ ହେଉଥିବା ଟିକସକୁ ନେଇ ଶନିବାର ଜିଏସ୍‌ଟି କାଉନସିଲ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି । ଇଲେକ୍ଟ୍ରିକ୍ ବାହାନ ସମେତ ପୁରୁଣା ଗାଡ଼ି ବିକ୍ରି ଉପରେ ଟ୍ୟାକ୍ସ ହାର ବଢାଇବା ଉପରେ ସହମତି ହୋଇଛି । ଏହି ଟିକସ ହାରକୁ ୧୨ ପ୍ରତିଶତରୁ ୧୮ ପ୍ରତିଶତ କରିବା ଉପରେ ସହମତି ହୋଇଛି । ବିଜନେସ୍ ଟୁଡେର ରିପୋର୍ଟ ଅନୁସାରେ ପରିବର୍ତ୍ତିକ ଜିଏସ୍‌ଟି ହାର କମ୍ପାନି ଏବଂ ଡିଲର୍ସଙ୍କ ଦ୍ୱାରା ବିକ୍ରି ହେଉଥିବା ପୁରୁଣା ଗାଡ଼ିର ନେଣଦେଣ ଉପରେ ଲାଗୁ ହେବ । ଅର୍ଥାତ୍ କାଉନସିଲ୍ ଦ୍ୱାରା ଏହି ସଂଶୋଧିତ ହାର ମାର୍ଜିନ ସହ ବିକ୍ରି କରାଯାଉଥିବା ଏବଂ ଏହି ସେକ୍ଟରରେ କାମ କରୁଥିବା କମ୍ପାନି ଦ୍ୱାରା କିଣାଯାଉଥିବା ଗାଡ଼ି ଉପରେ ଲାଗୁ ହେବ । ତେବେ ପୁରୁଣା ଗାଡ଼ି ବିକ୍ରି ଏବଂ କିଣୁଥିବା ବ୍ୟକ୍ତିଙ୍କ ଉପରେ ପୂର୍ବପରି ୧୨ ପ୍ରତିଶତ ଟିକସ ଲାଗୁ ରହିବ । ଅର୍ଥାତ୍ ଇଣ୍ଡିଭିଜୁଆଲ୍ କ୍ରେତା ଏବଂ ବିକ୍ରେତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ବର୍ତ୍ତମାନ ପ୍ରଚଳିତ ନିୟମ ଅନୁସାରେ ନୂଆ ୧୨୦୦ସିସି କିମ୍ବା ଏହାଠାରୁ ଅଧିକ କ୍ଷମତା ବିଶିଷ୍ଟ ଇଞ୍ଜିନ ଏବଂ ୪୦୦୦ଏମ୍‌ଏମ୍ ଏବଂ ଏହାଠାରୁ ଅଧିକ ଲମ୍ବ ଥିବା ପ୍ରେଟ୍ରୋଲ୍, ଏଲ୍‌ପିଜି ଏବଂ ସିଏନ୍‌ଜି ଗାଡ଼ି ଉପରେ ୧୮ ପ୍ରତିଶତ ଜିଏସଟି ଦେବାକୁ ପଡିବ ବୋଲି ଜଣାପଡିଛି ।

# ଶସ୍ତା ହେବନି ସ୍ୱାସ୍ଥ୍ୟ ବୀମା



ରାଜସ୍ଥାନ: ରାଜସ୍ଥାନର ଜୟସେଲମେରରେ ଜିଏସ୍‌ଟି ପରିଷଦର ୫୫ତମ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଉପସ୍ଥିତ ଥିଲେ । ଜିଏସ୍‌ଟି କାଉନସିଲର ବୈଠକକୁ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଇଥିଲା କାରଣ ଏଥିରେ ସରକାର ବରିଷ୍ଠ ନାଗରିକଙ୍କ ଟର୍ମ ଲାଇଫ ଇନସ୍ୟୁରାନ୍ସ, ସ୍ୱାସ୍ଥ୍ୟ ବୀମା ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଜିଏସଟି ହାରରେ ରିହାତି ଦେବା ପ୍ରସଙ୍ଗରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବାର ଥିଲା । କିନ୍ତୁ ଜିଏସଟି କାଉନସିଲର ଏହି ବୈଠକରେ ଏହି ପ୍ରସଙ୍ଗକୁ ବର୍ତ୍ତମାନ ପାଇଁ ଏଡାଇ ଦିଆଯାଇଛି । ଜିଏସଟି କାଉନସିଲ ଶନିବାର ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପଲିସି ଉପରେ ପ୍ରିମିୟମ ଉପରେ ଟିକସ ହାର ହ୍ରାସ ନିଷ୍ପତ୍ତିକୁ ସ୍ଥଗିତ ରଖିଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଜିଏସଟି କାଉନସିଲର ୫୫ତମ ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଏ ଦିଗରେ ଆଉ କିଛି ବୈଷୟିକ ଦିଗ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆଗକୁ ବିଚାର ବିମର୍ଶ କରିବା ପାଇଁ ଜିଓଏମକୁ ଦାୟିତ୍ୱ ଦିଆଯାଇଛି। ଜିଏସଟି କାଉନସିଲ ଶନିବାର ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପଲିସି ଉପରେ ପ୍ରିମିୟମ ଉପରେ ଟିକସ ହାର ହ୍ରାସ ନିଷ୍ପତ୍ତିକୁ ସ୍ଥଗିତ ରଖିଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଜିଏସଟି କାଉନସିଲର ୫୫ତମ ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଏ ଦିଗରେ ଆଉ କିଛି ବୈଷୟିକ ଦିଗ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆଗକୁ ବିଚାର ବିମର୍ଶ କରିବା ପାଇଁ ଜିଓଏମକୁ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରିଷଦରେ ରାଜ୍ୟର ପ୍ରତିପକ୍ଷମାନେ ଯୋଗ ଦେଇ ଏହି ନିଷ୍ପତ୍ତି ନେଇଛନ୍ତି।



ନୂଆଦିଲ୍ଲୀ : ୧୮ ଡିସେମ୍ବର ୨୦୨୪ ଦିନ ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ଲାଗି ଅଭୁଲା ଥିଲା। କାରଣ ଏହି ଦିନ ଟିମ୍ ଇଣ୍ଡିଆ ବ୍ରିସବେନ୍ ଟେଷ୍ଟକୁ ଡ୍ର' କରିବାରେ ସଫଳ ହୋଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ସନ୍ନ୍ୟାସ ଘୋଷଣା କରି ପୁରା ଦେଶକୁ ଚମକାଇଥିଲେ। ସିରିଜ ମଝିରେ ତାଙ୍କର ଏଭଳି ନିଷ୍ପତ୍ତିକୁ ନେଇ ଅନେକେ ପ୍ରଶ୍ନ ଉଠାଇଥିଲେ। ଏହାପରେ ସମସ୍ତେ ତାଙ୍କର ଏଭଳି ନିଷ୍ପତ୍ତି ପଛରେ କ'ଣ କାରଣ ତାହା ଜାଣିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ବୋଧହୁଏ ଏହାର ଅସଲ କାରଣ ସେ ନିଜ ସହ କରିଥିବା ପ୍ରତିଶ୍ରୁତି, ଯାହାକୁ ସେ ପାଳନ କରିବାକୁ ବିଫଳ ହୋଇଛନ୍ତି। ଅଶ୍ୱିନ ୧୨ ବର୍ଷ ପୂର୍ବେ ନିଜକୁ ଏକ ପ୍ରତିଶ୍ରୁତି ଦେଇଥିଲେ, ଯାହାକି ଚଳିତ ବର୍ଷ ଭାଙ୍ଗି ଯାଇଛି। ଏହା ତାଙ୍କ ସନ୍ନ୍ୟାସ ନେବାର କାରଣ ବୋଲି କୁହାଯାଇଛି। ଏହା ଥିଲା ଭାରତରେ ପୁଣି କୌଣସି ସିରିଜରେ ପରାଜିତ ନ ହେବା। ବିସିସିଆଇ ତରଫରୁ ଶେୟାର କରାଯାଇଥିବା ସ୍ୱତନ୍ତ୍ର ଭିଡିଓରେ ନିଜେ ଅଶ୍ୱିନ ଏନେଇ କହିଛନ୍ତି। ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଘରୋଇ ସିରିଜରେ ଟିମ୍ ଇଣ୍ଡିଆ ପରାଜିତ ହୋଇଥିଲା। ଏହା ମୋ କ୍ୟାରିୟରର ଆରମ୍ଭ ଥିଲା। ନିଜକୁ କହିଥିଲି ଯେ ପୁଣି ଥରେ କେବେ ଆମେ ଘରେ ହାରିବୁ ନାହିଁ। ନିଜେ ମୁଁ ଏହି ପଣ ନେଇଥିଲି ବୋଲି ଅଶ୍ୱିନ କହିଛନ୍ତି। ଗତ ମାସରେ ଅଶ୍ୱିନ ନିଜର ପ୍ରତିଜ୍ଞା ପୂରଣ କରି ପାରି ନ ଥିଲେ। କାରଣ ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ସିରିଜରେ ପରାଜିତ ହୋଇଥିଲା। ଏହା କେବଳ ପରାଜୟ ନ ଥିଲା, ପ୍ରଥମ ଥର ଲାଗି ନ୍ୟୁଜିଲାଣ୍ଡ ଏଭଳି କାରନାମା କରି ଇତିହାସ ରଚିଥିଲା। ଏହି ପରାଜୟ ଅଶ୍ୱିନଙ୍କୁ ବଡ଼ ଧକ୍କା ପହଞ୍ଚାଇଥିଲା। ଏଥିଲାଗି ସେ ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି।

# ଉଥାପ୍ପାଙ୍କ ନାଁରେ ଗିରଫ୍ ୱାରେଣ୍ଟ୍



ନୂଆଦିଲ୍ଲୀ: ଅଡୁଆରେ ପଡିଛନ୍ତି ଟିମ୍ ଇଣ୍ଡିଆରେ ପୂର୍ବତନ କ୍ରିକେଟର ରବିନ୍ ଉଥାପ୍ପା। ତଙ୍କ ବିରୋଧରେ ଜାରି ହୋଇଛି ଗିରଫ ୱାରେଣ୍ଟ। ପ୍ରୋଭିଡେଣ୍ଟ ଫଣ୍ଡର ଟଙ୍କା ହେରଫେର କରିଥିବା ନେଇ ଏହି ବ୍ୟାଟସ୍ ମ୍ୟାନ୍‌ଙ୍କ ବିରୋଧରେ ଅଭିଯୋଗ ରହିଛି। ପ୍ରକୃତରେ ଉଥାପ୍ପାଙ୍କ ସେଞ୍ଚୁରିଜ୍ ଲାଇଫଷ୍ଟାଇଲ୍ ବ୍ରାଣ୍ଡ ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀ ରହିଛି। ଏହି କମ୍ପାନୀ କର୍ମଚାରୀଙ୍କ ବେତନରୁ କଟାଯାଇଥିବା ଟଙ୍କାକୁ ସେମାନଙ୍କ ଇପିଏଫ୍ ଆକାଉଣ୍ଟରେ ଜମା କରିନଥିଲେ। ଯେଉଁ କାରଣରୁ ପ୍ରାୟ ୨୪ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ରହିଛି। ରବିନ୍ ଉଥାପ୍ପା କର୍ମଚାରୀଙ୍କ ପ୍ରାୟ ୨୪ ଲକ୍ଷ ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ଏହି ଟଙ୍କା ପରିଶୋଧ କରିବାକୁ ଡିସେମ୍ବର ୨୭ ପର୍ଯ୍ୟନ୍ତ ଉଥାପ୍ପାଙ୍କୁ ସମୟ ଦିଆଯାଇଛି। ନଚେତ୍ ତାଙ୍କୁ ଗିରଫଦାରୀର ସମ୍ମୁଖୀନ ହେବାକୁ ପଡିପାରେ। ପିଏଫ୍ ଆଞ୍ଚଳିକ କମିଶନର ଶାଦକ୍ଷରୀ ଗୋପାଳ ରେଡ୍ଡୀ ଏହି ୱାରେଣ୍ଟ ଜାରି କରିଛନ୍ତି। ଏହି ୱାରେଣ୍ଟରେ ପୁଲକେଶୀନଗର ପୁଲିସକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏଫ୍ କମିଶନର ଶାଦକ୍ଷରୀ ଗୋପାଳ ରେଡ୍ଡୀ ଡିସେମ୍ବର ୪ରେ ପୁଲକେଶୀନଗର ପୁଲିସକୁ ଏକ ଚିଠି ଲେଖିଥିଲେ। ଯେଉଁଥିରେ ଉଥାପ୍ପାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରାଯାଇଥିଲା। କିନ୍ତୁ ଉଥାପ୍ପା ତାଙ୍କ ବାସସ୍ଥାନ ବଦଳାଇଥିବା ଦର୍ଶାଇ ପୁଲିସ ୱାରେଣ୍ଟକୁ ପିଏଫ କାର୍ଯ୍ୟାଳୟକୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏବେ ଅଧିକାରୀମାନେ ତଦନ୍ତ ଆଗକୁ ବଢ଼ାଇବା ପାଇଁ ବର୍ତ୍ତମାନ ଉଥାପ୍ପା କେଉଁଠାରେ ଅଛନ୍ତି ସେ ନେଇ ଅନୁସନ୍ଧାନ ଜାରି ରଖିଛନ୍ତି। ୩୯ ବର୍ଷୀୟ ରବିନ୍ ଉଥାପ୍ପା ଭାରତୀୟ କ୍ରିକେଟ୍ ଟିମ୍‌ର ଏକ ଲୋକପ୍ରିୟ ଚେହେରା। ସେ ଭାରତ ପାଇଁ ୪୬ଟି ଦିନିକିଆ ଏବଂ ୧୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ନାଁରେ ୫୪ଟି ଇନିଂସରେ ୧୧୮୩ ରନ୍ ସ୍କୋର କରିଥିବା ରେକର୍ଡ ରହିଛି। ଆନ୍ତର୍ଜାତୀୟ କ୍ରିକେଟ୍‌ରେ ତାଙ୍କ ନାମରେ ୭ଟି ଅର୍ଦ୍ଧଶତକ ରହିଛି। ଯେତେବେଳେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ୍ ଅର୍ଥାତ୍ ୨୦୦୭ର ପ୍ରଥମ ସିଜନ୍ ଜିତିଥିଲା, ସେତେବେଳେ ଉଥାପ୍ପା ଦଳର ଷ୍ଟାର୍ ଓପନର୍ ଥିଲେ।


## ହଜାରେ ଟ୍ରଫିରେ ଆୟରଙ୍କ ବିସ୍ଫୋରକ ଶତକ

# ଚାମ୍ପିଅନ୍ସ ଟ୍ରଫି ପାଇଁ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ



ନୂଆଦିଲ୍ଲୀ: ବିଜୟ ହଜାରେ ଟ୍ରଫି ୨୦୨୪-୨୫ ଆରମ୍ଭ ହୋଇ ଯାଇଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ?ରେ ଭାରତୀୟ ଦଳର ବରିଷ୍ଠ ବ୍ୟାଟର ଶ୍ରେୟସ ଆୟର ଦମଦାର ଶତକ ହାସଲ କରିଛନ୍ତି। ଆୟର ବିଜୟ ହଜାରେ ଟ୍ରଫିରେ ମୁମ୍ବାଇର ନେତୃତ୍ୱ ନେଉଛନ୍ତି। ମୁମ୍ବାଇ ନିଜର ପ୍ରଥମ ମୁକାବିଲାରେ କର୍ଣ୍ଣାଟକକୁ ଭେଟିଛି। ଆଉ ଏହି ମୁକାବିଲାରେ ଶ୍ରେୟସ ୧୧୪ ରନର ଶତକୀୟ ଇନିଂସ ଖେଳି ଚାମ୍ପିଅନ୍ସ ଟ୍ରଫି ପାଇଁ ନିଜର ଦାବି ବଳିଷ୍ଠ କରିଛନ୍ତି। ତାଙ୍କ ସହିତ ବାମହାତୀ ବିସ୍ଫୋରକ ବ୍ୟାଟର ଶିବମ ଦୁବେ ମଧ୍ୟ ୬୩ ରନ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ଦୁଇ ବ୍ୟାଟରଙ୍କ ୧୪୮ ରନର ଅବିଭାଜିତ ଭାଗିଦାରୀ ବଳରେ ମୁମ୍ବାଇ ୫୦ ଓଭରରେ ୪ ୱିକେଟ୍ ହରାଇ ୩୮୨ ରନ କରି ପାରିଛି। ୩୦ତମ ଓଭରର ପଞ୍ଚମ ବଲରେ ଆୟୁଷ ମହାତ୍ରେ(୭୮)ଙ୍କ ୱିକେଟ୍ ପତନ ପରେ ଶ୍ରେୟସ ଆୟର ମଇଦାନକୁ ଓହ୍ଲାଇଥିଲେ। ସେହି ସମୟରେ ମୁମ୍ବାଇର ସ୍କୋର ୧୪୮ ରନ ଥିଲା। ଲାଗୁଥିଲା ଆଗାମୀ ୨୦ ଓଭରରେ ୧୫୦ ରନ କରି ମୁମ୍ବାଇ ୫୦ ଓଭରରେ ୩୦୦ ରନ ପାଖାପାଖି ସ୍କୋର କରିବ। ହେଲେ ଶ୍ରେୟସ ଆୟର କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୩୧ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ଆହୁରି ଧୂଆଁଧାର ବ୍ୟାଟିଂ କରିଥିଲେ। ସେ ପରବର୍ତ୍ତୀ ୧୯ ବଲ୍‌ରେ ନିଜର ଶତକ ପୂରା କରିଥିଲେ। ଏହିପରି ଶ୍ରେୟସ ୫୫ ବଲ୍‌ରେ ୫ ଚୌକା ଓ ୧୦ ଛକା ସହ ୧୧୪ ରନର ଅପରାଜିତ ଶତକୀୟ ଇନିଂସ ଖେଳିଛନ୍ତି। ଏଥିରୁ ସେ ୮୦ ରନ କେବଳ ବାଉଣ୍ଡାରୀରୁ ସଂଗ୍ରହ କରିଛନ୍ତି। ଅନ୍ୟପଟେ ଶିବମ ଦୁବେ ୩୬ ବଲ୍‌ରୁ ୬୩ ରନର ଅପରାଜିତ ଇନିଂସ ଖେଳିଛନ୍ତି। ଏଥିରେ ୫ ଚୌକା ଓ ୫ ଛକା ସାମିଲ। ଆୟରଙ୍କ ସହିତ ଶିବମ ଦୁବେ ମଧ୍ୟ ଚାମ୍ପିଅନ୍ସ ଟ୍ରଫି ପାଇଁ ନିଜର ଦାବିଦାର ଉପସ୍ଥାପନ କରିଛନ୍ତି। ଚଳିତ ବର୍ଷ ଘରୋଇ କ୍ରିକେଟ୍‌ରେ ଶ୍ରେୟସ ଆୟରଙ୍କ ବ୍ୟାଟ୍‌ରୁ ଖୁବ୍ ରନ ବର୍ଷା ହେଉଛି। ରଣଜୀ ଟ୍ରଫିରେ ୯୦ରୁ ଅଧିକ ହାରରେ ୪୫୨ ରନ କରିଥିଲେ। ଏହା ପରେ ସୈୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ପାଖାପାଖି ୫୦ ହାରରେ ୧୮୮ ଷ୍ଟ୍ରାଇକ ରେଟ୍‌ରେ ୩୪୫ ରନ କରିଛନ୍ତି। ଆଉ ଏବେ ବିଜୟ ହଜାରେ ଟ୍ରଫିର ପ୍ରଥମ ମୁକାବିଲାରେ ଶତକ ଅର୍ଜନ କରିଛନ୍ତି।

# ଆର୍‌ସିବିର କ୍ୟାପଟେନ୍ ହେବେ କୃଣାଲ ପାଣ୍ଡ୍ୟା !



ମୁମ୍ବାଇ : ଆଉ ଅଳ୍ପଦିନ ମଧ୍ୟରେ ଆରମ୍ଭ ହୋଇଯିବ ଆଇପିଏଲ୍‌ର ୧୮ତମ ସିଜିନ୍। ଏହାରି ଭିତରେ ଫ୍ରାଞ୍ଚାଇଜ୍ ନିଜ ନିଜର ଅଧିନାୟକ ନାଁ ଘୋଷଣା କରିଥିବା ବେଳେ କିଛି ଟିମ୍ ବାକି ଅଛନ୍ତି । ଏହିକ୍ରମରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଟିମ୍ ମଧ୍ୟ ଅଧିନାୟକ ନାଁ ଘୋଷଣା କରିନାହିଁ । ଦଳର ପରବର୍ତ୍ତୀ ଅଧିନାୟକ କିଏ ହେବ, ସେନେଇ ଅନେକଙ୍କ ନାଁ ଚର୍ଚ୍ଚା ଚାଲିଛି। ପ୍ରଥମେ ବିରାଟ କୋହଲି, ପରେ ରଜତ ପାଟିଦାର, ଏବେ ଆଉ ଜଣେ ଯୁବ ଖେଳାଳିଙ୍କ ନାଁ ଏହି ରେସ୍‌ରେ ସାମିଲ ହୋଇଛନ୍ତି। ଜାତୀୟ ଗଣମାଧ୍ୟମରେ କିଛି ଦିନ ତଳେ ବିରାଟ କୋହଲି ୨୦୨୫ ଆଇପିଏଲ୍ ସିଜିନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଟିମ୍‌ର ଅଧିନାୟକ ହେବେ ବୋଲି ଚର୍ଚ୍ଚା ହେଉଥିଲା । ହେଲେ ହଠାତ୍ ବିରାଟଙ୍କ ନାଁ ଚର୍ଚ୍ଚାରୁ ହଟିଯାଇ ରଜତ ପଟିଦାରଙ୍କ ନାଁ ସାମ୍ନାକୁ ଆସିଥିଲା । ଫ୍ରାଞ୍ଚାଇଜ୍ କୁଆଡେ ରଜତ ପଟିଦାରଙ୍କୁ ଆଇପିଏଲ୍ ୨୦୨୫ ସିଜିନ୍ ଲାଗି ଅଧିନାୟକ କରିବାକୁ ପ୍ଲାନ କରୁଛି ।ହେଲେ ଏବେ ଆଉ ଜଣେ ଖେଳାଳିଙ୍କ ନାଁ ଅଧିନାୟକ ହେବା ନେଇ ଚର୍ଚ୍ଚା ହେଉଛି । ବିରାଟ ଏବଂ ରଜତଙ୍କ ବଦଳରେ ଜଣେ ନୂଆ ଖେଳାଳିଙ୍କ ନାଁ ଚର୍ଚ୍ଚାକୁ ଆସିଛି । ସେ ହେଉଛନ୍ତି କୃଣାଲ ପାଣ୍ଡ୍ୟା। ଆଇପିଏଲ୍‌ର ମେଗା ଅକ୍ସନରେ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ କୃଣାଲ ପାଣ୍ଡ୍ୟାଙ୍କୁ ଗୁଜରାଟ ଟାଇଟନ୍ସ ଠାରୁ ୫ କୋଟି ୭୫ ଲକ୍ଷ ଟଙ୍କାରେ କିଣିଥିଲା । ଆଉ ଏବେ ଅଧିନାୟକ କରିବାକୁ ଯୋଜନା କରୁଛି ଆରସିବି ଫ୍ରାଞ୍ଚାଇଜ୍ । ହେଲେ ଏନେଇ ଫ୍ରାଞ୍ଚାଇଜ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ସୂଚନାଯୋଗ୍ୟ ଯେ, କୃଣାଲ ପାଣ୍ଡ୍ୟା ବର୍ତ୍ତମାନ ଯାଏଁ ୧୨୭ଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୧୬୪୭ ରନ୍ ସଂଗ୍ରହ କରିଥିବା ବେଳେ ୭୬ଟି ୱିକେଟ୍ ନେଇଛନ୍ତି। ଜଣେ ଅଲ୍‌ରାଉଣ୍ଡର ଭାବେ ୮୬ ତାଙ୍କର ସର୍ବାଧିକ ସ୍କୋର ରହିଥିବା ବେଳେ ବୋଲିଂରେ ୧୧ ରନ୍ ଦେଇ ୩ଟି ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଛି ।

## ହିରୋ ହକି ଇଣ୍ଡିଆ ଲିଗ୍‌ରେ ଜଲୱା ଦେଖାଇବେ ସାରା, କିଙ୍ଗ୍



ନୂଆଦିଲ୍ଲୀ : ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ବହୁ ପ୍ରତୀକ୍ଷିତ ହିରୋ ହକି ଇଣ୍ଡିଆ ଲିଗ୍ (ହିଲ୍) 'ହକି କା ଜସ୍ନ' ଦମ୍‌ଦାର ଢଙ୍ଗରେ ଫେରିବାକୁ ଯାଉଛି। ଏହାର ଉଦ୍‌ଘାଟନୀ ସମାରୋହ ଚଳିତ ମାସ ୨୮ ତାରିଖରେ ପ୍ରଥମ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ହେବ। ହିଲ୍‌ର ଥିମ୍ 'ହକି କା ଜସ୍ନ'ରେ ଭାରତୀୟ ସେଲିବ୍ରିଟିମାନେ ନିଜର ଚମକ ଦେଖାଇବେ। ବଲିଉଡ୍ ତାରକା ସାରା ଅଲୀ ଖାନ ଏବଂ ନାମୀ କଳାକାର କିଙ୍ଗ ଏହି ସଂଧ୍ୟାରେ ଦର୍ଶକଙ୍କୁ ଝୁମାଇବେ। ଏମାନଙ୍କ ସହ ସିଆମାକ ଡାଭର ଡ୍ୟାନ୍ସ ଟ୍ରୁପ୍ ମଧ୍ୟ ନିଜର ଜଲୱା ଦେଖାଇବ। ପୂର୍ବରୁ ହକି ଇଣ୍ଡିଆ ଉଦ୍‌ଘାଟନୀ ଉତ୍ସବ ସହ ସମସ୍ତ ମ୍ୟାଚ୍ ଲାଗି ମାଗଣା ଟିକେଟ୍ ବ୍ୟବସ୍ଥା କରିଥିବାରୁ ବହୁ ଦର୍ଶକ ଷ୍ଟାଡିୟମ୍ ଆସିବାର ସମ୍ଭାବନା ରହିଛି। 'ହିଲ୍'ର ଅଧ୍ୟକ୍ଷ ଦିଲୀପ ତିର୍କି କହିଛନ୍ତି ଯେ 'ରାଉରକେଲାରେ ହକି ପ୍ରତି ଗଭୀର ପ୍ରେମ ରହିଛି। ଆମେ ଉଦ୍‌ଘାଟନୀ ଉତ୍ସବକୁ ଚମତ୍କାର ଢଙ୍ଗରେ କରିବାକୁ ଯାଉଥିବାରୁ ବହୁତ ଖୁସି'। ଉଦ୍‌ଘାଟନୀ ଉତ୍ସବ ସହ ମ୍ୟାଚ୍ ଗୁଡ଼ିକର ସିଧାପ୍ରସରଣ ଡିଡି ସ୍ପୋର୍ଟ୍ସରେ ହେବ।

# ରାଉରକେଲାରେ ପହଞ୍ଚିଲା କଳିଙ୍ଗ ଲାନ୍‌ସର୍ସ



ରାଉରକେଲା (ଭାସ୍କର ନ୍ୟୁଜ୍) : ବହୁ ପ୍ରତିକ୍ଷୀତ ହକି ଇଣ୍ଡିଆ ଲିଗ୍ ଆସନ୍ତା ୨୮ ତାରିଖରୁ ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଦର୍ଶକଙ୍କ ମହଲରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଛି। ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ସାଙ୍ଗକୁ ସଂପୂର୍ଣ୍ଣ ମାଗଣାରେ ଦର୍ଶକ କ୍ରିକେଟ୍ ମ୍ୟାଚ୍ ଉପଭୋଗ କରିବାର ସୁଯୋଗ ପାଇବେ। ଏସବୁ ଭିତରେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସରଦଳ ରାଉରକେଲାରେ ପହଞ୍ଚିଛନ୍ତି। ଦଳର ସମସ୍ତ ଖେଳାଳିଙ୍କ ସମେତ କୋଚ୍, ସପୋର୍ଟ ଷ୍ଟାଫ୍ ଆଜି ସଂଧ୍ୟାରେ ରାଉରକେଲାରେ ପହଞ୍ଚିଛନ୍ତି। ଖେଳାଳିମାନେ ଭୁବନେଶ୍ୱରରୁ ବିମାନରେ ଆସି ଅପରାହ୍ନ ପ୍ରାୟ ୫ଟାରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସିଧାସଳଖ ବିଶ୍ୱକପ୍ ହକି ଗ୍ରାମ ମେ' ଫେୟାର ହୋଟେଲକୁ ଯାଇଥିଲେ। ଖେଳାଳିଙ୍କୁ ସେଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ତିଳକ ଲଗାଇ ଫୁଲମାଳ ପିନ୍ଧାଇ ସ୍ୱାଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, କଳିଙ୍ଗ ଲାନ୍‌ସର୍ସ ତା'ର ପ୍ରଥମ ମ୍ୟାଚ୍ ୩୦ ତାରିଖରେ ୟୁପି ରୁଦ୍ରସ୍ ବିପକ୍ଷରେ ଖେଳିବ। ପ୍ରତିଯୋଗିତାର ଅନ୍ୟତମ ଦଳ ଟିମ୍ ଗୋନାସିକା ମଧ୍ୟ ରାଉରକେଲାରେ ପହଞ୍ଚିସାରିଛି। ଏହି ଦଳର ଭାରତୀୟ ଖେଳାଳି ପହଞ୍ଚିଥିବାବେଳେ ଦୁଇ ଦିନ ଭିତରେ ବିଦେଶୀ ଖେଳାଳି ପହଞ୍ଚିବେ। ଏହାସହ ଅନ୍ୟ ୬ଟି ଦଳ ମଧ୍ୟ ଆସନ୍ତା ୩/୪ ଦିନ ଭିତରେ ପହଞ୍ଚିବେବୋଲି ସୂଚନା ମିଳିଛି।

# ନୂଆ ଲୁକ୍‌ରେ ଦେଖାଯିବେ କୋହଲି



ନୂଆଦିଲ୍ଲୀ : ଟିମ୍ ଇଣ୍ଡିଆ ବର୍ତ୍ତମାନ ଖେଳୁଛି ବର୍ଡର-ଗାଭାସ୍କର ଟ୍ରଫି । ଏହାର ଦୁଇଟି ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଟିମ୍ ଇଣ୍ଡିଆ। ୪ର୍ଥ ଟେଷ୍ଟ ମ୍ୟାଚ୍ ମେଲବର୍ଣ୍ଣରେ ଖେଳାଯିବ। ଏଥିପାଇଁ ଶୁକ୍ରବାର ପହଞ୍ଚି ସାରିଛନ୍ତି ଟିମ୍ ଇଣ୍ଡିଆର ସବୁ ଷ୍ଟାଫ୍। ଟିମ୍‌ରେ ସାଥି ଖେଳାଳିଙ୍କ ସହ ରହିଛନ୍ତି ଭେଟେରାନ୍ ପ୍ଲେୟର ବିରାଟ କୋହଲି । ସବୁ ପ୍ଲେୟାର ରେଷ୍ଟ କରୁଥିବା ବେଳେ ଏହାର ଫାଇଦା ନେଇଛନ୍ତି ବିରାଟ କୋହଲି । ସେ ମେଲବର୍ଣ୍ଣରେ ନୂଆ 'ହେୟାର ଷ୍ଟାଇଲ' ନଜର ଆସିବେ ଯାହାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି । ଫ୍ୟାନ୍ସ ଏହାକୁ ପସନ୍ଦ ମଧ୍ୟ କରୁଛନ୍ତି। ସେ ଦୁନିଆର ସବୁଠାରୁ ପାୱାରଫୁଲ୍ ହେୟାର ଷ୍ଟାଇଲିଷ୍ଟଙ୍କ ଠାରୁ ହେୟାରକଟ୍ କରିଛନ୍ତି । ବିରାଟଙ୍କ କେଶ କାଟିଛନ୍ତି ଜର୍ଡନ୍ ଟବକମ୍ୟାନ୍।

## ଏସୀୟ ଯୁବ ଭାରୋତ୍ତୋଳନରେ ଜ୍ୟୋସ୍ନାଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶା ଝିଅ ଜ୍ୟୋସ୍ନା ଶବର କତରର ଦୋହାଠାରେ ଚାଲିଥିବା ଏସୀୟ ଯୁବ ଭାରୋତ୍ତୋଳନରେ ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୪୦ କିଲୋଗ୍ରାମ ବାଳିକା ଯୁବ ବର୍ଗରେ ଖେଳିଥିବା ଜ୍ୟୋସ୍ନା ସ୍ନାଚ୍‌ରେ ୬୦ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୭୫ କିଲୋଗ୍ରାମ ସହ ମୋଟ ଉପରେ ୧୩୫ କିଲୋଗ୍ରାମ ଉତ୍ତୋଳନ କରିଥିଲେ। ମୋଟ ଉପରେ ଜ୍ୟୋସ୍ନା ଏସୀୟ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ଅନ୍ୟତମ ଓଡ଼ିଆ ଝିଅ ପ୍ରୀତିସ୍ମିତା ଭୋଇ ୪୫ କିଲୋଗ୍ରାମ ଯୁବ ବାଳିକା ବର୍ଗରେ ଖେଳି ପଞ୍ଚମ ସ୍ଥାନରେ ରହିଥିଲେ ମଧ୍ୟ କ୍ଲିନ୍ ଆଣ୍ଡ୍ ଜର୍କ (୮୫ କିଲୋଗ୍ରାମ)ରେ ରୌପ୍ୟ ପଦକ ପାଇଥିଲେ। ସ୍ନାଚ୍‌ରେ ସେ ୬୦ କିଲୋଗ୍ରାମ ଉତ୍ତୋଳନ କରିଥିଲେ। ଏହି ବର୍ଗରେ ଭାରତର ପାୟଲ ସ୍ନାଚ୍‌ରେ ୭୦ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୮୫ କିଲୋଗ୍ରାମ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପାୟଲ ମଧ୍ୟ ୪୫ କିଲୋଗ୍ରାମ କନିଷ୍ଠ ବର୍ଗରେ ସମାନ ଓଜନ (୭୦+୮୫) ଉତ୍ତୋଳନ କରି କାଂସ୍ୟ ଜିତିଥିଲେ। ଜ୍ୟୋସ୍ନା ଓ ପ୍ରୀତିସ୍ମିତାଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମ ଦିନରେ ଭାରତୀୟ ଲିଫ୍ଟରମାନେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୫ ପଦକ ଜିତିଛନ୍ତି।

# ସିଡ୍‌ନୀ ଟେଷ୍ଟ୍ ପାଇଁ ଅଷ୍ଟ୍ରେଲିଆ ଦଳରେ ବଡ ପରିବର୍ତ୍ତନ



ନୂଆଦିଲ୍ଲୀ : ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଛି ବର୍ଡ ଗାଭାସ୍କର ଟ୍ରଫି । ପରବର୍ତ୍ତୀ ଦୁଇଟି ପରୀକ୍ଷା ପାଇଁ ଅଷ୍ଟ୍ରେଲିଆ ଦଳରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି । ମେଲବର୍ଣ୍ଣ ଏବଂ ସିଡନୀରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ତଥା ପଞ୍ଚମ ଟେଷ୍ଟ ମ୍ୟାଚ୍ ପାଇଁ ନାଥାନ୍ ମ୍ୟାକସ୍ୱେନିଙ୍କୁ ଦଳରୁ ବାଦ ଦିଆଯାଇଛି। ଯେତେବେଳେ କି ଦ୍ରୁତ ବୋଲର ଜେଇ ରିଚାର୍ଡସନ ତିନି ବର୍ଷରୁ ଅଧିକ ସମୟ ମଧ୍ୟରେ ପ୍ରଥମ ଥର ପାଇଁ ଟେଷ୍ଟ ଦଳକୁ ଫେରିଛନ୍ତି। ଏହା ବ୍ୟତୀତ ଅଷ୍ଟ୍ରେଲିଆ ୭୦ ବର୍ଷରୁ ଅଧିକ ସମୟ ମଧ୍ୟରେ ନିଜର କନିଷ୍ଠ ଟେଷ୍ଟ ବ୍ୟାଟ୍ସମ୍ୟାନ୍ ଡେବ୍ୟୁ କରିବାକୁ ପ୍ରସ୍ତୁତ ହୋଇଛି । ଭାରତ ବିପକ୍ଷରେ ବିଜିଟି ଟ୍ରଫି ସିରିଜର ଶେଷ ଦୁଇଟି ମ୍ୟାଚ୍ ପାଇଁ ୧୯ ବର୍ଷୀୟ ଖେଳାଳି ସାମ କନଷ୍ଟାସ୍ ୧୫ ଜଣିଆ ଟିମ୍‌ରେ ସାମିଲ ହୋଇଛନ୍ତି। ଓପନିଂ ବ୍ୟାଟ୍ସମ୍ୟାନ୍ ନାଥାନ୍ ମ୍ୟାକସ୍ୱେନିଙ୍କ ସ୍ଥାନରେ କଣ୍ଟାସଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥି ସହିତ ଦ୍ରୁତ ବୋଲର ଜେଇ ରିଚାର୍ଡସନ ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଘାତ ପରେ ଦଳକୁ ଫେରିଛନ୍ତି । ଡିସେମ୍ବର ୨୦୨୧ ରେ ଆଶେସ୍ ସିରିଜ୍ ସମୟରେ ସେ ଆଡିଲେଡରେ ଖେଳିଥିଲେ। ମୋଟ ଉପରେ କହିବାକୁ ଗଲେ ସେ ତିନି ବର୍ଷ ପରେ କମ୍‌ବ୍ୟାକ୍ କରିଛନ୍ତି । ତାଙ୍କ ସାଥୀ ଫାଷ୍ଟ ବୋଲର ସଚିନ ଆବଟ୍ଟ ମଧ୍ୟ ମେଲବୋର୍ଣ୍ଣ ଏବଂ ସିଡନୀରେ ଟେଷ୍ଟ ପାଇଁ ଦଳକୁ ଫେରିଛନ୍ତି । ଏହା ବ୍ୟତୀତ ଟାସମାନିଆର ଅଣସଂରକ୍ଷିତ ଅଲରାଉଣ୍ଡର ବିଓ ୱେଷ୍ଟର୍ ମଧ୍ୟ ଦଳକୁ ଫେରିଛନ୍ତି, ଯିଏ ଆଡିଲେଡରେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଅନ୍ତର୍ଭୁକ୍ତ ହୋଇଥିଲେ। ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଖରାପ ଆରମ୍ଭ ପରେ ମ୍ୟାକସ୍ୱେନି ଦଳରୁ ଓହରି ଯାଇଥିବାବେଳେ ବ୍ରିସବେନରେ ଡ୍ର ହୋଇଥିବା ତୃତୀୟ ଟେଷ୍ଟ ସମୟରେ ବାଛୁରୀ ଆଘାତ ପାଇ ତାଙ୍କୁ ଟେଷ୍ଟ ସିଜନର ଅବଶିଷ୍ଟାଂଶରୁ ବାଦ ପଡିଛନ୍ତି । ମ୍ୟାକସ୍ୱେନି ବିଜିଟି ସିରିଜରେ ଡେବ୍ୟୁ କରିଥିଲେ, ଯେଉଁଠାରେ ସେ ପ୍ରଥମ ୩ ଟେଷ୍ଟ ମ୍ୟାଚ୍ ରେ ମାତ୍ର ୭୨ ରନ୍ ସଂଗ୍ରହ କରିଥିଲେ । ଅକ୍ଟୋବର-ନଭେମ୍ବର ୨୦୨୪ରେ ଇଣ୍ଡିଆ ଏ ବିପକ୍ଷ ସିରିଜରେ କନଷ୍ଟା ଅଷ୍ଟ୍ରେଲିଆ ଏ ପାଇଁ ମନୋନୀତ ହୋଇଥିଲା । ଦ୍ୱିତୀୟ ଅନୌପଚାରିକ ଟେଷ୍ଟରେ ସେ ଦ୍ୱିତୀୟ ଇନିଂସରେ ୭୩ ରନ୍ କରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଯାହା ତାଙ୍କ ଦଳକୁ ବିଜୟ ହାସଲ କରିବାରେ ସାହାଯ୍ୟ କରିଥିଲା । ଏହି ଗ୍ରୀଷ୍ମ ଅଧିବେଶନରେ କନଷ୍ଟାଣ୍ଟ ୭୩୬ ରନ୍ ସ୍କୋର କରିଥିଲେ, ଯେଉଁଥିପାଇଁ ଅନେକ ଲୋକ ତାଙ୍କୁ ପ୍ରଶଂସା କରିଥିଲେ ।

## ୧୯ବର୍ଷରୁ କମ୍ ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି

# ଫାଇନାଲରେ ଭାରତ ବନାମ ବାଂଲାଦେଶ

ମୁମ୍ବାଇ: ୧୯ବର୍ଷରୁ କମ୍ ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି ଫାଇନାଲ୍‌ରେ ମୁହାଁମୁହିଁ ହେବେ ଭାରତ ଏବଂ ବାଂଲାଦେଶ। ଆସନ୍ତା ୨୨ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଶୁକ୍ରବାର ସୁପର-୪ ରାଉଣ୍ଡର ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୪ ୱିକେଟ୍‌ରେ ସିଂହଳୀ ଦଳକୁ ପରାସ୍ତ କରିଥିଲା । ଏଥିସହ ଦଳ ସର୍ବାଧିକ ୭ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହି ଫାଇନାଲ୍‌ରେ ପ୍ରବେଶକୁ ଏଣ୍ଟ୍ରି ମାରିଛି । ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୯ୱିକେଟ୍‌ରେ ନେପାଳକୁ ହରାଇଥିଲା । ଦଳ ମୋଟ୍ ୬ପଏଣ୍ଟ ସହ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି । ଶୁକ୍ରବାର ଭାରତ ପ୍ରଥମେ ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରଥମେ ବ୍ୟାଟିଂ କରି ସିହଂଳୀ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୯୮ ରନ୍ ସଂଗ୍ରହ କରିଥିଲା । ଅଧିନାୟିକା ମାନୁଦି ନାନାୟକାରା ସର୍ବାଧିକ ୩୩ରନ କରିଥିଲେ । ସୁମୁଡୁ ନିଶାନସାଲା ୨୧ରନ୍ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟର ୨ଅଙ୍କ ଛୁଇଁ ପାରିନଥିଲେ । ଭାରତ ପକ୍ଷରୁ ଆୟୁଷି ୪ଟି, ପାରୁଣିକା ସିସୋଦିଆ ୨ଟି ଏବଂ ସବନମ୍ ସକିଲ ଓ ଦ୍ରିତି କେଶରୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ଅବସର ନେବେ କୋହଲି, ରୋହିତ !



ନୂଆଦିଲ୍ଲୀ: ରବିଚନ୍ଦ୍ରନ ଅଶ୍ୱିନଙ୍କ ଅପ୍ରତ୍ୟାଶିତ ଅବସର ପରେ ଭାରତୀୟ ଟେଷ୍ଟ୍ ଦଳ ଏକ ପରିବର୍ତ୍ତନ କାଳ ଦେଇ ଗତି କରିବାକୁ ଯାଉଥିବା ସୂଚନା ମିଳିଛି। ଚଳିତ ବର୍ଡର-ଗାଭାସ୍କର ଟ୍ରଫି (ବିଜିଟି) ଶୃଙ୍ଖଳା ଶେଷ ହୋଇଯିବା ପରେ ଭାରତୀୟ କ୍ରିକେଟ୍‌ରେ ଦୁଇ ବ୍ୟାଟିଂ କିମ୍ବଦନ୍ତି ରୋହିତ ଶର୍ମା ଓ ବିରାଟ କୋହଲି ଅବସର ନେଇଯିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ନ୍ୟୁଜିଲାଣ୍ଡ୍ ନିକଟରୁ ଘରୋଇ ଟେଷ୍ଟ୍ ଶୃଙ୍ଖଳାରେ ମୂଳପୋଛ (୦-୩) ହେବାର ଲଜ୍ଜା ପରେ ଏବେ ବିଜିଟିରେ ଉଭୟ ସଂଘର୍ଷ କରୁଥିବାରୁ ସେମାନଙ୍କ ଟେଷ୍ଟ୍ ଜୀବନ ବି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଯାଇଥିବା ବିଶ୍ୱାସ କରାଯାଉଛି। ଉଭୟ ଚଳିତ ବର୍ଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପରେ ଏହି ଫର୍ମାଟକୁ ଛାଡ଼ିଦେଇଥିଲେ। ସମାନ କଥା ବିଜିଟି ଶୃଙ୍ଖଳା ପରେ ଘଟିବ ବୋଲି ସେମାନଙ୍କ ପ୍ରଶଂସକ ଆଶା କରିଛନ୍ତି। ଭାରତ ଯଦି ଏଥର ବିଶ୍ୱ ଟେଷ୍ଟ୍ ଚାମ୍ପିୟନସିପ୍ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବ ନାହିଁ ତେବେ ରୋହିତ ଶର୍ମା, ବିରାଟ କୋହଲିଙ୍କ ସହ ରବୀନ୍ଦ୍ର ଜାଡ଼େଜାଙ୍କ ଭବିଷ୍ୟତ ମଧ୍ୟ ଚୟନକର୍ତ୍ତାଙ୍କ ସ୍କାନରରେ ରହିବ। ଯୁବ ଖେଳାଳିଙ୍କ ପାଇଁ ଅଭିଜ୍ଞ ଖେଳାଳିଙ୍କୁ ବାଟ ଛାଡ଼ିବାକୁ ହେବ ବୋଲି କ୍ରିକେଟ୍ ପଣ୍ଡିତମାନେ ବି କହିବା ଆରମ୍ଭ କଲେଣି। ବିଜିଟି ପରେ ଭାରତ ଇଂଲଣ୍ଡ ସହ ଘରୋଇ ମାଟିରେ ଟ୍ୱେଣ୍ଟି-୨୦ ଓ ଦିନିକିଆ ଶୃଙ୍ଖଳା ଖେଳିବ। ଫେବ୍ରୁଆରିରେ ଏହା ଆରମ୍ଭ ହେବ। ଚାମ୍ପିଅନ୍ସ ଟ୍ରଫି ପରେ ଭାରତ ପୁଣି ଏକ ୫ ମ୍ୟାଚ୍ ଟେଷ୍ଟ୍ ଶୃଙ୍ଖଳା ଖେଳିବ ଇଂଲଣ୍ଡ୍ ବିପକ୍ଷରେ। ଇଂଲଣ୍ଡରେ ଏହା ଖେଳାଯିବାକୁ ଥିବାରୁ ଅଧିକ ପରିବର୍ତ୍ତନର ସମ୍ଭାବନା ବି ରହିଛି। ଆଉ ଏକ ମିଡିଆ ରିପୋର୍ଟ ବି ଶୁକ୍ରବାର ନଜରକୁ ଆସିଛି। ହାଇବ୍ରିଡ୍ ମଡେଲ୍‌ରେ ଖେଳାଯିବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଖେଳିବା ନିଶ୍ଚିତ ହୋଇନାହିଁ। ଚାମ୍ପିଅନ୍ସ ଟ୍ରଫି ଦିନିକିଆ ଫର୍ମାଟରେ ଖେଳାଯାଉଥିବାବେଳେ ଏଥର ଟ୍ୱେଣ୍ଟି-୨୦ରେ କରାଯିବାକୁ ଆଲୋଚନା ଚାଲିଛି। ଯଦି ପରିବର୍ତ୍ତନ ହୁଏ ତେବେ ବିରାଟ କୋହଲି ଓ ରୋହିତ ଶର୍ମା ଖେଳିପାରିବେ ନାହିଁ। କାହିଁକି ନା ଉଭୟ ଟ୍ୱେଣ୍ଟି-୨୦ରୁ ଅବସର ନେଇ ସାରିଛନ୍ତି। ଏ ସମ୍ପର୍କରେ କିନ୍ତୁ କିଛି ଆନୁଷ୍ଠାନିକ ନିଷ୍ପତ୍ତି ହୋଇନାହିଁ।



## ମୁହିଁ ଅଟେ ସ୍ଥିତପ୍ରଜ୍ଞ

**ନିରଞ୍ଜନ ସାହୁ**


ତୁମରି ମୁହଁରେ ନିନ୍ଦା ଓ ପ୍ରଶଂସା
କେମିତି ଯାଉଛି ଭରି
କେତେବେଳେ କେତେ ନିନ୍ଦା ଢାଳିଦିଅ
କେବେ କୁହ ଗୁଣ ସ୍ମରି ।

ନିନ୍ଦା ପ୍ରଶଂସାର ଉର୍ଦ୍ଧ୍ୱରେ ରହିଛି
ଏକଥା କି ତୁମେ ଜାଣ
ମିଛଟାରେ କିମ୍ବା ଦେଖେଇ ଶିଖେଇ
ମାରୁଛ କଟାକ୍ଷ ବାଣ
ପ୍ରଂଶସା କଲେ ବି ଖୁସି ହେବିନାହିଁ
ଏ ନୀତି ଅଛି ମୁଁ ଧରି ।
କର୍ମ କରିବାକୁ ଆସିଛି ଜଗତେ
କରିଯିବି ମୁହିଁ କର୍ମ

ନୀତି ଆଦର୍ଶର କର୍ମ ହୋଇଥାଉ
ମୋର ଜୀବନର ଧର୍ମ
କର୍ମଫଳ ପରା ଈଶ୍ୱର ହାତରେ
ସବୁ ସେ ପାରନ୍ତି କରି ।
ପୁରସ୍କାର ତିରସ୍କାରକୁ ଯେ ଜନ
ସମାନ ଦୃଷ୍ଟିରେ ଦେଖେ
ସୁଖରେ ହସେନା ଦୁଃଖରେ କାନ୍ଦେନା
ଯିଏ ଅବା ଯାହା ଲେଖେ
ସ୍ଥିତପ୍ରଜ୍ଞ ପରି ବଞ୍ଚିଥାଏ ସିଏ
କାହାକୁ ଯାଏନା ଡରି ।

*ନିହଳ ପ୍ରସାଦ*
*ଗଁଦିଆ ପାଟଣା, ଢେଙ୍କାନାଳ*
*ମୋ- ୯୯୩୮୭୪୧୫୮୩*

# ପାନବଟୁଆ



**ଅନସୂୟା ପଣ୍ଡା**

ନୟନା। ବୁଢ଼ୀ ବୟସ ସତୁରି ଉପରେ ଆନୁମାନିକ। ଦୁଇ ପୁଅ ବିବାହିତ। ନାତି ନାତୁଣୀ ସବୁ ବଡ ବଡ ହେଇଗଲେଣି। ବଡପୁଅ ନିକଟସ୍ଥ ସରକାରୀ ଜଳ ଯୋଗାଣ ଅଫିସରେ ପିଅନ। ତାର ଅଧା ପାଠୁଆ ପୁଅଟି କେଉଁଠି ଗୋଟେ ଛୋଟ ମୋଟ ଚାକିରି କରିଛି । ଝିଅବି ବଡ ହେଲାଣି, ନବମରେ ପାଠ ପଢୁଛି। ସାନର ପୁଅଟି ଦର୍ଜି କାମ କରେ। ଖୁବ ଭଲ ସିଲେଇ କରେ ବୋଲି ତା' ପାଖରେ ଭିଡ। ତା'ର ଆର ପିଲାଜଣକ କଲେଜରେ ସିକୁରିଟି ଗାର୍ଡ ଅଛି । ଏଇ ପାରିବାରିକ ସ୍ଥିତିରୁ ଅନୁମାନ କରାଯାଏ, ଆଧାର କାର୍ଡ କରି ନ ଥିବା ନୟନା ମାଉସୀକୁ ବୟସ ସତୁରି ଉପରେ। ତା' ଛଡା ପାଣିଟାଙ୍କି ପଡ଼ାର ଆଉ କେହି ମହିଳା ଏତେ ବୟସରେ ପଚାଶ ଡିଗ୍ରୀ ଖରା, ତିନି/ଚାରି ଡିଗ୍ରୀ ଥଣ୍ଡାରେ କାମ କରୁନଥିଲେ। ତା' ଦେହରେ ସୁଗାର ପ୍ରବଳ। ଟିକେ ଖାଇବା ଡେରି ହେଲେ ଦେହ ବରଡା ପତ୍ର ପରି ଥରେ। କେତେ ଥର ମୁଣ୍ଡ କ'ଣ ହେଇ ବାଟରେ ପଡେ।ପୁଅ ବୋହୂମାନଙ୍କ ମିଳିତ ଉଦ୍ୟମରେ ନୟନାକୁ ଅଲଗା କରିଦେଇଛନ୍ତି। ସେ ଏ ବୟସରେ କାମ ସାରି ଗଲେ ହାତରେ ରାନ୍ଧି ନିଜେ ଖାଏ। ବହୁ ବର୍ଷ ଧରି ମଧୁମେହ କାରଣରୁ ତା' ଆଖିକୁ ଭଲରେ ଆଉ ଦିଶେନି। ଅବଶ୍ୟ ଯାହା ଘରେ କାମ କରେ ସେମାନେ ସମବେଦନା ଦେଖାନ୍ତି। କିନ୍ତୁ ଯିଏ ଦେଖେଇବା କଥା, ସେ ପୁଅ ବୋହୂମାନଙ୍କ ପାଖରେ ସମବେଦନାର ଶବ୍ଦ ନଥାଏ। କଥା କଥାରେ କଟାକ୍ଷ। ବୋହୂମାନେ ଖୁଣ୍ଟା ଦିଅନ୍ତି ତୁମେ କ'ଣ ଏମିତି କରିଛକି ପିଲାଙ୍କ ପାଇଁ, ଯେ ଆମେ ତୁମକୁ ରୋଷେଇ କରି ଖାଇବାକୁ ଦେବୁ। ନୟନା ମାଉସୀ ଭାରି ନିରୀହ। ଆଖି ଛଳ ଛଳ ହେଇଯାଏ। କିନ୍ତୁ ମନକୁ ବୁଝାଏ କ'ଣ ଦାୟିତ୍ୱ ହୀନତା ଲାଗି ଏମାନଙ୍କୁ ଗାଳିଦେବି ? କାଳେ ସତରେ ଫଳିଯିବ ମୋ ଦୁଇ ପିଲାଙ୍କ ପରିବାରକୁ। ଏମାନଙ୍କୁ ଭଲ ବାଟ ଦେଖାଅ ଠାକୁର। ପୁଅ ଦୁଇଟାକୁ ମଣିଷ କରିବାକୁ ସବୁ ଦୁଃଖକୁ ଛାତିପାତି ସହିଯାଇଛି। ପରର ମୂଲ ଲାଗିଛି। କେବେକେବେ ପେଟରେ ଓଦା କନା ଦେଇ ଶୋଇଛି। ଯେତେ ଦିନ ପାରୁଛି, ନିଜେ କରୁଛି ଖାଉଛି। ଯେବେ କରିବିନି ହାତ ଗୋଡ ନ ଚାଲିବ ଯାହା କରିବ ତୁମେ ଭଗବାନ। କୋହ ସବୁ ଛାତି ତଳେ ଛାପି ହୋଇ ମନକୁ ପଥର କରେ। ଦମ୍ଭିଲା ସ୍ୱରରେ କହେ ଆସିଛି ଏକା, ଯିବି ମୁଁ ଏକା। ହିସାବ ନିକାଶ ଲୋଡ଼େ ନାହିଁ।

ଅବଶ୍ୟ ପୁଅ ବୋହୂଙ୍କ ଅନାନ୍ତରିକତା ସତ୍ତ୍ୱେ,ନାତି ନାତୁଣୀମାନେ ମଝିରେ ମଝିରେ ଆସି ଜେଜେ ମାଆକୁ ଦେଖି ଯାଆନ୍ତି। ସେହି ସମୟ ତା' ଖୁସି କହିଲେ ନ ସରେ। ନୟନା ପାନବଟୁଆରୁ ନିଜେ ସମସ୍ତଙ୍କୁ ପାନ ଭାଙ୍ଗି ଦିଏ ଓ ନିଜେ ତାଙ୍କ ମେଳରେ ଖାଇ ଖୁସି ହୁଏ। ମାଗି ଯାଚି ଯାହାଘରୁ ଯାହା ଆଣିଥାଏ, ଅଲଗା ରଖିଥାଏ। ସେମାନଙ୍କୁ ସବୁତକ ଜିନିଷ ବାଣ୍ଟିଦେଇ ଖୁସି ପାଏ। ପିଲାମାନେ ବି ଜେଜେମାଆ ହାତର ପେଜ ମିଶା ତୋରାଣି ମୁନ୍ଦେ ମୁନ୍ଦେ ପିଇ ଅତି ଆନନ୍ଦ ଅନୁଭବ କରନ୍ତି। ନାତୁଣୀଟି ଆଦରରେ ବୁଢ଼ୀମାଆର ଘର ଓ ବିଛଣା ଭଲରେ ସଫା କରି ସଜାଡି ଦିଏ। ମୁଣ୍ଡ କୁଣ୍ଡେଇ ଦେଇ ତେଲ ମାଲିସ୍ କରି ଦିଏ। ଭାରି ଆରାମ୍ ଲାଗେ ତାକୁ। ନାତିମାନେ ପାନ ସରଞ୍ଜାମ ସବୁ ଆଣି ବଟୁଆରେ ଖଞ୍ଜି ଦିଅନ୍ତି। ପଡାର ଅନ୍ୟ ପିଲାମାନଙ୍କୁ ବୁଢ଼ୀ ଭଲ ପାଏ।

ଚାଳିଶ ବର୍ଷ ତଳୁ ତା' ସ୍ୱାମୀ, ପିଲାଙ୍କ ଦାୟିତ୍ୱ ଛାଡି ଦେଇ ହଠାତ୍ ମହାମାରୀ ହଇଜାରେ ଆର ପାରିକୁ ଚାଲିଗଲା। ପୁଅ ଦୁଇଜଣଙ୍କ ବିବାହ ପରେ ସୁମନ୍ଦ ବୋହୂମାନେ ସ୍ୱାମୀମାନଙ୍କୁ ତା'ଠାରୁ ଛଡେଇ ନେଲେ। ନୟନା ସମ୍ପୂର୍ଣ୍ଣ ଏକୁଟିଆ ପଡିଗଲା। ନିତିଦିନ ଜୀବନ ଶୈଳୀ ତା'ର ଅତି ସରଳ। ଚୁଲିରେ ଗଣ୍ଡେ ଭାତ ବସେଇ ଦେଇ ଆଳୁ ନହେଲେ ଟମାଟୋ ଚକଟି ଖାଏ। ବେଳେବେଳେ ଯାହା ଘରେ କାମ କରେ, ସେମାନେ କିଛି ତରକାରୀ ପତ୍ର ଦେଇ ଦିଅନ୍ତି। ପାଖ ପଡିଶା ଟିକେ କ'ଣ ଖାଦ୍ୟ ଦୟାରେ ଥୋଇ ଦିଅନ୍ତି, ଚଳିଯାଏ ତା'ର।ଦେହ ଖରାପ ଲାଗିଲେ ଡାକ୍ତର ପାଖକୁ ଯିବାକୁ ସମୟ ନ ଥାଏ। କାହାରିଠାରୁ ଧାର କରଜ କରୁ ନ ଥାଏ। ଭାରି ସ୍ୱାଭିମାନୀ। ପଚାରିଲେ କହେ ଶୁଝିବାକୁ ବେଳ ଆଉ ନାହିଁ। ପାନବଟୁଆ ଓ ଛୋଟ ଛତା ଖଣ୍ଡେ ତା'ର ଜୀବନ ସାଥୀ।

ଧୀରେ ନୟନା ମାଉସୀ ଆଉ ଭଲରେ ଆସି କାମକୁପାରିଲାନି। ସଇତାନ ବ୍ୟାଧି ମାଡି ବସିଲା। ଅଣ୍ଟା ନଇଁଗଲା। ଆଉ ବି ପର ଘରେ ବାସନ ମାଜିଲେ, ସେମିତି ସେଥିରେ ସାବୁନ ତ, କେବେ ଅଇଁଠା ଲାଗି ରହୁଥିଲା। ଅସହ୍ୟ ଗାଳି ଗୁଲଜ ଶୁଣିବାକୁ ପଡିଲା। ବାବୁମାନଙ୍କ ଘରୁ ବହିଷ୍କାର ହେବାକୁ ଦିନେ ପଡିଲା। ଦୃଷ୍ଟି ଶକ୍ତି କମିଲାରୁ ଏମିତି ଅସୁବିଧା ସବୁ ହେଲା। ନ ହେଲେ ନୟନା ମାଉସୀର ସଫା ସୁତୁରା କାମର ସ୍ୱତନ୍ତ୍ରତା ଅନ୍ୟମାନଙ୍କଠୁ ବାରି ହୋଇପଡେ। ଏଥିଲାଗି କଲୋନୀରେ ଖୁବ୍ ଡିମାଣ୍ଡ ଥିଲା।

ସମୟ ସରି ଆସିଲା। ଦେହ ଆଗ ଭଳି ଆଉ ଭଲ ରହିଲାନି। ଦହଗଞ୍ଜ ଭିତରେ ବୁଢ଼ୀ କତରାଲଗା ହୋଇଗଲା। ଗ୍ଲାଇକୋସେମିଆରେ ଆରପାରିକୁ ଦିନେ ଚାଲିଗଲା। ଖବର ପାଇ ପୁଅ ନାତିମାନେ,ସାହିଭାଇଙ୍କ ସହାୟତାରେ ପାଖ ମଶାଣୀରେ ପୋଡିବାକୁ ନେଇ ଚାଲିଗଲେ। ସବୁ କାମ ସେଠି ସରିବାକୁ ରାତି ପାହିଗଲା। ଘରକୁ ଫେରି ବୁଢ଼ୀର ଘର ସଫା କଲାବେଳକୁ ଏକ ପାନବଟୁଆ ଭିତରୁ ଦୁଇଟି ପାସବୁକ୍ ମିଳିଲା। ଦୁଇ ପୁଅଙ୍କ ପାଇଁ ସଞ୍ଚୟ କରି ରଖିଥିଲା। ତାହା ବି ଏତେ କମ୍ ନ ଥିଲା। ଷାଠିଏ ହଜାର ଲେଖା ଟଙ୍କା। ପ୍ରତି ମାସର ସଞ୍ଚିତ ଦରମା ଟଙ୍କାର ବଳାଂଶ।

ପୁଅ ଦୁଇଜଣ ଏବେ ମାଆର ମହାନୁଭବତା ମନେ ପକାଇ ଲୁହ ଗଡୋଉଥିଲେ। ଅନୁତପ୍ତ ଥିଲେ ଆପଣା ଅସନ୍ତୁଳିତ କଲା କର୍ମ ପାଇଁ। ଛୋଟ ହୋଇଯାଇଥିଲେ ତାଙ୍କ ନିଜ ପିଲାମାନଙ୍କ ସ୍ୱଭାବ ଆଗରେ। କିନ୍ତୁ ସମୟ ଆଉ ଫେରି ନ ଥିଲା। ମାଆର ସଜ୍ଞା ନିରୂପଣ ଆଜିଯାଏ ହୋଇ ପାରିନି କି ବିକଳ୍ପ ବାହାରିନି ଆଜି ଯାଏ। ଅବୁଝା ଜଟିଳ ଜୀବନ ଗଣିତର ସରଳ ସମାଧାନର ସୂତ୍ରଟିଏ 'ଆମ ମାଆ'। ତା' ପରି କେହି ହେବେନି।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୭୪୨୦୪୦୯*

## କବିତା ଗୁଚ୍ଛ



### ପଉଷ ଶୀତ

**ନଳିନୀ ଦାଶ**



ଆସିଛି ହସି ପଉଷ ଶୀତ
ସକାଳ ଫୁଲ ରଥେ
ଧରଣୀ ଦିଶେ କେଡେ ସୁନ୍ଦର
କାକର ବିନ୍ଦୁ ସାଥେ ।

ପାହାଡ କୋଲୁ ବରଫ ଖସି
ହୁଅଇ ହିମ ପାତ
ହେମାଳ ଆସି ଘଞ୍ଚ ବନରୁ
ବଢାଇ ଦିଏ ଶୀତ ।

ଶୀତ ପରସେ ଧରଣୀ କୋଳେ
ବସିଛି ଫୁଲ ହାଟ
କୁହୁଡି ଘେରା ଚାରିଆଡଟି
ଦିଶୁନି ବାଟଘାଟ ।

ପୂରୁବ ଦିଗେ ରବି କିରଣ
ବୁଣିଲେ ଧରଣୀରେ
ମାନବ ଠାରୁ ପଶୁ ପକ୍ଷୀଙ୍କ
ଓଠରେ ହସ ଭରେ ।

ପନିପରିବା ଫଳଇ ଯେତେ
ଶୀତ ପରସ ପାଇ
ପାଚିଲା ଧାନ ଆଣଇ କାଟି
କ୍ଷେତରୁ ଚାଷୀ ଭାଇ ।

ପୂଜା ପରବ ହୁଅଇ ଯେତେ
ଏଇ ପଉଷ ମାସେ
ମୁଆଁ ମକର ପିଠା ପଣାରେ
ଘରଟି ଆମ ବାସେ ।

ପିଲାଏ ମିଶି ଗୁଡ଼ି ଉଡାନ୍ତି
ଆନନ୍ଦ ମନେ ଯାଇ
ଶୀତ ଆସିଛି ପୁଣ୍ୟ ପର୍ବକୁ
ସାଥିରେ ତାର ନେଇ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ- ୯୨୩୮୯୯୭୬୪୯*



## ଭୁଲିବନି ମତେ ବାପା

**ପ୍ରଶାନ୍ତ କୁମାର ଦାଶ**

ଦୁଃଖକୁ ଆଦରି ବାପା
ଯାଏ ଶାଶୂଘର
ସରିଗଲା ପିଲଖେଳ
ହେଲି ସାତପର ।।
ଅଭାବରେ ଚଳି ନିଜେ
ଉପାସରେ ରହି
ଦେଉଥିଲ ମନଲାଖି
ଚିଜ ଦୁଃଖ ସହି ।।
ମୁଣ୍ଡଝାଳ ତୁଣ୍ଡେ ମାରି
ଦିନସାରା ଖଟି
ତଥାପି ଓଠରେ ତୁମ
ହସଯାଏ ଫୁଟି ।।
ଛୋଟରୁ କରିଲ ବଡ
ଝଡ ଝଞ୍ଜା ସହି
ମୋ ମନକୁ କିଣୁଥିଲ
ମିଠାକଥା କହି ।।
ଗେଲବସରର ଦିନ
ସରିଗଲା ବାପା
ପଡିବ ଏଣିକି ଦୁଃଖ
ସଂସାରର ଚାପା ।।

ସକାଳ ସଞ୍ଜରେ ଭାବି
ବାପା ତୁମକଥା
ମରମରେ ଭରିଯିବ
ପୁଣି କେତେ ବ୍ୟଥା ।।
ଜନ୍ମଦେଇ କେତେ ସୁଖ
ପାଇଗଲ କୁହ
ହସଦେଲ ଓଠେ ମୋର
ପୋଛି ଆଖି ଲୁହ ।।
କନ୍ୟାଦାନ କରି ବାପା
କରିଦେଲ ପର
ଯାଉଚି ମୋ କର୍ମ ନେଇ
ଆଜି ଶାଶୂଘର ।।
ଭୁଲିବନି ମତେ ବାପା
ଶୁଭାଶିଷ ଦେବ
ମୋ ଦୁଃଖ ବିପଦ ବେଳେ
ମତେ ସାହା ହେବ ।।

*କୁଞ୍ଜର -ସଙ୍ଗଜାଇ*
*ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

## ମୋ ଗାଆଁ ଶୀତ

**ସୁଜିତ୍ ମିଶ୍ର**

ମୋ ଗାଆଁର ଶୀତ ସୁଷମା ମଣ୍ଡିତ ମୃଦୁ କୋଳାହଳମୟ,
ଉହ୍ଲେଇ ନିଆଁରେ ଉତ୍ସବମୁଖର ଉଲ୍ଲସିତ ଛନ୍ଦ ଲୟ।
ସଭିଙ୍କ ହୃଦୟ ସରଳ ତରଳ ସ୍ୱାଗତିକା ଶୀତରାଗ,
କଷଣ ଭିତରେ କରୁଣା ସଙ୍ଗୀତ କମନୀୟ ପ୍ରେମ ରଙ୍ଗ ।

ଶୀତ ଏଠି ଆସେ ଅମଳକ୍ଷେତରେ ସୁନେଲୀସପନ ଛୁଇଁ,
ମନେ ହୁଏ ମର୍ତ୍ତ ପାଲଟିଛି ଆହା ମମତାର ଭିଜା ଭୂଇଁ ।
ଏଇ ଶୀତ ଆଙ୍କେ ଘର ଅଗଣାରେ ଐଶ୍ୱର୍ଯ୍ୟର ଲକ୍ଷ୍ମୀପାଦ,
ଭୁଆସୁଣୀ ଓଠେ ଅନୁପମ ଖୁସି ଭାବ ବିହ୍ୱଳିତ ଛନ୍ଦ ।

ଗାଆଁଦାଣ୍ଡେ ଯେବେ ଶିରିଶିରିବହେ ଶୀତୁଆପବନ ସ୍ରୋତ,
ପିଲାଠାରୁ ବୁଢା ଓଠରେ ମୁଖର ପାଟି ଥରା ପ୍ରୀତି ଗୀତ।
ଗାଆଁ ଚିତ୍ର ଲାଗେ ମନୋଜ୍ଞ ମଧୁର ଶୀତ ଛୁଇଁଗଲା ପରେ,
ଅନନ୍ତ ଧୂସର ବିଷର୍ଣ୍ଣ ଜୀବନ ଆନନ୍ଦ ଧାମକୁ ଫେରେ ।

ଶୀତ କି ପାରଇ ଛାତିକୁ ଥରାଇ ଥିଲେ ସହୃଦୟ ଭାବ,
ଗାଆଁମାଟି ମୋର ଗୋଟେମନ ପରା କୋଟିପୁଣ୍ୟ ବଇଭବ ।

## ତୀର୍ଥ

**ଡ. ଅନିଲ ନନ୍ଦ**

ଏ ଅଶ୍ୱତ୍ଥ ଗଛ ଗୋଟେ ମାୟା
ଯାହାର ଡାଳପତ୍ର ବଲ୍କଳର ଚାରୁଚିତ୍ର
ବାନ୍ଧି ରଖିଛି ନିବିଡ଼ ବନ୍ଧନରେ ।

ଗାଁ ବାଲା ଭୁଲି ଗଲେଣି ମୋ ମୁହଁ
ଶବ କାନ୍ଧେଇ ମଶାଣି ଯିବାକୁ
ଡକା ପଡୁନି ସେ ନାଁ
ଖାତା ଖତିଆନ ଲିଭାଇ ଦେଲେଣି
ଗାଢା କାଳିର ସ୍ୱାକ୍ଷର ।

ଏଇ ଗଛର ମାୟାରେ
ବାନ୍ଧି ଦେଇଛି ବୋଲି ନିଜକୁ
ବୁଝି ପାରେନାହିଁ ସହଜରେ
ମୃଦୁ ପରିହାସର ବିଷ ଜ୍ୱାଳା
ନିନ୍ଦା ଅପବାଦର ଦଂଶନ ।

ହସିଲେ ହସେ,କାନ୍ଦିଲେ କାନ୍ଦେ
ଗୋଟେ କଠୋର ତପସ୍ୟାରେ
ଉବୁଟୁବୁ ବୋଲି ନୀରବ ରହେ ।

ଲୋକେ ପଚାରନ୍ତି-
କାହିଁକି ଏଠି ସମୟର ଅପଚୟ
କାହିଁକି ଗଛ ପାଖରେ ସମର୍ପଣ ?

ସେମାନେ କାହୁଁ ବୁଝିବେ
ଏଇ ଗଛମୂଳେ ବୁଦ୍ଧତ୍ୱ
ଏଇ ଗଛ ସଂସାରେ ସାର
ଏଇ ଗଛ ହିଁ ମାଟିକୁ କରେ ତୀର୍ଥ ।

*କ୍ୟାମ୍ପସ-୯ , କିଟ୍*
*ମୋ -୯୯୩୭୮୪୩୩୬୮*

## ଦାରିଦ୍ର୍ୟତା ଦିଏ ମାନ......

**ରାମଚନ୍ଦ୍ର ବେହେରା**

ଖାଲି ହାତେ ଜନ୍ମ ଖାଲି ହାତେ ମୃତ୍ୟୁ
ଏହା ଚିରନ୍ତନ ସତ୍ୟ
ଜୀବନ ଯାତ୍ରାରେ ଦୁଃଖ ପରେ ସୁଖ
ହୋଇଥାନ୍ତି ଆତଯାତ
କର୍ମ ଦେଇଥାଏ ଶାନ୍ତି
ଧନ ଦିଏ ନାହିଁ ମାନ ସନମାନ
ପରୋକ୍ଷେ ସାଜଇ ବ୍ୟାଧି।

ଅର୍ଥ କୋଠାବାଡି ଅମାପ ସମ୍ପତ୍ତି
ପ୍ରାଣେ ଭରିଦିଏ ବ୍ୟଥା
ଧନର ଲାଳସା ଗାଏ ଅପଯଶ
ଆପେ ନଇଁଯାଏ ମଥା
ଧର୍ମ ପଥେ ଚାଲ ନିତି
ଶ୍ରମର ପାଉଣା ନିଶ୍ଚୟ ମିଳିବ
ପରାଣେ ନଥିବ ଭୀତି।

ଧନ ସାଜିଥାଏ ଦୁଃଖର ବାହକ
ସାଥେ ଆଣିଥାଏ ଭୟ
ସାମାନ୍ୟ ସୁଖରେ ଅନ୍ୟ ଅହିତରେ
ଧନୀ ରଖିଥାଏ ଲୟ
ଭୁଲି ସୁଦାମାଂକ କଥା
ଧନର ମୋହରେ ଅନ୍ଧହୋଇ ସଖା
ହସେ ଦେଖି ଦାରିଦ୍ର୍ୟତା।

ସଦା ହସୁଥାଏ ଦୀନ ଓ ଦରିଦ୍ର
ରହି ଭଗ୍ନ କୁଟୀରରେ
ମାନବ ସେବାକୁ ମାଧବର ସେବା
ମାନୁଥାଏ ହୃଦୟରେ
କରିଥାଏ ଅନ୍ୟ ହିତ
ଧନ ଐଶ୍ୱର୍ଯ୍ୟର ବଶରୁ ଦୂରେଇ
ଜିଏଁ ସାଜି ଶାନ୍ତିଦୂତ।

ଧନ ପାଇଁ ଧନୀ
ସାଜେ ଅହଂକାରୀ
ମନରେ ଦରିଦ୍ର ସିଏ
କୂଟ କପଟତା ଭ୍ରଷ୍ଟାଚାର ନୀତି
ବିନା ବୁଝି ଆପଣାଏ
ଧନ କରେ ଜ୍ଞାନ ଲୀନ
ଦରିଦ୍ର ଚାଲଇ ସଦା ଧର୍ମ ପଥେ
ଦାରିଦ୍ର୍ୟତା ଦିଏ ମାନ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ଚାଷୀର ଦମ୍ଭ ଭାଙ୍ଗିଲା

**ସୁନୀଲ କୁମାର ପ୍ରଧାନ**

ଚାଷୀର ଦମ୍ଭ ଭାଙ୍ଗିଲା
ପ୍ରକୃତି ରାଣୀ ମୋ ତାଣ୍ଡବ ରଚିଲା
ଚାଷୀର ଦମ୍ଭ ଭାଙ୍ଗିଲା
ଅଦିନରେ ମେଘ ବରଷା କରିଲା
ସବୁ ଫସଲ ଭାସିଲା ।

ଧାନ ଆସିନାହିଁ ବିଲରେ ପଡ଼ିଛି
ବରଷକ ପାଇଁ ଲୋଡା
ଅକାଳରେ ଏହି ବିପଦ ଆସିଲା
ବିଲରେ ପାଣି ଲହଡ଼ା ।

କିଏ କେଉଁ ଆଡେ ରଖିଛି ସାଇତି
ଅନ୍ୟତ୍ର ବିଲେ ପଡ଼ିଛି
ଚାଷୀ କାନ୍ଦୁ ଅଛି ଆଖିକି ଲୁଚେଇ
ପ୍ରକୃତି ଏହା ରଚିଛି ।

ଚାଷୀ କହୁଥାଏ ଋଣ କରି ଆଣି
କରିଥିଲି ଏ ଫସଲ
ଏହି ସବୁ ଏବେ ଗଜା ହେଇଯିବ
ନ ମିଳିବ ତାର ମୂଲ ।

ଆହୁରି ବରଷା ବରଷିବା ନେଇ
ଖବର ଏବେ ଆସିଛି
ଏହା କେଉଁ ଦଶା ଚାଷୀର କପାଳେ
ଅକାରଣେ ସେ ବସିଛି ।

ଚାଷ ଜମି ଯାର ବଡ଼ ଦୁଃଖ ତାର
ବାସ୍ତବରେ ଏହା ସତ
ଚାଷୀ ଆତ୍ମହତ୍ୟା ଏଥି ପାଇଁ କରେ
ନାହିଁ ଏଥିରେ ବିମତ ।

*ଝାଟିପଦର , ପାଲୁର , ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ସେବା ହେଉ ଆମ ଜୀବନ ବ୍ରତ

ସାଙ୍ଗମାନେ ଆଜି କହିବି କଥାଏ
ଆସିଛି ମୋହର ମନକୁ
ଚାରାଟିଏ ପୋତି ପାଳନ କରିବା
ଯୀଶୁଙ୍କ ଜନମ ଦିନକୁ ।

ଜୀବହତ୍ୟା ଠାରୁ ଦୂରେରହି ଆମେ
ବଣ ଭୋଜିଟିଏ କରିବା
ମିଛ ମହାପାପ ପରିତ୍ୟାଗ କରି
ଜୀବନକୁ ଗଢି ପାରିବା ।

ଆମ ଭବିଷ୍ୟତ ଆମରି ହାତରେ
ଅନ୍ଧାରକୁ ଠେଲି ଦେବାନି
ଠକ ବଦମାସ ଖଳ ଲୋକଙ୍କର
ପାଶେ ଆମେ କେବେ ଯିବାନି ।

ଯୀଶୁଙ୍କ ପରିକା ସହିବା ଶକତି
ପ୍ରଭୁ ଦିଅ ଆମ ପାଖରେ
ସେବା ହେଉ ଆମ ଜୀବନର ବ୍ରତ
ଦୁଃଖେ ହେଉ ଅବା ସୁଖରେ।

*ଜଗଦୀଶ ସାହୁ, ସଞ୍ଚପଡା, ହିନ୍ଦୋଳ*
*ଢେଙ୍କାନାଳ*
*ମୋ :୯୦୭୮୧୮୫୬୧୬*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର



ଆଳି (ଭାସ୍କର ନ୍ୟୁଜ): ଆଳି ପୋଲିସକୁ ମିଳିଛି ପୁଣି ଏକ ବଡ଼ ସଫଳତା। କିଛିଦିନ ତଳେ ଆଳି ଥାନା ଅନ୍ତର୍ଗତ ଅଙ୍ଗାରଖ ଗ୍ରାମର ପ୍ରଭାକ ପ୍ରଧାନଙ୍କ ପରିବାରକୁ ଏହି ଲୁଟେରା ଗ୍ୟାଙ୍ଗ ଭୁଜାଳିରେ ଆକ୍ରମଣ କରି ଲୁଟିଥିଲେ ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଂକାର ସହିତ ଟଙ୍କା। ଓଡ଼ିଶା ପୋଲିସ୍‌ର ସ୍ୱତନ୍ତ୍ର ଦଳ ସହିତ ଆଳି ପୋଲିସ୍‌ର ମିଳିତ ଉଦ୍ୟମରେ ଗରିଫ ହୋଇଛନ୍ତି ୭ଜଣ ଦୁର୍ବୃତ୍ତ । ଶନିବାର ସନ୍ଧ୍ୟାରେ ଏହି ଲୁଟେରା ଗ୍ୟାଙ୍ଗକୁ କୋର୍ଟଚାଲାଣ କରିଛି ପୋଲିସ୍। ଆଳି ଥାନା ଅଧିକାରୀ ସବ୍ୟାସଚୀ ଶତପଥିଙ୍କ ସୂଚନା ଅନୁଯାୟୀ ସେମାନଙ୍କ ପାଖରୁ ବିଭିନ୍ନ ପ୍ରକାରର ମାରଣାତ୍ମକ ଅସ୍ତ୍ର କଟୁରୀ ବନ୍ଧୁକ ସହିତ ଲକ୍ଷାଧିକ ଟଙ୍କାର ସୁନା ରୂପା ନଗଦ ୪୫ ହଜାର ଟଙ୍କା ଏବଂ ୩ ଟି ମୋଟର ସାଇକେଲ ଜବତ କରିଛି ପୋଲିସ୍। ସମସ୍ତ ଲୁଟେରା କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ, ମାର୍ଶାଘାଇ , ନିକିରାଇ ଥାନା ଅଧୀନ ର ହେଇ ଥିବା ଜଣାପଡିଛି।



## ଚିନ୍ତା ବଢ଼ାଇଲା ଲଘୁଚାପ ବର୍ଷା

# ଜମିରେ ଭାସୁଛି ପାଚିଲା କଟା ଧାନ



କଣାସ (ଭାସ୍କର ନ୍ୟୁଜ୍): ଦୁଇ ଦିନ ଧରି ଲଘୁ ଚାପ ଜନିତ ବର୍ଷା ଯୋଗୁଁ କଣାସ ଅଞ୍ଚଳରେ ବ୍ୟାପକ ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ଦେଖା ଦେଇଛି । ବର୍ଷା ସାଙ୍ଗକୁ ପବନ ଜାରି ରହିଥିବାରୁ ଶୀତର ପ୍ରକୋପ ବଢି ଯାଇଥିବାରୁ ଦୁଇ ଦିନ ହେଲା ଲୋକ ମାନେ ଘରୁ ବାହାରୁ ନାହାଁନ୍ତି । ଦୁଇ ଦିନ ହେଲା ଝିପି ଝିପି ବର୍ଷା ଲାଗି ରହିଥିବାରୁ ଜମିରେ ଜଳ ଲହଡା ଭାଙ୍ଗୁଛି । କଣାସ ବ୍ଲକର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଶାରଦ ଧାନ ଫସଲ ପାଚି ଯାଇଥିବାରୁ ଅନେକ ଚାଷୀ ଧାନ କାଟି ବିଲରେ ପକାଇଥିବାବେଳେ କେତେକ ଚାଷୀ ବର୍ଷା ଦେଖି ଧାନ ବିଡା ବାନ୍ଧି ଜମିର ହିଡ ଉପରେ ଗଦେଇ ରଖିଥିବାବେଳେ ଆଉ କେତେକ ଚାଷୀ ବର୍ଷାର ପ୍ରକୋପ ଦେଖି ଧାନ ବିଡା ବାନ୍ଧି ବର୍ଷାର ପ୍ରକୋପ ଦେଖି ନିଜ ନିଜର ଖଳାବାଡିକୁ ନେଇ ଆସି ଖଳାବାଡିରେ ରଖିଛନ୍ତି । ଦୁଇ ଦିନ ବର୍ଷା ଲାଗିରହିଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । କେତେକ ଚାଷୀ ଚାରି ପାଞ୍ଚ ଦିନ ଆଗରୁ ବର୍ଷାର ପ୍ରକୋପ ଦେଖି ତରବରିଆ ଭାବେ ଧାନ କାଟି ଆଣି ଅମଳ କରି କଞ୍ଚା ଧାନକୁ ଗଦାଇ ରଖିଥିବାରୁ ସେଗୁଡିକ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି । ତତ ସହିତ କଣାସ ଅଞ୍ଚଳରେ ଦୟା, ରାଜୁଆ, ମକରା, ମଳାଗୁଣି ନଦୀ ପ୍ରବାହିତ ହେଉଥିବା ବେଳେ ନଦୀର ଦୁଇ ପଠା ମାନଙ୍କରେ ଅଧିକାଂଶ ଚାଷୀ ଫୁଲ କୋବି,ପତ୍ର କୋବି, କଲରା, ଟମାଟ, ମୂଳା, ଶାଗ, ଧନିଆଁପତ୍ର, ଲଙ୍କା, ଜହ୍ନି, ପୋଟଳ, ବିନ ପରିବା ଫସଲ କରିଥିବାବେଳେ ସେଗୁଡିକ ନଷ୍ଟ ହେବାର ସମ୍ଭାବନା ରହିଛି । ବିଭିନ୍ନ ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ୍ୟ ମହାଜନଙ୍କ ଠାରୁ ସୁଧକୁ ଋଣ ଆଣି ଚାଷରେ ଲଗାଇଥିଲେ । ଚାଷୀମାନେ କିପରି ଋଣ ପରିଶୋଧ କରିବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଫସଲର ତଦନ୍ତ କରି ଚାଷୀମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ଦେଇପୁର ପଞ୍ଚାୟତ ସରପଞ୍ଚ ସ୍ୱାଗତିକା ପ୍ରଧାନ,ଗଡଖାରଦ ସରପଞ୍ଚ ମହେଶ୍ୱର ସେଠୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି,ଏବଂ ଚାଷୀମାନେ ଦାବୀ କରିଛନ୍ତି ।

**ଭଞ୍ଜନଗର:** ଲଘୁଚାପ ପ୍ରଭାବରୁ ୩ ଦିନର ଲଗାଣ ବର୍ଷା ଏବେ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଜମିରେ ଭାସୁଛି ପାଚିଲା ଧାନ। ଏପଟେ ବର୍ଷକର ଖାଦ୍ୟ ନଷ୍ଟ ହେବା ଆଶଙ୍କାରେ ଚାଷୀ ଏବେ ଜମିରେ ଜୋରଦାର କସରତ ଆରମ୍ଭ କରିଦେଇଛି। ପୂର୍ବରୁ ଅମଳ ହୋଇଥିବା ଧାନ ମଧ୍ୟ ସୁରକ୍ଷିତ ସ୍ଥାନକୁ ନେବାକୁ ଚାଲିଛି କସରତ। ଭଞ୍ଜନଗର କୃଷି ଜିଲ୍ଲାରେ ଏବେବି ଜମିରେ ପାଖାପାଖି ୫୦ ପ୍ରତିଶତ ଧାନ ରହିଥିବାବେଳେ ଅମଳ ବେଳକୁ ଅଦିନିଆ ବର୍ଷା ମାଡ ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏବେ ଦିନରାତି ଝିପିଝିପି ବର୍ଷାକୁ ଭ୍ରୂକ୍ଷେପ ନକରି ଚାଷୀମାନେ ଜମିରେ ସପରିବାର ଧାନ କିଭଳି ଅମଳ ହେବ ସେଥିରେ ଲାଗିପଡିଛନ୍ତି। କିଏ ପାଣି ଭିତରୁ କଟା ଯାଇ ନିହଣ ପଡିଥିବା ଧାନକୁ ଛାଣି ଅପେକ୍ଷାକୃତ ଉଚ୍ଚ ସ୍ଥାନକୁ ଟେକୁଛି ତ ଆଉ କିଏ ଜମିରୁ କଟା ଧାନକୁ ଛାଣିନେଇ ସେହି ଜମିରେ ହିଁ ଗୋଟିଏ ସ୍ଥାନରେ ଗଦା କରୁଛି। ପୁଣି କିଏ ପୂର୍ବରୁ ଜମିରେ ଗଦା ହୋଇଥିବା ଧାନ ଭିତରେ ପାଣି ପଶିଯାଇଥିବା ଦେଖି ତାକୁ ପୁଣି ଭାଙ୍ଗି ନୂଆ ସ୍ଥାନରେ ନେଇ ଗଦା କରୁଛି। ଏଭଳି ସ୍ଥିତି ଯୋଗୁଁ ଏବେ ଚାଷୀକୂଳ ହତାଶ ହୋଇପଡିଛନ୍ତି।

## ଡାକଘର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବୋଲଗଡ଼ (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ଡାକଘର ପକ୍ଷରୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଡାକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଭୁବନେଶ୍ୱର ଡିଭିଜନର ଉପଅଧିକ୍ଷକ ମୋହନ ସୁନା ମୁଖ୍ୟ




ଅତିଥି, ସରପଞ୍ଚ ଅସିତ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ଖୋର୍ଦ୍ଧା ଜିଲ୍ଲା ସହକାରୀ ଉପଅଧିକ୍ଷକ ଦେବବ୍ରତ ଜେନା, ଆଇପିପିବି ସିନିୟର ମ୍ୟାନେଜର ସିମନ୍ତିକା ପ୍ରିୟଦର୍ଶିନୀ ଓ ଖୋର୍ଦ୍ଧା ଜିଲ୍ଲା ସହକାରୀ ପୋଷ୍ଟ ମାଷ୍ଟର ଭାସ୍କର ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡାକଘର କାର୍ଯ୍ୟାଳୟରେ ଜନ ସାଧାରଣ ପାଇଁ ଉପଲବ୍ଧ ଥିବା ଯୋଜନା ଉପରେ ଆଲୋକପାତ କରି ସଚେତନ କରିଥିଲେ । ଶେଷରେ ଯୋସେଫ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦକ୍ଷତା ବିକାଶ ଓ ଉଦ୍ୟୋଗ କର୍ମଶାଳା




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଲୋକ ପ୍ରଶାସନ ଏବଂ ରାଜନୀତି ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ଏକଦିବସୀୟ ଦକ୍ଷତା ବିକାଶ ଓ ଉଦ୍ୟୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ , ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନ ସହକାରୀ ପ୍ରାଧ୍ୟାପକ ଡ଼ା. କେଶବ ଚନ୍ଦ୍ର ରଥ, ସହକାରୀ ଜିଲ୍ଲାପାଳ ତଥା ଅତିରିକ୍ତ ତହସିଲଦାର ଦୀପକ କୁମାର ଜେନା, ଫ୍ରୀଲାନ୍ସ ନିଯୁକ୍ତି ପ୍ରଶିକ୍ଷକ କାଳୀପ୍ରସାଦ ରବି ଏବଂ କାନରା ବ୍ୟାଙ୍କ ବି.ଡି.ଏମ ସୁଶାନ୍ତ କୁମାର ସାହୁଙ୍କୁ କ୍ୟାରିଅର ପରାମର୍ଶ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଥିଲା। ରାଜନୀତି ବିଜ୍ଞାନର ସଂଯୋଜକ ଡ଼ା. ଶାରଦା ପ୍ରସନ୍ନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଧ୍ୟାପକ ଡ଼ା.ରାଜେଶ ସେଠ୍ ପ୍ରଥମେ ସଂକ୍ଷେପରେ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ତତ୍ପରେ,ପ୍ରଥମ ବୈଷୟିକ ଅଧିବେଶନରେ ଡ଼ା. କେଶବ ଚନ୍ଦ୍ର ରଥ, ଆଜିର ସମୟରେ ରାଜନୀତି ବିଜ୍ଞାନର ବୃତ୍ତି ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ଦୀପକ କୁମାର ଜେନା ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ଏବଂ ପ୍ରଶାସନିକ କାର୍ଯ୍ୟରେ ଆହ୍ୱାନ ଏବଂ ସୁଯୋଗ ଉପରେ ଦୃଷ୍ଟିପାତ କରିଥିଲେ ।

## ଦାଉ ସାଧିଲା ଲଘୁଚାପ ବର୍ଷା, ଚାଷୀ ଆଖିରେ ଲୁହ

ଆସିକା(ଭାସ୍କର ନ୍ୟୁଜ୍): ଲଘୁଚାପ ଜନିତ ଲଗାଣ ବର୍ଷା ସାଂଗକୁ କୋହଲା ପବନକୁ ନେଇ ଆସିକା ବ୍ଲକର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ଅଭାବୀ ବର୍ଷା ଯୋଗୁଁ ଖରିଫ ଋତୁର ଧାନ ରୁଆ ବିଳମ୍ବରେ ଆରମ୍ଭ ହୋଇଥିଲା। ଯେଉଁ ଅଞ୍ଚଳରେ ଜଳ ସେଚନର ସୁବିଧା ରହିଛି ସେଠାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଯାଇଥିଲା ବର୍ତ୍ତମାନ ଦାଉ ସାଧିଛି ଲଗାଣ ବର୍ଷା। କମ ସଂଖ୍ୟକ ଚାଷୀ ପାଚିଲାଧାନ ଅମଳ କରିସାରିଥିବା ବେଳେ ବର୍ତ୍ତମାନ ଜମିରେ ପାଚିଲା ଧାନ ଲହଡ଼ି ମାରୁଛି । ଅଧିକାଂଶ ଜମିରେ ବର୍ଷ ସାରା ପରିଶ୍ରମ କରି ଆଦାୟ କରିଥିବା କଟାଧାନ କଳେଇ ପଡ଼ି ଓ ଖଳା ରେ ଧାନ ପଡି ବର୍ଷା ରେ ଭିଜୁଛି। ଏହା ମଧ୍ୟରେ ଯୋଗାଣ ବିଭାଗ ପକ୍ଷରୁ ଆସନ୍ତା ୨୩ ତାରିଖ ଠାରୁ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ନିଷ୍ପତ୍ତି ହୋଇଛି । ଆସିକା ବ୍ଲକରେ ୩୨ଟି ମଣ୍ଡି ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସ୍ଥିର କରାଯାଇଛି। ଚାଷୀଙ୍କ ପାଇଁ ସରକାର ସମସ୍ତ ନୀତି ନିୟମ ଧାର୍ଯ୍ୟ କରିଥିଲେ ମଧ ଲଘୁଚାପ ଜନିତ ବର୍ଷା ମନୋବଳକୁ ଦୋହଲାଇ ଦେଇଛି। ଏଣୁ ଆଶା ଓ ଆଶଙ୍କାରେ ଚାଷୀମାନେ ରହିଛନ୍ତି।

## ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସହରସ୍ଥ ଆଇଡିଆଲ ପବ୍ଲିକ ସ୍କୁଲର ୩୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ୧୮ ଓ ୧୯ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାର ଉଦ୍‌ଘାଟନୀ ସଭାରେ କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ମତପୋଷଣ କରିଥିଲେ । ଅନୁଷ୍ଠାନର ସଭାପତି ସରୋଜରାଜ ସିଂହ ଓ ସମ୍ପାଦକ ଅଧିକାରୀ ପ୍ରଭାତ କୁମାର ଦାଶ ଯୋଗଦେଇ କ୍ରୀଡା ପ୍ରତିଯୋଗିତା କିପରି ମଣିଷକୁ ଶୃଙ୍ଖଳାର ଶିକ୍ଷା ଦିଏ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ଅଧକ୍ଷ ବାବାଜୀ ଚରଣ ମୁଦୁଲି କ୍ରୀଡାର ମହନୀୟତା ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ । ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ଶିକ୍ଷକ କିଶୋର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ୫ଶହରୁ ଅଧିକ ଶିକ୍ଷାର୍ଥୀ କୁହୁକ ମେଜ, ଆଳୁ ଚାମଚ, ବାଧା ଦୌଡ, ଠେକୁଆ ଡିଆଁ, ଅଖାଡିଆଁ, ଗୋଳାଫିଙ୍ଗା, ଲମ୍ବଡିଆଁ, ନିର୍ଦ୍ଧାରିତ ମାପର ଦୌଡ, କୌତୁକ ପୋଷାକ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

## ସରକାରୀ ଅର୍ଥ ଦୁରୁପଯୋଗ, ନିଲମ୍ବିତ ହେଲେ ଯନ୍ତ୍ରୀ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଦୁର୍ନୀତିର ଗନ୍ତାଘର ପାଲଟିଥିବା ନିଶ୍ଚିନ୍ତକୋଇଲି ବ୍ଲକର କାର୍ଯ୍ୟକଳାପ ଗୋଟିଏ ପରେ ଗୋଟିଏ ଚର୍ଚ୍ଚାକୁ ଆସିଛି। ତେବେ ଏହି ବ୍ଲକର ଦୁର୍ନୀତିର ଚେର ବହୁ ଲମ୍ବାଥିବା ସାଧାରଣରେ କୁହାଯାଉଛି। ଏହି ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ନିଲମ୍ବିତ କରିଛନ୍ତି। ସରକାରୀ ଅର୍ଥର ଦୁରୁପଯୋଗ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ନାମରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଜିଲ୍ଲାର ବରିଷ୍ଠ ଅଧିକାରୀ ତଦନ୍ତ କରିଥିଲେ ଏବଂ ପରେ ସମ୍ପୃକ୍ତ ଯନ୍ତ୍ରୀ ଟଙ୍କା ଫେରସ୍ତ କରିଥିଲେ। କଟକ ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ପଞ୍ଚାୟତିରାଜ ବିଭାଗ ଆଦେଶ ନଂ ୩୦୪୮୯/୨୧-୧୨-୨୦୨୪ ଅନୁଯାଇ ବିଭାଗୀୟ ନିର୍ଦ୍ଦେଶକ ନିଲମ୍ବନ ଆଦେଶ ଦେଇଛନ୍ତି। ଏହି ଆଦେଶ ବ୍ଲକ ପ୍ରଶାସନ ପାଖରେ ପହଞ୍ଚିବା ପରେ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରୁ ତାଙ୍କୁ ଅବ୍ୟାହତ ଦେବା ସହ ଜିଲ୍ଲା ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପାଇଁ ଆଦେଶ ଦିଆଯାଇଛି। ସୂଚନା ଥାଉ ନେମାଳ ପଞ୍ଚାୟତରେ ଏକ ରାସ୍ତା କାମ ନହୋଇ ବିଲ କରାଯାଇଥିଲା। ସ୍ଥାନୀୟ ଲୋକେ ଅଭିଯୋଗ ଦେବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଚର୍ଚ୍ଚା ହେଉଛି। ତେବେ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ ହୋଇଥିଲା ବେଳେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅନ୍ୟ କର୍ମଚାରୀ କିମ୍ବା ବାବୁଙ୍କ ବିରୁଦ୍ଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ସାଧାରଣରେ ଚର୍ଚ୍ଚା ହେଉଛି।

## ଅବସରକାଳୀନ ସମ୍ବର୍ଦ୍ଧନା

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅନ୍ତର୍ଗତ ସାନଓରା ପ୍ରାଥମିକ ବିଦ୍ୟାଳୟ ପରିସରରେ ୭ମ ଏମ.ସି.ଏମ ବୈଠକ ଓ ପ୍ରଧାନଶିକ୍ଷକ ରବିନାରାୟଣ ମହାପାତ୍ରଙ୍କ ଅବସର ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ସି.ଆର.ସି.ସି ରାମଚନ୍ଦ୍ର ସାହୁ, ପ୍ରହଲ୍ଲାଦ ମାନଧାତା, ରମେଶ ଚନ୍ଦ୍ର ବେହେରା, ଅଦ୍ୱୈତ ବେହେରା, ନିର୍ମଳ ଚନ୍ଦ୍ର ବେହେରା, ହେମନ୍ତ ପ୍ରଧାନ ପ୍ରମୁଖ ଶ୍ରୀମହାପାତ୍ରଙ୍କ ଗୁଣଗାନ କରିଥିଲେ । ସାନଓରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଶ୍ରୀମହାପାତ୍ରଙ୍କ ଶିକ୍ଷାଦାନ ପ୍ରଣାଳି ଓ ଗୁଣାବଳୀ ସଂପର୍କରେ ଆଲୋଚନା କରିଥିଲେ।

## ଓଷ୍ଟା ପକ୍ଷରୁ ଜିଲ୍ଲା ଶିଶୁ ମହୋତ୍ସବ




ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ଓଷ୍ଟା ପକ୍ଷରୁ ଜିଲ୍ଲା ଶିଶୁ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶଶିଶେଖର କରଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ଏଥିରେ ଅଧ୍ୟାପକ ଡଃ ଶୁଭେନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ଜିଲ୍ଲା ଶିକ୍ଷାଧିକାରୀ ଅକ୍ଷୁର ବାରିକ, ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଅନିଲ ମିଶ୍ର, ବିଇଓ ଅଧିର ତରାଇ, ବିଦ୍ୟାଳୟ ସଭାପତି ବାସୁଦେବ ଗୋଚ୍ଛାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଷ୍ଟାର ଶିକ୍ଷା ବିକାଶ ଅଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୭ଟି ବ୍ଲକର ୧୩୦ ଜଣ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଆଗାମୀ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ମୁଖ୍ୟଅତିଥି, ଓଷ୍ଟା ରାଜ୍ୟ ସମ୍ପାଦକ ରଞ୍ଜନ ଦାସ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଷ୍ଟାର ପ୍ରାକ୍ତନ କର୍ମକର୍ତ୍ତା ରଘୁନାଥ ସାହୁ, ପ୍ରଣବ ସାହୁ, ପୂର୍ଣ୍ଣଚନ୍ଦ୍ର ଦାଶ, ଗୌରାଙ୍ଗ ବାରିକ, ସୁବଳ ପତ୍ରୀ, ବସନ୍ତ ବିଶ୍ୱାଳ, ସୁଜିତା ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପିପି କଲେଜର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ୪୧ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ସୁଚିତ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ମୁଖ୍ୟ ବକ୍ତାଭାବେ ଚଳଚ୍ଚିତ୍ର ତାରକା ଅରିନ୍ଦମ ରାୟ, ସମ୍ମାନିତ



ଅତିଥିଭାବେ ପରିଚାଳନା କମିଟିର ସଭାପତି ପ୍ରଫେସର ପଲ୍ଲବ ଚକ୍ରବର୍ତ୍ତୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାରେ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଛନ୍ତି । ପ୍ରାରମ୍ଭରେ ଅଧ୍ୟାପିକା ଡ.ତରୁଲତା ଦେବୀ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଶେଷରେ ଡ.ଦେବଜାନୀ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ପଦ୍ମଲୋଚନ ରାଉତଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ର ସଂସଦର ଉପଦେଷ୍ଟା ଯୋଗଦେଇଥିଲେ।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ୪ ପ୍ରକଳ୍ପ ଜୋନସ୍ତରକୁ ମନୋନୀତ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବରଗଡ ଜିଲ୍ଲାର ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ତିନିଦିନଧରି ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ କେନ୍ଦ୍ରାପଡାର ୭ଟି ପ୍ରକଳ୍ପ ମଧ୍ୟରୁ ୪ଗୋଟି ପ୍ରକଳ୍ପ ଜୋନସ୍ତରକୁ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଓଡିଶା ଆଦର୍ଶ ବିଦ୍ୟାଳୟ ତରାଣ୍ଡୋ ଏକାଦଶ ଶ୍ରେଣୀର ଛାତ୍ରୀ ସ୍ୱାତୀପ୍ରଜ୍ଞା ରଥ ଖାଦ୍ୟ ସ୍ୱାସ୍ଥ୍ୟ ବିଷୟବସ୍ତୁରେ ପ୍ରଥମ ସ୍ଥାନ ଓ ପଟ୍ଟାମୁଣ୍ଡାଇର ଗଙ୍ଗାରାମପୁରସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରାଣତୋଷ ପ୍ରଧାନ ବିପର୍ଯ୍ୟୟ ପରିଚାଳନାରେ ପ୍ରଥମ ସ୍ଥାନ ଅଧିକାର କରି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହାଛଡା ଆଉ ଦୁଇଜଣ କୁନି ବୈଜ୍ଞାନିକ ଇନ୍ଦୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରଶ୍ମିରଞ୍ଜନ ସାହୁ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଓ ଗୋଜାବନ୍ଧ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସନ୍ତୋଷ କୁମାର ବାରିକ ପରିବହନ ଓ ଯୋଗାଯୋଗ ପ୍ରକଳ୍ପରେ ଭାଗ ନେଇ ଜୋନସ୍ତରକୁ ମନୋନୀତ ହୋଇଛନ୍ତି। ଏହି ୪ଜଣ କୁନି ବୈଜ୍ଞାନିକ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଏହି ୪ଜଣ କୁନି ପ୍ରତିଭା ଓ ତାଙ୍କ ଗାଇଡ୍ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ।

## ବିଜେଡିରୁ ହିମାଂଶୁ ଓ ଜୁମର ନିଲମ୍ବିତ

ରାଜନଗର(ଭାସ୍କର ନ୍ୟୁଜ୍): ବିଜେଡିରେ ଥାଇ ଦଳ ବିରୋଧି କାର୍ଯ୍ୟ କରିଆସୁଥିବାରୁ କୁରୁଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୁମର କୁମାର ସ୍ୱାଇଁ ଓ ଯୁବନେତା ହିମାଂଶୁଭୂଷଣ ପାଣିଙ୍କୁ ଶୁକ୍ରବାର ଦିନ ବିଜେଡିରୁ ନିଲମ୍ବିତ କରାଯାଇଥିବା ବ୍ଲକ ସଭାପତି ନିରଞ୍ଜନ ରାଉତ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ନିଲମ୍ବିତ ଏହି ଦୁଇ ନେତା ପଞ୍ଚାୟତ ନିର୍ବାଚନ ପର ଠାରୁ ବିଧାୟକଙ୍କର ପକ୍ଷପାତିତା ଆଚରଣ ଓ ପୁରୁଣା କର୍ମୀଙ୍କୁ ଗୁରୁତ୍ୱ ନଦେଇ ନୂଆଙ୍କୁ ଗୁରୁତ୍ୱ ଦେବା, ଅନିୟମିତ କାର୍ଯ୍ୟରେ ବିଧାୟକଙ୍କର ସହମତିକୁ ନେଇ କିଛିଦିନ ହେବ ପରସ୍ପର ଆଡ ଆଖିରେ ଦେଖାଦେଖି ହେଉଥିଲେ। ଯାହାଫଳରେ ଦଳବିରୋଧ କାର୍ଯ୍ୟ କରୁଥିବା ସନ୍ଦେହରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ସେମାନେ ପ୍ରକାଶ କରିଛନ୍ତି।

## ଚଢେଇଭୋଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢେଇଭୋଳ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସ ଓ ପୁରସ୍କାର ବିତରଣୀ ଉତ୍ସବ ପ୍ରଧାନ ଶିକ୍ଷକ ଲଳିତ କୁମାର ମହାନ୍ତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଇଓ ତରୁ ନାଏକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏମ ଡି ଖଲିଲରୁଲ ରହମାନ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଏମ ଡି ସୁଲେମାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ବାରିକ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଏମ ଡି ସବିର ଅଲ୍ଲୀ ଯୋଗ ଦେଇ ସ୍ୱାସ୍ଥ୍ୟ ପାଇଁ କ୍ରୀଡା ଜରୁରୀ ବୋଲି କହିବା ସହିତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ।।।।।।।।।।।। ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସଙ୍ଗ ।।।।।।।।।।।

# ପ୍ରଶାସନର ଟାଳଟୁଳ ନୀତି ଅବଲମ୍ବନର ପ୍ରତିବାଦ



ବଣାଇଁ (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସହିତ ୧୧ ଜଣ ୱାର୍ଡ ସଭ୍ୟାସଭ୍ୟ ପ୍ରଶାସନର ଅନାସ୍ଥା ନିଷ୍ପତ୍ତି କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନକୁ ଦୃଢ଼ ପ୍ରତିବାଦ କରି ବଣାଇଁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିବା ଜଣାପଡ଼ିଛି ସୂଚନା ମୁତାବକ ସମୁଦାୟ ୧୪ ଜଣ ସଭ୍ୟା ସଭ୍ୟା ଥିବା ଏହି ପଞ୍ଚାୟତର ୧୧ ଜଣ ଗତ ଅକ୍ଟୋବର ମାସ ୭ ତାରିଖ ଏବଂ ପୁନର୍ବାର ଗତ ଅକ୍ଟୋବର ୨୮ ତାରିଖ ରେ ବଣାଇଁ ଉପଜିଲ୍ଲାପାଳଙ୍କ ନିକଟରେ ସରପଞ୍ଚ ଉଗ୍ରସେନ କିସାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ବିଷୟରେ ପ୍ରାଥମିକ ତଦନ୍ତ ପରେ ପ୍ରଶାସନ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ତାରିଖ ଧାର୍ଯ୍ୟ କରିବା କଥା। କିନ୍ତୁ ଆଜକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ ଏହି ସାମ୍ବିଧାନିକ ସମସ୍ୟାର ସମାଧାନ ପାଇଁ ଦିନ ଧାର୍ଯ୍ୟ ହୋଇ ପାରିଲାନାହିଁ। ଯାହାକୁ ନେଇ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୧ ଜଣ ୱାର୍ଡ ସଭ୍ୟସଭ୍ୟା ଅନଶନରେ ବସିଛନ୍ତି । ଉପଜିଲାପାଳ ଡାକି ବୁଝାଇବା ପରେ ମଧ୍ୟ ସେମାନେ ପ୍ରଶାସନର ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଅସମ୍ମାନକୁ ପ୍ରତିବାଦ ଜଣାଇ ଅନଶନ ଜାରି ରହିବ ବୋଲି କହିବା ପରେ ସନ୍ଧ୍ୟା ପର୍ଯ୍ୟନ୍ତ ବସିରହିଥିବା ଦେଖାଯାଇଛି । ତାଙ୍କୁ ଉପଜିଲାପାଳ ତିନିଦିନ ସମୟ ମାଗୁଥିବା ନେଇ ସେମାନେ ପ୍ରକାଶ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ମାନ ଜଣାଇ ଆଜି ଯଦିଓ ସନ୍ଧ୍ୟାରେ ଉଠିଛନ୍ତି ହେଲେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ପ୍ରଶାସନ ପକ୍ଷରୁ କିଛି ନିଷ୍ପତ୍ତି ଗ୍ରହଣ କରାନଗଲେ ସୋମବାର ଠାରୁ ଦାବୀ ପୂରଣ ପର୍ଯ୍ୟନ୍ତ ଅନଶନ ରେ ବସିବେ ବୋଲି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି।

## ‘ଶିଶୁମାନେ ଦେଶ ଓ ଜାତିର ଭବିଷ୍ୟତ’

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅଳସୁଧା ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା )ତରଫରୁ ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ଶିଶୁଉତ୍ସବ ପ୍ରତିଷ୍ଠାତା ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଷ୍ଣୁ ଚରଣ ବାରିକଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଜିଲ୍ଲା ସଭାପତି ନାରାୟଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ଓଷ୍ଟାର ରାଜ୍ୟ ଉପ ସଭାପତି ହିରଣ୍ୟମୟୀ ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁମାନେ ହେଉଛନ୍ତି ଦେଶ ଓ ଜାତିର ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଓଷ୍ଟାର ପୂର୍ବତନ



ସମ୍ପାଦକ ନିକୁଞ୍ଜ କିଶୋର ବେହେରା ଓ ସନମ୍ମାନୀୟ ଅତିଥି ଭାବେ ରାଜ୍ୟ ଓଷ୍ଟାର ପୂର୍ବତନ ସମ୍ପାଦକ ବସନ୍ତ କୁମାର ଦାସ, ରାଜ୍ୟ ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁବାସ ଚନ୍ଦ୍ର ଦାସ ଓ ଯୁଗ୍ମ ସମ୍ପାଦକ ଅନିଲ କୁମାର ଜେନା ଯୋଗ ଦେଇଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଅଧିବେଶନରେ ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ବେହେରା ମୁଖ୍ୟ ଅତିଥି, ଜିଲ୍ଲା ଓଷ୍ଟାର ଉପଦେଷ୍ଟା ଶରତ ଚନ୍ଦ୍ର ବାରିକ ମୁଖ୍ୟ ବକ୍ତା ଏବଂ କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତି, ସରପଞ୍ଚ ଭ୍ରମର ବର ସ୍ୱାଇଁ, ଉପସଭାପତି ବସନ୍ତ ମଞ୍ଜରୀ ଦାସ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।




ବାରିପଦା (ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ବାରିପଦା ସ୍ଥିତ ଶହୀଦ୍ ସ୍ମୃତି ଭବନ ପରିସରରେ ଭେଙ୍କଟେଶ୍ୱର ସ୍କୁଲର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସେନାପତିଙ୍କ ପୌରହିତ୍ୟରେ ବାର୍ଷିକ ଉତ୍ସବ ରିନାଇସେନ୍ସ – ୨୦୨୪ ପାଳିତ ହୋଇଯାଇଛି ପଦ୍ମଶ୍ରୀ ଡ଼. ଦମୟନ୍ତି ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ନୈତିକ ମୂଲ୍ୟ ମୂଲ୍ୟବୋଧ ପ୍ରତିଷ୍ଠା କରିବାରେ ଶିକ୍ଷା କିପରି ସହାୟକ ହୋଇଥାଏ, ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ ଓ ବିଭିନ୍ନ ବିଷ ବିଷୟରେ ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନର ଟ୍ରଷ୍ଟି ସୁଭ୍ରାନ୍ତି ମହାନ୍ତି ଅନୁଷ୍ଠାନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ବକ୍ତବ୍ୟ ରଖିଥିବା ବେଳେ ବିଭିନ୍ନ ଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ତଥା ସ୍କୁଲର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସେନାପତି, ନିର୍ଦ୍ଦେଶକ ଶ୍ରୀ ସ୍ୱରୂପ ରଞ୍ଜନ ଦାସ, ଟ୍ରଷ୍ଟି ଶ୍ରୀମତୀ ସୁଭ୍ରାନ୍ତି ମହାନ୍ତି, ଶ୍ରୀ ସୌମେନକାନ୍ତି ମହାନ୍ତି, ଶ୍ରୀ ଅମିତ କୁମାର ବେହେରା, ଉପଦେଷ୍ଟା ଶ୍ରୀ ଦିପାୟାନ ସେନ୍, ସଂଯୋଜକ ଶ୍ରୀ ଶାନ୍ତନୁ ସିଂ, ପୁରସ୍କୃତ କରିଥିଲେ ।

## ଜମୁନା ସୁସ୍ଥ
### ଜୀନତ ପହଞ୍ଚିଲା ପଶ୍ଚିମବଙ୍ଗ

ବାରିପଦା,(ଭାସ୍କର ନ୍ୟୁଜ): ସିମିଳିପାଳ ଅଞ୍ଚଳର ଅସୁସ୍ଥ ବାଘ ଜମୁନାର ସ୍ୱାସ୍ଥ୍ୟାବସ୍ଥା ସମ୍ବନ୍ଧରେ ସୂଚନା ଦେଇଛି ବନବିଭାଗ। ବିଭାଗର ସୂଚନା ଅନୁସାରେ ବର୍ତ୍ତମାନ ଜମୁନା ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଅଛି। କାଲି ମଧ୍ୟରାତ୍ରୀରେ ଏହା ଜଙ୍ଗଲ ଭିତରେ ସ୍ୱାଭାବିକ ଚଳ ପ୍ରଚଳ କରୁଥିବା ସୂଚନାମିଳିଛି। ଏହାକୁ ସଫଳତାର ସହିତ ଟ୍ରାକିଂ କରାଯାଉଛି। ଅନ୍ୟପଟେ ବାଘୁଣୀ 'ଜୀନତ' ଗତକାଲି ସକାଳେ ଓଡିଶାର ସୀମା ଛାଡି ପଶ୍ଚିମବଙ୍ଗ ଜଙ୍ଗଲରେ ପହଞ୍ଚିଛି। ଓଡିଶା ଓ ପଶ୍ଚିମବଙ୍ଗ ଅରଣ୍ୟ ବିଭାଗ ଏହାର ଗତିବିଧି ଉପରେ ଦୃଷ୍ଟି ରଖିଛନ୍ତି। ଏହାକୁ ଟ୍ରାକ କରିବାପାଇଁ ଉଭୟ ରାଜ୍ୟର ବନ ବିଭାଗୀୟ ଦଳ ଏକତ୍ର ଚେଷ୍ଟା ଜାରି ରଖିଛନ୍ତି।

## ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ




ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବି ଜେ ପି ଯୁବମୋର୍ଚ୍ଚା ପକ୍ଷରୁ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଆକ୍ରମଣ ଉପରେ ବିରୋଧ କରି ବିକ୍ଷୋପ ପ୍ରଦର୍ଶନ ସହ ଜିଲ୍ଲା କଂଗ୍ରେସ ଭବନ ନିକଟରେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କଲେ। ଗତ ଦୁଇଦିନ ତଳେ ଦିଲ୍ଲୀ ସ୍ଥିତ ସାଂସଦଭବନ ଠାରେ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ଓଡ଼ିଶାର ବିଜେପି ନେତା ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟ ଜଣେ ବିଜେପିର ସାଂସଦଙ୍କୁ ଧକ୍କା ମାରିବା ହେତୁ ଷଡଙ୍ଗୀ ଆହତ ହୋଇଥିଲେ। ଏହାକୁ ବିରୋଧ କରି ଆଜି ରାଜ୍ୟ ଯୁବମୋର୍ଚ୍ଚାର ନିର୍ଦ୍ଦେଶ କ୍ରମେ, ମାଲକାନଗିରି ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି, ରତନ ବଣିକଙ୍କ ତତ୍ତ୍ୱାବଧାନରେ ଆଜି ଅପରାହ୍ନ ୫ଟା ସମୟରେ, ଡିଏନକେ ଠାରୁ କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନାରାବାଜି ଦେଇ ଏକ ବିକ୍ଷୋଭ ରାଲି କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକମରେ ଶହ ଶହ ବିଜେପି କର୍ମୀ ଯୁବନେତା ଯୋଗଦାନ କରି ପଦଯାତ୍ରା କରିଥିଲେ। ଆଗାମୀ ଦିନରେ ରାହୁଲ ଗାନ୍ଧୀ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ନ କଲେ ତୃଣମୂଳ ସ୍ତରରେ ଯୋରଦାର ବିରୋଧ କରି ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୂଚନା ଦେଇଛନ୍ତି ।

## ଲିଙ୍ଗଭିତ୍ତିକ ସାମାଜିକ ସମତା 'ବର୍ଣ୍ଣାଳୀ' ଆୟୋଜିତ



ବାରିପଦା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଲିଙ୍ଗଭିତ୍ତିକ ସାମାଜିକ ସମତା 'ବର୍ଣ୍ଣାଳୀ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୬ରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ତାଲିମ ଶିବିରରେ ବାରିପଦା ବ୍ଲକ ଅନ୍ତର୍ଗତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଇତିହାସ ଏବଂ ନଗରବିଜ୍ଞାନ ପଢ଼ାଉଥିବା ମୋଟ ୬୩ ଜଣ ଶିକ୍ଷକଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ ଓ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବ୍ରଜମୋହନ ମୁର୍ମୁ ଓ ଡଃ ସ୍ନେହଲତା ବେହେରା ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଏହି ଶିବିରରେ ୬ଷ୍ଠରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ଲିଙ୍ଗଗତ ଭେଦଭାବକୁ ଦୂର କରି କିପରି ଲିଙ୍ଗଗତ ସମାନତା ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶିକ୍ଷାଦାନ ପାଇଁ ଏହା ପ୍ରଯୁଜ୍ୟ ବୋଲି ପ୍ରଧାନ ଜଣାଇଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଶିକ୍ଷକଶିକ୍ଷୟତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସିପ୍ରା ଦାସ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଷ୍ଟ୍ରଭାଷା ଘୋଷଣା ଦାବି

ବାରିପଦା, (ଭାସ୍କର ନ୍ୟୁଜ): ଆଦିବାସୀ ଛାତ୍ର ସଂଗଠନ ସଭାପତି ସୁକୁଲାଲ ମାରାଣ୍ଡି ଦାବି କରିଛନ୍ତି ଯେ ସାନ୍ତାଳୀ ଭାଷାକୁ ଦେଶରେ ଦ୍ୱିତୀୟ ରାଷ୍ଟ୍ର ଭାଷାର ମାନ୍ୟତା ଦିଆଯାଉ। ସାନ୍ତାଳୀ ଭାଷାର ସ୍ୱତନ୍ତ୍ର ଲିପି ଅଛି। ଏହାକୁ ଅଲ୍ ଚିକି ଲିପି ବୋଲି କୁହାଯାଏ। ଏହାକୁ ୧୯୨୫ରେ ମୟୂରଭଞ୍ଜରେ ଜନ୍ମିତ ପଣ୍ଡିତ ରଘୁନାଥ ମୁର୍ମୁ ସୃଷ୍ଟି କରିଥିଲେ। ସେବେଠାରୁ ସାନ୍ତାଳୀ ଭାଷାକୁ ସାମ୍ବିଧାନିକ ସିକୃତି ଦିଆଯିବା ନିମନ୍ତେ ଭାରତ ସାରାର ସାନ୍ତାଳୀ ଭାଷାଭାସି ଲୋକମାନେ ଏବଂ ସାନ୍ତାଳୀ ଭାଷାକୁ ଭଲପାଉଥିବା ଲୋକମାନେ ଜୋରଦାର ଆନ୍ଦୋଳନ କରିଥିଲେ। ଶେଷରେ ଭାରତ ସରକାର ସାନ୍ତାଳୀ ଲୋକମାନଙ୍କର ଦାବିକୁ ଶୁଣି ୯୨ ଆମେଣ୍ଡମେଣ୍ଟ ଅନ୍ତର୍ଗତ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାନ୍ତାଳୀ ଭାଷାକୁ ୨୨ ଡିସେମ୍ବର ୨୦୦୩ ମସିହାରେ ଶିକୃତି ପ୍ରଦାନ କରି ଥିଲେ। ବର୍ତ୍ତମାନ ଦେଶର ପ୍ରଥମ ରାଷ୍ଟ୍ରଭାଷା ହିନ୍ଦୀ ପରେ ଯଦି ଭାରତରେ ଅଧିକ ଭାଷା କହୁଥିବା ଓ ଲେଖୁଥିବା ଲୋକ ହେଉଛନ୍ତି ସାନ୍ତାଳୀ ଭାଷା ଭାସି ଲୋକ। ଦେଶର ୨୮ଟି ରାଜ୍ୟ ଓ ଆଠଟି କେନ୍ଦ୍ରଶାସିତ ଅଞ୍ଚଳରେ ସାନ୍ତାଳୀ ଭାଷାଭାଷି ଲୋକ ବସବାସ କରୁଛନ୍ତି। ୨୦୨୧ ଜାତିଗତ ଜନଗଣନା ହେଲେ ଏହାର ପ୍ରକୃତ ଜନସଂଖ୍ୟା ତଥ୍ୟ ସାମ୍ନାକୁ ଆସି ପାରିଥାନ୍ତା। ଭାରତ ଦେଶ ବାଦେ ଅନ୍ୟ ଦେଶରେ ମଧ୍ୟ ସାନ୍ତାଳୀ ଭାଷାଭାଷି ଲୋକ ବାସକରୁଛନ୍ତି। ବଙ୍ଗଳାଦେଶ, ନେପାଳ, ଭୁଟାନ ଓ ଆମେରିକା ଭଳି ଦେଶରେ ବର୍ତ୍ତମାନ କିଛିକିଛି ଜାଗାରେ



ସାନ୍ତାଳୀ ଭାଷା ଅଲ୍ ଚିକି ଲିପିରେ ମଧ୍ୟ ପାଠପଢା ଆରମ୍ଭ ହେଲାଣି। ଗୁଗୁଲ୍ର ଓ୍ୱିକିପିଡିଆରେ ମଧ୍ୟ ସାନ୍ତାଳୀ ଭାଷା ଉପଲବ୍ଧ ହେଲାଣି। ତେଣୁ ସାନ୍ତାଳୀ ଭାଷାକୁ ଓ ସାନ୍ତାଳୀ ଭାଷାର ଲିପି ଅଲ୍ ଚିକି ଲିପିକୁ ସୃଷ୍ଟି କରିଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଯଦି ସରକାର ପ୍ରକୃତରେ ସମ୍ମାନ ଦେବାକୁ ଚାହୁଛନ୍ତି ତାହେଲେ ସାନ୍ତାଳୀ ଭାଷାକୁ ଦେଶର ଦ୍ୱିତୀୟ ରାଷ୍ଟ୍ର ଭାଷା ଭାବେ ଘୋଷଣା କରାଯିବାକୁ ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଦାବି କରିଛନ୍ତି। ସାନ୍ତାଳୀ ଭାଷାକୁ ଭାରତ ଦେଶର ଦ୍ୱିତୀୟ ରାଷ୍ଟ୍ର ଭାଷା ଭାବେ ଘୋଷଣା କରାଗଲେ ସାନ୍ତାଳୀ ଲୋକମାନଙ୍କର ମିସନ ଅଲ୍ ଚିକି ୨୦୨୫ ସ୍ୱପ୍ନ ପୁରଣ ହୋଇପାରିବ ଓ ଦେଶର ସମସ୍ତ ରାଜ୍ୟରେ ସାନ୍ତାଳୀ ଲୋକମାନେ ନିଜର ମାତୃଭାଷା ସାନ୍ତାଳୀ ବିଷୟରେ କେଜିରୁ ପିଜି ପର୍ଯ୍ୟନ୍ତ ପଢିବାକୁ ସୁଯୋଗ ପାଇପାରିବେ। ତେଣୁ ସାନ୍ତାଳୀ ଭାଷାକୁ ତୁରନ୍ତ ଦେଶର ଦ୍ୱିତୀୟ ରାଷ୍ଟ୍ର ଭାଷା ରୂପେ ଘୋଷଣା କରିବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି।

## ବୋଲଗଡ଼ ବଣିକ ମହାସଂଘର ଶୀତକାଳୀନ ଭ୍ରମଣ



ବୋଲଗଡ଼, (ଭାସ୍କର ନ୍ୟୁଜ): ଦୈନନ୍ଦିନ ଜୀବନ ଜୀବିକା ପାଇଁ ବ୍ୟସ୍ତ ରହୁଥିବା ଲୋକଙ୍କ ମାନସିକ କ୍ଳାନ୍ତି ଦୂରୀଭୂତ କରି ଥାଏ ପରିଭ୍ରମଣ। ପ୍ରାକୃତିକ ସ୍ଥଳ ହେଉ କିମ୍ବା ତୀର୍ଥସ୍ଥଳ, କୌଣସି ନୂତନ ସ୍ଥାନ ବୁଲି ଆସିବା ଦ୍ୱାରା କର୍ମକ୍ଳାନ୍ତ ଜୀବନ ରେ କାର୍ଯ୍ୟ କରିବାର ନୂତନ ଉତ୍ସାହ ଭରିଥାଏ।ଏହି କ୍ରମରେ ବୋଲଗଡ଼ ବଣିକ ମହାସଂଘ ଅନ୍ତର୍ଗତ ୭ଟି ବଜାର ବଣିକ ସଂଘର ସଦସ୍ୟ ମାନେ ଶୁକ୍ରବାର ଶୀତକାଳୀନ ପରିଭ୍ରମଣରେ ଯାଇ ଶନିବାର ଫେରିଛନ୍ତି। ବିଭିନ୍ନ ବଜାର ଅଞ୍ଚଳର ପ୍ରାୟ ୫୦ ଜଣ ବ୍ୟବସାୟୀ ଛତିଶଗଡ ରାଜ୍ୟର ମାଆ ଚନ୍ଦ୍ରହାସିନିଙ୍କ ମନ୍ଦିର, ସମ୍ବଲପୁର ଜିଲ୍ଲାର ଘଣ୍ଟେଶ୍ୱରି, ହୀରାକୁଦ ଜଳ ବିଦ୍ୟୁତ୍ କେନ୍ଦ୍ର ଓ ମାଆ ସମଲେଶ୍ୱରୀଙ୍କ ମନ୍ଦିର ପରିଦର୍ଶନ କରି ପ୍ରାକୃତିକ ଶୋଭାରାଜି ଦର୍ଶନ କରି ପ୍ରଫୁଲିତ ହେବାସହ ତିନି ପ୍ରସିଦ୍ଧ ଠାକୁରାଣୀ ଦର୍ଶନ କରି ଆଶୀର୍ବାଦ ପ୍ରାପ୍ତି ହୋଇଛନ୍ତି। ଅପର ପକ୍ଷରେ ଏହି ଭ୍ରମଣ ସମୟରେ ମାଆ ସମଲେଇ ମନ୍ଦିର ନିକଟରେ ମହାସଂଘର ଏକ ବୈଠକ କରି ବାଣିଜ୍ୟ ବ୍ୟବସାୟ ସମ୍ପର୍କିତ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଛନ୍ତି। ମହସଂଘ୍ ସଭାପତି ପାଣ୍ଡବ ସାହୁଙ୍କ ଅସୁସ୍ଥତା କାରଣରୁ ତହସିଲ ବଜାରର ବିଶିଷ୍ଟ ବ୍ୟବସାୟୀ ବିଭୂତିଭୂଷଣ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅଜିତ କୁମାର ପଟ୍ଟନାୟକ ବିବରଣୀ ପାଠ ଓ ସଞ୍ଜୟ ବେହେରା ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ଶେଷରେ ଅଭିମନ୍ୟୁ ବାଦୀ ବ୍ୟବସାୟୀମାନଙ୍କ ଏକତା ଓ ଶୃଙ୍ଖଳିତ ବ୍ୟବସାୟ ନେଇ ଗଠନମୂଳକ ପରାମର୍ଶ ଦେଇଥିବା ବେଳେ ରେଜେଶକୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବିଶୃଙ୍ଖଳା ପାଇଁ ଦୁଇ ସେବକଙ୍କୁ କାରଣ ଦର୍ଶାଅ ନୋଟିସ୍

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ବିଶୃଙ୍ଖଳା ପାଇଁ ଦୁଇଜଣ ସେବକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେମାନେ ହେଲେ ମୁଖ ପଖାଳ ସେବକ ମଦନ ମୋହନ ଖୁଣ୍ଟିଆ ଓ ବିଶ୍ୱନାଥ ଖୁଣ୍ଟିଆ । ଶ୍ରୀମନ୍ଦିର ଆଇନ୍ ୨୧-କ ଧାରା ଅନୁସାରେ ଉଭୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ, ସେନେଇ ସନ୍ତୋଷଜନକ କୈଫିୟତ ରଖିବାକୁ ୭ ଦିନର ସମୟ ଦିଆଯାଇଛି । ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଏହି କେଫିୟତ ଦାଖଲ କରିବାକୁ କୁହାଯିବା ସହ ଧାର୍ଯ୍ୟ ସମୟ ଭିତରେ ଏହା ହସ୍ତଗତ ନହେଲେକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଅଛି ।

## ଜନ ଆନ୍ଦୋଳନ ପାଇଁ ଟାଙ୍ଗୀ-ଚୌଦ୍ୱାର ବିଦ୍ୟୁତ ଉପଭୋକ୍ତା ମଞ୍ଚର ପ୍ରସ୍ତୁତି ବୈଠକ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଦିନକୁଦିନ ଟାଟା ପାଓ୍ୱାର ନିଜର ମନମାନି ଚଳେଇ ଆସୁଥିବା ବେଳେ ଏହା ବିରୁଦ୍ଧରେ ଟାଙ୍ଗୀ-ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଏକ ବିରାଟ ଜନ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଭୋକ୍ତା ମଞ୍ଚର ସମ୍ପାଦକ ବିଷ୍ଣୁଚରଣ ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ବୈଠକରେ ସଭାପତି ଜୟ ସିଂ ଓ ବଳରାମ ସ୍ୱାଇଁ ଯୋଗ ଦେଇ ଟାଟା ପାଓ୍ୱାରର ମନମୁଖୀ କାର୍ଯ୍ୟକଳାପ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ୩୦୦ ୟୁନିଟ୍ ଛାଡ଼ କୁଆଡ଼େ ଗଲା ସରକାର ତମେ ଜବାବ୍ ଦିଅ, ପ୍ରିପେଡ଼୍ ମିଟର ଲଗାଇ ଶୋଷଣ ପ୍ରୟାସ ବନ୍ଦ କର ଏବଂ ଟାଟା ପାଓ୍ୱାର ବିରୁଦ୍ଧରେ ଚୌଦ୍ୱାରବାସୀ ଏକାଠି ହୁଅ ଏହି ଦାବି ଉପସ୍ଥାପନା କରିଥିଲେ। ଏଥିରେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ କ୍ଲବ୍ ଓ ସାହିରୁ ବହୁ ଯୁବଗୋଷ୍ଠୀ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ସାହୁ, ଦେବେନ୍ଦ୍ର ପୃଷ୍ଟି, ବିଷ୍ଣୁଚରଣ ପରିଡ଼ା, ଅଭିରାମ ସାହୁ, ପିତାମ୍ବର ମାହାଳି, ଅଜୟ ବେହେରା, ଝୁଲେନ୍ଦ୍ର ନାୟକ, ସୁବାସ ଦଳାଇ, ସୁନିଲ କୁମାର ସାହୁ, ମୋନାଲିଶା ଦାସ, ମଙ୍ଗରାଜ ବେହେରା, ଦିଲ୍ଲୀପ ସାହୁ, ଅଶୋକ ସାହୁ, ସେକ୍ ଖାଲିଦ୍ ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ଟାଟା ପାଓ୍ୱାର ବିରୁଦ୍ଧରେ ପ୍ରତିବାଦ ଜଣାଇଥିଲେ । ମଂଚ ପକ୍ଷରୁ ରବି ପରିଡ଼ା, ଶିବ ଶଙ୍କର ସାହୁ ଓ ନିର୍ମଳ ସ୍ୱାଇଁ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ହରଡ଼ଘଣାରେ ଜିଲ୍ଲା ଶିକ୍ଷା ଅଧିକାରୀ

ବାରିପଦା (ଭାସ୍କର ନ୍ୟୁଜ): ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ହରଡ଼ ଘଣାରେ ପଡ଼ିଛନ୍ତି ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ। ଉଚ୍ଚ ନ୍ୟାୟଳୟରେ ଶିକ୍ଷା ଅଧିକାରୀ ନିଜେ ହଜାର ହେବା ପାଇଁ କୋର୍ଟଙ୍କ ତିନି ତିନି ଥର ଆଦେଶ ପରେ ମଧ୍ୟ କୋର୍ଟର ଆଦେଶକୁ ଅବମାନନା କରି, ହାଜର ହୋଇ ନଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ। ଯାହା ତାଙ୍କୁ ଏବେ ମହଙ୍ଗା ପଡ଼ିଛି। ଶ୍ରୀ ସେଠୀଙ୍କୁ ଉଚ୍ଚ ନ୍ୟାୟଳୟରେ ଏବେ ହାଜର କରାଇବାକୁ ଜିଲ୍ଲା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ସୂଚନା ମୁତାବକ ଖାନୁଆ ବ୍ଲକ ଗ୍ରାଣ୍ଟ ହାଇସ୍କୁଲର ଶିକ୍ଷକ ଅଜିତ ମିଶ୍ର ହାଇକୋର୍ଟରେ ଡବ୍ଲ୍ୟୁ. ପି. ସି. ନଂ ୧୦୨୫୨/୨୦୧୪ ରେ ଏକ ମାମଲା ଦାଏର କରିଥିଲେ। ଏହି ମାମଲାରେ ଶ୍ରୀ ସେଠି ୩ଥର ନୋଟିସ ସତ୍ତ୍ୱ କୋର୍ଟରେ ହାଜର ହୋଇ ନଥିଲେ। ଏ ଘଟଣା ଜିଲ୍ଲାରେ ପ୍ରଚାରିତ ହେବା ପରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ଏ ଘଟଣା ସମ୍ପର୍କରେ ଜଣା ପଡ଼ିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ ଜଣେ ଅଣତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ତାଙ୍କ ଦରମା ସମ୍ବନ୍ଧରେ ମାନ୍ୟବର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅଣତାଲିମପ୍ରାପ୍ତ ଶିକ୍ଷକ ଦରମା ପାଉଥିବା ବେଳେ ଅନେକ ଦିନ ଧରି କାର୍ଯ୍ୟ କରିଥିବାରୁ ତାଙ୍କୁ ତାଲିମପ୍ରାପ୍ତ ଶିକ୍ଷକଙ୍କ ଦରମା ଦିଆଯାଉ ବୋଲି କୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଏହି ଘଟଣାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତିନି ତିନି ଥର କୋର୍ଟରେ ହାଜର ହେବା ପାଇଁ ସମନ ଜାରି ହୋଇଥିଲେ ସୁଦ୍ଧା ଶ୍ରୀ ସେଠୀ କୌଣସି କାରଣ ବଶତ କୋର୍ଟରେ ଉପସ୍ଥିତ ହୋଇ ପାରି ନଥିଲେ। ନିଜେ ଶିକ୍ଷା ଅଧିକାରୀ କହିଛନ୍ତି ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶକୁ କୌଣସି ପ୍ରକାର ଅବମାନନା କରାଯାଇନାହିଁ. ତଥା ସେ ନିଜ ତରଫରୁ ସେ କୋର୍ଟରେ ହାଜିର ହୋଇ ପକ୍ଷ ରଖିବେ ବୋଲି କହିଛନ୍ତି। ଏନେଇ ବାରିପଦା ଟାଉନ ଥାନା ପୋଲିସ ମଧ୍ୟ ଶିକ୍ଷା ଅଧିକାରୀଙ୍କୁ ଠିକ ସମୟରେ ହାଜର କରାଇବେ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଲିଙ୍ଗଗତ ସମାନତା ପ୍ରଶିକ୍ଷଣ 'ବର୍ଣ୍ଣାଳୀ'

ଗୋପ, (ଭାସ୍କର ନ୍ୟୁଜ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାକରଣ (ଓସେପା)ଙ୍କ ନିର୍ଦ୍ଦେଶକ୍ରମେ ଗୋପ ବ୍ଲକରେ ତିନିଦିନିଆ ଲିଙ୍ଗଗତ ସମାନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ବର୍ଣ୍ଣାଳୀ' ଗୋପ ନିଗମାନନ୍ଦ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଆରସିସି ବେଣୁଧର ମଲ୍ଲିକ ଉଦଘାଟନ କରିଥିବା ବେଳେ ଏହି ପ୍ରଶିକ୍ଷଣରେ ପ୍ରଶିକ୍ଷକ ଭାବେ ଶିକ୍ଷକ ରାଜେଶ ନାୟକ, ଆଦିତ୍ୟ କୁମାର ମହାରଥି, ରୀତାଞ୍ଜଳି ମିଶ୍ର, ସ୍ମୃତିରେଖା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୪୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ଏଥିରେ ମୁଖ୍ୟତଃ ଶିଶୁଲିଙ୍ଗ ଅନୁପାତରେ ହ୍ରାସ, ଯୌତୁକ ଭଳି ସାମାଜିକ ପ୍ରଥାର ନିରାକରଣ, ବାଳିକାଙ୍କ ଉପରେ ହିଂସା ଓ ଭେଦ ଭାବର ପ୍ରଭାବ, ଶିକ୍ଷାର୍ଥୀମାନେ ଲିଙ୍ଗଭିତ୍ତିକ ସମତା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା, ପାଠ୍ୟକ୍ରମ ପ୍ରସ୍ତୁତି ରୂପରେଖ ଓ ବ୍ୟବହାର, ଶିକ୍ଷାଦାନ ପଦ୍ଧତି, ପିତୃକୈନ୍ଦ୍ରିକ ବ୍ୟବସ୍ଥା ଓ ବିଭିନ୍ନ ଲିଙ୍ଗ ଉପରେ ଏହାର ପ୍ରଭାବ ଆଦି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ମୁଖ୍ୟଅତିଥିଭାବେ ନିଗମାନନ୍ଦ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ବର୍ଣ୍ଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ସମୀକ୍ଷା ବୈଠକ

ପୁରୀ (ଭାସ୍କର ନ୍ୟୁଜ): ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡିଶା ଆୟୋଜନ କରୁଛି ପ୍ରବାସୀ ଭାରତୀୟ ଦିବସ। ଭୁବନେଶ୍ୱରରେ ଏହା ଆୟୋଜିତ ହେଉଥିଲେ ମଧ୍ୟ ସଂଖ୍ୟାଧିକ ପ୍ରବାସୀ ଭାରତୀୟ ମାନଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ସେଥିପାଇଁ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଶନିବାର ଅପରାହ୍ନରେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆସୁଥିବା ପ୍ରବାସୀ ଭାରତୀୟ ଅତିଥି ମାନଙ୍କୁ ସ୍ୱାଗତ,ସ୍ୱଚ୍ଛନ୍ଦ ରହଣୀ ସହ ସେମାନ ଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ କୋଣାର୍କ ସୂର୍ଯ୍ୟ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ରଘୁରାଜପୁର ଓ ସାତପଡ଼ା ପ୍ରଭୃତି ଅଞ୍ଚଳ କୁ ସେମାନେ ପରିଦର୍ଶନ କରିବେ। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦି ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହାର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ ପି ବିନୀତ ଅଗ୍ରୱାଲ ସମୀକ୍ଷା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ ।

### ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବେଲପାହାଡ଼ (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ଗତ ତିନି ଦିନ ଧରି ଏହା ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି ରୂପେ ଓିଆରଏଲ୍ କ୍ରୋସାକିର ବରିଷ୍ଠ ଅଧିକାରୀ ନିରଞ୍ଜନ ଦାଶ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେଡେମ କ୍ରିଷ୍ଣା ସାହୁ ଓ ସମ୍ମାନିତ ଅତିଥି ରୂପେବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଜାନୁ କୁମାର ନାୟକ ଯୋଗ ଦେଇଥିଲେ।

## ଖ୍ରୀଷ୍ଟିଆନ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖ୍ରୀଷ୍ଟିଆନ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ(ସାଧାରଣ)ଙ୍କୁ ଉକ୍ତ ଦାବିପତ୍ରଟି ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି କି, ମାଲକାନଗିରି ଜିଲ୍ଲା ସାଂସ୍କୃତିକ ଗଣପର୍ବ ମାଲ୍ୟବନ୍ତରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ସାମିଲ ହେଉଛୁ। କିନ୍ତୁ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବର ତୃତୀୟ ଦିନରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜିଲା ପ୍ରଶାସନିକ ଅଧୀକାରୀ ଓ ଶାସକ ଦଳର ବିଧାୟକ, ଏମ୍ପିଙ୍କ ଉପସ୍ଥିତିରେ ଅତିଥିଭାବେ ଯୋଗ ଦେଇଥିବା ଅଭିନେତା ସମ୍ବିତ ଆଚାର୍ଯ୍ୟ ଙ୍କ 'ସନାତନୀ' ନାମକ ଏକ ଚଳଚ୍ଚିତ୍ରର ଟ୍ରେଲର ଦେଖାଇଥିଲେ। ଏହି ଟ୍ରେଲରେ ଅଳ୍ପ ସଂଖ୍ୟକ ଓ ବିଶେଷ କରି ଆଦିବାସୀ ସମ୍ପ୍ରଦାୟର ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବିରୋଧରେ ଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାରେ ଅନେକ ସମୟରେ ଆଦିବାସୀ ସମ୍ପ୍ରଦାୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଅନ୍ୟାୟ ଅତ୍ୟାଚାରର ଶିକାର ହେଉଥିବାରୁ ସବୁ ଧର୍ମ ଓ ସବୁ ବର୍ଗର ଲୋକମାନେ ଶାନ୍ତିଶୃଙ୍ଖଳା ଭାବେ ବସବାସ କରି ରହିବାର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

## ବିଶ୍ୱ ଧ୍ୟାନ ଦିବସ ପାଳିତ

ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ୍ ସ୍ଥିତ ଇଣ୍ଡୋର ହଲ ଠାରେ ବିଶ୍ୱ ଧ୍ୟାନ ଦିବସ ପାଳିତ ହୋଇଯାଇଛି। ପ୍ରବଳ ବର୍ଷା ହେବା ସତ୍ତ୍ୱ ମଧ୍ୟ ଏଥିରେ ଜିଲ୍ଲାର ବହୁ ସ୍ଥାନରୁ ୧୦୦ରୁ ଉର୍ଦ୍ଧ ଲୋକ ଆସି ଧ୍ୟାନ ଅଭ୍ୟାସ କରିଥିଲେ। ବାରିପଦା ଆର୍ଟ ଅଫ ଲିଭିଂର ଶିକ୍ଷକ ଅଜୟ ମାରାଣ୍ଡି ଓ କୌଶିକ




ସାହୁ ଧ୍ୟାନ କରାଇବା ସହ ଧ୍ୟାନର ଉପକାରିତା ବିଷୟରେ ଲୋକ ମାନଙ୍କୁ ଅବଗତ କରାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ସମେତ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିବା ବେଳେ ଆର୍ଟ ଅଫ ଲିଭିଂ ଫାଉଣ୍ଡେସନର ସରୋଜ ସାହୁ, ନିର୍ମଳ ମହାନ୍ତି, ଅଜୟ ମୋଦୀ, ଉପାସନା ସାହୁ, ଦେବାଶିଷ ମହାନ୍ତ, ଋତୁପର୍ଣ୍ଣା ମଲ୍ଲିକ, ସ୍ମୃତିପର୍ଣ୍ଣା ମଲ୍ଲିକ, ସୁଦୀପ୍ତ ମିଶ୍ର, ଗୌରବ ପାଲ, ଗୀତେଶ ମହାନ୍ତ, ପ୍ରତୀକ ବେହେରା, ନିଶା ଅଗରୱାଲ ପ୍ରମୁଖ ଯୋଗଦାନ କରିଥିଲେ ।

## ////// ଚିନ୍ତା ବଢାଇଲା ଲଘୁଚାପ ବର୍ଷା //////
# ବିଲରେ ଭିଜୁଛି ପାଚିଲା ଧାନ, ଚିନ୍ତାରେ ଚାଷୀ



ବାରିପଦା (ଭାସ୍କର ନ୍ୟୁଜ): ଚିନ୍ତା ବଢାଇଛି ଲଘୁଚାପ ବର୍ଷା । ବିଲରେ ଭିଜୁଛି ପାଚିଲା ଧାନ । ଚାଷୀ ମୁଣ୍ଡରେ ପଡ଼ିଛି ଚଡକ । କେଉଁଠି ଧାନ କଟା ହୋଇ ବିଲରେ ପଡିଛି ତ ଆଉ କେଉଁଠି ଖଳାରେ । ଆଉ କେଉଁଠି କଟା ଅପେକ୍ଷାରେ ବିଲରେ ପାଚିଲା ଧାନ କେଣ୍ଡା ଝୁଲୁଛି । ଅମଳକ୍ଷମ ହୋଇଯାଇଛି ଏକର ଏକର ଧାନ ଫସଲ । ଦୁଇ ତିନି ଦିନ ମଧ୍ୟରେ ଧାନ କାଟି ଘରକୁ ଆଣିବାକୁ ସଜବାଜ ହେଉଥିବା ବେଳେ ଦୁଇ ଦିନ ଧରି ଲାଗି ରହିଥିବା ଲଘୁଚାପ ଜନିତ ବର୍ଷା ସବୁକିଛି ଉଜାଡି ଦେଇଛି । କଟା ହୋଇ ବିଲରେ ପଡିଥିବା ଧାନ କଚଡା ଓ କଟା ହୋଇନଥିବା ଧାନ ଏହି ବର୍ଷା ଓ ପବନ ମାଡରେ ପାଣିରେ ପଡିଯାଇଥିବାରୁ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ବର୍ଷା ଯୋଗୁଁ ଅନେକ ଜମିରେ ପାଣି ଜମି ରହିଥିବାରୁ ପନିପରିବା ଚାଷ ମଧ୍ୟ ଉଜୁଡି ଯିବାର ଆଶଙ୍କା ସୃଷ୍ଟି ହୋଇଛି । ଅଧିକାଂଶ ଜମିରେ ହୋଇଥିବା ଫୁଲ କୋବି, ବନ୍ଧା କୋବି, ଶାଗ, ବିନ୍, ବାଇଗଣ ଆଦି ବିଭନ୍ନ ପନିପରିବା ଫସଲ ବର୍ଷା ଓ ପବନ ମାଡରେ ତଳେ ପଡିଯାଇଥିବାରୁ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି । ବଙ୍ଗୋପସାଗରେ ଘନୀଭୂତ ଅବପାତ ପ୍ରଭାବରେ ଦୁଇଦିନ ଧରି ଲାଗିରହିଥିବା ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ଧାନ ଅମଳ କରିପାରିବେ କି ନାହିଁ ସେନେଇ ଚିନ୍ତାରେ ଚାଷୀ । ବିଭିନ୍ନ ସୂତ୍ରରୁ ଋଣ କରି ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି । ଏଥିପ୍ରତି ସରକାର ଦୃଷ୍ଟି ଦେବା ସହ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାପାଇଁ ଚାଷୀ ଦାବି କରିଛନ୍ତି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଏହି ବ୍ଲକ ଅଧିନ ମଣିନାଥପୁର ଗ୍ରାମର ଧର୍ମପରାୟଣା ମହିଳା ବେଙ୍ଗ ଦାସ (୯୬)ଙ୍କ ଶନିବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀର ନିକଟର ତିନି ପୁଅ ଶରତ, ଶିଶିର, କ୍ଷେତ୍ରବାସୀ ଝିଅ ଛୋଟି, ସୁମି ସହ ମନ୍ମଥ,ସୁରଥ, ଲିପି, ସିପି, ଦୀପି, ରୁବି ଆଦି ନାତି ନାତୁଣୀ ଉପସ୍ଥିତ ଥିଲେ। ମରଶରୀରକୁ ନାମ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ବୈତରଣୀ କୂଳରେ ଅବସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ବଡ଼ପୁଅ ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ଶରତ ଦାସ ମୁଖାଗ୍ନି ଦେଇଥିଲେ।

## ତୀର୍ଥଯାତ୍ରାରେ ଯିବେ ୧୨୭ ବରିଷ୍ଠ ନାଗରିକ

ପୁରୀ (ଭାସ୍କର ନ୍ୟୁଜ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାର ୧୨୭ ଜଣ ଯାତ୍ରୀ ସିରିଡି ଓ ନାସିକ ଗସ୍ତରେ ଯିବେ। ସେମାନଙ୍କୁ ସହଯୋଗ ପାଇଁ ୪ ଜଣ ସହାୟକ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯିବେ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଶନିବାର ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ତୀର୍ଥଯାତ୍ରାରେ ଯିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କୁ ସ୍ୱାଗତ କରି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ଅନଲାଇନ ମାଧ୍ୟମରେ କେବଳ ଆବେଦନ ଆହ୍ୱାନ କରାଯାଇଥିଲା ଓ ୪୭୫ ଜଣ ଏକକ ଓ ଦମ୍ପତି ଆବେଦନ କରିଥିଲେ ବୋଲି ସୂଚନା ଦେଇଥିଲେ। ଏହି ଆବେଦନକାରୀ ଙ୍କୁ ଇ-ରାଣ୍ଡେମାଇଜେସନ ବା କମ୍ପ୍ୟୁଟର ଲଟେରୀ ପ୍ରକ୍ରିୟା ଅନୁସାରେ ଚିହ୍ନଟ କରାଯାଇ ପ୍ରଥମ ପର୍ଯ୍ୟାୟରେ ସିରିଡି ଓ ନାସିକ କୁ ଜାନୁଆରୀ ୧୭ ରୁ ଜାନୁଆରୀ ୨୨ ତାରିଖ ପଠାଯିବ। ଜାନୁଆରୀ ୧୬ ତାରିଖରେ ତୀର୍ଥଯାତ୍ରୀ ମାନେ ପର୍ଯ୍ୟଟନ କାର୍ଯ୍ୟାଳୟ ରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ। ଭୁବନେଶ୍ୱର ରୁ ସେମାନେ ୧୭ ତାରିଖ ରୁ ଯାତ୍ରା ଆରମ୍ଭ କରିବେ।ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୨୭ ଜଣ ଙ୍କୁ ଅଯୋଧ୍ୟା ଓ ବନାରସ ପଠାଯିବ। ପ୍ରଥମ ପର୍ଯ୍ୟାୟରେ ଯାଇଥିବା ବ୍ୟକ୍ତି ଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ ନାହିଁ ବୋଲି ପର୍ଯ୍ୟଟନ ଅଧିକାରୀ ସ୍ପଷ୍ଟ କରିଦେଇଥିଲେ। ଏହି ବୈଠକରେ ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଟାଙ୍ଗୀ, (ଭାସ୍କର ନ୍ୟୁଜ) : ଚାଷ କ୍ଷେତରେ ପଡ଼ିଛି ଏକର ଏକର ପାଚିଲା ଧାନ, ଲାଗାତାର ଦୁଇଦିନ ଧରି ବର୍ଷାରେ ବେହାଲ ହୋଇଛନ୍ତି ଚାଷୀ ପରିବାର। ସୂଚନା ଅନୁଯାୟୀ ରାଜ୍ୟର ସମସ୍ତ ଅଞ୍ଚଳରେ ଏବେ ଧାନ ପାଚିଲା ଅବସ୍ଥାରେ ରହିଛି। ସେଥିମଧ୍ୟରୁ ମାତ୍ର ୩୦% ଅମଳ ହୋଇଛି। ଯେଉଁ ଧାନ ଅମଳ ହୋଇଛି, ତାହାକୁ ଚାଷୀ ଘରକୁ ଆଣିପାରି ନାହିଁ। କେତେକ ସ୍ଥାନରେ ବିଲରେ କଟା ହୋଇ ଧାନ ଫସଲ ପଡ଼ିରହିଛି। ବର୍ଷା ଯୋଗୁଁ ବିଲରେ ପାଣି ଜମିଯାଇଛି, କେଣ୍ଡା କେଣ୍ଡା ଧାନ ପାଣିରେ ପଡ଼ି ଭାସୁଛି। ଯେଉଁ ଧାନକୁ ବର୍ତ୍ତମାନ ମେସିନ୍ ସହାୟତାରେ ଏବେ କାଟିବା କିମ୍ବା ଅମଳ କରିବା ସମ୍ଭବପର ନୁହେଁ। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବର୍ଷା ଯୋଗୁଁ ପାଚିଲା ଧାନ ଏବେ ଗଜା ହେବାର ସମ୍ଭାବନା ରହିଛି। ଅଦିନିଆ ବର୍ଷା ଏବେ ସବୁ କିଛି ବିଗାଡ଼ି ଦେଇଛି। ଯାହାଫଳରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଫସଲରେ ଲଗାଇଥିବା ନିଜ ମୂଳ ଧନ ବି ପାଇପାରିବେ କି ନାହିଁ ସେ ଚିନ୍ତାରେ। ଯାହାଫଳରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନିଜର ଅକ୍ଷମତାକୁ ଶ୍ରେୟ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଓ କୃଷି ଋଣ ଛାଡ଼ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।



# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଡେରାବିଶ ବ୍ଲକ୍ ଗସ୍ତ



ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥାଇଭାଥାନ୍ ଆଜି ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଗସ୍ତ କରି ବିଭିନ୍ନପ୍ରକଳ୍ପର ସମୀକ୍ଷା କରିଥିଲେ। ମାଥାଇଭାଥାନ ଆଜି ସକାଳ ୧୧ଟା ବେଳେ ବ୍ଲକ ଅଧୀନସ୍ଥ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତା ସ୍ଥିତ କେନ୍ଦ୍ରାପଡ଼ା ପଲିଟେକନିକ୍‌କୁ ଯାଇ ସ୍କିଲ ଡେଭଲପମେଣ୍ଟ ସେଣ୍ଟରର ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ଟ୍ରେନିଂ ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କୁ ୟୁନିଫର୍ମ ଓ ପାଠ୍ୟଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଲିଟେକନିକ୍ କଲେଜର ଅଧ୍ୟକ୍ଷ ଗୁଣନିଧି ପ୍ରଧାନ ଓ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ। ପରେ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପକୁ ଯାଇଥିଲେ। ସେଠାରେ ଗ୍ରୁପର ସଭାପତି ଲେସାତୁନ୍ ବିବି, ସମ୍ପାଦିକା ରେଶମା ବେଗମ୍‌ଙ୍କ ସମେତ ଅନ୍ୟ ସଦସ୍ୟାମାନଙ୍କ ଦ୍ୱାରା ଉତ୍ପାଦିତ ଏମ୍ବ୍ରୋଡୋରୀ କରାଯାଇଥିବା ବେଡସିଟ୍, ଡୋରସ୍କ୍ରିନ ଓ ଅନ୍ୟାନ୍ୟ ସାମଗ୍ରୀ ଦେଖିଥିଲେ। ମାଥାଇଭାଥାନ ମହିଳାମାନଙ୍କର କାର୍ଯ୍ୟ କୁଶଳତାକୁ ବଢ଼ାଇବା ପାଇଁ ପ୍ୟାଚ୍‌ୱାର୍କ ମେସିନ୍, ସିଲେଇ ମେସିନ୍ ହାଇସ୍ପିଡ୍, କଟିଙ୍ଗ ମେସିନ୍ କଟିଙ୍ଗ ଟେବୁଲ ଇତ୍ୟାଦିର ଆବଶ୍ୟତାକୁ ଦୃଷ୍ଟିରେ ରଖି ଉପରୋକ୍ତ ମେସିନର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ମାଥାଇଭାଥାନ ନରୁଆ ସ୍ଥିତ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତିକୁ ଯାଇଥିଲେ। ସେଠାରେ ସିମିତର ସମ୍ପାଦକ ଗୋଲଖ ସେନାପତିଙ୍କୁ ଏହି ସମବାୟ ସମିତିରେ ଚାଷୀମାନେ ପାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ବାଲିଆ ପଞ୍ଚାୟତ ଅନ୍ତର୍ଗତ ମାଣିଖଣ୍ଡି ସ୍ଥିତ ଅମୃତ ସରୋବରକୁ ବୁଲି ଦେଖିଥିଲେ । ବାଲିଆ ସରପଞ୍ଚ ପ୍ରବୀର ସିଂଙ୍କୁ ଏହି ସରୋବର ଚାରିପଟେ ଉଦ୍ୟାନ ନିର୍ମାଣ ଓ ବନ୍ଧ ଉପରେ ସୁନ୍ଦର ଚଲାପଥ ନିର୍ମାଣ କରିବାପାଇଁ ପରାମର୍ଶ ଦେବା ସହ ସ୍ୱତନ୍ତ୍ର ଅର୍ଥ ଅନୁଦାନ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଦୁମୁକାସ୍ଥିତ ପଞ୍ଚାୟତ ପକ୍ଷରୁ କରାଯାଇଥିବା ଆମ୍ବ ବଗିଚାକୁ ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମେର ମାଥାଇଭାଥାନଙ୍କ ସହିତ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଡେରାବିଶ ବିଡ଼ିଓ ନମିତା ବାରିକ, ସହକାରୀ ଯନ୍ତ୍ରୀ ମେନାଜ କୁମାର ରାଉତ, ଯନ୍ତ୍ରୀ ଅନିଲ ମହାନ୍ତି, ସସ୍ମିତା ନାୟକ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିଭୁଦତ୍ତ ଦାସ, ବିଆରସି ସଂଗ୍ରାମ କୁମାର ଜେନା, ଗୋଲରାହାଟ ପିଇଓ ନିମାଇଁ ଚରଣ ପରିଡ଼ା, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି, ବାଲିଆ ସରପଞ୍ଚ ପ୍ରବିର ସିଂ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗରେଇ ଉଚ୍ଚବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡା ଉତ୍ସବ



ପାରାଦୀପ/କୁଜଙ୍ଗ, (ଭାସ୍କର ନ୍ୟୁଜ୍): ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଣିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ସରକାରୀ ଉଚ୍ଚବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ କରା ଯାଇଥିଲା। ଏହି ଅବସରରେ ଅତିଥି ଭାବରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଷିକେଶ ଆଚାର୍ଯ୍ୟ,ପୋତାନଇ ସ୍କୁଲର ପ୍ରଧାନ ଶିକ୍ଷକ ବୈଷ୍ଣବ ଚରଣ ସ୍ୱାଇଁ, ସି.ଆର.ସି.ସି ଜିତେନ୍ଦ୍ର କୁମାର ବେହେରା, ଶିକ୍ଷୟତ୍ରୀ କବିତା ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ଦାଶ, ପଣ୍ଡିତ ଭାବଗ୍ରାହୀ ମିଶ୍ର, ଅରୁଣିମା ଦାଶ ପ୍ରମୁଖ ମଞ୍ଚାସୀନ ହୋଇ ପାଠ୍ୟକ୍ରମ ସହିତ କ୍ରୀଡାର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ୨୦୨୩-୨୪ଶିକ୍ଷାବର୍ଷର ଦଶମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର୍ ରଖି ଜିଲ୍ଲା ସ୍ତରରେ ପୁରସ୍କୃତ ହୋଇଥିବା ଛାତ୍ରୀ ଦୀପ୍ତିରେଖା ଜେନାଙ୍କୁ ମାଳତୀ ଆଚାର୍ଯ୍ୟ ଏବଂ ତାଙ୍କ ପୁତ୍ର ଅନୁଜ ଆଚାର୍ଯ୍ୟ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଦିବଙ୍ଗତ ବଂଶୀଧର ଆଚାର୍ଯ୍ୟଙ୍କ ସ୍ମୃତି ସମ୍ମାନାର୍ଥେ ତାଙ୍କ ସୁପୁତ୍ରୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ବିଗତ ଶିକ୍ଷା ବର୍ଷର ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଦୀପ୍ତି ରେଖା ଜେନାଙ୍କୁ ୧୦୦୦ ଟଙ୍କା ଏବଂ ୨୦୨୩-୨୪ଶିକ୍ଷାବର୍ଷର ନବମ ବାର୍ଷିକ ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ୭୦୦ ଓ ୫୦୦ ଅର୍ଥରାଶି ପ୍ରଦାନ କରିଥିଲେ। ୨୦୨୩-୨୪ବାର୍ଷିକ ପରୀକ୍ଷାରେ ବ୍ଲକସ୍ତରରେ ପୁରସ୍କୃତ ହୋଇଥିବା ଛାତ୍ରୀ କାଜଲ ନାଏକ ଏବଂ ସ୍ୱୟଂଶ୍ରୀ ଦାସଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଥିଲେ।

## ଅଦିନିଆ ବର୍ଷା ପାଇଁ ଚିନ୍ତାରେ ଚାଷୀ

ଡେରାବିଶ, (ଭାସ୍କର ନ୍ୟୁଜ୍): ବିଗତ ଦୁଇଦିନର ଲଗାତାର ବର୍ଷାର ପ୍ରକୋପ ଚାଲିଥିବା ବେଳେ ଶନିବାର ଡେରାବିଶ ବ୍ଲକ ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଅଦିନିଆ ବର୍ଷା କାରଣରୁ ସ୍ଥାନୀୟ ଚାଷୀମାନେ ଚିନ୍ତାରେ ପଡ଼ିଯାଇଥିଲେ। ବର୍ତ୍ତମାନ ରାଜ୍ୟରେ ଧାନ ଅମଳର ସମୟ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କ୍ଷେତରୁ ଧାନ କାଟିବା ଆରମ୍ଭ ହୋଇଯାଇଛି। କିନ୍ତୁ ବିଗତ ଦୁଇଦିନ ଧରି ଚାଲିଥିବା ତୁହାକୁତୁହା ବର୍ଷା ଫଳରେ କ୍ଷେତରେ କଟା ହୋଇ ପଡ଼ିଥିବା ଧାନ ଫସଲ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଯାହାକୁ ନଜରରେ ରଖି ଆଜି ବହୁ ଚାଷୀ ସେମାନଙ୍କର କଟାଧାନକୁ ବୋହିଆଣୁଥିବା ବେଳେ ବହୁ ଚାଷୀ କ୍ଷେତରେ ଧାନକୁ ଏକାଠି ଗଦା କରି ପାଲ ପକାଉଥିବା ଦେଖିବାକୁ ମିଳିଛି ।

## ରସାୟନ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର




ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ ଶନିବାର +୩ ରସାୟନ ବିଜ୍ଞାନର ଜାତୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି ଆଲୋଚନା ଚକ୍ର ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରସାୟନ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ. ହିମାଂଶୁ ଶେଖର ସାହୁ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ପ୍ରବକ୍ତା ଭାବରେ ଯୋଗଦେଇ 'ସ୍ପେକ୍ଟ୍ରସ୍କପିକ ମେଥଡସ୍ ଫର୍ ମୋଲେକ୍ୟୁଲାର' ଶୀର୍ଷକ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବିକାଶ ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ସାହୁ, ରସାୟନ ବିଜ୍ଞାନ ଅଧ୍ୟାପକ ବିରଞ୍ଚି ନାରାୟଣ ଜେନା, ରାଜସ୍ମିତା ମଲ୍ଲିକ, ରାଜଚନ୍ଦନ ସାହୁ, ଭଗବାନ ସିଦ୍ଧାନ୍ତ ରଣକ୍ଷ, କମଳ କୁମାର ବାରିକ, ସୁବଳ କୁମାର ଦଳବେହେରା ସମେତ ମହାବିଦ୍ୟାଳୟର ଅନ୍ୟ କର୍ମଚାରୀ ଓ ଅନ୍ୟସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ପେଦାବେଡ଼ାରେ ଗାୟତ୍ରୀ ଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ



ଖଇରପୁଟ, (ଭାସ୍କର ନ୍ୟୁଜ୍): ଖଇରପୁଟ ବ୍ଲକ ଅନ୍ତର୍ଗତ ପେଦାବେଡା ଗ୍ରାମ ପଞ୍ଚାୟତ ର ଆଶ୍ରମ ବିଦ୍ୟାଳୟ ନିକଟରେ ଅଖିଳଭାରତ ଗାୟତ୍ରୀ ପରିବାର ତରଫରୁ, ୧୦୮କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞର ତ୍ୱରାନ୍ୱିତ ସମ୍ବନ୍ଧରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଗାୟତ୍ରୀ ପରିବାର କୋରାପୁଟ ସବଜୋନ୍‌ର ସଂଯୋଜକ ବାଲ୍ମିକୀ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ରଜତ କୁମାର ଷଡଙ୍ଗୀ, ମାଲକାନଗିରି ଜିଲ୍ଲା ସଂଯୋଜକ ସିତାରାମ ସ୍ୱାଇଁ, ଖଇରପୁଟ ଗାୟତ୍ରୀ ଶକ୍ତିପୀଠର ବ୍ୟବସ୍ଥାପକ ସତିଶ୍ ନାୟକ,ଖଇରପୁଟ ତହସିଲଦାର ପ୍ରମୋଦ କୁମାର ବେହେରା, ସମାଜସେବୀ ହୃଷୀକେଶ ସେଠୀ, ବାଳକୃଷ୍ଣ ପ୍ରଧାନ ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମ ବାବଦେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଚଳିତ ଡିସେମ୍ବର ମାସ ୨୮ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଦିର୍ଘ ୪ଦିନ ଧରି ଚାଲିବାକୁ ଥିବା ମହାଯଜ୍ଞରେ କଳସ ଶୋଭାଯାତ୍ରା, ଗୋଯଜ୍ଞ, ଘୃତ ଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ଭଳି କାର୍ଯ୍ୟକ୍ରମ ମାନ ଆୟୋଜିତ ହେବାକୁ ଥିବା ବେଳେ ଏହାର ପ୍ରଚାର ପ୍ରସାର ଓ ସୁବନ୍ଦୋବସ୍ତ ନିମନ୍ତେ ମୁଖ୍ୟ ଉଦ୍ୟୋକ୍ତା ସମସ୍ତଙ୍କୁ ଅନୁରୋଧ କରିଥିଲେ ।

## ମହୁମାଛି ଦଂଶନରେ ଛାତ୍ରଛାତ୍ରୀ ଆହାତ

ଡେରାବିଶ,(ଭାସ୍କର ନ୍ୟୁଜ୍): ଗତକାଲି ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଫକିରାବାଦ ସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ବାର୍ଷିକ କ୍ରୀଡ଼ା ସମୟରେ ବାଘୁଆ ମହୁମାଛି ପଲଙ୍କ ଆକ୍ରମଣରେ ବିଦ୍ୟାଳୟର ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହାତ ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶନିବାର ଡେରାବିଶ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତରଞ୍ଜନ ବେହେରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାମଲଙ୍କ ସହ ମହୁମାଛି ଦଂଶନରେ ଆହାତ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଛି ।

# ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରୀ ଅନ୍ଧାରରେ ଗାଁ

ବୋଲଗଡ, (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ପଞ୍ଚାୟତ ସ୍ଥିତ ଚମ୍ପାଇଲୋ ଗ୍ରାମରୁ ଏକ ବିଦ୍ୟୁତ ଟ୍ରାସଫର୍ମରକୁ କିଛି ଦୁବୃତ୍ତ ଗତରାତିରେ ଚୋରି କରି ନେଇଯାଇଛନ୍ତି। ଫଳରେ ଗ୍ରାମବାସୀ ଦୁଇଦିନ ଧରି ଅନ୍ଧାରରେ ରହିବା ପାଇଁ ବାଧ୍ୟ ହୋଇଛନ୍ତି। ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ କୋହଲା ପାଗ ସାଙ୍ଗକୁ ବର୍ଷା ଯୋଗୁଁ ଲୋକମାନେ ଘରୁ ବାହାରି ନଥିଲେ। ଫଳରେ ଏହାର ସୁଯୋଗ ନେଇ କିଛି ଦୁବୃତ୍ତ ରାସ୍ତା ପାର୍ଶ୍ୱ ଦାମୋଦାର ମଇ ବିଦ୍ୟାଳୟ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଟି ଖୋଲି ସେଥିରେ ଥିବା ମୂଲ୍ୟବାନ ତମ୍ବା ତାରକୁ ନେଇ ଯାଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ହେବ ବୋଲି ବିଦ୍ୟୁତ କର୍ମଚାରୀମାନେ କହିଛନ୍ତି। ଉକ୍ତ ଟ୍ରାନ୍ସଫର୍ମରଟି ଗ୍ରାମର ଗରୀବ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ବିଦ୍ୟୁତ୍ ଆଲୋକିକରଣ ଯୋଜନାରେ ସଂଯୋଗ ରହିଥିଲା। ଶୁକ୍ରବାର ରାତିଠାରୁ ଟ୍ରାନ୍ସଫର୍ମର ଚୋରି ଯାଇଥିବା ବେଳେ ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି । ଫଳରେ ଗ୍ରାମରେ ସାରା ରାତି ଲୋକମାନେ ଅନ୍ଧାରରେ ରହିଥିଲେ। ବର୍ତ୍ତମାନ ସୁଦ୍ଧା ଗ୍ରାମରେ ବିଦ୍ୟୁତ ନଥିବା କାରଣରୁ ତୁରନ୍ତ ନୂତନ ଟ୍ରାସଫର୍ମର ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ ବିଦ୍ୟୁତ ବିଭାଗ ନିକଟରେ ଦାବି କରିଛନ୍ତି।

# ବାଲି ମାଫିଆଙ୍କ ଯୋଗୁଁ ଆସିକା ଜଳମଗ୍ନ ହେବନି ତ !



ଆସିକା, (ଭାସ୍କର ନ୍ୟୁଜ୍): ଆସିକାର ଲାଇଫ ଲାଇନ କୁହାଯାଉଥିବା ଦୁଇ ନଦୀ ଋଷିକୂଲ୍ୟା ଓ ବଡ ନଦୀ ବର୍ତ୍ତମାନ ବାଲି ମାଫିଆଙ୍କ କବଜାରେ। ହେଲେ ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା।ବାଲି ମାଫିଆ ମାନେ ଆସିକା ବ୍ଲକ ଋଷିପୁର, ନିରାଳ, ହରିଡ଼ା ପଦର, ପଥରା, ଗବନଲା, ମୁକୁନ୍ଦ ପୁର, ସୁନାମ୍ବ ମସାଣି ପାର୍ଶ୍ୱ, ସୁବର୍ଣେଶ୍ୱର ମନ୍ଦିର ପାର୍ଶ୍ୱ, ବସ ଷ୍ଟାଣ୍ଡ ଓମଶାନ୍ତି ଗଳି, ବାରଗାଁ ନଦୀ ହୁଡ଼ା ଆଦି ସ୍ଥାନ କାଟି ବେଧଡ଼କ ଭାବେ ବାଲି ଚୋରା ଚାଲାଣ କରିବାକୁ ଟିକେଭି ପଛଘୁଞ୍ଚା ଦେଉନାହାନ୍ତି। ହେଲେ ପରିତାପର ବିଷୟ ବର୍ତ୍ତମାନ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି ଏତିକି ବେଳେ ଯେଉଁ ସବୁ ସ୍ଥାନରେ ନଦୀ ହୁଡ଼ା କଟା ଯାଇ ବାଲି ଚୋରା ଚାଲାଣ ହେଉଛି ସେ ସ୍ଥାନରେ ଜଳସେଚନ ବିଭାଗ ମାଫିଆ ମାନଙ୍କ ବିରୁଦ୍ଧରେ ବିରୁଦ୍ଧରେ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନ ନେଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମାଟିପକାଇ କାମ ସାରି ଦେଉଛି। ଯଦି ବର୍ଷା ଜୋର ହୋଇ ନଦୀ ଦୁଇଟିରେ ବନ୍ୟା ଆସେ ତେବେ ଏହି ହୁଡ଼ା କଟା ଯାଇଥିବା ସବୁ ସ୍ଥାନ ଧସି ଯାଇ ଆସିକା ତଥା ଆଖ ପାଖ ଗାଁ ମାନଙ୍କରେ ପାଣି ପଶିଯିବା ଭୟକୁ ଆଡେଇ ଦିଆଯାଇ ପାରିବନି କାରଣ ବିଗତ ଦିନମାନଙ୍କରେ ଏହି ଭଳି ପରିସ୍ଥିତି ଦେଇ ଆସିକାବାସୀ ଗତିକରୁଛନ୍ତି। ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ମାଫିଆମାନଙ୍କ ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭପ୍ରକାଶ କରିବା ସହ ଆଗାମୀ ଦିନରେ ଯଦି ଏହି ବାଲି ଚାଲାଣକୁ ବନ୍ଦ ନ କରାଯାଏ ତେବେ ସ୍ଥାନୀୟବାସିନ୍ଦା ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି।

# ମାନସିକ ଚାପ ନିରାକରଣ ଶିବିର ଆୟୋଜିତ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): କର୍ମକ୍ଷେତ୍ରରେ କିପରି ନିଜକୁ ଚାପମୁକ୍ତ ରଖିପାରିବ ତାହାର ସରଳ ନିରାକରଣ ସମ୍ପର୍କରେ ଏକ ଶିବିର ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇ.ଏସ୍.ଆର.ଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ମାନସିକ ଚାପ ନିରାକରଣ ଶିବିରରେ ମୁଖ୍ୟ ତାଲିମଦାତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଳମାଧବ ରଥ, ସିଟି ହସ୍ପିଟାଲର ଡାକ୍ତର ଜାନକୀ ସିଂ, ବିଶାଳ ପ୍ରବଳ ମହାନ୍ତି, ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ଜେନା, ପ୍ରକଳ୍ପ ନିର୍ଦ୍ଦେଶକ କେଲୁଚରଣ ଦାସ ଓ ସଂଯୋଜକ ସସ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମାନସିକ ଚାପର ଲକ୍ଷଣ, କାରଣ, ଅନ୍ୟାନ୍ୟ ସମସ୍ୟା ଏବଂ ଏହାର ଚିକିତ୍ସା ସମ୍ବନ୍ଧରେ ବୁଝାଇବା ସହ ଡାକ୍ତର ରଥ ଏ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ତାପସ ମହାରଣା, ସରପଞ୍ଚ ଭରତ ବେହେରା, ପିଆରଆଇ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଉପସ୍ଥିତ ଥିଲେ। ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବହୁ ଲୋକ ପ୍ରତିଦିନ ମାନସିକ ଚାପରେ ରହୁଥିବା ପରିଲକ୍ଷିତ ହେଉଛି। ଯାହାର ପ୍ରଭାବରେ ଅନେକ ଚିନ୍ତାମୁକ୍ତ ହେବା ପାଇଁ ନିଜନିଜର ମୂଲ୍ୟବାନ ଜୀବନ ହରାଇ ବସୁଛନ୍ତି। ଜଣେ ମଣିଷ ଚାପମୁକ୍ତ ରହିଲେ ହିଁ ସୁନ୍ଦର ସ୍ୱାସ୍ଥ୍ୟ ସହ ଦୀର୍ଘଜୀବୀ ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ।

# ରୁଦ୍ରାଣୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମସ୍ଥିତ ରୁଦ୍ରାଣୀ ପବ୍ଲିକ ସ୍କୁଲ ଏବଂ କିଡସ୍ ପ୍ଲେ ସ୍କୁଲର ମିଳିତ ଆନୁକୂଲ୍ୟରେ ୨୦ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମଞ୍ଚ ଉନ୍ମୋଚନ କରି କହିଥିଲେ ଯେ ଆଜିର ଶିଶୁ କାଲିର ନାଗରିକ। ପ୍ରବଚକ ମାନସ ଭୂଷଣ ହୃଷିକେଶ ରଥ ଅତିଥିଭାବେ ଯୋଗଦେଇ ପିଲାମାନଙ୍କର ପ୍ରଥମ ଗୁରୁ ହେଉଛି ମା' ବୋଲି କହିଥିଲେ । ଏହି ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ପୀତାମ୍ବର ଦାସ ସଭାପତିତ୍ୱ କରିଥିବା ବେଳେ ଅଧ୍ୟକ୍ଷା ସୌଦାମିନୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର ସମ୍ପାଦକ ଇନ୍ଦ୍ରମଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କପାଳେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ କଳ୍ପନା ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୁନିକୁନି ଛାତ୍ରଛାତୀମାନଙ୍କୁ ପାଠପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଏବଂ ନାଟକ ପରିବେଷଣ ହୋଇଥିଲା । ଏହି ଉତ୍ସବ ପରିଚାଳନାରେ ଶିକ୍ଷୟିତ୍ରୀ ବିଜୁଳତା ରାଉତ, ଏଲିନା ବାରିକ, ସୋନାଲି ରଥ, ରଞ୍ଜନା ପଣ୍ଡା, ପଲ୍ଲବୀ ସାହୁ, ଗୀତାଞ୍ଜଳୀ ମଲ୍ଲିକ, ପ୍ରିୟଙ୍କା ଲେଙ୍କା, ଶାଶ୍ୱତୀ ଦାସ, ଜ୍ୟୋତ୍ସାରାଣୀ ସୂତାର, ପୁଷ୍ପଲତା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଅଭିଭାବକ ଛାତ୍ରଛାତ୍ରୀମାନେ ଏହି ଉତ୍ସବରେ ଉପସ୍ଥିତ ରହିଥିଲେ।

## ବିଶ୍ୱ ଧ୍ୟାନ ଦିବସ ପାଳିତ




ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବ୍ରହ୍ମା କୁମାରୀ ତରଫରୁ ଭଞ୍ଜନଗର ଉପ ସେବା କେନ୍ଦ୍ର ଶାନ୍ତିସ୍ରୋତ ଭବନରେ ବିଶ୍ୱ ଧ୍ୟାନ ଦିବସ ଶନିବାର ପାଳନ କରାଯାଇଛି। ଇତ୍ୟବସରରେ ଅତିରିକ୍ତ ତହସିଲଦାର ଅବିନାଶ କୁମାର ମୋହୋର ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନର ବ୍ୟସ୍ତବହୁଳ ସମାଜରେ ଚିନ୍ତାଗ୍ରସ୍ତ ତଥା ବିଚଳିତ ହୋଇ ଯାଉଥିବା ମନରେ ଏକାଗ୍ରତା ବା ସ୍ଥିରତା ଆଣିବା ନିହାତି ଆବଶ୍ୟକ। ଏଥି ନିମନ୍ତେ ପ୍ରତିଦିନ ସହଜ ରାଜଯୋଗ ଓ ଧ୍ୟାନର ଅଭ୍ୟାସ ଜାରି ରଖିବା ବୋଲି କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀ ଅଭିଭାଷଣ ପ୍ରଦାନ କରିଥିଲେ। ସମାଜସେବୀ ଶୂଳପାଣି ଭ୍ରାତା ମଧ୍ୟ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ପ୍ରେମୀ ଭାଇଭଉଣୀ ଉପସ୍ଥିତ ରହି ଧ୍ୟାନର ମହତ୍ତ୍ୱ ବୁଝି ଅଭ୍ୟାସରତ ହେବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେଲେ।

# ଅବହେଳିତ ଅବସ୍ଥାରେ କପିଳେଶ୍ୱର ମନ୍ଦିର



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ କିମ୍ବଦନ୍ତୀ ଅନୁଯାୟୀ କପିଳେଶ୍ୱର ମନ୍ଦିର ହେଉଛି ଭଗବାନ ଶିବଙ୍କ ଜନ୍ମସ୍ଥାନ ଯିଏ ବ୍ରହ୍ମାଣ୍ଡର ପିତା ଭାବରେ ପରିଗଣିତ ହୁଏ । ସେ ମଧ୍ୟ ବ୍ରହ୍ମାଙ୍କର ମସ୍ତିଷ୍କ ସନ୍ତାନ, ବିଷ୍ଣୁ ଏବଂ ନିଜେ ପ୍ରଭୁ ଶିବଙ୍କର ଅବତାର ବୋଲି ବିବେଚନା କରାଯାଏ । ତେଣୁ ଏହା ଏକ ପବିତ୍ର ସ୍ଥାନ ଯେଉଁଠାରେ ଶ୍ରୀକ୍ଷେତ୍ର ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ଦେଢ଼ ବର୍ଷ ତଳେ ପ୍ରାଚୀନ ଶୈବପୀଠ କପିଳେଶ୍ୱର ମନ୍ଦିରକୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ 'ରାଷ୍ଟ୍ରୀୟ ମହତ୍ତ୍ୱ ସ୍ମାରକୀ' ଘୋଷଣା କରିଥିଲେ। ଯାହାଫଳରେ ଏହାର ଶ୍ରେୟ ନେବାକୁ ବିଭିନ୍ନ ନେତାମନ୍ତ୍ରୀ ଓ ଦଳମାନଙ୍କ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଶୈବପୀଠ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ଏପରି ପଦକ୍ଷେପ ପାଇଁ ସ୍ଥାନୀୟ ବାସିନ୍ଦା ଓ ସେବାୟତ ଖୁସିପ୍ରକାଶ କରିଥିଲେ। ଜନସାଧାରଣଙ୍କର ଆଶାଥିଲା ଏଏସ୍‌ଆଇ ଅଧୀନକୁ ଯିବା ପରେ ମନ୍ଦିରର ଭାଗ୍ୟ ବଦଳିଯିବ। କିନ୍ତୁ ଦେଢ଼ ବର୍ଷ ପରେ ମଧ୍ୟ ମନ୍ଦିର କାମ ହେଲାନାହିଁ। ପଞ୍ଚଦଶ ଶତାବ୍ଦୀର ଏହି ମନ୍ଦିର ଏବେ ବି ଅବହେଳିତ ହୋଇ ପଡ଼ିରହିଛି। କପିଳେଶ୍ୱର ମନ୍ଦିର ସମେତ ବେଢ଼ାରେ ଥିବା ପ୍ରଥମ ଓ ଦ୍ୱିତୀୟ କପିଳେଶ୍ୱର, ମୁଖ୍ୟ ଠାକୁରାଣୀ ଚତୁର୍ଭୁଜା ଦୁର୍ଗା, ମା' ପାର୍ବତୀ ଓ ଅନ୍ୟ ସମସ୍ତ ମନ୍ଦିରରେ ଖୋଦେଇ ହୋଇଥିବା ବିରଳ କାରୁକାର୍ଯ୍ୟ ସବୁ ଲିଭିଗଲାଣି। ବର୍ଷ ବର୍ଷ ଧରି ଖରା ଓ ବର୍ଷାରେ ମନ୍ଦିର ଫିକା ପଡ଼ିଗଲାଣି। ସାମାନ୍ୟ ବର୍ଷାହେଲେ ମୁଖ୍ୟମନ୍ଦିରର ଜଗମୋହନ, ଭଣ୍ଡାରଗୃହ, ନାଟମଣ୍ଡପ, ରୋଷଘର (ଅଛିଣ୍ଡା ପାହାଚ) ସମେତ ଗର୍ଭଗୃହ ସାରା ପାଣି ଗଳୁଛି। ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ମଣିକର୍ଣ୍ଣିକା ପୁଷ୍କରିଣୀ ଓ ଠାକୁରଙ୍କ ନୀତି ପାଇଁ ପାଣି ଯାଉଥିବା ବାମ୍ଫି ଅବହେଳିତ ହୋଇ ପଡ଼ିରହିଛି। ଏଏସ୍‌ଆଇ ଅଧୀନକୁ ମନ୍ଦିର ଯିବା ପୂର୍ବରୁ ମନ୍ଦିର କାମ ପାଇଁ ସେବାୟତମାନେ ଦାବି କରିଥିଲେ ହେଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏଥିପ୍ରତି ଏକପ୍ରକାର ଆଖି ବୁଜି ଦେଇଥିଲା। ତେଣୁ ଏଏସ୍‌ଆଇ ହାତକୁ ନେବାପାଇଁ ସେବାୟତମାନେ ସାଂସଦଙ୍କୁ ନିବେଦନ କରିଥିଲେ। ଏଏସ୍‌ଆଇ ହାତକୁ ଯିବା ପରେ ଲୋକ ଦେଖାଣିଆ ଭାବେ ମନ୍ଦିରକୁ ସଫା କରାଯାଇଥିଲା। କିନ୍ତୁ ଅନ୍ୟାନ୍ୟ କାମ ଏପର୍ଯ୍ୟନ୍ତ କରାଯାଇନାହିଁ। ଯାହାକୁ ନେଇ ସେବାୟତମାନେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସେବାୟତମାନେ ମନ୍ଦିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏଏସ୍‌ଆଇକୁ ଚିଠି ଲେଖି ଜଣାଇଛନ୍ତି। କପିଳେଶ୍ୱର ମନ୍ଦିରକୁ ଏକାମ୍ର ପ୍ରକଳ୍ପରେ ସାମିଲ କରିବାକୁ ଦାବି ହେବା ପରେ ପୂର୍ବରୁ ଶାସନତନ୍ତ୍ରରେ ଥିବା ବିଜେଡି ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଯୋଜନା କରିଥିଲେ। ୫୦ବର୍ଷ ପାଇଁ ମନ୍ଦିରକୁ ଯେପରି ଅର୍ଥର ଅଭାବ ରହିବନି ସେନେଇ ସ୍ଥାୟୀ ବ୍ୟବସ୍ଥା ସହ ପାରିପାର୍ଶ୍ୱିକ ବିକାଶର ମାଷ୍ଟର ପ୍ଲାନ୍ ମଧ୍ୟ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏଚ୍‌୩୧୬ ଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଚଉଡ଼ା ରାସ୍ତା ନିର୍ମାଣ ପାଇଁ ୫୦କୋଟିର ଖର୍ଚ୍ଚ ଅଟକଳ କରିଥିଲେ। ମାତ୍ର ରାଜନୈତିକ ଚକ୍ରାନ୍ତ ମଧ୍ୟରେ ମନ୍ଦିରର ବିକାଶ ବଳି ପଡ଼ିଯାଇଥିଲା। ଚଳିତବର୍ଷର ନିର୍ବାଚନ ପରେ ସରକାର ବଦଳିବା ପରେ ଏସବୁ ଶୀତଳ ଭଣ୍ଡାରକୁ ଚାଲିଗଲା। ଏ ସମ୍ବନ୍ଧରେ ସୂଚନା ଦେଇ ସେବାୟତ ଅରବିନ୍ଦ ମଲିଆ କହିଛନ୍ତି ଏଏସ୍‌ଆଇ ଏହି ମନ୍ଦିରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେବା ପରେ ସକାଳ ଓ ସନ୍ଧ୍ୟାରେ କେବଳ ମନ୍ଦିର ପରିସରକୁ ସଫା କରାଯାଉଛି। ୨୫ଟି ବିନ୍ଦୁରେ କାମ କରିବାକୁ ଏଏସ୍‌ଆଇକୁ ପରାମର୍ଶ ଦିଆଯାଇଛି। କର୍ପୋରେଟର ଚନ୍ଦ୍ରଶେଖର ମଲିଆ କହିଛନ୍ତି ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରର ଅବସ୍ଥା ଆଦୌ ଭଲ ନାହିଁ। ମନ୍ଦିର ପ୍ରତି ବିଶେଷ ଦୃଷ୍ଟି ଦେଇ ଏଏସ୍‌ଆଇ ତୁରନ୍ତ ଏସବୁ ସମସ୍ୟାର ସମାଧାନ କରିବାକୁ ଜନସାଧାରଣଙ୍କ ତରଫରୁ ଦାବି କରାଯାଉଛି।

# ପଞ୍ଚଗାଁରେ ଜୟ ବଜରଙ୍ଗବଳୀ କ୍ରିକେଟ ପ୍ରତିଯୋଗିତା



ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଞ୍ଚଗାଁ ଓ ଡୁମେରଢିପା ୟୁଥ୍ କ୍ଲବ ଆନୁକୂଲ୍ୟରେ ପଞ୍ଚଗାଁ ବଜାର ପଡ଼ିଆରେ ଜୟ ବଜରଙ୍ଗବଳୀ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସମାଜସେବୀ ଦ୍ୱିତୀୟ ଭୋଇ ଯୋଗଦେଇ ଫିତା କାଟି ଏହାର ଶୁଭ ଉଦଘାଟନ କରିବା ସହ ଖେଳାଳୀ ମାନଙ୍କୁ ଖେଳାଳୀ ମନୋବୃତ୍ତି ନେଇ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିବାକୁ ଆହ୍ୱାନ କରିଥିଲେ। ଉଦଘାଟନୀ ମ୍ୟାଚରେ ଏମ୍ କଁଟାପାଲି (ଓଡ଼ିଶା) ଓ ନୂଆଁପରା (ଛତିଶଗଡ଼) ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏମ୍ କଁଟାପାଲି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଆଠ ଓଭରରେ ୫ ୱିକେଟ ବିନିମୟରେ ମୋଟ ୮୧ ରନ କରିଥିବା ବେଳେ ନୂଆଁପରା ଦଳ ଆଠ ଓଭରରେ ୫ ୱିକେଟ ହରାଇ ୬୮ ରନ କରି ୧୩ ରନରେ ପରାଜିତ ହୋଇଥିଲେ। ଅମ୍ପାୟାର ଭାବେ ପୀତାମ୍ବର ଗୋୟଲ୍ ଓ ସୋନୁ ପଟେଲ ଖେଳ ପରିଚାଳନା କରିଥିବା ବେଳେ ସୁଜିତ ଭୁଏ ସ୍କୋରିଙ୍ଗ, ନୀଳାମ୍ବର ମେହେର ଓ ଜିତେଶ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜନରେ ୟୁଥ୍ କ୍ଲବର ନୀତିନ ଗୋୟଲ, ସୁଜିତ ଭୁଏ, ପୀତାମ୍ବର ଗୋୟଲ୍, ସରୋଜ ଭୋଇ, ତପେଶ୍ୱର ଭୋଇ, ରାଜୁ ଭୁଏ, ଶିବାନନ୍ଦ ବେହେରା, ନିତ୍ୟାନନ୍ଦ ସାହୁ, ଅଜିତ ମେହେର ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୩ ତାରିଖ ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି।



# ଆମ କଳାହାଣ୍ଡି



## ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
# ପଞ୍ଚାୟତବାସୀଙ୍କ ଧାରଣା



ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କୁମଖାଲ ଗ୍ରାମ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ, କର୍ମଚାରୀ ନିୟମିତ ରହୁ ନ ଥିବା ଅଭିଯୋଗରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆଗରେ ଆସି ଧାରଣା ଦେଇଛନ୍ତି କୁମଖାଲ ପଞ୍ଚାୟତବାସୀ ଓ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏହି ବ୍ଲକର ଅନେକ ଗୁଡିଏ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ ଭଳି ଅନେକ ଗୁଡିଏ ସମସ୍ୟା ରହିଛି, ଯାହା ଫଳରେ ଆଦିବାସୀଙ୍କ ସରଳତାର ଫାଇଦା ନେଇ କିଛି ଦାୟିତ୍ୱହୀନତା କର୍ମଚାରୀମାନଙ୍କ ଯୋଗୁଁ ସରକାରଙ୍କ ମୌଳିକ ସୁବିଧା ପାଇ ପାରୁନାହାନ୍ତି ଦୁର୍ଗମ ଅଞ୍ଚଳର ଲୋକେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଲାଞ୍ଜିଗଡ଼ ବ୍ଲକ କୁମଖାଲ ଗ୍ରାମ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଉପ କେନ୍ଦ୍ରରେ। ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ପ୍ରତିମା ବାଗ ନିୟମିତ ରହୁ ନ ଥିବା ଯୋଗୁଁ ଅଞ୍ଚଳରେ ଲୋକେ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ରହି ୧୨ କି:ମି. ଦୂରରେ ଥିବା ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହିଁ ନିର୍ଭର କରିଥାନ୍ତି। ଏହାକୁ ପ୍ରତିବାଦ କରି ବନ୍ଦ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆଗରେ ଆସି ଧାରଣା ଦେଇଛନ୍ତି କୁମଖାଲ ପଞ୍ଚାୟତବାସୀ। ଏମାନଙ୍କ କହିବା ଅନୁସାରେ ସ୍ୱାସ୍ଥ୍ୟକର୍ମୀ କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ଲୋକଙ୍କୁ ଦେଖା ଦିଅନ୍ତି। ଅନ୍ୟ ସମୟରେ କେତେବେଳେ କେନ୍ଦ୍ରକୁ ଆସି କେତେବେଳେ ଯାଆନ୍ତି ତାଙ୍କୁ ହିଁ ଜଣା। ସଦା ସର୍ବଦା କେନ୍ଦ୍ରରେ ତାଲା ଝୁଲିଥାଉଛି ବୋଲି ଅଞ୍ଚଳ ଲୋକେ ମତପ୍ରକାଶ କରିଛନ୍ତି। ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜସ୍ୱ ଗୃହଠୁ ଆରମ୍ଭ କରି ପାନୀୟ ଜଳ, ବିଜୁଳି, ମୋବାଇଲ ନେଟୱାର୍କ ଭଳି ସମସ୍ତ ପ୍ରକାର ସୁବିଧା ରହିଥିଲେ ମଧ୍ୟ କେଉଁ କାରଣରୁ ସ୍ୱାସ୍ଥ୍ୟକର୍ମୀ ଓ ସିଏଚ୍‌ଓ ରହୁନାହାନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି। ଏପଟେ ବର୍ତ୍ତମାନ ଶୀତ ସମୟ ଚାଲିଥିବା ବେଳେ ସାମାନ୍ୟ ଥଣ୍ଡା ଜ୍ୱର ତଥା ଖାସ ସର୍ଦ୍ଦି ହେଲେ ମଧ୍ୟ ନିକଟସ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ମିଳିପାରୁନାହିଁ। ଶିଶୁ, ଗର୍ଭବତୀ, ପ୍ରସୂତି ମହିଳା, ଗୁରୁତର ରୋଗୀ, ବୃଦ୍ଧବୃଦ୍ଧା ମାନେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଥିବାବେଳେ ସରକାରଙ୍କ ମାଗଣା ଔଷଧ ରୋଗୀଙ୍କୁ କେବେ ମଧ୍ୟ ଦିଆ ଯାଉ ନଥିବା ବେଳେ ଔଷଧ ସବୁ କୁଆଡେ ଯାଉଛି ବୋଲି ପ୍ରଶ୍ନ କରିବା ସହ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଲୋକେ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ବର୍ଷ ତମାମ ଅନୁପସ୍ଥିତି ରହୁଥିବା ଲୋକଙ୍କ ଅଭିଯୋଗ ହେଉଥିବାବେଳେ ସ୍ୱାସ୍ଥ୍ୟକର୍ମୀ ଓ ସିଏଚଓ କିପରି ଭାବେ ତାଙ୍କର ଉପରିସ୍ଥ ଅଧିକାରୀ ତଥା ସରକାରଙ୍କୁ ଉପସ୍ଥିତର ତଥ୍ୟ ପ୍ରଦାନ କରୁଛନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଉକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁମଖାଲ ପଞ୍ଚାୟତବାସୀ ଦାବି କରିଛନ୍ତି। ଏନେଇ ବିଶ୍ୱନାଥପୁର ମେଡ଼ିକାଲ ଅଫିସର ଭବାନୀ ଶଙ୍କର ଲେଙ୍କାଙ୍କୁ ପଚାରିବାରୁ ଦାଇତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କ ହାତ ଭାଙ୍ଗି ଯିବା ଯୋଗୁଁ ଏକ ମାସ ଛୁଟିରେ ଥିଲା। ସେଇ ସ୍ୱାସ୍ଥ୍ୟକର୍ମୀଙ୍କ ସ୍ଥାନରେ ତ୍ରିଲୋଚନପୁର ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଦାୟିତ୍ୱ ଦିଆଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ସେ ପ୍ରକାଶ କରିଥିଲେ।

# ରାଜ୍ୟସ୍ତରରେ ଏସ୍‌ଏସ୍‌ଡି ସ୍କୁଲ ସମ୍ମାନିତ



ଧର୍ମଗଡ଼,(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ସର୍ଗ ଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଜୟନ୍ତପୁର ସ୍ଥିତ ଏସ୍‌ଏସ୍‌ଡ଼ି କନ୍ୟାଶ୍ରମକୁ ସମ୍ମାନିତ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରା ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଠାରୁ ଏହି ମାନପତ୍ର ଗ୍ରହଣ କରିଛନ୍ତି। ସେଭଳି ରାଜ୍ୟ ସ୍ତରୀୟ ଟପ୍ ୯୬ଜଣ ଛାତ୍ରୀଙ୍କ ମଧ୍ୟରୁ ଉକ୍ତ ବିଦ୍ୟାଳୟର ୨ଛାତ୍ରୀ ସମ୍ମାନିତ ହୋଇଛନ୍ତି। ସୁନାଲି ମାଝୀ ମାଟ୍ରିକ ପରୀକ୍ଷାରେ ୮୪%ପ୍ରତିଶତ (୫୦୧)ଓ ତନୁଶ୍ରୀ ମାଝୀ ୮୧%ପ୍ରତିଶତ(୪୮୪)ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗଫୁଲ କାର୍ଯ୍ୟକ୍ରମରେ ପୁରସ୍କୃତ ସମେତ ମାନପତ୍ର ଗ୍ରହଣ କରିଛନ୍ତି। ସୂଚନା ଯେ, ରାଜ୍ୟର ପ୍ରତ୍ୟେକ ଏସ୍‌ଏସ୍‌ଡି ବିଦ୍ୟାଳୟମାନଙ୍କରେ ଚଳିତବର୍ଷ ସର୍ଗ ଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ପରେ ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପ୍ରତିଭା ଛାତ୍ରୀମାନଙ୍କୁ ଚିହ୍ନଟ କରାଯାଇ ରାଜ୍ୟ ସ୍ତରରେ ସାମିଲ ହୋଇଥିଲେ। ତେବେ ରାଜ୍ୟର ମୋଟେ ୫୦ବିଦ୍ୟାଳୟ ମଧ୍ୟରୁ ଜୟନ୍ତପୁର ଏସ୍‌ଏସ୍‌ଡି ୧୬ନମ୍ବର ରହିଥିବା ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଖୁସି ବକ୍ତ କରିଛନ୍ତି। ଜିଲ୍ଲା ଓ ଅଞ୍ଚଳରେ ପ୍ରତିଭା ଛାତ୍ରୀ ନିର୍ମାଣ କରିବାରେ ଜୟନ୍ତପୁର ଏସ୍‌ଏସ୍‌ଡି ବିଦ୍ୟାଳୟ ଆଗେଇ ଚାଲିଛି। ତାର ଜ୍ୱଳନ୍ତ ଉଦାହରଣ ସମ୍ମାନିତ ୨ଛାତ୍ରୀ ବିଦ୍ୟାଳୟର ମାନ ସମ୍ମାନ ଓ ଗୌରବ ଆଣିଥିବା ସେ କହିଛନ୍ତି। ଏଥିପାଇଁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ଦୁଇ ଉର୍ତ୍ତୀର୍ଣ୍ଣ ଛାତ୍ରୀ ଏହି ସମ୍ମାନର ଶ୍ରେୟ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଥିବା କହିଛନ୍ତି। ଜୟନ୍ତପୁର ବିଦ୍ୟାଳୟ, ୨ଛାତ୍ରୀଙ୍କୁ ସମ୍ମାନୀତ ଖବର ପ୍ରଘଟ ପରେ ଅଞ୍ଚଳରେ ଖୁସିର ମାହୋଲ ଖେଳି ଯାଇଛି।

# ୧୦ରୁ ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ



କେସିଙ୍ଗା,(ଭାସ୍କର ନ୍ୟୁଜ୍): କଳାହାଣ୍ଡିର କଳା ସଂସ୍କୃତି ଐତିହ ଓ ପରମ୍ପରାର ମହାନ ପର୍ବ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଜିଲ୍ଲାର ସମସ୍ତ ବ୍ଲକ ଏନ୍‌ଏସି ସହିତ ସଦରମହକୁମାରେ ପ୍ରସ୍ତୁତି ଚାଲିଛି। ଏହି କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିରେ ମଧ୍ୟ ଉତ୍ସବ ପାଳନ ପାଇଁ ଗତକାଲି ଏନ୍‌ଏସିର ସଭାଗୃହ ଠାରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନଗରପାଳ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ କଳାହାଣ୍ଡି ଉତ୍ସବର ରୂପରେଖ ପ୍ରସ୍ତୁତ କରାଯାଇଥିଲା ଜାନୁୟାରୀ ୧୦ ତାରିଖରେ କେସିଙ୍ଗା ବିଦ୍ୟାପୀଠ ଖେଳପଡିଆରେ ମହା ଆଡମ୍ବରରେ କଳାହାଣ୍ଡି ଉତ୍ସବ ଘୁମୁରା ପାଳନ କରିବା ପାଇଁ ନିଷ୍ପତି ହେବା ସହିତ ଉତ୍ସବକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ବିସ୍ତୃତ ଆଲୋଚନା କରାଯାଇଛି। ବିଭିନ୍ନ ଆକର୍ଷଣୀୟ ପ୍ରତିଯୋଗିତା ସହିତ ନାଚଗୀତ, କବିତା ପାଠୋତ୍ସବ ଚିତ୍ରକଳା ପ୍ରଦର୍ଶନୀ କରିବା ପାଇଁ ସ୍ଥିରୀକୃତ ହେଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦ, ଉପନଗର ପାଳ ସରସ୍ୱତୀ ସାହା,ଅଞ୍ଚଳର ବୁଦ୍ଧିଜିବୀ, ସମସ୍ତ ୱାର୍ଡ କାଉନସିଲର, ମୋହନ ସାହୁ, ଶ୍ରୀନିବାସ ପଟ୍ଟନାୟକ, ଗଦାଧର ସିଂଦେଓ, କେସିଙ୍ଗା ପୋଲିସ ସମେତ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ପଞ୍ଚଦିବସୀୟ ଇଂରାଜୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭବାନୀପାଟଣା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଥିବା ପୋଲିସ୍ ଉଚ୍ଚ ବିଦ୍ୟାଳୟରେ ପାଞ୍ଚ ଦିନ ଧରି ଚାଲିଥିବା ୨ୟ ପର୍ଯ୍ୟାୟ ଇଂରାଜୀ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଭୁବନେଶ୍ୱର ଓ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଚାଲିଥିବା ଏହି ତାଲିମ ଶିବିରରେ କଳହାଣ୍ଡି, ନୂଆପଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ୪୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଇଂରାଜୀ ଭାଷା ସମ୍ପର୍କିତ ତାଲିମ ନେଇଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଓ ପୋଲିସ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପଟ୍ଟନାୟକ ତାଲିମ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପର୍ଯ୍ୟବେକ୍ଷକ ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ





ତଥା ଇଏଲ୍ ଟିଆଇର ପୂର୍ବତନ ସାଧନକର୍ମୀ ଝସକେତନ ପ୍ରଧାନ, ପ୍ରଶିକ୍ଷକ ଭାବରେ ଅନୀଲ କୁମାର ଜେନା, ଦେବେନ୍ଦ୍ର ସାମନ୍ତରାୟ (ନବରଙ୍ଗପୁର), ଦୀନବନ୍ଧୁ ମାଝୀ, ଭଗବାନ ସାହୁ (ମାଲକାନଗିରି), ଯୋଗେନ୍ଦ୍ର ବେହେରା , ଗୋପାଳ ଭବତୋଷ ଦାସ (ନୂଆପଡ଼ା), ଭୁଜବଳ କେତକୀ, ବୈକୁଣ୍ଠ ନାଏକ (କଳାହାଣ୍ଡି) ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟ ସୂଚାରୁ ରୂପେ ତୁଲାଇଥିଲେ।

# ମନ୍ତ୍ରୀଙ୍କ ଗସ୍ତ ବାତିଲ ନେଇ ହତାଶ ଚାଷୀ

ଧର୍ମଗଡ଼,(ଭାସ୍କର ନ୍ୟୁଜ): ଦିନିକିଆ କଳାହାଣ୍ଡି ଗସ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟକ୍ରମ ରହିଥିଲା । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼, କଲମପୁର, କୋକସରା, ଧର୍ମଗଡ଼ ଓ ଗୋଲାମୁଣ୍ଡା ବ୍ଲକ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ସୂଚନାମତେ ସନ୍ଧ୍ୟା ସମୟରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଘୋଟିଆ ମଣ୍ଡି ଗସ୍ତ କାର୍ଯ୍ୟକ୍ରମ ଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଖବର ପାଇ ଅଞ୍ଚଳର ଚାଷୀ ଓ ଦଳୀୟ କର୍ମୀମାନଙ୍କ ବେଶ ଭିଡ଼ ଦେଖିବାକୁ ମିଳିଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଗୋଲାମୁଣ୍ଡା ଥାନା ପୁଲିସ ଓ ଦଶପୁର ଫାଣ୍ଡି ପୁଲିସ ମୁତୟନ ହୋଇଥିଲେ । ଘୋଟିଆ ମଣ୍ଡିରେ ମଣ୍ଡି ଆରମ୍ଭରୁ କଟନି ଛଟନି ସମସ୍ୟା ଲାଗି ରହିଛି ଜାହାରିଫଳରେ ଚାଷୀ ମହଲରେ ଅସନ୍ତୋଷ ଲାଗିରହିଛି। ମନ୍ତ୍ରୀ ଆସିବେ ଦୁଃଖ ଓ ଗୁହାରୀ ଜଣାଇବା ପାଇଁ ଆଶା ରଖିଥିଲେ ଚାଷୀ । ହେଲେ ମନ୍ତ୍ରୀଙ୍କ ଗସ୍ତ ବାତିଲ ହେବାରୁ ହତାଶ ହୋଇପଡିଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦଶପୁର, ଫରଙ୍ଗ, ଚିଚିଆ, ବୃନ୍ଦାବାହାଲ, ଖମାରହଳଦୀ, ଧାମନପୁର ଗ୍ରାମପଞ୍ଚାୟତ ଗୁଡିକରୁ ଆସିଥିବା ଶତାଧିକ ଦଳୀୟ କର୍ମୀ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଚାହିଁ ରହିଥିଲେ। ଶେଷରେ ମନ୍ତ୍ରୀ ଆସି ନ ଥିଲେ। କାର୍ଯ୍ୟକ୍ରମ ବାତିଲ ଦେବା ହେତୁ ଅନେକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସେହିପରି ଗୋଲାମୁଣ୍ଡା ସ୍ଥିତ ସର୍ବମଙ୍ଗଳା ମନ୍ଦିର ସମ୍ମୁଖ କଲ୍ୟାଣ ମଣ୍ଡପଠାରେ ଏକ ଦଳୀୟ କାର୍ଯ୍ୟକ୍ରମ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିଲା । ଟେଣ୍ଟ ଗଢ଼ାହୋଇଥିଲା, ପୋଷ୍ଟର ଲାଗି ଗେଟ ତିଆରି ହୋଇଥିଲା ସ୍ୱାଗତ ପାଇଁ ବାଜା ମଧ୍ୟ ଆସିଥିଲା । ଶତାଧିକ କର୍ମୀ ଓ ଜନସାଧାରଣଙ୍କ ଭିଡ଼ ପରିଲିକ୍ଷିତ ହୋଇଥିଲା । ଦୀର୍ଘ ୨ଘଣ୍ଟା ଅପେକ୍ଷା ପରେ ମଧ୍ୟ ମନ୍ତ୍ରୀ ନ ଆସିବାରୁ ସେଠାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜାହାରିଫଳରେ ଚାଷୀ,ଦଳୀୟ କର୍ମୀ ଓ ଜନ ସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଆଳୁ ବିହନ ବଣ୍ଟନରେ ଅସନ୍ତୋଷ ଚାଷୀ





ନର୍ଲା (ଭାସ୍କର ନ୍ୟୁଜ):ଆମ ରାଜ୍ୟରେ ଆଳୁ ଉତ୍ପାଦନ କମ୍ ହେଉଥିବାରୁ ଆଳୁର ଚାହିଦା ହିସାବରେ ଖାଉଟିଙ୍କୁ ଆଳୁ ଯୋଗାଇବା ପାଇଁ ସରକାରଙ୍କୁ ପ୍ରତିବର୍ଷ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ଉପରେ ନିର୍ଭର କରି ବାକୁ ପଡେ । ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲା ସହିତ ବ୍ଲକ୍‌ଗୁଡ଼ିକରେ ଆଳୁ ଚାଷ କରିବା ପାଇଁ ପ୍ରତିବର୍ଷ ଆଳୁ ବିହନ ଯୋଗାଇ ଥାନ୍ତି। ଚଳିତବର୍ଷ ନର୍ଲା ଉଦ୍ୟାନ ବିଭାଗ ତରଫରୁ ୨୫୪ ଜଣ ଚାଷୀଙ୍କୁ ବିହନ ବଣ୍ଟା ଯାଇ ଥିବାବେଳେ ବିଭାଗୀୟ ଅଧିକାରୀ ୩୫ ହେକ୍ଟର ଜମିରେ ଆଳୁ ବିହନ ଲାଗିଥିବା କଥା ପ୍ରକାଶ କରିଛନ୍ତି। କିନ୍ତୁ ଜଣେ ମାତ୍ର ଚାଷୀ ଆଳୁ ଚାଷ କରିଥିବା ଦେଖିବାକୁ ମିଳିଥିବା ବେଳେ ପ୍ରାୟ ଆଳୁ ବିହନ ୨୦ ଟଙ୍କା ଦରରେ ବିକ୍ରି ହେଉ ଥିବା ଅଭିଯୋଗ ହେଉଛି। ଉଦ୍ୟାନ୍ ବିଭାଗ ଦ୍ୱାରା ବଣ୍ଟା ଯାଉଥିବା ବିଭିନ୍ନ ବିହନ ଚାଷୀ ବଦଳରେ ଅଣ ଚାଷୀମାନଙ୍କୁ ବଣ୍ଟା ଯାଉଥିବାରୁ ପ୍ରକୃତ ଚାଷୀ ଆଳୁ ବିହନ ପାଇବାରୁ ବଞ୍ଚିତ ହେଉଛନ୍ତି। ନୂତନ ସରକାର୍ ଏଥିପ୍ରତି ଦୃଷ୍ଟି ଦେଇ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି ବିହନ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ସ୍ୱଚ୍ଛ ଭାରତ ଅଭିଯାନ

କେସିଙ୍ଗା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସି ବୋରୀଙ୍ଗ ପଦର ୱାର୍ଡ ନଂ-୭ର ଅଙ୍ଗନୱାଡ଼ି ପରିସରରେ ଏସ୍‌ବିଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନର ମିଳିତ ସହଯୋଗରେ ସ୍ୱଚ୍ଛ ଭାରତ ଅଭିଯାନ ଆୟୋଜିତ ହୋଇଯାଇଛି । ଏଥିରେ ଅଙ୍ଗନବାଡି କେନ୍ଦ୍ରର ପରିଚାଳିକା ସାରଳା ବନଛୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାମକି ଫାଉଣ୍ଡେସନର ଚିକିତ୍ସକ ଡାକ୍ତର ବିମଳ କୁମାର ଷଡଙ୍ଗୀ ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ଉପରେ ୧୦୦ରୁ ଉର୍ଦ୍ଧ୍ୱ ବସ୍ତି ବାସିନ୍ଦାମାନଙ୍କୁ ଅବଗତ କରାଇଥିଲେ। ପରିବେଶ ସଫାସୁତୁରା ରହିବା ଫଳରେ କିପରି ଆମେ ରୋଗ କବଳରୁ ରକ୍ଷା ପାଇ ପାଇବା ତାହା ଉପରେ ଆଲୋକପାତ କରିଥିଲେ। ସଂସ୍ଥାର କଳାହାଣ୍ଡିର ମୁଖ୍ୟ ପିସି ଏବଂ ଭେଷଜ ବିତରକ ଜୋସ୍ନାରାଣୀ ବେହେରା ନର୍ସ ପଙ୍କଜିନି ରଣା, ଏଲ୍‌ଟି ନିତୁ ନାୟକ, ପାଇଲଟ ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଥର ଗତିରେ ମଣ୍ଡିରୁ ଉଠୁଛି ଧାନ

ଧର୍ମଗଡ଼,(ଭାସ୍କର ନ୍ୟୁଜ):ଗତ ୨୯ତାରିଖରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଛି।ଧାନକ୍ରୟ ଆରମ୍ଭ ହୋଇଥିଲେ ହିଁ ଚାଷୀ ଓ ମିଲର୍ସଙ୍କ ମଧ୍ୟରେ ଶିଥଳତା ଲାଗି ରହିଛି।ଏଫ କ୍ୟୁ ଧାନ ଆଳ ରେ ବିଭିନ୍ନ ଧାନ ମଣ୍ଡି ରୁ ଖୋଲମ ଖୋଲା ଭାବେ ୫-୭କେଜି କଟଣୀ ଛଟଣୀରେ ଚାଷୀ ଧାନ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏପରିକି ଚାଷୀଙ୍କୁ ଧାନ ବସ୍ତା ନ ଦେବା ଓ ଲେବର ଲୋଡ଼ ଅଫ ଲୋଡ଼ ଟଙ୍କା ବାବଦରେ ଚାଷୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଭଳି ଅଭିଯୋଗ ଉଠିଛି।ଅନ୍ୟପଟେ ଅନେକ ମଣ୍ଡି ମାନଙ୍କରେ ଭିତ୍ତିଭୂମି ଅଭାବ ଥିବା ଓ ଖୋଲା ଆକାଶ ତଳେ ଚାଷୀ ଙ୍କ ଧାନ ରହିଥିବା ଦେଖା ଦେଇଛି। ବର୍ତ୍ତମାନଦୁଇ ଦିନ ଧରି



ଲଘୁଚାପଜନିତ ଝିପିରି ଝିପିରି ବର୍ଷା ସାଙ୍ଗ ମେଘୁଆ ପାଗ ଲାଗି ରହିଛି। ଯାହାକୁ ନେଇ ଚିନ୍ତାରେ ପଡିଛି ଚାଷୀ।ପର୍ଲା ଫ୍ୟାକ୍ସ ଅନ୍ତର୍ଗତ ବଡ଼ ଘୁମର ଓ ଗଡ଼ିଆଯୋର ଠାରେ ମଣ୍ଡି ଖୋଲା ଯାଇଥିଲେ ହି ଖୋଲା ଆକାଶ ତଳେ ଅନେକ ଚାଷୀଙ୍କ ଧାନ ପଡି ରହିଛି।ତେବେ ଏହି ଦୁଇ ପଞ୍ଚାୟତ ର ମୋଟ ୧୧୩୨ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ରେ ସରକାର ୨୦ହଜାର କୁଇଣ୍ଟାଲ ଟାର୍ଗେଟ ଦେଇଛନ୍ତି। ଏଥିପାଇଁ ମୋଟ ୭ଟି ମିଲର୍ସ ଚୁକ୍ତିନାମା କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୫୫ଜଣ ଚାଷୀଙ୍କ ୬୫୯୭କୁଇଣ୍ଟାଲ କ୍ରୟ ହୋଇଥିବା ଜଣାପଡିଛି। ସୂଚନା ମତେ ବର୍ତ୍ତମାନ ସୁଦ୍ଧା ଏହି ମଣ୍ଡି ରୁ ଅନିର୍ବେଦ ମିଲର୍ସ -୪୫୦କୁଇଣ୍ଟାଲ, ଅର୍ଣ୍ଣପୂର୍ଣ୍ଣା-୫୨୮,ଭଣ୍ଡାର ଘରୁଆଣି-୩୨୫,ଗୋପାଳ ଏଗ୍ରୋ-୨୩୬,ଏସ କେ ଏମ-୫କେସିଙ୍ଗା ଏନ୍ ଏ ସି ରେ ସ୍ୱଚ୍ଛ ଭାରତ ଅଭିଯାନ।

## ଟ୍ୟାଙ୍କରରୁ ତେଲ ଚୋରି
# ଭିଡିଓ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ


ନର୍ଲା,(ଭାସ୍କର ନ୍ୟୁଜ): ଭାରତୀୟ ରେଳ ବିଭାଗ ପଣ୍ୟ କାରବାରରେ ଯଥେଷ୍ଟ ସୁନାମ ଅର୍ଜନ କରିଛି। ପ୍ରତିଦିନ ମାଳବାହୀ ଟ୍ରେନ ବିଭିନ୍ନ ପଥଦେଇ ଯାତାୟତ କରିଥାନ୍ତି। ତେବେ କେତେକ ସ୍ଥାନରେ ଏହାର ହରିଲୁଟ ହେଉଥିବା ଦେଖାଯାଇଛି। ଦକ୍ଷିଣ ପୂର୍ବ ରେଳ ପଥର ରୁପ୍ରାରୋଡ ରେଳ ଷ୍ଟେସନରେ ଛିଡ଼ା ହୋଇଥିବା ଏକ ପେଟ୍ରୋଲ ଭର୍ତ୍ତି ତେଲ ଟ୍ୟାଙ୍କରରୁ ଦୁଇଜଣ ସିଗନାଲ କର୍ମଚାରୀ ପେଟ୍ରୋଲ ଚୋରି କରିବା ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ଭିଡ଼ିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଭିଡ଼ିଓରେ ଦେଖାଯାଇଛି ଯେ ରୁପ୍ରାରୋଡ ରେଳ ଷ୍ଟେସନର ଦୁଇଜଣ ସିଗନାଲ କର୍ମଚାରୀ ଏକ ୩୫ ଲିଟରିଆ ଜାରରେ ଫେର ଲଗାଇ ପେଟ୍ରୋଲ କାଢୁଛନ୍ତି। ଏହାକୁ ନେଇ ସଚେତନ ନାଗରିକମାନେ ଉଦବେଗ ପ୍ରକାଶ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ସେମାନେ ପ୍ରଶ୍ନ କରିଛନ୍ତି ଯେ, ରେଳ ବିଭାଗର କର୍ମଚାରୀମାନେ କାହିଁକି ଠିଆ ହୋଇଥିବା ଟ୍ୟାଙ୍କରରୁ ଖୁଲମଖୁଲା ପେଟ୍ରୋଲ କାଢୁଥିଲେ ? ଏହା ପଛର ରହସ୍ୟ କ'ଣ ? ପ୍ରାୟ ସମୟରେ ଏହି ଷ୍ଟେସନରେ ଏପରି କାରନାମା ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀମାନେ କିପରି ଜାଣିପାରୁ ନାହାଁନ୍ତି ? ସାଧାରଣ ଲୋକଟିଏ ଯଦି ଏଭଳି କାର୍ଯ୍ୟ କରୁଛି ତା' ପାଇଁ ରେଳ ବିଭାଗ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ନଜିର ରହିଛି। ହେଲେ ବର୍ତ୍ତମାନ ଯେତେବେଳେ ରେଳ ବିଭାଗର ଦୁଇ ସିଗନାଲ କର୍ମଚାରୀ ଏପରି କାଣ୍ଡ କରୁଛନ୍ତି ସେମାନଙ୍କ ପ୍ରତି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାଁ ନାହିଁ ? ଦେଶର ଅର୍ଥନୈତିକ ସ୍ଥିତିକୁ ସୁଧାରିବା ଦିଗରେ ରେଳ ବିଭାଗର ଯଥେଷ୍ଟ ଅବଦାନ ରହିଛି। ଯଦି ଏପରି ଲୁଟ୍ ଲାଗିରହେ ତେବେ ଏହା ଦେଶ ପାଇଁ ଶୁଭଙ୍କର ନୁହଁ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ତେବେ ଚୋରି ଘଟଣାର ସମ୍ପୃକ୍ତ କର୍ମଚାରୀଙ୍କ ଉପରେ ରେଳ ବିଭାଗ କ'ଣ ପଦକ୍ଷେପ ଗ୍ରହଣ କରୁଛି ତାହାହିଁ ଦେଖିବାକୁ ବାକି ରହିଲା।

# ରାଶିଫଳ

ରବିବାର, ୨୨ ଡିସେମ୍ବର ୨୦୨୪



**ମେଷ:** ଦିନଟି ଲାଭଦାୟକ ହେବ। ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଚାକିରି କ୍ଷେତ୍ରରେ ପ୍ରଶଂସନୀୟ ହେବେ। ତରବର ନହୋଇ ଭାବିଚିନ୍ତି ବ୍ୟବସାୟରେ ଅର୍ଥ ବିନିଯୋଗ କରନ୍ତୁ। ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଶତ୍ରୁମାନଙ୍କଠାରୁ ସତର୍କତା ଅବଲମ୍ବନ କରିବେ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବେ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ବ୍ୟବସାୟ ଭଲ ହେବ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ କରିବେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ।




**କନ୍ୟା :** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁ ସକ୍ରିୟ ହେବେ।



**ତୁଳା :** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।




**ବିଛା :** ଖର୍ଚ୍ଚ ବୃଦ୍ଧି ପାଇବ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ।




**ଧନୁ :** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ। ଅଳସୁଆ ହୁଅ ନାହିଁ।



**ମକର :** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ :** ଆଜି ଏକ ବିଶେଷ ପୂଜା ଦିବସ ହେବ। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ :** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆମି ଜିତିବ। ଆଘାତ ଏବଂ ଦୁର୍ଘଟଣାରେ କ୍ଷତି ହୋଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯